


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-60 ◆SUNDAY ◆24 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୦ ◆ରବିବାର ◆୨୪ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଜବାବୀ ଶୁଳ୍କକୁ ନେଇ ବଢ଼ୁଛି ଦ୍ୱନ୍ଦ୍ୱ

# ଆମେରିକାକୁ ଡାକ ସେବା ବନ୍ଦ

■ **ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି):** ଜବାବୀ ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ତିକ୍ତତା ଦେଖାଦେଇଛି । ଆସନ୍ତା ୨୯ ତାରିଖରୁ ଭାରତ ସମେତ ଅନ୍ୟ କେତେକ ଦେଶରୁ ଆମେରିକା ଯାଉଥିବା ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲାଗୁ ହେବ । ଏଥିରେ ଡାକ ସେବା ଏବଂ କୋରିୟର ସେବାକୁ ସାମିଲ କରାଯାଇଛି । ତେବେ କେଉଁ ସାମଗ୍ରୀ ଉପରେ କେତେ ଶୁଳ୍କ ଲାଗୁହେବ, ତାହାକୁ ନେଇ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି । ଆମେରିକା ପ୍ରଶାସନ ଏହାକୁ ନେଇ ଚୁପ୍ ରହିଥିବାରୁ ପରିସ୍ଥିତି ଜଟିଳ ହେବାରେ ଲାଗିଛି । ଫଳରେ ଆସନ୍ତା ୨୫ ତାରିଖରୁ ଆମେରିକାକୁ ଡାକ ସେବା ବନ୍ଦ କରିବା ପାଇଁ ଭାରତ ସରକାର ଘୋଷଣା କରିଛନ୍ତି । କେବଳ ଭାରତ ନୁହେଁ; ବ୍ରିଟେନ, ବେଲଜିୟମ, ଇଟାଲି, ଜର୍ମାନୀ, ଫ୍ରାନ୍ସ ଭଳି ୟୁରୋପୀୟ ରାଷ୍ଟ୍ର ମଧ୍ୟ ଆମେରିକାକୁ ଡାକ ସେବା ବନ୍ଦ କରୁଥିବା ନେଇ ସୂଚନା ଦେଇଛନ୍ତି । ଫଳରେ ପରିସ୍ଥିତି ସ୍ପଷ୍ଟ ନହେବା ପର୍ଯ୍ୟନ୍ତ ଆମେରିକୁ ଡାକ ସେବା ଗୁରୁତର ଭାବେ ପ୍ରଭାବିତ ହେବାକୁ ଯାଉଛି । ଏଭଳି ଅବସ୍ଥା ଆଗରୁ କେବେ ଦେଖିବାକୁ ମିଳିନଥିଲା ।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ନୂଆ ନିୟମ ଘୋଷଣା ହେବା ପରେ ଭାରତ ସରକାର ଆମେରିକାକୁ ଅସ୍ଥାୟୀ ଭାବେ ଡାକ ସେବା ବନ୍ଦ କରିଦେଇଛନ୍ତି । ୨୫ ତାରିଖରୁ ଡାକ ମାଧ୍ୟମରେ ଆମେରିକାକୁ ଯାଉଥିବା ସାମଗ୍ରୀ ବୁକିଂ ଉପରେ କଟକଣା ଲଗାଇଛି ଡାକ ବିଭାଗ । ତେବେ ଚିଠି, ପୁସ୍ତକ, ଛୋଟ ପାର୍ସଲ ଓ ଶହେ ଡଲାର ପର୍ଯ୍ୟନ୍ତ ମୂଲ୍ୟର ଉପହାରକୁ ଏଥିରୁ ବାଦ୍




### ଭାରତ ସମେତ ଅନେକ ୟୁରୋପୀୟ ଦେଶ ବନ୍ଦ କଲେ ସେବା

### ସାମିଲ ହେବାକୁ ଧମକ ଦେଲେ ୫୧ ୟୁରୋପୀୟ ସଂସ୍ଥା

### ଗୁରୁତର ଭାବେ ପ୍ରଭାବିତ ହେବ କୋରିୟର ସେବା

ଦିଆଯାଇଛି । ଡାକ ବିଭାଗ ପକ୍ଷରୁ ଜାରି ବିବୃତି ଅନୁଯାୟୀ ଅନ୍ତର୍ଜାତୀୟ ଡାକ ନେଟୱର୍କ ଦ୍ୱାରା ମାଲ୍ ପହଞ୍ଚାଉ ଥିବା ଗାଡ଼ି କିମ୍ବା ଆମେରିକା ସୀମା ଶୁଳ୍କ ଏବଂ ସୀମା ସୁରକ୍ଷା (ସିବିପି) ଦ୍ୱାରା ଅନୁମୋଦନ ହୋଇଥିବା ଅନ୍ୟ 'ଯୋଗ୍ୟ ପକ୍ଷ'ଙ୍କୁ ଡାକ ସିପ୍‌ମେଣ୍ଟ ଉପରେ ଶୁଳ୍କ ଆଦାୟ କରାଯିବ । ତେବେ ଏ ପର୍ଯ୍ୟନ୍ତ ଯୋଗ୍ୟ ପକ୍ଷ କିଏ ହେବ ତାହାକୁ ନେଇ ସ୍ଥିତି ସ୍ପଷ୍ଟ ହୋଇନାହିଁ । ଭାରତୀୟ ଡାକ ବିଭାଗ ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିଛି । ଯଥାଶୀଘ୍ର ସେବାକୁ ସ୍ୱାଭାବିକ କରିବା ପାଇଁ ପ୍ରୟାସ କରାଯାଉଥିବା କୁହାଯାଇଛି । ଯେଉଁ ଗ୍ରାହକ ପୂର୍ବରୁ ଏଭଳି ସାମଗ୍ରୀ ବୁକ୍ କରି ସାରିଛନ୍ତି କିମ୍ବା ଆମେରିକା ପଠାଇ ପାରିନାହାନ୍ତି, ସେମାନେ ଶୁଳ୍କ ଫେରାଇ ନେଇପାରିବେ ବୋଲି କୁହାଯାଇଛି ।

ଏବେ ଶହେ ଡଲାର ଅର୍ଥାତ୍ ପ୍ରାୟ ୮,୭୦୦ ଟଙ୍କା ମୂଲ୍ୟ ଉପହାର ଉପରେ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ । ପୂର୍ବରୁ ଏହି ସୀମା ୮୦୦ ଡଲାର ଅର୍ଥାତ୍ ୭୦ ହଜାର ଟଙ୍କା ଥିଲା । ଡାକ ବିଭାଗ ଏହା ଉପରେ ଅସ୍ଥାୟୀ କଟକଣା ଲଗାଇ ଥିଲେ ବି ଏହା କେତେ ଦିନ ପର୍ଯ୍ୟନ୍ତ ଜାରି ରହିବ ତାହା ସ୍ପଷ୍ଟ କରିନାହିଁ । ସିବିପି ଏବଂ ୟୁନାଇଟେଡ ଷ୍ଟେଟସ୍ ପୋର୍ଟାଲ ସର୍ଭିସେସ (ୟୁଏସପିଏସ) ସହ ମିଶି ଏହି ସମସ୍ୟାର ସମାଧାନ କରିବାକୁ ପ୍ରୟାସ କରାଯାଉଛି ବୋଲି ଡାକ ବିଭାଗ ପକ୍ଷରୁ କୁହାଯାଇଛି ।

ଅନ୍ୟପକ୍ଷରେ ଭାରତ ଭଳି ଅନେକ ଦେଶ ମଧ୍ୟ ସମାନ ପଦକ୍ଷେପ ନେଉଛନ୍ତି । ଏଥିରେ ପ୍ରାୟ ସମସ୍ତ ୟୁରୋପୀୟ ଦେଶ ରହିଛନ୍ତି । ସେମାନଙ୍କ ମଧ୍ୟରେ ରହିଛନ୍ତି ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ, ଅଷ୍ଟ୍ରିଆ, ବେଲଜିୟମ, ଇଟାଲୀ, ଡେନମାର୍କ ଓ ସୁଇଡେନ । ଏହାସହିତ ୫୧ଟି ୟୁରୋପୀୟ ଡାକସେବା ସଂସ୍ଥାକୁ ନେଇ ଗଠିତ ପୋଷ୍ଟୟୁରୋପ ମଧ୍ୟ ଧମକ ଦେଇଛି ଯେ ଆସନ୍ତା ୨୮ ତାରିଖ ସୁଦ୍ଧା ସମସ୍ୟାର ସମାଧାନ କରାନଗଲେ ଏହା ମଧ୍ୟ ଆମେରିକାକୁ ସମସ୍ତ ଡାକ ସେବା ବନ୍ଦ କରିଦେବ । ▶ପୃଷ୍ଠା-୭

# ନବୀନ ନିବାସରେ ମୋହନ

## ନବୀନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୨୩।୮ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ସୁସ୍ଥତା କାମନା କରିବା ସହିତ 'ଆପଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା କିପରି ଅଛି' ବୋଲି ପଚାରିଥିଲେ । ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଉତ୍ତରରେ 'ମୁଁ ସୁସ୍ଥ ଅନୁଭବ କରୁଛି' ବୋଲି କହିଥିଲେ । ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୧୦ ମିନିଟ ଧରି ଆଲୋଚନା ହୋଇଥିଲା । ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ନିକଟରେ ନବୀନଙ୍କ ନିରାମୟ ଜୀବନ କାମନା କରିବା ସହ ଆଗାମୀ ବିଧାନସଭା ଅଧିବେଶନ ଯେପରି ସୁରୁଖୁରୁରେ ପରିଚାଳିତ ହେବ, ସେଥିନେଇ ସହଯୋଗ ଲୋଡ଼ିଥିଲେ । ସୂଚନାଯୋଗ୍ୟ ଯେ ଗତ ୧୭ ତାରିଖରେ ଅତ୍ୟଧିକ 'ଡିହାଇଡ୍ରେସନ' କାରଣରୁ ବିରୋଧୀ ଦଳ ନେତା ▶ପୃଷ୍ଠା-୭

### ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା



**ଅନଲାଇନ୍ ବେଟିଂ**

## କର୍ଣ୍ଣାଟକ ବିଧାୟକ ଗିରଫ

■ **ବେଙ୍ଗାଲୁରୁ, ୨୩।୮ (ଏଜେନ୍ସି):** ଅନ୍‌ଲାଇନ୍ ବେଟିଂ ତଥା ଜୁଆକୁ ବ୍ୟାନ୍ କରାଯିବାର ୨୪ ଘଣ୍ଟା ଭିତ।ରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ଏହାର ପ୍ରଥମ ଶିକାର ହୋଇଛନ୍ତି କର୍ଣ୍ଣାଟକର କଂଗ୍ରେସ ବିଧାୟକ କେସି ବୀରେନ୍ଦ୍ର । ତାଙ୍କୁ ସିକ୍କିମରୁ ଗିରଫ କରାଯାଇଛି । ବୀରେନ୍ଦ୍ରଙ୍କ ବିଭିନ୍ନ ଠିକଣା ଉପରେ ଚଢ଼ଉ କରିଛି ଇଡି । ଚଢ଼ଉ ବେଳେ ନଗଦ ୧୨ କୋଟି ଟଙ୍କା, ୬ କୋଟି ଟଙ୍କାର ସୁନା ଗହଣା ଜବତ କରାଯାଇଛି । କେବଳ ସେତିକି ନୁହେଁ; ଏକ କୋଟି ଟଙ୍କାର ବିଦେଶୀ ମୁଦ୍ରା ଓ ୪ଟି ଗାଡି ମଧ୍ୟ ଜବତ କରିଛି ।

ବୀରେନ୍ଦ୍ରଙ୍କ ଗ୍ୟାଙ୍ଗଟକ, ଚିତ୍ରଦୁର୍ଗ, ବେଙ୍ଗାଲୁରୁ, ହୁବଳି, ଯୋଧପୁର, ମୁମ୍ବଇ ଓ ଗୋଆର ଠିକଣା ଉପରେ ଚଢ଼ଉ କରାଯାଇଛି । ତାଙ୍କର ୫ଟି କାସିନୋ ଉପରେ ମଧ୍ୟ ଚଢ଼ଉ କରାଯାଇଥିବା ଜଣାପଡ଼ିଛି । ବୀରେନ୍ଦ୍ର କର୍ଣ୍ଣାଟକର ଚିତ୍ରଦୁର୍ଗରୁ ବିଧାୟକ ରହିଛନ୍ତି । ଗୋଆରେ ତାଙ୍କର କ୍ୟାସିନୋ କାରବାର ମଧ୍ୟ ରହିଛି ବୋଲି କୁହାଯାଉଛି । ତାଙ୍କର ୧୭ଟି ବ୍ୟାଙ୍କ ଖାତା ଓ ଦୁଇଟି ବ୍ୟାଙ୍କ ଲକରକୁ ସିଜ୍ କରିଦିଆଯାଇଛି । ଏଥିସହ ତାଙ୍କ ଭାଇଙ୍କ ବାସଭବନରୁ ବହୁ କାଗଜପତ୍ର ମଧ୍ୟ ଜବତ କରାଯାଇଛି । ତାଙ୍କ ଭାଇ କେସି ଥିପ୍ପେସ୍ୱାମୀ ଦୁବାଇରେ ଡାଇମଣ୍ଡ ସଫ୍ଟଟେକ, ଟିଆରଏସ୍ ଟେକ୍ନୋଲୋଜିସ, ପ୍ରାଇମ୯ ଟେକ୍ନୋଲୋଜିସ ଭଳି କମ୍ପାନୀ ▶ପୃଷ୍ଠା-୭



### ୧୨ କୋଟି ନଗଦ ଟଙ୍କା, ୬ କୋଟିର ଗହଣା ଜବତ

### ୩,୦୭୩ କୋଟିର ଋଣ ଠକେଇ

## ଅନିଲ ଅମ୍ବାନୀଙ୍କ ଘରେ ସିବିଆଇ ଚଢ଼ଉ

■ **ମୁମ୍ବଇ, ୨୩।୮ (ଏଜେନ୍ସି):** ଶିଳ୍ପପତି ଅନିଲ ଅମ୍ବାନୀଙ୍କ ସମସ୍ୟା ବଢ଼ିବାରେ ଲାଗିଛି । ୩,୦୭୩ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ସିବିଆଇ ଶନିବାର ସକାଳେ ଅନିଲଙ୍କ ମୁମ୍ବଇର ସିୱିଣ୍ଡ ସ୍ଥିତ ବାସଭବନରେ ଚଢ଼ଉ କରିଛି । ସୂଚନା ଅନୁଯାୟୀ ସକାଳ ୭ଟାରେ ସିବିଆଇର ୭ରୁ ୮ ଅଧିକାରୀ ଶିଳ୍ପପତିଙ୍କ ଘରେ ପହଞ୍ଚିଥିଲେ । ଅନିଲ ଏବଂ ଅନ୍ୟ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଅଧିକାରୀ ଘରର ତଲାସୀ ନେଇଥିଲେ । ବ୍ୟାଙ୍କ ଜାଲିଆତି ନେଇ ଦିଲ୍ଲୀରେ ଏସ୍‌ବିଆଇ ପକ୍ଷରୁ ଅମ୍ବାନୀ ଏବଂ ତାଙ୍କର ରିଲାଏନ୍ସ ଇନଫୋକମ୍ ▶ପୃଷ୍ଠା-୭

**ଲଘୁଚାପ ସକ୍ରିୟ**

# ବର୍ଷାରେ ଭିଜିବ ପହିଲି ପାର୍ବଣ

■ **ଭୁବନେଶ୍ୱର, ୨୩।୮ (ସମିସ):** ରାଜ୍ୟର ବିଭିନ୍ନ ଭାଗରେ ଗତ କିଛିଦିନ ଧରି ଲଗାଣ ବର୍ଷା ଜାରି ରହିଥିବା ବେଳେ ଏହା ପହିଲି ପାର୍ବଣକୁ ଫିକା କରିପାରେ । ଆଗାମୀ ୪ ଦିନ ଧରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ପହିଲି ପାର୍ବଣ ଗଣେଶ ପୂଜା ଫିକା ପଡ଼ିବା ନେଇ ଆଶଙ୍କା ଦେଖାଦେଇଛି । ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଓ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସକ୍ରିୟ ରହିବା କାରଣରୁ ଆଗାମୀ ୨୭ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ପ୍ରଦାନ କରାଯାଇଛି ।

ଏହି ଲଘୁଚାପ କ୍ଷେତ୍ର ଆଗାମୀ ୨୪ ଘଣ୍ଟାରେ ଉତ୍ତର ପଶ୍ଚିମ ଦିଗ ସହ ଝାଡଖଣ୍ଡ ଦେଇ ଗତି କରିବାର ସମ୍ଭାବନା ରହିଛି । ଫଳସ୍ୱରୂପ ରବିବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଓ ଝାରସୁଗୁଡାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଉପରୋକ୍ତ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାବ୍ୟତୀତ ▶ପୃଷ୍ଠା-୭

### ୨୭ ଯାଏଁ ରାଜ୍ୟବ୍ୟାପୀ ବର୍ଷା

### ଆଜି ୪ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି

## ସୁବର୍ଣ୍ଣରେଖାରେ ପୁଣି ବନ୍ୟା ଆଶଙ୍କା

■ **ବାଲେଶ୍ୱର, ୨୩।୮ (ସମିସ):** ଲଘୁଚାପ ଯୋଗୁଁ ସୁବର୍ଣ୍ଣରେଖାର ଉପରମୁଣ୍ଡ ତଥା ଝାଡ଼ଖଣ୍ଡର ଛୋଟନାଗପୁର ମାଳଭୂମିରେ ପ୍ରବଳ ବର୍ଷା ଜାରି ରହିଛି । ଏହାକୁ ଦୃଷ୍ଟିରେ ରଖି ଗାଲୁଡିହି ବ୍ୟାରେଜ୍‌ର ୧୩ଟି ଫାଟକ ଖୋଲି ଦିଆଯାଇଛି । ଫଳରେ ଉପରମୁଣ୍ଡରୁ ଘଣ୍ଟାପ୍ରତି ୫୪୨୮.୫୬ କ୍ୟୁସେକ୍ ପାଣି ମାଡ଼ି ଆସୁଛି । ଏହାଦ୍ୱାରା ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଥିବା ବିଭିନ୍ନ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି । ବିଶେଷକରି ସୁବର୍ଣ୍ଣରେଖାରେ ଜଳସ୍ତର ବଢ଼ି ଚଳିତବର୍ଷ ଷଷ୍ଠଥର ପାଇଁ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ଅପରପକ୍ଷେ, ବାଲେଶ୍ୱର ଜିଲ୍ଲାରେ ତିନିଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି । ଫଳରେ ଜିଲ୍ଲାରେ ଥିବା ତିନୋଟି ପ୍ରମୁଖ ନଦୀ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଏବଂ ଜଳକା ନଦୀର ଜଳସ୍ତର ବୃଦ୍ଧି ▶ପୃଷ୍ଠା-୭

### ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜ ଖୋଲିଲା ୧୩ ଫାଟକ

## ପୁଣି ୮ ଫାଟକ ଖୋଲିଲା ହୀରାକୁଦ

■ **ସମ୍ବଲପୁର, ୨୩।୮ (ସମିସ):** ହୀରାକୁଦ ଜଳଭଣ୍ଡାରର ଉପର ଓ ତଳମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ବନ୍ୟାଜଳ ପରିମାଣ ବୃଦ୍ଧି ପାଇଛି । ହୀରାକୁଦର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ । ଜଳ ପରିଚାଳନା ସକାଶେ ଆଜି ପୂର୍ବାହ୍ଣ ପ୍ରାୟ ୧୦ଟା ସମୟରେ ପୁଣିଥରେ ଜଳଭଣ୍ଡାରର ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ଗୋଟିଏ ଏହିପରି ମୋଟ ୪ଟି ସ୍ଲୁଇସ୍ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଛି । ଏହି ସମୟରେ ହୀରାକୁଦ ଜଳସ୍ତର ୬୨୦.୪୦ ଫୁଟ୍ ରହିଥିଲା । ଉଲ୍ଲେଖଯୋଗ୍ୟ ଯେ ଗତ ଜୁଲାଇ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯାଇଥିବା ▶ପୃଷ୍ଠା-୭

### ପ୍ରବେଶ କରୁଛି ୨,୧୩,୧୩୫ ଘନଫୁଟ ଜଳ

## ମାରିଜୁଆନା ପାଇଁ ଭୁବନେଶ୍ୱର ନିରାପଦ!

■ **ଭୁବନେଶ୍ୱର, ୨୩।୮ (ସମିସ):** ପୁଣି ଭୁବନେଶ୍ୱର ବିମାନବନ୍ଦରରୁ ଜବତ ହେଲା ୪କୋଟିର ମାରିଜୁଆନା । ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିଲା ବେଳେ ଧରିଲା କଷ୍ଟମ ବିଭାଗ । ମାରିଜୁଆନା ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି ପଞ୍ଜାବର ପ୍ରେମୀ ଯୁଗଳ । ସେମାନଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ଏହାପୂର୍ବରୁ ସେମାନେ ଏକାଧିକ ଥର ଏୟାରପୋର୍ଟ ଦେଇ ମାରିଜୁଆନା ଭୁବନେଶ୍ୱରକୁ ଆଣିଥିବା କହିଛନ୍ତି । ଭୁବନେଶ୍ୱର ବିମାନବନ୍ଦରରେ କଡ଼ା ଯାଞ୍ଚ ▶ପୃଷ୍ଠା-୭

### ବିମାନବନ୍ଦରରୁ ଆଉ ୪ କୋଟିର ମାରିଜୁଆନା ଜବତ

### ପ୍ରେମୀ ଯୁଗଳ ଗିରଫ, ବ୍ୟାଙ୍କକ୍‌ରୁ ଆସିଥିଲେ

### ଧରାପଡିଲାଣି ୫୦ କୋଟିର ବିଦେଶୀ ଡ୍ରଗ୍ସ








**୭ ଲକ୍ଷର ଫସଲ ବୀମା**

# ୩୦ ହଜାର ପ୍ରିମିୟମ; ଚାଷୀ ପାଇଲେ ୧୨୭୪

■ **ଭୋପାଳ, ୨୩।୮ (ଏଜେନ୍ସି):** ଫସଲକ୍ଷତିରୁ ଚାଷୀଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଣାଯାଇଥିବା ସରକାର ଦାବି କରୁଛନ୍ତି । ମାତ୍ର ଏହାର ପ୍ରକୃତ ଲାଭ ଚାଷୀଙ୍କୁ ମିଳିପାରୁନାହିଁ । କିନ୍ତୁ ଚାଷୀ ଯେଉଁ ଅର୍ଥ ଦେଇ ଫସଲ ବୀମା କରାଉଛନ୍ତି ସେଥିରେ ବୀମା କମ୍ପାନୀ ଲାଭାନ୍ୱିତ ହେଉଛନ୍ତି । ଧର୍ମକୁ ଆଖିଠାରୁ ଭଳି ଫସଲ କ୍ଷତିର କ୍ଷତିପୂରଣ ନାମରେ ଠକି ଦିଆଯାଉଛି ବୋଲି ଖୋଦ୍ ଚାଷୀ ଅଭିଯୋଗ କହୁଛନ୍ତି ।

ମଧ୍ୟପ୍ରଦେଶ ଖଣ୍ଡୱାରୁ ଏଭଳି ଏକ ମାମଲା ସାମ୍‌ନାକୁ ଆସିଛି । ଗତ ବର୍ଷ ଚାଷୀ ରାଜେନ୍ଦ୍ର ପ୍ରଜାପତି ୨୧ ଏକରରେ ସୋୟାବିନ ଚାଷ କରିଥିଲେ । ମାତ୍ର ଏହି ଫସଲ ଖରାପ ହୋଇ ଯାଇଥିଲା । ମରୁଡି ଯୋଗୁଁ ଗୋଟିଏ ଦାନା ବି ତାଙ୍କୁ ମିଳିପାରି ନ ଥିଲା । ଫସଲ ବୀମା କରିବାକୁ ସେ ନିଜ ହାତରୁ ୬ ହଜାର ଟଙ୍କାର ପ୍ରିମିୟମ ଦେଇଥିଲେ । କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅଂଶକୁ ମିଶାଇ ପ୍ରିମିୟମ ମୋଟ ୩୦ ହଜାର ଟଙ୍କା ହୋଇ ଯାଇଥିଲା । ୭ ଲକ୍ଷରୁ ଅଧିକ ଟଙ୍କାର ଫସଲ ବରବାଦ ହେବା ପରେ ବୀମା ପାଇଁ ଦାବି କରାଯାଇଥିଲା । ମାତ୍ର ଏବେ ସରକାର କ୍ଲେମ କରାଇବାରୁ ବୀମା କମ୍ପାନୀ କେବଳ ୧୨୭୪ ଟଙ୍କା ପ୍ରଦାନ କରିଛି । ବୀମା କମ୍ପାନୀ ଘା'ରେ ମଲମ ଲଗାଇବା ପରିବର୍ତ୍ତେ ଅଧିକ ଦୁଃଖ ଦେଇଛି । ତେଣୁ ବୀମାରାଶିକୁ ଡିଡି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପଠାଇବି ବୋଲି ଚାଷୀ କହିଛନ୍ତି ।

ରାଜେନ୍ଦ୍ରଙ୍କ ସୂଚନା ଅନୁଯାୟୀ ସରକାର ଏବଂ ବୀମା କମ୍ପାନୀ କ୍ଲେମ ବାବଦ ଅର୍ଥ ଦେଇ ଖରିଫ ଋତୁରେ ଫସଲ କ୍ଷତି ହୋଇଛି ବୋଲି ସ୍ୱୀକାର କରିଛନ୍ତି । କ୍ଲେମ ବାବଦକୁ ୧୨୭୪ ଟଙ୍କା କେମିତି ହେଲା ତାହାର ଗଣିତ ବୁଝା ପଡୁନାହିଁ । ପ୍ରିମିୟମ ବାବଦକୁ ଏହାର ୫ ଗୁଣା ରାଶି ପ୍ରଦାନ କରିଛି । ଅଂଶଧନ ବାବଦକୁ କେନ୍ଦ୍ର ଏବଂ ରାଜ୍ୟ ସରକାର ଚାରି ଗୁଣା ଲେଖାଏଁ ରାଶି ପ୍ରଦାନ କରିଛନ୍ତି । ରାଜେନ୍ଦ୍ର କହିଛନ୍ତି ଯେ ସହରଠୁ ୧୫ କିମି ଦୂର ମୋରଦଡ଼ରେ ତାଙ୍କ ୨୫ ଏକର ପୈତୃକ ଜମି ରହିଛି । ସେ ଏଥିରୁ ୨୧ ଏକରରେ ସୋୟାବିନ ଲଗାଇଥିଲେ । କିନ୍ତୁ ବର୍ଷା ନ ହେବାରୁ ଫସଲ ନଷ୍ଟ ହୋଇଥିଲା । ବୀମା କମ୍ପାନୀର ସର୍ଭେୟର ମଧ୍ୟ ଖେତକୁ ବୁଲି ଦେଖିଥିଲେ । ଏକର ପିଛା ୭ କ୍ୱିଣ୍ଟାଲ ହିସାବରେ ମୋଟ ୧୪୦ କ୍ୱିଣ୍ଟାଲ ସୋୟାବିନ ହେବ ବୋଲି ଆକଳନ କରିଥିଲେ । ସେ ସମୟରେ ବଜାରରେ ଏହାର ମୂଲ୍ୟ କ୍ୱିଣ୍ଟାଲ ପିଛା ୫ ହଜାର ଟଙ୍କା ଥିଲା । ଏହି ହିସାବରେ ଫସଲ ମୂଲ୍ୟ ୭ ଲକ୍ଷ ଟଙ୍କା ▶ପୃଷ୍ଠା-୭



# ଭାରତରୁ ତେଲ କିଣିବାକୁ କାହାକୁ ବାଧ୍ୟ କରାଯାଉ ନାହିଁ

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ୨୫ ପ୍ରତିଶତ ଶୁଳ୍କ ଲାଗୁ ହୋଇସାରିଥିବା ବେଳେ ବାକି ୨୫% ୨୭ ତାରିଖରୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ଶୁଳ୍କକୁ ଭାରତ ବିରୋଧ କରିଛି। ଏହାକୁ ମନମୁଖି ଏବଂ ବେଆଇନ କହିଛି। ଏହାକୁ ନେଇ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଲାଗି ରହିଛି। ଏପରି ସମୟରେ ଭାରତ ଏବଂ ଆମେରିକା ମଧ୍ୟରେ କୌଣସି ଝଗଡ଼ା ନାହିଁ ବୋଲି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର କହିଛନ୍ତି। ଏବେ ବି ବାଣିଜ୍ୟ ଚୁକ୍ତିକୁ ନେଇ ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରହିଛି। ତେବେ ଏହି ଚୁକ୍ତିରେ କିଛି ଲକ୍ଷ୍ମଣରେଖା ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ 'ଇକନୋମିକ ଟାଇମ୍ସ ୱାର୍ଲ୍ଡ ଲିଡର୍ସ ଫୋରମ-୨୦୨୫'ରେ ସାମିଲ ହୋଇ ସେ ଶନିବାର ଏହି ଟିପ୍ପଣୀ ଦେଇଛନ୍ତି।

ଜୟଶଙ୍କର କହିଛନ୍ତି ଯେ ଭାରତର ଚାଷୀ ଏବଂ କ୍ଷୁଦ୍ର ଉତ୍ପାଦକଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ନିଷ୍ପତ୍ତି ନିଆଯାଉଛି। ରୁଷଠାରୁ ତୈଳ କ୍ରୟକୁ ନେଇ ସମାଲୋଚକଙ୍କୁ ବିଦେଶମନ୍ତ୍ରୀ ଦୃଢ଼ ଜବାବ ଦେଇଛନ୍ତି। ସେ ଭାରତର ତୈଳ କ୍ରୟକୁ ଉଚିତ ବୋଲି କହିଛନ୍ତି। ଭାରତ ନିଜ ରାଷ୍ଟ୍ରୀୟ ସ୍ୱାର୍ଥକୁ ଦେଖି ନିଷ୍ପତ୍ତି ନେଉଛି। ଏହା ମୂଲ୍ୟକୁ ମଧ୍ୟ ସ୍ଥିର ରଖୁଛି। ଅଧିକ ଦାମ୍‌ରେ ରୁଷ୍ ତୈଳ ବିକିବା ଅଭିଯୋଗ ଉପରେ ଜୟଶଙ୍କର କହିଛନ୍ତି ଯେ ଆମେରିକା ସରକାରର ବ୍ୟବସାୟିକ ସ୍ୱାର୍ଥ ସପକ୍ଷରେ କାମ କରୁଥିବା ଲୋକ ଅନ୍ୟମାନଙ୍କ ଉପରେ ବ୍ୟବସାୟକୁ ନେଇ ଅଭିଯୋଗ ଲଗାଇବା ହାସ୍ୟାସ୍ପଦ। ଯଦି କୌଣସି ଦେଶ ଭାରତଠାରୁ ତେଲ କିଣିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ସେମାନେ ନ କିଣନ୍ତୁ। ଭାରତ କୌଣସି ଦେଶକୁ ତେଲ କିଣିବାକୁ ବାଧ୍ୟ କରୁନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ରୁଷ ଠାରୁ ତେଲ କିଣି ଏହାର ବିଶୋଧନ ପରେ ଭାରତୀୟ



**ଯାହାର ସମସ୍ୟା ହେଉଛି ସେ ନ ନିଅନ୍ତୁ**

**ଆମେରିକା ସହ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଜାରି**

କଂପାନୀ ଅନ୍ୟ ଦେଶକୁ ବିକ୍ରି କରୁଛନ୍ତି।

ଶୁଳ୍କ ବିବାଦ ସଂପର୍କାରେ ଜୟଶଙ୍କର ତିନୋଟି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଥିରେ ବ୍ୟବସାୟ, ରୁଷ ତୈଳ କ୍ରୟ ଏବଂ ଭାରତ-ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା ସାମିଲ ରହିଛି। ଜୟଶଙ୍କର କହିଛନ୍ତି ଯେ ବ୍ୟବସାୟ ଏବଂ ଚାଷୀଙ୍କ ସ୍ୱାର୍ଥକୁ ନେଇ ଭାରତର ଆଭିମୁଖ୍ୟ ସ୍ପଷ୍ଟ ରହିଛି। କୌଣସି ବି ପରିସ୍ଥିତିରେ ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ସ୍ୱାର୍ଥ ସହ ସାଲିସ କରାଯିବ ନାହିଁ। ଏଥିପାଇଁ ଯାହା କରିବାକୁ ପଡ଼ିବ ତାହା କରାଯିବ।

ଭାରତ-ପାକିସ୍ତାନ ସଂଘର୍ଷକୁ ନେଇ ଜୟଶଙ୍କର କହିଛନ୍ତି ଯେ ଏଥିରେ କାହାର ମଧ୍ୟସ୍ଥତାକୁ ଗ୍ରହଣ କରାଯିବ ନାହିଁ। ଏ ନେଇ ଭାରତର ଆଭିମୁଖ୍ୟ ବହୁତ ସ୍ପଷ୍ଟ ରହିଛି। ସୂଚନାଯୋଗ୍ୟ ଯେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ବାରମ୍ବାର ଏହି ସଂଘର୍ଷ ବନ୍ଦ କରାଇଥିବା ଦାବି କରି ଆସୁଛନ୍ତି। ମାତ୍ର ଭାରତ ଏହାକୁ ଖାରଜ କରିଚାଲିଛି। ଜୟଶଙ୍କର କହିଛନ୍ତି ଯେ କୌଣସି ସଂଘର୍ଷ ହେଲେ ଦେଶମାନେ ପରସ୍ପର ସହ ଆଲୋଚନା କରିଥାନ୍ତି। ଆମେରିକା ଏବଂ ଅନ୍ୟ ଦେଶମାନେ ମଧ୍ୟ ଫୋନ୍ କରିଥିଲେ। ଏହାକୁ ନେଇ ଚୁକ୍ତି କରାଇଥିବା ଦାବି କରିବା ଭୁଲ୍। ପାକିସ୍ତାନ ସହ ନିଜର ପୁରୁଣା ସମ୍ପର୍କକୁ ଆମେରିକା ଭୁଲି ଯାଉଛି। ବିଶ୍ୱର ସବୁଠୁ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଲାଡେନ ପାକିସ୍ତାନରେ ହିଁ ଥିଲା। ଆମେରିକା ଏବଂ ପାକିସ୍ତାନ ନିଜ ନିଜ ଇତିହାସକୁ ବାରମ୍ବାର ଅଣଦେଖା କରିଚାଲିଛନ୍ତି। କିଛି ଦେଶ ସୁବିଧା ପାଇଁ ରାଜନୀତି କରୁଛନ୍ତି। ଏଥିରେ କିଛି ରଣନୈତିକ ଲାଭ ଥାଇପାରେ ବୋଲି ସେ କହିଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ସଂପର୍କରେ ସେ କହିଛନ୍ତି ଯେ ଏହାପୂର୍ବରୁ ଆମେରିକାାରେ ଏଭଳି ରାଷ୍ଟ୍ରପତି ନଥିଲେ। ଟ୍ରମ୍ପଙ୍କ ଭଳି କୌଣସି ରାଷ୍ଟ୍ରପତି ବିଦେଶ ନୀତିର ପରିଚାଳନା କରି ନାହାନ୍ତି। ଏହା ଦ୍ୱାରା ବଡ଼ ପରିବର୍ତ୍ତନ ଆସିଛି। କେବଳ ଭାରତ ନୁହେଁ, ଅନେକ ରାଷ୍ଟ୍ର ଉପରେ ଏହାର ପ୍ରଭାବ ପଡ଼ିଛି।

### ଫୋଗତ ହତ୍ୟା ମାମଲା

## ୩ ବର୍ଷରେ ୫୦ ତାରିଖ; ସିବିଆଇ ବାଟବଣା

ଫତେହାବାଦ୍, ୨୩।୮ (ଏଜେନ୍ସି): ହରିୟାଣାର ଜଣାଶୁଣା ଟିକ୍‌ଟକ୍ ତାରକା ତଥା ବିଜେପି ନେତ୍ରୀ ସୋନାଲି ଫୋଗତ ହତ୍ୟା ଘଟଣା ଆଜିକୁ ୩ ବର୍ଷ ପୁରିଛି। ୩ ବର୍ଷ ଧରି ସିବିଆଇ ଯାଞ୍ଚ କରିବା ପରେ ହତ୍ୟାର ଉଦ୍ଦେଶ୍ୟ ନେଇ କୌଣସି ସୂଚନା ପାଇନାହିଁ ଓ ବାଟବଣା ହୋଇଛି। ଗତ ୩ ବର୍ଷ ମଧ୍ୟରେ ୫୦ରୁ ଉର୍ଦ୍ଧ୍ୱ ତାରିଖ ଆସିଛି ବୋଲି ତାଙ୍କ ଭାଇ କହିଛନ୍ତି। ଅଭିଯୁକ୍ତ ଜାମିନ ପାଇ ବାହରକୁ ଆସି ଖୋଲା ଖୋଲି ଭାବେ ବୁଲୁ ଛନ୍ତି ବୋଲି ସୋନାଲିଙ୍କ ପରିବାର ତରଫରୁ କୁହାଯାଇଛି। ନ୍ୟାୟ ପାଇବାକୁ ତାଙ୍କ ପରିବାର ଆଶାବାନ୍ଧି ବସିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨ ଅଗଷ୍ଟ ୨୨ ଓ ୨୩ ତାରିଖ ରାତିରେ ଗୋଆର ଅଞ୍ଜୁନା ବିଚ୍‌ସ୍ଥିତ କର୍ଲିସ ରେସ୍ତୋରାଁ-କ୍ଲବ ସୋନାଲିଙ୍କୁ ସନ୍ଦେହଜନକ ଭାବେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଅତ୍ୟଧିକ ଔଷଦ ସେବନ ବା ଡ୍ରଗ୍ ଓଭରଡୋଜ କାରଣରୁ ସେ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଉଛି। ସୋନାଲିଙ୍କ ବ୍ୟକ୍ତିଗତ ସହଯୋଗୀ ସୁଧୀର ସାଙ୍ଗୱାନ ଓ ତାଙ୍କ ବନ୍ଧୁ ସୁଖବିନ୍ଦର ସିଂ ହତ୍ୟା କରିଛନ୍ତି ବୋଲି ସୋନାଲିଙ୍କ ପରିବାର ତରଫରୁ ଅଭିଯୋଗ କରାଯାଇଛି। ତଦନ୍ତ ପରେ ସବିଆଇ ଏହି ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଅଭିଯୋଗ ପତ୍ର ଦାଖଲ କରିଥିଲେ। ତେବେ ୮ ମାସ ପରେ ଦୁହିଁଙ୍କୁ ଜାମିନ ମିଳିଥିଲା। ଜାମିନ ବାତିଲ କରିବାକୁ ପରିବାର ତରଫରୁ ଆବେଦନ କରାଯାଇଥିଲେ ମଧ୍ୟ ଏ ନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଆଗାମୀ ସେପ୍ଟେମ୍ବର ୩ରେ ଏହି ମାମଲାର ଆଗାମୀ ଶୁଣାଣି ଗୋଆ ଜିଲ୍ଲା କୋର୍ଟରେ ହେବ। ସୁଧୀର ଏବେ ମଧ୍ୟ ସୋନାଲିଙ୍କ କାର ଚଳାଉଛନ୍ତି ଓ ସେ ତାଙ୍କର ୨୫ ଲକ୍ଷ ଟଙ୍କା ଜିନିଷ ହଡପ କରିଛନ୍ତି ବୋଲି ଅଭିଯୋଗ ହୋଇଛି। ସୋନାଲିଙ୍କ ଝିଅ ଯଶୋଧାରା ସ୍କୁଲ ଶେଷ କରିବା ପରେ ଏବେ କଲେଜରେ ଆଡମିଶନ କରିବେ।

## ପଞ୍ଜାବରେ ଏଲ୍‌ପିଜି ଟ୍ୟାଙ୍କର ବିସ୍ଫୋରଣରେ ୫ ମୃତ

ହୋଶିଆରପୁର, ୨୩।୮ (ଏଜେନ୍ସି): ପଞ୍ଜାବର ହୋସିଆରପୁରରେ ପରିବା ନେଇ ଯାଉଥିବା ପିକ୍‌ଅପ୍ ଭ୍ୟାନ ଏକ ଏଲ୍‌ପିଜି ଟ୍ୟାଙ୍କରକୁ ଧକ୍କା ଦେବା ଫଳରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଛି। ସ୍ଥାନୀୟ ମଣ୍ଡିଆଲା ଗାଁରେ ଶୁକ୍ରବାର ଏହି ଦୁର୍ଘଟଣା ଘଟିଛି। ଏଥିରେ ଏପର୍ଯ୍ୟନ୍ତ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୩ ଜଣଙ୍କୁ ଚିହ୍ନଟ କରାଯାଇଛି। ବିସ୍ଫୋରଣ ପରେ ୨୦୦ମିଟର ପରିମିତ ଅଞ୍ଚଳରେ ୨୫ଟି ଦୋକାନ ଓ ୧୦ଟି ଦୋକାନ ଜଳିବା ସହ କ୍ଷତିଗ୍ରସ୍ତ ହୋଇଛି। କେତୋଟି ଘରର ଛାତ ଗଳି ପଡ଼ିଛି। ଏଥିରେ ୩୦ ଜଣ ଲୋକଙ୍କ ଦେହରେ ନିଆଁ ଲାଗିବା ଫଳରେ ସେମାନେ ଆହତ ହୋଇଛନ୍ତି। ପିକ୍‌ଅପ ଚଳାଉଥିବା ଡ୍ରାଇଭରଙ୍କର କୌଣସି ପତା ମିଳିନାହିଁ। ସେ ଘଟଣାସ୍ଥଳରୁ ପଳାଇଯାଇଥିବା ଅନୁମାନ କରାଯାଉଛି। କିନ୍ତୁ ଏଲ୍‌ପିଜି ଟ୍ୟାଙ୍କର ଡ୍ରାଇଭର ମୃତ୍ୟୁବରଣ କରିଛନ୍ତି। ଆହତଙ୍କୁ ହୋସିଆପୁର ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଭାବେ ଆହତଙ୍କୁ ଅନ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପାକିସ୍ତାନ ମିସାଇଲ ଦ୍ୱାରା ଆକ୍ରମଣ କରିଛି ବୋଲି ଭାବି ନେଇଥିଲେ। ସୂଚନା ପାଇବା ପରେ ବାୟୁସେନାର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀ ଭଗବତ ମାନ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ୧୪ ଘଣ୍ଟା ଧରି ଧରି ରାସ୍ତା ଜାମ ରହିବା ପରେ ପୁଲିସ ଜଳନ୍ଧର- ହୋସିଆରପୁର ହାଇୱେକୁ ଖାଲି କରିଛି।

## ନ୍ୟୁୟର୍କରେ ପଲଟିଲା ପର୍ଯ୍ୟଟକ ବସ୍, ୫ ମୃତ

ନ୍ୟୁୟର୍କ, ୨୩।୮ (ଏଜେନ୍ସି): ନ୍ୟୁୟର୍କରେ ଶୁକ୍ରବାର ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଏକ ବସ୍ ପଲଟିବା ଫଳରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି। ନାଏଗ୍ରା ଜଳପ୍ରପାତରୁ ବସ୍‌ଟି ନ୍ୟୁୟର୍କ ସିଟି ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ବସ ଡ୍ରାଇଭର ନିୟନ୍ତ୍ରଣ ହରାଇବା ପରେ ବସ୍ ପଲଟିଥିଲା ବୋଲି ନ୍ୟୁୟର୍କ ଷ୍ଟେଟ୍ ପୁଲିସ ତରଫରୁ କୁହାଯାଇଛି। ଏହି ଦୁର୍ଘଟଣା ସ୍ଥାନୀୟ ସମୟ ଅପରାହ୍ଣ ୧୨.୩୦ରେ ହୋଇଥିଲା। ବସରେ ୫୪ ଜଣ ଯାତ୍ରୀ ଥିଲେ। ଅଧିକାଂଶ ଯାତ୍ରୀ ସିଟ୍ ବେଲ୍ଟ ଲଗାଇ ନଥିଲେ। ଫଳରେ କିଛି ଯାତ୍ରୀ ଝରକା କାଚ ଭାଙ୍ଗିବା ଫଳରେ ବାହରକୁ ବାହାରି ଯାଇଥିଲେ। ଏହି ବସରେ ଅଧିକାଂଶ ଭାରତ, ଚୀନ୍ ଓ ଫିଲିପାଇନ୍ସର ଯାତ୍ରୀ ବସିଥିଲେ। ବସରେ ଛୋଟପିଲା ମଧ୍ୟ ଥିଲେ। ଆହତଙ୍କୁ ହଲିକପ୍ଟର ଓ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ରସ୍ତାକୁ ବନ୍ଦ କରାଯାଇଥିଲା। ଉଦ୍ଧାରକାର୍ଯ୍ୟ ଏବେବି ଜାରି ରହିଛି।

### କର୍ଣ୍ଣାଟକ ଧର୍ମସ୍ଥଳ ମାମଲାରେ ନୂଆ ମୋଡ଼

## ମିଛ କହି ଗିରଫ ହେଲା ଅଭିଯୋଗକାରୀ

ମାଙ୍ଗାଲୁରୁ, ୨୩।୮ (ଏଜେନ୍ସି): କର୍ଣ୍ଣାଟକର ଧର୍ମସ୍ଥଳରେ ଏକାଧିକ ମୃତଦେହକୁ କବର ଦେବା ମାମଲା ଏବେ ନୂଆ ମୋଡ଼ ନେଇଛି। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଏହି ମାମଲାରେ ଅଭିଯୋଗକାରୀକୁ ହିଁ ଗିରଫ କରିଛି। ତାଙ୍କ ବିରୋଧରେ ମିଥ୍ୟା ସୂଚନା ଓ ପ୍ରମାଣ ଦେବା ଅଭିଯୋଗ ହୋଇଛି। ଗିରଫ୍ ହୋଇଥିବା ଏହି ବ୍ୟକ୍ତି ମନ୍ଦିରର ପୂର୍ବତନ ସଫାଇ କର୍ମଚାରୀ ଥିଲେ। ଏହି ବ୍ୟକ୍ତି ହିଁ ଦୁଇ ଦଶନ୍ଧି ହେବ ଧର୍ମସ୍ଥଳରେ ଏକାଧିକ ହତ୍ୟା, ଦୁଷ୍କର୍ମ ଓ ମୃତଦେହ ପୋତିବାର ଅଭିଯୋଗ ଆଣିଥିଲେ। ଏହି ରହସ୍ୟମୟ ବ୍ୟକ୍ତି ହେଉଛନ୍ତି ସିଏନ ଚିନ୍ନାୟା। ସେ ୭୦ରୁ ୮୦ଟି ମୃତହେହ ବିଭିନ୍ନ ସ୍ଥାନରେ ପୋତିବା ନେଇ ଦାବି କରିଥିଲେ। ତାଙ୍କୁ ଗତ ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ପଚରା ଉଚରା କରାଯାଇଥିଲା। ସେ ଦେଇଥିବା ସୂଚନା ଓ କାଗଜପତ୍ରରେ ପାର୍ଥକ୍ୟ ଦେଖିବାକୁ ମିଳିଥିଲା ବୋଲି ଏସ୍‌ଆଇଟି ମୁଖ୍ୟ ପ୍ରଣବ ମହାନ୍ତି କହିଛନ୍ତି। ତାଙ୍କୁ ଶନିବାର ସକାଳେ ଗରିଫ କରାଯାଇଛି। ପାର୍ଷ୍ଟକ୍ଲାସ ଜୁଡିସିଆଲ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ହାଜର କରାଯାଇଥିଲା। କୋଟ ତାକୁ ୧୦ ଦିନ ପାଇଁ ଏସଆଇଟି ହେପାଜତକୁ ପଠାଇ ଦେଇଛନ୍ତି। ଚିନ୍ନାୟା ଏହି ମନ୍ଦିରରେ ୨୦୧୪ ପର୍ଯ୍ୟନ୍ତ ଝାଡୁଦାର ରୂପେ କାର୍ଯ୍ୟ କରୁଥିଲେ।



ଏହି ମାମଲାରେ କୌଣସି ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇନାହିଁ। ଗତ ଜୁଲାଇ ୧୧ରେ ଚିନ୍ନାୟା ବେଲଥାଙ୍ଗାଡି ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ନିଜର ବୟାନ ଦେବାସହ ଏକ ଖପୁରୀ ଓ କେତୋଟି ହାଡ ଉପସ୍ଥାପନ କରିଥିଲେ। ଏହା ଜଣେ ମହିଳାଙ୍କର ଓ ତାଙ୍କର ଯୌନଶୋଷଣ ହୋଇଥିଲା ବୋଲି ସେ ଦାବି କରିଥିଲେ। କିନ୍ତୁ ଏହି ଅବଶେଷ ଜଣେ ପୁରୁଷଙ୍କର ବୋଲି ଫରେନସିକ ଯାଞ୍ଚରୁ ଜଣାପଡ଼ିଥିଲା। ତାଙ୍କ ଉପରେ ଚାପ ପ୍ରୟୋଗ କରି ୧୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପିଲାଙ୍କ ମୃତଦେହ ପୋତିବାକୁ ବାଧ୍ୟ କରାଯାଇଥିଲା ବୋଲି ସେ କହିଥିଲେ। କିନ୍ତୁ ଏହାପରେ ଏସ୍‌ଆଇଟି ୧୭ଟି ସ୍ଥାନରେ ଖନନ କରିଥିଲେ ମଧ୍ୟ କେବଳ ମାତ୍ର ଦୁଇଟି ପୁରୁଷଙ୍କ କଙ୍କାଳ ଉଦ୍ଧାର କରିଛି। ତେଣୁ ଚିନ୍ନାୟାଙ୍କ ସୂଚନା ଓ ମନ୍ତବ୍ୟରେ ତାଳମେଳ ରହୁନାହିଁ ବୋଲି ଏସ୍‌ଆଇଟି ଜାଣିବାକୁ ପାଇଛି। ଉଲ୍ଲେଖଥାଉ କି, ଧର୍ମସ୍ଥଳ ହେଉଛି ଭଗବାନ ଶିବଙ୍କର ମଞ୍ଜୁନାଥ ମନ୍ଦିର। ଏହା ମେଙ୍ଗାଲୁରୁ ନିକଟରେ ନେତ୍ରାବତୀ ନଦୀ କୂଳରେ ଅବସ୍ଥିତ ଓ ଏହା ଏକ ପ୍ରସିଦ୍ଧ ମନ୍ଦିର ଭାବେ ଖ୍ୟାତି ଲାଭ କରିଆସିଛି। ଏହି ମନ୍ଦିରରେ ପୂଜାପାଠ ବ୍ରାହ୍ମଣ କରିଥାନ୍ତି। କିନ୍ତୁ ମନ୍ଦିରର ସଞ୍ଚାଳନ ଜୈନ ଧର୍ମର ଲୋକ କରିଥାନ୍ତି।

## ନକଲି କଲ୍‌ସେଣ୍ଟର, ୧୩୦ କୋଟିର ଠକେଇ

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ବଡ଼ କର୍ଯ୍ୟାନୁଷ୍ଠାନ ଗ୍ରହଣକରି ଗୁରୁଗ୍ରାମ ଓ ଦିଲ୍ଲୀରେ ୭ଟି ଠିକଣାରେ ଚଢ଼ାଉ କରିବା ସହିତ ନକଲି ତଥା ଠକ କଲ ସେଣ୍ଟରଗୁଡିକର ପର୍ଦ୍ଦାଫାସ କରିଛି। ଏହି ସେଣ୍ଟରଗୁଡ଼ିକ ୧୩୦ କୋଟି ଟଙ୍କାର ଠକେଇ କରିଥିବା ଜଣାପଡ଼ିଛି।

ଅବୈଧ କଲସେଣ୍ଟର ଓ ଜାଲିଆତି ମାମଲାରେ ଇଡି ମନି ଲଣ୍ଡରିଂ (ପିଏମ୍‌ଏଏଲ୍‌ଏ), ୨୦୦୨ର ଆଇନ୍ ଅନୁସାରେ ୭ଟି ଭିନ୍ନ ଭିନ୍ନ ଠିକଣା ଉପରେ ଚଢ଼ାଉ କରିଥିଲା। ସିବିଆଇର ଏକ ଏଫ୍‌ଆଇଆରକୁ ଆଧାରିତ କରି ଇଡି ଏହି ବଡ଼ ଧରଣର ଚଢ଼ାଉ କରିଥିଲା। ଦିଲ୍ଲୀ ଓ ଗୁରୁଗ୍ରାମର କେତେକ ଠକ ନକଲି କଲ୍ ସେଣ୍ଟର ପରିଚାଳନା କରୁଥିଲେ। ଏମାନେ ଖାସ୍ କରି ଆମେରିକୀୟ ନାଗରିକଙ୍କୁ ଲକ୍ଷ୍ୟ କରି ଠକାମି କରୁଥିଲେ। ଏହି ଧନ୍ଦା ୨୦୨୨ ନଭେମ୍ବରରୁ୨୦୨୪ ଏପ୍ରିଲ ପର୍ଯ୍ୟନ୍ତ

**ଦିଲ୍ଲୀରେ ଇଡିର ବଡ଼ କାର୍ଯ୍ୟାନୁଷ୍ଠାନ**

**୩୦ ବ୍ୟାଙ୍କ ଖାତା, ୮ ବିଳାସପୂର୍ଣ୍ଣ କାର୍ ଜବତ**

**ଟାର୍ଗେଟରେ ଥିଲେ ଆମେରିକା ନାଗରିକ**

ଚାଲିଥିଲା। ଏହି ମାମଲାର ଅଭିଯୁକ୍ତ ଅର୍ଜୁନ ଗୁଲାଟୀ, ଦିବ୍ୟାଂଶ ଗୋଏଲ ଓ ଅଭିନବ କଲରା ଗୁରୁଗ୍ରାମ ଓ ନୋଏଡାରେ କଲସେଣ୍ଟର ଚଳାଇ ଆମେରିକୀୟ ନାଗରିକଙ୍କୁ ଟେକନିକାଲ ସପୋର୍ଟ ନାମରେ ଠକି ବିପୁଳ ଅର୍ଥ ଆଦାୟ କରିଥିଲେ। ଅଭିଯୁକ୍ତମାନେ ପୀଡିତଙ୍କ ବ୍ୟାଙ୍କ ଖାତାର ସୂଚନା ପାଇ ସେଥିରେ ଅନଧିକୃତ ଭାବେ ସଞ୍ଚାଳନ କରିବା ସହିତ କୋଟି କୋଟି ଟଙ୍କା ବିଦେଶୀ ଖାତାକୁ ପଠାଉଥିଲେ। ଏହାପରେ ଜଟିଳ ବ୍ୟାଙ୍କିଙ୍ଗ ନେଟ୍‌ୱର୍କ ମାଧ୍ୟମରେ ଏହି ଅର୍ଥ ଭାରତକୁ ଆଣି ବିଳାଷମୟ ଜୀବନଯାପନ କରୁଥିଲେ। ମାତ୍ର ୨ ବର୍ଷ ମଧ୍ୟରେ ଏମାନେ ୧୫ ମିଲିଅନ ଆମେରିକୀୟ ଡଲାର ଅର୍ଥାତ ପାଖାପାଖି ୧୩୦ କୋଟି ଟଙ୍କା ଠକି ନେଇଥିଲେ। ଏହିକ୍ରମରେ ଇଡି ୩୦ଟି ବ୍ୟାଙ୍କ ଖାତାକୁ ଅକାମୀ କରିଛି। ୮ଟି ବିଳାଷମୟ କାର୍, ଦାମୀ ଘଡି ସହ ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତି ଜବତ କରିଛି।

## ସର୍ଗିଓ ଗୋର ଭାରତରେ ଆମେରିକା ରାଷ୍ଟ୍ରଦୂତ ନିଯୁକ୍ତ




ୱାଶିଂଟନ, ୨୩।୮ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସର୍ଗିଓ ଗୋରଙ୍କୁ ଶୁକ୍ରବାର ଭାରତରେ ଆମେରିକାର ରାଜଦୂତ ନିଯୁକ୍ତ କରିଛନ୍ତି। ତାଙ୍କୁ ଦକ୍ଷିଣ ଓ ମଧ୍ୟ ଏସୀୟ ସଂକ୍ରାନ୍ତରେ ସ୍ୱତନ୍ତ୍ର ଦୂତ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ଟ୍ରମ୍ପ ଓ ଏଲନ ମସ୍କଙ୍କ ମଧ୍ୟରେ ସର୍ଗିଓ ବିବାଦ ଆରମ୍ଭ କରାଇଥିଲେ ବୋଲି କୁହାଯାଉଛି। ମସ୍କ ରାଗିଯାଇ ସର୍ଗିଓଙ୍କୁ ଏକଦା ବିଷଧର ସାପ ବୋଲି କହିବାକୁ ପଛାଇ ନଥିଲେ। ଟ୍ରମ୍ପ ପରିବାରରେ ଏକାନ୍ତ ବିଶ୍ୱସ୍ତ ବୋଲି ତାଙ୍କୁ କୁହାଯାଇଥାଏ। ପୂର୍ବରୁ ସେ ଟ୍ରମ୍ପଙ୍କ କାର୍ଯ୍ୟକ୍ରମର ଦେଖାଶୁଣା କରୁଥିଲେ। ଟ୍ରମ୍ପଙ୍କୁ କିଏ ସାକ୍ଷାତ କରିବ ଓ କିଏ ନକରିବ ସେ ନିଷ୍ପତ୍ତି ସର୍ଗିଓ ନେଉଥିଲେ। ଏଥିପାଇଁ ଆମେରିକା ଗଣମାଧ୍ୟମ ତାଙ୍କୁ ଟ୍ରମ୍ପଙ୍କ 'ଗେଟ୍‌କିପର' ବୋଲି ଉଲ୍ଲେଖ କରିଥାଏ। ଏହି ନୂଆ ଦାୟିତ୍ୱ ମିଳିବା ପରେ ସେ ସାମାଜିକ ଗଣମାଧ୍ୟମ ଜରିଆରେ ଟ୍ରମ୍ପଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦୀର୍ଘ ୭ ମାସ ପରେ ଟ୍ରମ୍ପ ଭାରତରେ ଆମେରିକାର ରାଜଦୂତ ନିଯୁକ୍ତି ଦେଇଛନ୍ତି। ୩୮ ବର୍ଷୀୟ ସର୍ଗିଓ ଏବେ ଏରିକ ଗାର୍ସେଟିଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ଏରିକ୍ ୨୦୨୩ ମେରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ଭାରତରେ ଆମେରିକାର ରାଜଦୂତ ରହିଥିଲେ।

## ୧୦ ଜଣ ମିଶି ଜଣକୁ ମାରିଲେ

ଅହମଦାବାଦ, ୨୩।୮ (ଏଜେନ୍ସି): ସ୍ଥାନୀୟ କାଗଡ଼ାପୀଡ ଅଞ୍ଚଳରେ ଦିନ ଦ୍ୱିପହରରେ ନିତିନ ପଟନୀ ନାମକ ଜଣେ ଯୁବକକୁ ସଙ୍ଘବଦ୍ଧ ଭାବେ ହତ୍ୟା କରାଯାଇଛି। ୧୦ ଜଣ ଲୋକ ଧାରୁଆ ଅସ୍ତ୍ରରେ ରାସ୍ତା ଉପରେ ଆକ୍ରମଣ କରି ଜଣକୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ଗୁରୁତର ଆହତ ଯୁବକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସା ଅବସରରେ ସେ ମୃତ୍ୟୁବରଣ କରିଛନ୍ତି। ଦୁଇଟି ଗ୍ୟାଙ୍ଗ ମଧ୍ୟରେ ଲଢ଼େଇ କାରଣରୁ ଏପରି ହୋଇଛି ବୋଲି କୁହାଯାଇଛି। ପୀଡିତଙ୍କ ଭାଇ ଅକ୍ଷୟ ୭ଜଣଙ୍କ ବିରୋଧରେ ଅପହରଣ ଓ ହତ୍ୟାର ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୁଲିସ ବିଜୟ, ଶୈଲେଶ, ପୁନମ ପଟନୀଙ୍କୁ ଗିରଫ କରିଛି। ବାକି ଅଭିଯୁକ୍ତଙ୍କୁ ପୁଲିସ ଖୋଜା ଜାରି ରଖିଛି ଓ ୫ଟି ଟିମ୍ ଗଠନ କରିଛି। ଅଭିଯୁକ୍ତମାନେ ଖଣ୍ଡା, ପାଇପ୍, ବାଡିରେ ଆକ୍ରମଣ କରିଥିଲେ। ଏହି ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି ଓ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି।

## ଚନ୍ଦ୍ରବାବୁ ସବୁଠୁ ଧନୀ; ମମତା, ଓମାର ଗରିବ





ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଦେଶର ସବୁଠାରୁ ଧନୀ ମୁଖ୍ୟମନ୍ତ୍ରୀ। ତାଙ୍କ ପାଖରେ ୯୩୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତି ରହିଛି। ଦେଶରେ ଏବେ ମୋଟ୍ ୩୦ଜଣ ମୁଖ୍ୟମନ୍ତ୍ରୀଙ୍କ ପାଖରେ ୧୬୩୨ କୋଟି ଟଙ୍କାର ସମ୍ପତ୍ତି ରହିଛି। ଏହାର ଅଧାରୁ ଅଧିକ ଅର୍ଥାତ ୫୭ ପ୍ରତିଶତ କେବଳ ଚନ୍ଦ୍ରବାବୁ ନାଇଡୁଙ୍କ ପାଖରେ ରହିଛି। ତାଙ୍କ ପଛକୁ ଅରୁଣାଚଳ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁଙ୍କ ପାଖରେ ୩୩୨ କୋଟି ଟଙ୍କାର ସଂପତ୍ତି ଥିବା ବେଳେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ୫୧ କୋଟି ଟଙ୍କା ସହିତ ତୃତୀୟ ସ୍ଥାନରେ ରହିଛନ୍ତି। କୋଟିପତି ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ରହିଛନ୍ତି ଯୋଗୀ ଆଦିତ୍ୟନାଥ (୧କୋଟି ୫୪ ଲକ୍ଷ), ମୋହନ ମାଝୀ (୧କୋଟି ୯୭ ଲକ୍ଷ), ନୀତୀଶ କୁମାର (୧କୋଟି ୬୪ ଲକ୍ଷ), ବିଷ୍ଣୁଦେଓ ସାଏ (୩କୋଟି୮୦ଲକ୍ଷ)। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହେଉଛନ୍ତି ସବୁଠାରୁ ଗରିବ। ତାଙ୍କର ସବୁଠୁ କମ୍ ସମ୍ପତ୍ତି ରହିଛି। ସେ ହେଉଛନ୍ତି ମାତ୍ର ୧୫ ଲକ୍ଷ ୩୮ ହଜାର ଟଙ୍କାର ମାଲିକ। କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କର ୫୫ ଲକ୍ଷର ସଂପତ୍ତି ରହିଛି। ଆସୋସିଏଟ ଅଫ୍ ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ନାମକ ଏନ୍‌ଜିଓ ପକ୍ଷରୁ ଉପରୋକ୍ତ ତଥ୍ୟ ପ୍ରଦାନ କରାଯାଇଛି।

## ଟ୍ରକ୍- ଅଟୋ ମୁହାଁମୁହିଁ ଧକ୍କା: ୯ ମୃତ

ପାଟନା, ୨୩।୮ (ଏଜେନ୍ସି): ବିହାର ରାଜଧାନୀ ପାଟନାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୯ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ଶନିବାର ସକାଳେ ଶାହାଜାହଁପୁରର ଦନିୟାବା- ହିଲସା ରାଜ୍ୟ ରାଜପଥ-୪ରେ ସିଗ୍ରିୟାବା ଷ୍ଟେସନ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଟ୍ରକ୍ ଓ ଏକ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୭ ଜଣ ଲୋକ ଘଟଣା ସ୍ଥଳରେ ହିଁ ଜୀବନ ହରାଇଥିଲେ। ସେହିପରି ଦୁଇଜଣ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ୮ ମହିଳା ଓ ଅଟୋ ଡ୍ରାଇଭର ସାମିଲ ଅଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ମା ଓ ଝିଅ ମଧ୍ୟ ରହିଛନ୍ତି। ସବୁ ମୃତକ ନାଳନ୍ଦାର ହିଲସ୍‌ରେ ରୁହନ୍ତି। ଆହତ ହୋଇଥିବା ଲୋକଙ୍କ ସ୍ଥିତି ଗମ୍ଭୀର ରହିଛି। ଆହତ ହୋଇଥିବା ଯାତ୍ରୀଙ୍କୁ ନାଳନ୍ଦା ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏନ୍‌ଏମ୍‌ସିଏଚ୍) ରେ ଭର୍ତ୍ତି କରାଯାଇଛି। ସକାଳ ୬ଟାରେ ହିଁ ଏହି ଦୁର୍ଘଟଣା ଘଟିଥିଲା ବୋଲି ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ଟ୍ରକ ଅଟୋକୁ ଜୋରଦାର ଧକ୍କା ଦେଇଥିଲା। ଅଟୋରେ ବସିଥିବା ଲୋକ ଗଙ୍ଗା ସ୍ନାନ କରିବାକୁ ତ୍ରିବେଣୀ ଘାଟ ଯାଉଥିଲେ। ସିମେଣ୍ଟ ଫ୍ୟାକ୍ଟ୍ରି ପାଖରେ ଏହି ଦୁର୍ଘଟଣା ଘଟିଥିଲା। ଏହି ଟ୍ରକ ସିମେଣ୍ଟ ଫ୍ୟାକ୍ଟ୍ରିର ହିଁ ଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି। ଟ୍ରକ୍ ଏହି ସମେଣ୍ଟ କମ୍ପାନୀ ଭିତରକୁ ଚାଲିଯାଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଲୋକ ରାସ୍ତା ରୋକ କରିଥିଲେ। ଘଟଣାସ୍ଥଳକୁ କମ୍ପାନୀ ମ୍ୟାନେଜରଙ୍କୁ ଡାକିବାକୁ ଲୋକ ଦାବି କରିଥିଲେ। ଦୁର୍ଘଟଣା ପରେ ରାସ୍ତା ସାରା ରକ୍ତର ଛିଟ୍‌କା ପଡ଼ିଥିଲା।

## ଉତ୍ତରାଖଣ୍ଡରେ ପୁଣି ବାଦଲଫଟା ବର୍ଷା; ଭାସିଗଲା ଦୋକାନ ବଜାର

ଡେରାଡୁନ୍, ୨୩।୮ (ଏଜେନ୍ସି): ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାରେ ଥରାଲୀରେ ଶୁକ୍ରବାର ରାତି ୧ରୁ ୨ଟା ମଧ୍ୟରେ ବାଦଲ ଫଟା ବର୍ଷା ହୋଇଛି। ଆଖପାଖରେ ଥିବା ଦୁଇଟି ଗାଁ ସାଗୱାରା ଓ ଚୋପଡୋନରେ ବହୁତ କ୍ଷୟକ୍ଷତି ହୋଇଛି। ଥରାଲି ତହସିଲର ମୁଖ୍ୟ କାର୍ଯ୍ୟାଳୟର ନିକଟବର୍ତ୍ତୀ ଏକ କିମି ଅଞ୍ଚଳରେ ଜବରଦସ୍ତ କ୍ଷୟକ୍ଷତି ହୋଇଛି। ସ୍ଥାନୀୟ କେତୋଟି ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ କ୍ଷୟକ୍ଷତି ଆହୁରି ଅଧିକ ହୋଇଛି ବୋଲି ଚାମୋଲିର ଜିଲ୍ଲା ମାଜିଷ୍ଟ୍ରେଟ୍ ସନ୍ଦୀପ ତିୱାରୀ କହିଛନ୍ତି। ଏଥିରେ ଜଣେ ମୃତ୍ୟୁବରଣ କରିଛନ୍ତି। ଚୋପଡନ ଗାଁରେ ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି। ସେହିପରି ସାଗୱାରା ଗାଁରେ ଏକ ଘର ଉପରେ ଆବର୍ଜନା ମାଡିଯିବାରୁ ଜଣେ ଝିଅ ତଳେ ଦବି ରହିଛି। କିଛି ଘଣ୍ଟା ପରେ ଏହି ଝିଅର ମୃତଦେହ ଉଦ୍ଧାର କରାଯାଇଛି। ଦୁଇଟି ଗାଁରେ ପାଖାପାଖି ୭୦-୮୦ ଘରେ ୨ ଫୁଟ୍‌ର ଆବର୍ଜନା ଭରି ରହିଛି। ଥରାଲୀକୁ ସଂଯୋଗ କରୁଥିବା କର୍ଣ୍ଣପ୍ରୟାଗ- ଗୁଆଲଦମ ଜାତୀୟ ରାଜପଥରେ ଆବର୍ଜନା ଥିବାରୁ ବନ୍ଦ ରହିଛି। ଗତ ୧୮ ଦିନ ମଧ୍ୟରେ ଉତ୍ତରାଖଣ୍ଡରେ ବାଦଲ ଫଟା ବର୍ଷା ଯୋଗୁଁ ଦ୍ୱିତୀୟଥର ପାଇଁ ଏପରି ଘଟଣା ଘଟିଛି। ଏହାପୂର୍ବରୁ ଅଗଷ୍ଟ ୫ରେ ଧରାଲୀରେ ବାଦଲ ଫଟା ବର୍ଷା ଯୋଗୁଁ ବହୁତ କ୍ଷୟକ୍ଷତି ହୋଇଥିଲା।

**୮୦ ଘରେ ଦୁଇ ଫୁଟର ଆବର୍ଜନା ଭରିଗଲା**

**ଝାଡଖଣ୍ଡରେ ପ୍ରବଳ ବର୍ଷା: ୫ ମୃତ**

ଏଥିରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୦୦ରୁ ଉର୍ଦ୍ଧ୍ୱ ଲୋକ ନିଖୋଜ ହୋଇଥିଲେ। ମୌସୁମୀ ଆସିବା ପରେ ଉତ୍ତରାଖଣ୍ଡ ଓ ହିମାଚଳ ଭଳି ରାଜ୍ୟରେ ବାଦଲ ଫଟା ବର୍ଷା କାରଣରୁ ପ୍ରତିବର୍ଷ ଏହି ଭଳି ଏକାଧିକ ଘଟଣା ଘଟିଥାଏ। ସେପଟେ ସାରା ଦେଶରେ ୧୯ଟି ରାଜ୍ୟରେ ପ୍ରବଳ ବର୍ଷା



ହେବ ବୋଲି ପାଣିପାଗ ବିଭାଗ ସତର୍କତା ଜାରି କରିଛି। ହିମାଚଳରେ ପ୍ରଦେଶରେ ଆଗାମୀ ଦୁଇଦିନରେ ପ୍ରବଳ ବର୍ଷା ହେବା ବୋଲି ଆଶଙ୍କା କରାଯାଉଛି। ବର୍ଷା ଓ ଭୂସ୍ଖଳନ ଯୋଗୁଁ ଜାତୀୟ ରାଜପଥ-୩୦୫ ସମେତ ମୋଟ୍ ୩୪୭ଟି ସଡ଼କ ବନ୍ଦ ରହିଛି। ଜୁନ୍ ୨୦ରୁ ମୌସୁମୀ ଆସିବା ପରଠାରୁ ହିମାଚଳରେ ଏପର୍ଯ୍ୟନ୍ତ ୨୯୫ ଜଣଙ୍କ ମୃତ୍ୟୁବରଣ କରିଛନ୍ତି।

ଝାଡଖଣ୍ଡରେ ଶନିବାର ସକାଳେ ପ୍ରବଳ ବର୍ଷା କାରଣରୁ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଜଣେ ନିଖୋଜ ହୋଇଛନ୍ତି। ସରେଇକଳା ଓ ଖରସୁଆଁ ଜିଲ୍ଲାରେ ଘର କାନ୍ଥ ଭୁଶିଡିବା କାରଣରୁ ଜଣେ ମହିଳା ଓ ତାଙ୍କର ୭ ବର୍ଷର ପୁଅ ଜୀବନ ହରାଇଛନ୍ତି। ମା ଓ ପୁଅଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସା ଅବସରରେ ଦୁହେଁ ପ୍ରାଣ ହରାଇଛନ୍ତି। ସେହିପରି ରାଜନଗର ବ୍ଲକର ଦଣ୍ଡୁ ଗାଁରେ ୮ ଜଣ ଲୋକ ଆହତ ହୋଇଛନ୍ତି।

# ଜେଲ୍ ଗଲେ ସିଟି ହସପିଟାଲର କୋଟିପତି ବରିଷ୍ଠ ସହାୟକ

## ଆୟଠାରୁ ୨୦୧ ପ୍ରତିଶତ ଅଧିକ ସମ୍ପତ୍ତି

କଟକ, ୨୩।୮ (ସମିସ): କଟକ ସିଟି ହସ୍ପିଟାଲ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର କୋଟିପତି ସିନିଅର ଆସିଷ୍ଟାଣ୍ଟ (ବରିଷ୍ଠ ସହାୟକ) କିଶୋର କୁମାର ସାହାଣୀଙ୍କୁ ଆଜି ଭିଜିଲାନ୍ସ ଗିରଫ କରି କୋର୍ଟଚାଲାଣ କରିଛି। ଗତକାଲି ଭିଜିଲାନ୍ସ ତାଙ୍କ ଘର, ଅଫିସ୍ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି ବିପୁଳ ସଂପତ୍ତି ଠାବ କରିଥିଲା। ଆୟ ତୁଳନାରେ ଶ୍ରୀ ସାହାଣୀ ୨୦୧ ପ୍ରତିଶତ ଅଧିକ ସମ୍ପତ୍ତିର ଅଧିକାରୀ ବୋଲି ଭିଜିଲାନ୍ସ କହିଛି। ସରକାରୀ ଅର୍ଥ ତୋଷରପାତ ସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଦୁର୍ନୀତି ନିବାରଣ ସଂଶୋଧିତ ଆଇନ-୨୦୧୮ର ଧାରା ୧୩(୨)/୧୩(୧)ରେ ଭିଜିଲାନ୍ସ ଶ୍ରୀ ସାହାଣୀଙ୍କ ସମେତ ତାଙ୍କ ପତ୍ନୀଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ସୂଚନାଯୋଗ୍ୟ, ୧.୨୪ କୋଟି ଟଙ୍କାର ସରକାରୀ ଅର୍ଥ ତୋଷରପାତ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ଦିନ ତାଙ୍କର ଅଫିସ, ବାସଭବନ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଶ୍ରୀ ସାହାଣୀଙ୍କ ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା। ଶ୍ରୀ ସାହାଣୀ ଓ ତାଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ୧୯ଟି ମୂଲ୍ୟବାନ୍ ପ୍ଲଟ୍, ୩ ମହଲା ବିଶିଷ୍ଟ କୋଠା, ନଗଦ ୩ଲକ୍ଷ ୩୦ହଜାର ୮୦୦ଟଙ୍କା, ୧୩୫ ଗ୍ରାମ୍ ଓଜନର ସୁନା ଗହଣା ସହ ଗୋଟିଏ କାର୍ ଓ ୩ଟି ବାଇକ ମିଳିଥିଲା।

# ବନ କର୍ମଚାରୀଙ୍କୁ ଆକ୍ରମଣ କରି ଶିକାରୀକୁ ଖସାଇନେଲେ

■ ଆକ୍ରମଣରେ ମହିଳା ବନରକ୍ଷୀ ଗୁରୁତର
■ ଭାଙ୍ଗିଦେଲେ ବନ ବିଭାଗ ଗାଡ଼ି

ବାରିପଦା, ୨୩।୮ (ସମିସ): ବନବିଭାଗ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ବନ କର୍ମଚାରୀଙ୍କୁ ଆକ୍ରମଣ କରି ଶିକାରୀକୁ ଖସାଇନେଲେ ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ବାଙ୍ଗରିପୋଷି ଥାନା ଅଧୀନ ଦୁମାସାହି ଜଳଡିହା ଗ୍ରାମରେ ଏହି ଘଟଣା ଘଟିଛି। ୪୦ରୁ ୫୦ ପୁରୁଷ ଓ ମହିଳା ଏକଜୁଟ୍ ହୋଇ ବନ ବିଭାଗର ବଲେରୋକୁ ଭଙ୍ଗାରୁଜା କରିବା ସହ ବନ କର୍ମଚାରୀଙ୍କୁ ଆକ୍ରମଣ କରି ଜଣେ ଅଭିଯୁକ୍ତକୁ ଖସାଇ ନେଇଛନ୍ତି। ଗ୍ରାମବାସୀଙ୍କ ଆକ୍ରମଣରେ ଜଣେ ମହିଳା ବନରକ୍ଷୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ମହିଳାଜଣଙ୍କ ହେଲେ, ଶ୍ୟାମସୁନ୍ଦର ବିଟ୍ ହାଉସର ବନରକ୍ଷୀ ମୀନାକ୍ଷୀ ମଞ୍ଜରୀ ସାହୁ। ତାଙ୍କୁ ବାଙ୍ଗରିପୋଷି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗତ ୧୫ ତାରିଖ ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲେ ହେଁ ଆଜି ପଦାକୁ ଆସିଛି। ଏନେଇ ପୁଲିସ୍ ନମ୍ବର ୨୩୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କିନ୍ତୁ ଏଯାଏ ଫେରାର୍ ଶିକାରୀକୁ ଗିରଫ କରିପାରିନାହିଁ।

ସୂଚନାନୁଯାୟୀ, ଗତବର୍ଷ ନଭେମ୍ବର ୧୧ରେ ଏକ କଲରାପତରିଆ ବାଘ ଚମଡ଼ା ଜବତ ଘଟଣାରେ ଦୁମାସାହି ଗ୍ରାମର କିଛି ଶିକାରୀ ଜଡ଼ିତ ଥିଲେ। ବନବିଭାଗ ପକ୍ଷରୁ ସେତେବେଳେ ମାମଲା ରୁଜୁ ହୋଇଥିଲା। ଘଟଣାରେ ଜଡ଼ିତ ଥିବା ଶିକାରୀ ସହ ୬ ଅଭିଯୁକ୍ତଙ୍କୁ ଧରିବା ପାଇଁ ବାରିପଦା ବନଖଣ୍ଡର ଅତିରିକ୍ତ ବନସଂରକ୍ଷକ ମେହେରବାନ ଅଲ୍ଲୀଙ୍କ ନେତୃତ୍ୱରେ ଗଠିତ ୨୦ଜଣିଆ ଟିମ୍ ଗତ ୧୫ତାରିଖ ବିଳମ୍ବିତ ରାତିରେ ଗାଁରେ ଚଢ଼ଉ କରିଥିଲେ। ଅଭିଯୁକ୍ତ ଭାଗୀରଥି ମାରାଣ୍ଡି ଓ ଟୋପା ସୋରେନଙ୍କୁ ସେମାନେ ଧରି ଆଣୁଥିବା ବେଳେ ଗ୍ରାମର ୪୦ରୁ ୫୦ ପୁରୁଷ ଓ ମହିଳା ଏକଜୁଟ ହୋଇ ବିରୋଧ କରିଥିଲେ। ଅଭିଯୁକ୍ତମାନଙ୍କୁ ଛାଡ଼ିଦେବା ପାଇଁ ଗାଁ ଲୋକେ କହିବାରୁ ବନ କର୍ମଚାରୀଙ୍କ ସହ ସେମାନଙ୍କର କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଗ୍ରାମବାସୀ ବନକର୍ମଚାରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରି ଟୋପା ସୋରେନକୁ ଖସାଇ ନେଇଥିଲେ। ଏହାସହ ବନବିଭାଗର ବଲେରୋ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏଥିରେ ଶ୍ୟାମସୁନ୍ଦର ବିଟ୍ ହାଉସର ମହିଳା ବନରକ୍ଷୀ ମୀନାକ୍ଷୀ ମଞ୍ଜରୀ ସାହୁ ଗୁରୁତର ଆହତ ହୋଇଥିଲେ। ଘଟଣାର ପରଦିନ ବାଙ୍ଗରିପୋଷି ରେଞ୍ଜଅଧିକାରୀ ମହେଶ୍ୱର ସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

■ ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

# ଦୁଇ ଅଭିଯୁକ୍ତଙ୍କ ଜାମିନ ଖାରଜ

କଟକ, ୨୩।୮ (ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ଦୁଇ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିଛନ୍ତି ଅଦାଲତ। ଅଭିଯୁକ୍ତ ଜୟନ୍ତ କୁମାର ରାଉତ ଓ ବିଜୟ କୁମାର ମିଶ୍ରଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି କଟକ ତୃତୀୟ ଅତିରିକ୍ତ ଦୌରାଜଜ୍ ଅଦାଲତ। ଉଭୟଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି ବେଳେ କ୍ରାଇମବ୍ରାଞ୍ଚ ଦୁଇଜଣଙ୍କ ଜାମିନ ଆବେଦନକୁ ବିରୋଧ କରିଥିଲା। ଏବେ ଏହି କେଳେଙ୍କାରୀ ଘଟଣାରେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯାଉଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ଦର୍ଶାଯାଇଥିଲା। ଅନ୍ୟପକ୍ଷରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଉପ-ସଭାପତି ଡକ୍ଟର ନୀହାର ରଞ୍ଜନ ମହାନ୍ତି ଓ ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣାଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ସପ୍ତାହରେ ହେବ ବୋଲି ଧାର୍ଯ୍ୟ କରାଯାଇଛି।

# ବୋଟ୍‌ରୁ ମାଛ କାଢୁକାଢୁ ଚାଲିଗଲା ୨ ଜୀବନ

ବାଲେଶ୍ୱର, ୨୩।୮ (ସମିସ): ବୋଟ ମଧ୍ୟରେ ବରଫରେ ଥିବା ମାଛକୁ କାଢୁଥିବା ବେଳେ ଦୁଇଜଣ ମତ୍ସ୍ୟଜୀବୀଙ୍କ ଆଜି ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଏଭଳି ଅଘଟଣ ଘଟିଛି, ବାଲେଶ୍ୱର ଜିଲ୍ଲା ବଳରାମଗଡି ମେରାଇନ ଥାନା ଅନ୍ତର୍ଗତ ବଳରାମଗଡିରେ। ମୃତକଦ୍ୱୟ ହେଲେ, ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳର ମଧୁସୂଦନ ମଲିକ ଏବଂ ସନ୍ତୋଷ ମଲିକ। ୮/୧୦ ଦିନ ତଳେ ବଳରାମଗଡ଼ିରୁ ନାଗେଶ୍ୱରୀ ବୋଟ୍ ସମୁଦ୍ରକୁ ମାଛ ମାରିବାକୁ ଯାଇଥିଲା। ଶନିବାର ଉକ୍ତ ବୋଟ୍ଟି କୂଳକୁ ଫେରିଥିଲା। ସମୁଦ୍ରରୁ ଯାହା ମାଛ ମରାଯାଇଥିଲା, ତାହା ବୋଟ ମଧ୍ୟରେ ବରଫ ଦେଇ ରଖାଯାଇଥିଲା। କୂଳକୁ ଫେରିବା ପରେ ମଧୁସୂଦନ ଏବଂ ସନ୍ତୋଷ ବରଫ ମଧ୍ୟରୁ ମାଛ କାଢୁଥିଲେ। ଏହି ସମୟରେ ଉଭୟ ଶ୍ୱାସରୁଦ୍ଧ ହୋଇ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ବଳରାମଗଡ଼ି ଥାନାଧିକାରୀ ନରେନ୍ଦ୍ର ପାଳ କହିଛନ୍ତି ଯେ ମାଛ ଗ୍ୟାସ୍‌ରେ ସେମାନଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।

## ୧୩ ଦିନରେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ

# ସମାଧାନ ପରିବର୍ତ୍ତେ ବିଜେଡି ଉପରେ ଦୋଷ ଲଦିଲେ ରାଜସ୍ୱ ମନ୍ତ୍ରୀ

■ ସୋମବାର କାର୍ଯ୍ୟରେ ଯୋଗ ନଦେଲେ ବଡ଼ ଅସ୍ତ୍ର ପ୍ରୟୋଗ ଚେତାବନୀ
■ ରାଜସ୍ୱ ମନ୍ତ୍ରୀଙ୍କ ଅପାରଗତା ଯୋଗୁଁ ଅଚଳାବସ୍ଥା: ବିଜେଡି
■ ମନ୍ତ୍ରୀଙ୍କ ବୟାନ ଦୁର୍ଭାଗ୍ୟପୂର୍ଣ୍ଣ ଓ ନିନ୍ଦନୀୟ
■ ସରକାରଙ୍କ ଚେତାବନୀରେ ଡରିଯିବୁ ନାହିଁ: ସଂଘ

ଭୁବନେଶ୍ୱର, ୨୩।୮ (ସମିସ): ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଶନିବାର ୧୩ ଦିନରେ ପହଞ୍ଚିଛି। ଏଥିଯୋଗୁଁ ସାରା ରାଜ୍ୟରେ ପ୍ରଶାସନିକ କାର୍ଯ୍ୟ ଠପ୍ ହୋଇପଡ଼ିଛି। ଲୋକମାନେ ରାଜସ୍ୱ କାର୍ଯ୍ୟ ପାଇଁ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ସରକାର ଆନ୍ଦୋଳନରତ କର୍ମଚାରୀଙ୍କ ସହ ଏଯାଏ ଆଲୋଚନା କରୁନାହାନ୍ତି। ସଂଘର କର୍ମକର୍ତ୍ତାଙ୍କୁ ଡାକି ଆନ୍ଦୋଳନ ଏବଂ ଅସନ୍ତୋଷକୁ ପ୍ରଶମିତ କରିବା ପରିବର୍ତ୍ତେ ଶନିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆନ୍ଦୋଳନ ପାଇଁ ବିଜେଡିକୁ ଦାୟୀ କରିଛନ୍ତି। ଖାଲି ସେତିକି ନୁହେଁ, ସଂଘକୁ ଚେତାବନୀ ବି ଦେଇଛନ୍ତି। ସୋମବାର ସୁଦ୍ଧା ଆନ୍ଦୋଳନରୁ ନ ଓହରିଲେ ସରକାରଙ୍କ ପାଖରେ ଥିବା ବହୁ ବଡ଼ବଡ଼ ଅସ୍ତ୍ର ସେମାନେ ଦେଖିବେ ବୋଲି କହିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ଏହି ବୟାନକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ବିଜେଡି ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଛି। ରାଜସ୍ୱ ଅମଲା ସଂଘ ମଧ୍ୟ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ରଖିଛି। ସଂଘ କହିଛି, ଆମେ ସରକାରୀ କର୍ମଚାରୀ। କୌଣସି ରାଜନୈତିକ ଦଳର ନେତା, କର୍ମୀ ନୋହୁଁ। ସରକାରଙ୍କ ଚେତାବନୀରେ ସଂଘ ଡରିଯିବ ନାହିଁ। ତେଣୁ, ସରକାର ଆମକୁ ଡାକି ଆଲୋଚନା କରନ୍ତୁ ବୋଲି ସଂଘର ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ବର୍ତ୍ତମାନ ମଧ୍ୟ ରାଜ୍ୟରେ ବିଜେଡି ସରକାର ଚାଲୁଛି ବୋଲି କିଛି ଲୋକ ଭାବୁଛନ୍ତି। ସେମାନେ କେଉଁ କେଉଁ ନେତାଙ୍କ ପାଖକୁ ଯାଉଛନ୍ତି, ସେ ରିପୋର୍ଟ ମଧ୍ୟ ମୋ ପାଖରେ ଅଛି। ଏଯାବତ୍ କ୍ଷମତାରୁ ବାହାରି ଯାଇଥିବା ନେଇ ସେମାନଙ୍କର ହଜମ ହେଉନାହିଁ। ମୁଁ ପୂରା ବିଜେଡିକୁ କାଠଗଡ଼ାରେ ଠିଆ କରିବାକୁ ଚାହୁଁନାହିଁ। ମାତ୍ର ଯେଉଁମାନେ ବିଜେଡି ସରକାର ସମୟରେ ସମ୍ପୂର୍ଣ୍ଣ କ୍ଷମତା ଉପଭୋଗ କରୁଥିଲେ, ସେମାନଙ୍କର ଏହା ହଜମ ହେଉନାହିଁ। କେମିତି ସରକାର ପଳେଇବ, ତାଙ୍କ ସରକାର ପୁଣି ଆସିବ ଏବଂ ସେମାନେ ପୁନଃ କ୍ଷମତା ଉପଭୋଗ କରିବେ, ତାହା ସେମାନଙ୍କର ଲକ୍ଷ୍ୟ। ୮ ହଜାର ଅମଲାଙ୍କୁ ଆନ୍ଦୋଳନ କରାଇ ସେମାନେ କ'ଣ ସରକାରଙ୍କୁ ଅପଦସ୍ଥ କରାଇଦେବେ ବୋଲି ରାଜସ୍ୱ ମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

ସେ ଆହୁରି କହିଛନ୍ତି, ମୋର ମନେ ହେଉଥିଲା ଯେଉଁମାନେ ଅମଲା ସଂଘର ଦାୟିତ୍ୱରେ ଅଛନ୍ତି, ସେମାନେ ସଂଘର ବିକାଶ ଏବଂ ସମସ୍ୟାର ସମାଧାନ ଚାହୁଁଛନ୍ତି। ମାତ୍ର ପରେ ହୃଦ୍‌ବୋଧ ହେଲା ଯେ ଅନ୍ୟମାନଙ୍କ ଦ୍ୱାରା ପ୍ରେରିତ ହୋଇ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ପାଇଁ ସେମାନେ କେବଳ ଦାୟିତ୍ୱରେ ଅଛନ୍ତି। ସମସ୍ୟାର ସମାଧାନ କରିବା ସେମାନଙ୍କର ଆଦୌ ଉଦ୍ଦେଶ୍ୟ ନୁହେଁ। ମୋ ପାଖରେ ଏନେଇ ବିଭିନ୍ନ ମହଲରୁ ତଥ୍ୟ ହସ୍ତଗତ ହୋଇଛି। ଅମଲାମାନଙ୍କୁ ଢାଲ କରି ସରକାରଙ୍କ ବିରୋଧରେ ଆନ୍ଦୋଳନ କରିବା ସେମାନଙ୍କର ଲକ୍ଷ୍ୟ ବୋଲି ଶ୍ରୀ ପୂଜାରୀ ଅଭିଯୋଗ କରିଛନ୍ତି। ଅମଲା ସଂଘର ସମସ୍ତ ସଦସ୍ୟ, ସଦସ୍ୟା ରାଜସ୍ୱ ପରିବାରର। ପରିବାରର ମୁରବୀ ଭାବେ ସେମାନଙ୍କ ଯୁକ୍ତି, ଦାବି ଶୁଣିବା ମୋ ଦାୟିତ୍ୱ। ସେମାନେ ଆମ ପରିବାରର ଲୋକ ବୋଲି ଆମେ ଅସ୍ତ୍ର ବ୍ୟବହାର କରୁନାହୁଁ। ଯଦି ଆମେ ଭାବିବୁ ଯେ ଏମାନେ ସୁଧୁରିବେ ନାହିଁ, ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ମଙ୍ଗଳ ଚାହିଁବେ ନାହିଁ, ଅନ୍ୟ ଦଳ ଦ୍ୱାରା ପ୍ରେରିତ ହୋଇ ସରକାରଙ୍କୁ ଅପଦସ୍ତ କରିବାକୁ ଚାହିଁବେ, ତାହେଲେ ରାଜସ୍ୱ ବିଭାଗ ପାଖରେ ବହୁ ଅସ୍ତ୍ର ଅଛି। ସେହି ଅସ୍ତ୍ରକୁ ସେମାନେ ସମ୍ଭାଳି ପାରିବେ ନାହିଁ। ତେଣୁ ସମସ୍ତେ କାର୍ଯ୍ୟରେ ଯୋଗ ଦିଅନ୍ତୁ ବୋଲି ରାଜସ୍ୱ ମନ୍ତ୍ରୀ ନିବେଦନ କରିଛନ୍ତି।

ଅପରପକ୍ଷେ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି ଏ ନେଇ ସାମାଜିକ ଗଣମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ଅପାରଗତା ଯୋଗୁଁ ସମସ୍ୟାର ସମାଧାନ ହୋଇପାରୁନାହିଁ। ମାତ୍ର ନିଜ ଦୋଷକୁ ଲୁଚାଇବାକୁ ଯାଇ ସେ ବିଜେଡି ଆଡ଼କୁ ଇଙ୍ଗିତ କରୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବୋଲି ସେ ମତପ୍ରକାଶ କରିଛନ୍ତି।

## ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀଙ୍କ ୬୧ତମ ଦୀକ୍ଷାନ୍ତ ସମାରୋହ

# ଅଗ୍ନିଶମ ବାହିନୀରେ ସାମିଲ ହେଲେ ୯୧୧ ଅଗ୍ନିଯୋଦ୍ଧା



■ ଡିସେମ୍ବର ସୁଦ୍ଧା ୩୦୦ ପଦବୀ ପୂରଣ ହେବ: ମୁଖ୍ୟମନ୍ତ୍ରୀ
■ ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଓଡ଼ିଶା ଅଗ୍ନିଶମ ବିଭାଗ

ଭୁବନେଶ୍ୱର, ୨୩।୮ (ସମିସ): ସାରା ଦେଶରେ ଓଡ଼ିଶା ଅଗ୍ନିଶମ ବିଭାଗ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କାର୍ଯ୍ୟଦକ୍ଷତା ଭିତ୍ତିରେ ଦେଶର ସର୍ବଶ୍ରେଷ୍ଠ ତିନି ଗୋଟି ରାଜ୍ୟ ମଧ୍ୟରେ ନିଜକୁ ସ୍ଥାନିତ କରିଛି। ଓଡ଼ିଶା ଅଗ୍ନିଶମ ବିଭାଗ ଏବଂ ଏହାର ଅଗ୍ନିଯୋଦ୍ଧାମାନେ ଦେଶରେ ସର୍ବଶ୍ରେଷ୍ଠ। ଭୁବନେଶ୍ୱର ବରମୁଣ୍ଡା ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ୬୧ତମ ଅଗ୍ନିଯୋଦ୍ଧା ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି। ସମାରୋହରେ ସମୁଦାୟ ୯୧୧ ଅଗ୍ନିଯୋଦ୍ଧା ପାସିଂଆଉଟ୍ ପରେଡ୍‌ରେ ଯୋଗଦେଇ ଆଜିଠାରୁ ଅଗ୍ନିଶମ ବାହିନୀରେ କାର୍ଯ୍ୟାରମ୍ଭ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ ବର୍ଷକ ମଧ୍ୟରେ ଅଗ୍ନିଶମ ବିଭାଗର ଖାଲିଥିବା ୯୧୧ ପଦବୀ ପୂରଣ ହୋଇଛି। ସେମାନେ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି। ଆଉ ପ୍ରାୟ ୩୦୦ ପଦବୀ ଖାଲି ରହିଛି ଏବଂ ଏହାକୁ ଡିସେମ୍ବର ସୁଦ୍ଧା ପୂରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଗତ ଏକ ବର୍ଷ ମଧ୍ୟରେ ରାଜ୍ୟରେ ଥିବା ୩୪୬ଟି ଦମକଳ କେନ୍ଦ୍ର ପାଖାପାଖି ୫୦ ହଜାର କଲ୍ ଆଟେଣ୍ଡ କରିଛନ୍ତି। ୭୫୯୯ ମୂଲ୍ୟବାନ ଜୀବନ ବଞ୍ଚାଇଛନ୍ତି, ୧୭ ହଜାର ପ୍ରାଣୀଙ୍କୁ ଉଦ୍ଧାର କରିଛନ୍ତି। ଏ ସମସ୍ତ କାମ ସରକାରଙ୍କ ପାଇଁ ସୁନାମ ଆଣିଛି। ବର୍ତ୍ତମାନର ପରିବର୍ତ୍ତନଶୀଳ ପରିବେଶକୁ ନେଇ ଆମକୁ ଆହୁରି ସୁଦୃଢ଼ ହେବାକୁ ପଡ଼ିବ। ନୂଆନୂଆ ଜ୍ଞାନ କୌଶଳ ପ୍ରୟୋଗ ବିଷୟରେ ଆମକୁ ସଜାଗ ହେବାକୁ ପଡ଼ିବ ବୋଲି ସେ ନବନିଯୁକ୍ତ ଅଗ୍ନିଯୋଦ୍ଧାମାନଙ୍କୁ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଏବଂ ପୁଲିସ ଓ ଅଗ୍ନିଶମ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ।

■ ନ୍ୟାୟ ନ ମିଳିବାରୁ ଚରମ ନିଷ୍ପତ୍ତି

# ଏସ୍‌ପି ଅଫିସ୍ ସମ୍ମୁଖରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

ଢେଙ୍କାନାଳ, ୨୩।୮ (ସମିସ): ସଦର ଥାନା ଅନ୍ତର୍ଗତ ଅଙ୍କରାନ୍ତିପୁରର ଜଣେ ମହିଳା ଶନିବାର ଅପରାହ୍ଣରେ ଢେଙ୍କାନାଳ ଏସ୍‌ପି ଅଫିସ୍ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଥାନାରୁ ନ୍ୟାୟ ନ ମିଳିବାରୁ ସେ ଏପରି ଚରମ ନିଷ୍ପତ୍ତି ନେଇଥିବା କହିଛନ୍ତି। ମହିଳାଜଣଙ୍କ ନିଜ ଦେହରେ ପେଟ୍ରୋଲ ଢାଳିବାକୁ ଉଦ୍ୟମ କରୁଥିବା ବେଳେ ପାଖରେ ଥିବା ପୁଲିସ କର୍ମଚାରୀମାନେ ତାଙ୍କ ହାତରୁ ପେଟ୍ରୋଲ ବୋତଲ ଛଡ଼ାଇନେବା ସହ ମହିଳାଙ୍କୁ ରକ୍ଷା କରିଛନ୍ତି। ଫଳରେ ଏକ ବଡ଼ ଅଘଟଣ ଟଳି ଯାଇଛି। ଏସ୍‌ପି ଅଭିନବ ସୋନକର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅପରପକ୍ଷେ, ଏହି ଘଟଣାର ୪ ଘଣ୍ଟା ଭିତରେ ୨ଜଣ ସବ୍-ଇନ୍ସପେକ୍ଟର୍‌ଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ, ଟାଉନ ଥାନାର ସବ୍‌ଇନ୍ସପେକ୍ଟର (ଡିସିଓ) ଉତ୍କଳ ବିଜୟ ମହାନ୍ତି ଏବଂ ସଦର ଥାନା ସବ୍ ଇନ୍ସପେକ୍ଟର୍(ଡିସିଓ) ରୋଜାଲିନ ମିଞ୍ଜ୍। ମହିଳାଙ୍କ ଅଭିଯୋଗ ନରଖିଥିବାରୁ ଏସ୍.ପି ଅଭିନବ ସୋନକର ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

**୨ ସବ୍-ଇନ୍ସପେକ୍ଟର୍ ନିଲମ୍ବିତ**

ସୂଚନାନୁଯାୟୀ, ଅଙ୍କରାନ୍ତିପୁର ଗ୍ରାମର ଅମରନାଥ ଜେନା ଅନୁଗୋଳ ଜିଲ୍ଲାର ଲିଜା ସେଠୀ (୨୮)ଙ୍କୁ କୋର୍ଟରେ ବିବାହ କରିଥିଲେ। ବାହାଘର ପରେ ଲିଜାଙ୍କୁ ତାଙ୍କ ଦିଅର ସୁବାସ ନାଥ ଓ ଶାଶୂ ନିର୍ଯାତନା ଦେଉଥିଲେ। ଏ ସମ୍ପର୍କରେ ସେ ସଦର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। କିନ୍ତୁ ପୁଲିସ ତାଙ୍କୁ ନ୍ୟାୟ ଦେବା ତ ଦୂର କଥା, ଅଭିଯୋଗ ମଧ୍ୟ ଗ୍ରହଣ କରି ନ ଥିଲା। ଏଥିରେ ଅତିଷ୍ଠ ହୋଇ ସେ ଆତ୍ମାହୁତି ଉଦ୍ୟମ କରିଥିବା କହିଛନ୍ତି। ଅନ୍ୟପଟେ ଏସ୍‌ପି ସୋନକର ଘଟଣାକୁ ଗୁରୁତ୍ୱର ସହ ନେଇ ଲିଜାଙ୍କ ଅଭିଯୋଗର ତଦନ୍ତ କରିବାକୁ ସଦର ଏସ୍‌ଡିପିଓଙ୍କୁ ଦାୟିତ୍ୱ ଦେଇଛନ୍ତି। ପରେ ଲିଜାଙ୍କୁ ପୁଲିସ ବୁଝାସୁଝା କରି ଘରକୁ ପଠାଇଦେଇଛି।

# ପାହାଡ଼ ଖୋଲରେ ବୁଡ଼ିଗଲେ ଦୁଇ ଯୁବକ

## ଜଣେ ମୃତ; ଯୁବ ଇଞ୍ଜିନିୟର ନିଖୋଜ

**ସୁକିନ୍ଦା, ୨୩।୮ (ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅଞ୍ଚଳରେ ଥିବା ଏକ ପାହାଡ଼ ଖୋଲରେ ଗାଧୋଇବା ବେଳେ ପାଣିରେ ବୁଡ଼ି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନିଖୋଜ ହୋଇଯାଇଛନ୍ତି। ସୁକିନ୍ଦା ବ୍ଲକ୍ ବନ୍ଧଗାଁ ପଞ୍ଚାୟତ ଅଧୀନ ରାଙ୍କିଆ ଗ୍ରାମ ନିକଟ ମାଗାଗିରି ପାହାଡ଼ ନକଟରେ ଏହି ଅଘଟଣ ଘଟିଛି। ମୃତକ ହେଲେ, ଲେମ୍ବୋ ପଞ୍ଚାୟତ ଅଧୀନ କାଞ୍ଜିଆପାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ପୁଅ ଶମ୍ଭୁ ପ୍ରଧାନ(୨୨)। ନିଖୋଜ ଯୁବକ ହେଲେ, କୋଇଲ ଗ୍ରାମ ମନମୋହନ ମହାନ୍ତଙ୍କ ପୁଅ ଇଂ.ମାନସ ମହାନ୍ତ(୨୩)।

ଶନିବାର ପୂର୍ବାହ୍ନରେ ଶମ୍ଭୁ, ମାନସ ଓ ଅନ୍ୟ ଜଣେ ସାଙ୍ଗ ରାଙ୍କିଆ ପାହାଡ଼ ନିକଟକୁ ଯାଇଥିଲେ। ସେଠାରେ ଥିବା ଏକ ପାହାଡ଼ ଖୋଲରେ ମାନସ ଓ ଶମ୍ଭୁ ଗାଧୋଉଥିବା ବେଳେ ଦୁହେଁ ହଠାତ୍ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ସହ ଥିବା ବୁଦୁରୁ ନାମକ ନାବାଳକ ଫୋନ୍ କରି ଗାଁଲୋକଙ୍କୁ ଖବର ଦେବା ପରେ ଘଟଣା ପଦାକୁ ଆସିଥିଲା। ଗାଁ ଲୋକଙ୍କଠାରୁ ସୂଚନା ପାଇ ସୁକିନ୍ଦା ଓ ଭୁବନ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ଦୀର୍ଘ ୬ ଘଣ୍ଟା ଧରି ଖୋଜାଖୋଜି କରିବା ପରେ ଶମ୍ଭୁର ମୃତଦେହ ଉଦ୍ଧାର କରିଥିଲେ। ମାନସ ଏବେ ବି ନିଖୋଜ ଥିବା ଜଣାପଡ଼ିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



# ଡୁଡୁମାରେ ଭାସିଗଲେ ୟୁ-ଟ୍ୟୁବର୍

**ଲମତାପୁଟ,୨୩।୮ (ସମିସ):** କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ୍‌ରେ ଥିବା ଡୁଡୁମା ଜଳପ୍ରପାତରେ ଭାସି ଜଣେ ୟୁଟ୍ୟୁବର୍ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଯୁବକଜଣଙ୍କ ହେଲେ, ବ୍ରହ୍ମପୁରର ସାଗର ଟୁଡୁ। ସୂଚନାନୁଯାୟୀ, ସାଗର ଓ କଟକର ଅଭିଜିତ ବେହେରା ଡୁଡୁମା ଜଳପ୍ରପାତ ଭିତରକୁ ଯାଇ ଡ୍ରୋନ୍ ସାହାଯ୍ୟରେ ଭିଡିଓ ସୁଟିଂ କରୁଥିଲେ। ଏହି ସମୟରେ ମାଛକୁଣ୍ଡ ଡି-ଡ୍ୟାମର ଗେଟ୍ ଖୋଲିଥିଲା। ଫଳରେ ହଠାତ୍ ଜଳସ୍ତର ବଢ଼ିଯାଇଥିଲା। ପର୍ଯ୍ୟଟକ ପାଣି ମାଡ଼ି ଆସୁଥିବା ଦେଖି ପାଟି କରିବାରୁ ଅଭିଜତ ଜଳପ୍ରପାତ ମଧ୍ୟରୁ ବାହାରି ଆସିଥିଲେ। କିନ୍ତୁ ସାଗର ସ୍ରୋତରେ ଭାସିଯାଇ ଜଳପ୍ରପାତ ଉପରୁ ପ୍ରାୟ ୫-୫୦ ଫୁଟ୍ ତଳକୁ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ମାଛକୁଣ୍ଡ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି। ଉଦ୍ଧାର କାର୍ଯ୍ୟ ପାଇଁ ଲମତାପୁଟ ଦମକଳବାହିନୀ ମଧ୍ୟ ପହଞ୍ଚିଥିବା ସୂଚନା ମିଳିଛି।

# ଶ୍ରୀମନ୍ଦିର ପରିସରରେ ହେବ ସ୍ତନ୍ୟପାନ ଗୃହ

■ ଗୃହରେ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ରହିବେ
■ ଗୃହରେ ଗୋପନୀୟତା, ପରିମଳ ଉପରେ ଦୃଷ୍ଟି ଦିଆଯିବ

ପୁରୀ, ୨୩।୮ (ସମିସ): ଛୋଟ ଶିଶୁଙ୍କୁ ନେଇ ଶ୍ରୀମନ୍ଦିରକୁ ଆସୁଥିବା ମା'ମାନେ କେଉଁ ଜାଗାରେ ପିଲାକୁ ସ୍ତନ୍ୟପାନ କରାଇବେ, ସେ ନେଇ ଚିନ୍ତାରେ ପଡୁଥିଲେ। ଲୋକଙ୍କ ଗହଳି ଭିତରେ ସେମାନେ ଅସହଜ ମନେ କରୁଥିଲେ। ଏଣିକି ମା'ମାନଙ୍କର ଏହି ଚିନ୍ତା ଦୂର ହେବ। ଶ୍ରୀମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ସ୍ତନ୍ୟପାନ ଗୃହ କରାଯିବାକୁ ଯୋଜନା କରିଛି ମନ୍ଦିର ପ୍ରଶାସନ। ଏହି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ଶ୍ରୀମନ୍ଦିର ପରିସରରେ ପ୍ରଶାସନର ଶାଖା କାର୍ଯ୍ୟାଳୟ ନିକଟରେ ଏହା କାର୍ଯ୍ୟକ୍ଷମ ହେବାକୁ ନିଷ୍ପତ୍ତି ହୋଇଛି। ସମ୍ପୃକ୍ତ ଗୃହରେ ଗୋପନୀୟତା, ପରିମଳ ଏବଂ ମା' ତଥା ଶିଶୁଙ୍କ ସ୍ୱାଚ୍ଛନ୍ଦ୍ୟ ଉପରେ ଦୃଷ୍ଟି ଦିଆଯିବ। ଏହି ଗୃହ ସକାଶେ ଜଣେ ସ୍ୱତନ୍ତ୍ର ମହିଳା ସହାୟିକା ମଧ୍ୟ ରହିବେ। ଦୀର୍ଘ ଦିନ ଧରି ଏ ନେଇ ଦାବି ହୋଇ ଆସୁଥିବା ବେଳେ ଭକ୍ତ ଶ୍ରଦ୍ଧାଳୁ ତଥା ବିଶେଷକରି ମହିଳାଙ୍କ ପ୍ରତି ଉତ୍ତରଦାୟିତ୍ୱ ନିର୍ବାହ ପାଇଁ ଏହି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ଅନ୍ୟପକ୍ଷରେ ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ହେବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

# ସୋୟାବିନ୍: ବ୍ୟବହାର ବଢୁଛି; ଉତ୍ପାଦନ ନାହିଁ

ଭୁବନେଶ୍ୱର, ୨୩।୮ (ସମିସ): ରାଜ୍ୟରେ ସୋୟାବିନର ବ୍ୟବହାର ଦିନକୁ ଦିନ ବୃଦ୍ଧି ପାଉଛି। ବିଶେଷକରି ନିରାମିଷାସୀମାନେ ଖାଦ୍ୟରେ ପୁଷ୍ଟିସାର (ପ୍ରୋଟିନ୍) ପରିମାଣ ପୂରଣ କରିବା ପାଇଁ ସୋୟାବିନ୍‌କୁ ବ୍ୟବହାର କରୁଛନ୍ତି। ତେଣୁ ସୋୟାବିନ୍ ଚାଷ ପାଇଁ ଚାଷୀଙ୍କ ଭିତରେ ଆଗ୍ରହ ବଢୁଛି। ମାତ୍ର ଆବଶ୍ୟକ ସରକାରୀ ପ୍ରୋତ୍ସାହନ ଓ ସଚେତନତା ନଥିବା ଯୋଗୁଁ ଆଗ୍ରହ ଥିବା ସତ୍ତ୍ୱେ ଚାଷୀମାନେ ଚାଷ କରିପାରୁନାହାନ୍ତି। ତେଣୁ, ରାଜ୍ୟର ଖାଉଟିମାନେ ସଂପୂର୍ଣ୍ଣ ଭାବେ ବାହାର ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ଛତିଶଗଡ଼ ଓ ମଧ୍ୟପ୍ରଦେଶରୁ ଆମଦାନୀ କରିବାକୁ ପଡୁଥିବା ବ୍ୟବସାୟୀମାନେ କହିଛନ୍ତି। କିନ୍ତୁ, ସରକାର ଏହା ଉପରେ ଦୃଷ୍ଟି ଦେଲେ, ଓଡ଼ିଶା ଜଳବାୟୁରେ ସୋୟାବିନ୍ ଚାଷ ହୋଇପାରିବ ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି।

ଭାରତର ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର ଓ ରାଜସ୍ଥାନରେ ଅଧିକ ସୋୟାବିନ ଚାଷ ହୋଇଥାଏ। ୨୦୧୧ରୁ ଓଡ଼ିଶାରେ ସୋୟବିନ ଚାଷ ପାଇଁ ସରକାରୀସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। ମାତ୍ର ସରକାରୀ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଚାଷ ଆରମ୍ଭ ହେଉ ହେଉ ବନ୍ଦ ହୋଇଗଲା। ନଚେତ ଅନ୍ୟ ରାଜ୍ୟରୁ ପ୍ରାୟ ୪୦ରୁ ୫୦କିସମର ବିହନ ଆଣି ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ କେବଳ ଏମ୍ଏସ୍ -୧୪୬୦, ଆର୍‌ଏସ୍‌ସି ୧୦-୪୬, ଆର୍‌ଏସ୍‌ସି ୧୧- ୦୭, ଜେଏସ୍ ୨୦-୧୧୬, ଏନ୍‌ଆର୍‌ସି -୧୨୮ କିସମ ସୋୟାବିନ ବିହନ ଓଡ଼ିଶା ମାଟିରେ ଚାଷ ପାଇଁ ଉପଯୋଗୀ ବୋଲି ପରୀକ୍ଷାରୁ ଜଣାପଡ଼ିଥିଲା। ୨୦୧୧ ମସିହା ପରେ ସରକାରୀ ଭାବେ ସୋୟାବିନ ଚାଷ ଓଡ଼ିଶାରେ ହେଉ ନଥିବା ଯୋଗୁ ଅଧିକ ଗବେଷଣା ପାଇଁ ସୁଯୋଗ ମିଳିପାରୁନାହିଁ। ରାଜ୍ୟ ବାହାରରୁ ସୋୟାବିନ ଆମଦାନୀ ହେଉଥିଲେ ମଧ୍ୟ ସରକାରୀସ୍ତରରେ ଏନେଇ କୌଣସି ଉଦ୍ୟମ ହେଉନାହିଁ। ସୋୟାବିନରେ ପ୍ରାୟ ୨୦ ପ୍ରତିଶତ ତେଲ ଅଂଶ ଥିବା ବେଳେ ୪୦ ପ୍ରତିଶତ ପ୍ରୋଟିନ୍ ଅଂଶ ରହିଛି। ଲୋକଙ୍କ ମଧ୍ୟରେ ସୋୟାବିନ ବଡି, ସୋୟାବିନ ତେଲ ଓ ସୋୟାବିନ ପନିରର ଆଦର ବୃଦ୍ଧି ପାଉଛି। ଓଡ଼ିଶାର ଏକ ଗବେଷଣା ଟିମ୍ ଛତିଶଗଡ଼ ଓ ମଧ୍ୟପ୍ରଦେଶ ଗସ୍ତରେ ଯାଇ ଅନୁଧ୍ୟାନ କରି ଆସିଥିଲେ। କିନ୍ତୁ ଏହାପରେ ମଧ୍ୟ ସରକାରୀସ୍ତରରେ କୌଣସି ଉଦ୍ୟମ ହେଉନଥିବା ଚାଷୀ ଅଭିଯୋଗ କରିଛନ୍ତି। ସୋୟାବିନ ଚାଷ ହେଉ ନଥିବା ଯୋଗୁଁ ଏହାର ଗବେଷଣା ମଧ୍ୟ ଆଣ୍ଠେଇବାରେ ଲାଗିଛି। ସୋୟାବିନ୍ ଚାଷ ପାଇଁ ନାତିଶୀତୋଷ୍ଣ ଜଳବାୟୁ ଉପଯୋଗୀ।



**ଚାଷୀଙ୍କ ଆଗ୍ରହ ଅଛି; ସହଯୋଗ ମିଳୁନି**

ଏ ସଂପର୍କରେ କୃଷି ଗବେଷକ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ସୋୟାବିନ ଚାଷରୁ ସୋୟା ବଡି, ସୋୟା କ୍ଷୀର, ସୋୟା ପନିର୍ ଭଳି ଜିନିଷ ଉତ୍ପାଦନ ହୋଇପାରିବ। ଏହା ଏକ ତୈଳବୀଜ ଫସଲ ଏବଂ ଏହା ଦେଶର ଅନେକ ରାଜ୍ୟରେ ଚାଷ କରାଯାଉଛି। ଭାରତ ପ୍ରତିବର୍ଷ ପ୍ରାୟ ୧୨ନିୟୁତ ଟନ୍ ସୋୟାବିନ୍ ଉତ୍ପାଦନ କରୁଛି। ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଝାଡ଼ଖଣ୍ଡ ରାଜ୍ୟରେ ବହୁ ପରିମାଣରେ ଚାଷ କରାଯାଉଛି। ସୋୟାବିନ୍ ବିହନ ଜୁନ୍ ମାସରୁ ବୁଣାଯାଏ। ବମ୍ପର୍ ଅମଳ ପାଇଁ କୃଷକମାନଙ୍କ ପାଇଁ ଏହାର ଉନ୍ନତ କିସମ ଏବଂ ବିହନ ବୁଣିବାର ସଠିକ୍ ପଦ୍ଧତି ବିଷୟରେ ଜ୍ଞାନ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବଜାରରେ ସୋୟାବିନ୍ ତେଲର ବହୁତ ଚାହିଦା ଅଛି। ଯେଉଁଥିପାଇଁ ଚାଷୀ ଏହି ଚାଷ କଲେ ଲାଭବାନ ହେବ। ଓଡ଼ିଶା ଚାଷୀମାନେ ଅନ୍ୟ ତୈଳବୀଜ ଫସଲ ଭଳି ସୋୟାବିନ୍ ଚାଷ ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି।

# ସପ୍ଲିମେଣ୍ଟାରୀ ପରୀକ୍ଷା ଖାତା ପୁନଃ ଯାଞ୍ଚ ଆବେଦନ ୨୫ରୁ

କଟକ, ୨୩।୮ (ସମିସ): ୨୦୨୫ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାର ଉଭୟ ଅବଜେକ୍ଟିଭ ଓ ସବଜେକ୍ଟିଭ ବିଷୟରେ ମାର୍କ ଯାଞ୍ଚ ଓ ପରୀକ୍ଷା ଖାତାର ସ୍କାନ କପି ପାଇବା ପାଇଁ ଅଫଲାଇନରେ ଆବେଦନ ଗ୍ରହଣ କରାଯିବ। ଆସନ୍ତା ୨୫ ତାରିଖରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ମାଧ୍ୟମିକ ଶିକ୍ଷା ପରିଷଦର ମୁଖ୍ୟ କାର୍ଯ୍ୟାଳୟରେ ଆବେଦନ କରିବାକୁ କୁହାଯାଇଛି। ଆବେଦନ କରିବା ପାଇଁ ଦରଖାସ୍ତ ଫର୍ମାଟ୍ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ ହୋଇଛି। ଏହାର ସଫ୍ଟକପି ଡାଉନଲୋଡ୍ କରି ନିର୍ଦ୍ଧାରିତ ଦେୟ ସହ ଆବେଦନ କରିପାରିବେ। ବୋର୍ଡ କର୍ତ୍ତୃପକ୍ଷ ଯାଞ୍ଚ ପ୍ରକ୍ରିୟାକୁ ସମାପ୍ତ କରି ସଂଶୋଧିତ ମାର୍କ ପ୍ରଦାନ କରିବେ ଏବଂ ଆବେଦନକାରୀମାନେ ବୋର୍ଡର ଉପରୋକ୍ତ ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ। ଏ ସମ୍ବନ୍ଧୀୟ ତଥ୍ୟ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯିବ। ସେହିଭଳି ଖାତାର ଅବିକଳ ନକଲ, ଆବେଦନକାରୀମାନଙ୍କୁ ଡାକ ମାଧ୍ୟମରେ ପ୍ରେରଣ କରାଯିବ।

# ପୁରୀ-ସାତପଡ଼ା ରାସ୍ତାରେ ଗାଈଗୋରୁଙ୍କ ଦୌରାତ୍ମ୍ୟ

ବ୍ରହ୍ମଗିରି,୨୩।୮ (ସମିସ):

ହିନ୍ଦୁ ଧର୍ମର ଲୋକମାନେ ଗାଈଗୋରୁଙ୍କୁ ମା' ବୋଲି କହୁଥିଲେ। ଯଦି କୌଣସି ପରିବାରର ଗୋଟିଏ ଗାଈ ହଜିଯାଏ, ତାହେଲେ ସେହି ପରିବାରର ଗୋଟିଏ ଲୋକ ଗାଈଟି ନ ମିଳିବା

## ପ୍ରଶାସନ ସାଜିଛି ନୀରବଦ୍ରଷ୍ଟା

ପର୍ଯ୍ୟନ୍ତ ଉପବାସରେ ରୁହେ। ଦିନ ଥିଲା ଗାଈଗୋରୁ ଚାଷ ଓ ଚାଷୀମାନଙ୍କ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିଥିଲା। ହିନ୍ଦୁ ଧର୍ମର ଲୋକେ ଗାଈ ଓ ଷଣ୍ଢଙ୍କୁ ପୂଜା କରାଯାଉଥିଲା। ବର୍ତ୍ତମାନ ପରିବର୍ତ୍ତିତ ଯୁଗରେ ଗୋ-ସମାଜ ଅଲୋଡ଼ା ହୋଇଛନ୍ତି। ଗାଈଗୋରୁଙ୍କର ଆବଶ୍ୟକତା ନ ଥିବାରୁ ଲୋକମାନେ ଦାଣ୍ଡ ଓ ରାସ୍ତାରେ ଛାଡ଼ି ଦେଉଛନ୍ତି। ଖାଦ୍ୟ ଓ ବାସସ୍ଥାନ ନ ପାଇ ଚାଷଜମି ଓ ପରିବା ବାଡ଼ିରେ ପଶିବା ସହ ରାସ୍ତା ଉପରେ ଚଳପ୍ରଚଳ କରୁଛନ୍ତି। ଏହାକୁ ନେଇ ବ୍ରହ୍ମଗିରି ଅଞ୍ଚଳରେ ଚାଷକାର୍ଯ୍ୟ ଓ ଯାତାୟାତରେ ଅନେକ ସମସ୍ୟା ସୃଷ୍ଟି ହୋଇଛି। ଯେହେତୁ ପୁରୀ ଜିଲ୍ଲା ଏକ ପର୍ଯ୍ୟଟନ କ୍ଷେତ୍ର ନାମରେ ପରିଚିତ ହୋଇଛି। ତାହା ମଧ୍ୟରେ ପୁଣି ବ୍ରହ୍ମଗିରି ହେଉଛି ପର୍ଯ୍ୟଟକଙ୍କ ଆକର୍ଷଣର ପେଣ୍ଠସ୍ଥଳି; ସେଥିପାଇଁ ଦେଶ ଓ ବିଦେଶର ବହୁତ ପର୍ଯ୍ୟଟକ ଏଠାକୁ ଆସିଥା'ନ୍ତି। କିନ୍ତୁ



ଦୁଃଖର ବିଷୟ ହେଉଛି, ପୁରୀ-ସାତପଡ଼ା ଜାତୀୟ ରାଜପଥରେ ଗାଈଗୋରୁଙ୍କ ପ୍ରାଦୁର୍ଭାବ ଯୋଗୁଁ ଲୋକେ ବହୁତ ହଇରାଣ ହରକତ ହେଉଛନ୍ତି। ଯାତାୟାତରେ ବହୁ ଅସୁବିଧା ସୃଷ୍ଟି ହେଉଛି।

ପୁରୀଠାରୁ ସାତପଡ଼ା ୩୧୬ ନମ୍ବର ଜାତୀୟ ରାଜପଥ ମାତ୍ର ୪୮ କିଲୋମିଟର। କିନ୍ତୁ ଏହି ରାସ୍ତାକୁ ଗାଈଗୋରୁ ଅବରୋଧ କରୁଥିବା ଯୋଗୁଁ ଅତିକ୍ରମ କରିବା ପାଇଁ ପ୍ରାୟ ୩ରୁ ୪ ଘଣ୍ଟା ସମୟ ଲାଗିଯାଉଛି। ଅନେକ ସମୟରେ ମଧ୍ୟ ବିଭିନ୍ନ ସ୍ଥାନରେ ଗାଈଗୋରୁଙ୍କ ଦ୍ୱାରା ଦୁର୍ଘଟଣା ଘଟି କେତେବେଳେ ମଣିଷ ଜୀବନ ତ କେତେବେଳେ ଗାଈଗୋରୁଙ୍କ ଜୀବନ ଚାଲିଯାଉଛି। ସନ୍ଧ୍ୟା ୬ଟା ହୋଇଗଲେ ଏମିତିକି ପୁରୀ-ସାତପଡ଼ା ରାସ୍ତାରେ ଗାଡ଼ିମୋଟର ଯାତାୟାତ କରିବାରେ ବହୁ କଷ୍ଟକର ହୋଇଯାଉଛି। ଅପରପକ୍ଷରେ ବ୍ରହ୍ମଗିରି ମୁଖ୍ୟ ବଜାର ସମେତ ଗୋରୁଆଳ, ରେବଣା ନୂଆଗାଁ, କାଠୁଆରେଡି, ବ୍ଲକ୍, ବସ୍‌ଷ୍ଟାଣ୍ଡ, ସୁନାମୁହିଁ, ଯଦୁପୁର, ପଣସପଦା, ଦହିଖିଆ ଏବଂ ସାତପଡ଼ା ଛକରେ ବୁଲା ଗାଈଗୋରୁଙ୍କ ପ୍ରାଦୁର୍ଭାବ ବଢ଼ି ବଢ଼ି ଚାଲିଛି। ବିଭିନ୍ନ ଗ୍ରାମରେ ଷଣ୍ଢ ଓ ବୁଲା ଗୋରୁଙ୍କ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଇଲାଣି। ବୁଲାଗୋରୁମାନେ ରାସ୍ତାକୁ ନିଜ କବ୍‌ଜା ନେବା ସହ ଚାଷୀଙ୍କ ବିଭିନ୍ନ ଫସଲ ଖାଇ ନଷ୍ଟ କରୁଛନ୍ତି। ବର୍ତ୍ତମାନ ବୁଲା ଷଣ୍ଢ ଓ ଗୋରୁ ଜମିରେ ପଶି କ୍ଷତିର ପରିମାଣକୁ ବଢ଼ାଇ ଦେଇଛନ୍ତି। ଏହାକୁ ନେଇ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଏନେଇ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ହେଁ କୌଣସି ସୁଫଳ ମିଳିପାରି ନାହିଁ। ଗାଈଗୋରୁଙ୍କଠାରୁ ଚାଷଜମିକୁ ସୁରକ୍ଷା ଯୋଗାଇବା ଓ ଗାଁରେ ଗୋଶାଳା ନିର୍ମାଣ କରି ସେମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ପାଗଳା ଷଣ୍ଢ ଆକ୍ରମଣରେ ଜଣେ ମୃତ

ବ୍ରହ୍ମଗିରି,୨୩।୮ (ସମିସ): ଗାଁ ସ୍କୁଲରୁ ନାତିକୁ ଆଣିବା ପାଇଁ ଯିବା ବାଟରେ ଛକି ବସିଥିଲା ଯମ। ଷଣ୍ଢ ଆକ୍ରମଣରେ ଜନୈକା ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପଦ୍ମପୁର ଗାଁର ସରସ୍ୱତୀ ନାୟକ (୬୫)।



ବ୍ରହ୍ମଗିରିରେ ପାଗଳା ଷଣ୍ଢ ଆତଙ୍କ ସୃଷ୍ଟି କରିଛି। ଫଳରେ ଅନେକ ଲୋକ ଆହତ ହୋଇଛନ୍ତି। ବ୍ରହ୍ମଗିରି ଥାନା ନହରପଦା ଗ୍ରାମର ରଘୁନାଥ ନାୟକଙ୍କ ପରିବାର ଦୀର୍ଘ ଦିନ ଧରି ପଦ୍ମପୁରରେ ବସବାସ କରିଆସୁଥିଲେ। ପଦ୍ମପୁର ନିକଟ ଅଲାରପୁର ୟୁ.ପି ସ୍କୁଲରୁ ନିଜ ନାତିକୁ ଆଣିବା ପାଇଁ ସରସ୍ୱତୀ ଯାଉଥିବାବେଳେ ବାଟରେ ଏକ ପାଗଳା ଷଣ୍ଢ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ବିଭାଗ ଷଣ୍ଢକୁ ଉଦ୍ଧାର କରିଛି।

## କୃଷି ବିଭାଗ ପକ୍ଷରୁ ସାର ଦୋକାନରେ ଚଢ଼ଉ



ପିପିଲି,୨୩।୮ (ସମିସ): ପୁରୀ ଜିଲ୍ଲା କୃଷି ଅଧିକାରୀ, ସାକ୍ଷୀଗୋପାଳଙ୍କ ନେତୃତ୍ୱରେ ସହକାରୀ କୃଷି ଅଧିକାରୀ ପିପିଲି ଏବଂ ଯୋଜନା ଅଧିକାରୀ, ସାକ୍ଷୀଗୋପାଳଙ୍କୁ ନେଇ ଏକ ତିନି ଜଣିଆ ଟିମ୍ ପକ୍ଷରୁ ପିପିଲି ବ୍ଲକ୍‌ର ବିଭିନ୍ନ ସାର ଓ କୀଟନାଶକ ଦୋକାନରେ ଚଢ଼ଉ କରାଯାଇଛି। ଚଳିତ ଖରିଫ୍ ଋତୁରେ ସାରର କୃତ୍ରିମ ଅଭାବ ଓ କଳାବଜାରୀ ରୋକିବା ନିମନ୍ତେ ଏବଂ କୃଷକମାନଙ୍କୁ ନିର୍ଦ୍ଧାରିତ ମୂଲ୍ୟରେ ଆବଶ୍ୟକୀୟ ପରିମାଣର ସାର ଓ ଔଷଧ ଯୋଗାଇଦେବା ପାଇଁ ଏହି ଚଢ଼ଉ କରାଯାଇଛି। ପିଓଏସ୍ ମେସିନ୍ ଏବଂ ଗଚ୍ଛିତ ସାର ମଧ୍ୟରେ ତାରତମ୍ୟ ଥିବା ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଦିଆଯିବା ସହ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦରରେ ସାର ବିକ୍ରୟ ନ କରିବା ପାଇଁ କଡ଼ା ତାଗିଦ୍ କରାଯାଇଛି। ସରକାରୀ ନିର୍ଦ୍ଦେଶ ଅନୁସାରେ ଏହି ଚଢ଼ଉର ବିବରଣୀ ଇ-ଲାଇସେନ୍ସିଂ ଆପ୍‌ରେ ମଧ୍ୟ ଅପ୍‌ଲୋଡ୍ କରାଯାଉଛି। ଚାଷୀମାନେ ଯେପରି ସାର ଓ ଦରକାରୀ କୀଟନାଶକ ପାଇବାରେ ସମସ୍ୟାରେ ନ ପଡ଼ିବେ ସେଥିପାଇଁ ଆଗକୁ ଏହି ସ୍କ୍ୱାଡ୍ ଦ୍ୱାରା ଚଢ଼ଉକୁ ଆହୁରି ବ୍ୟାପକ କରାଯିବ ଓ ନିୟମ ଉଲ୍ଲଂଘନ କରୁଥିବା ବ୍ୟବସାୟୀଙ୍କ ଲାଇସେନ୍ସ ମଧ୍ୟ ରଦ୍ଦ କରାଯିବ ବୋଲି କୃଷି ଜିଲ୍ଲା ଅଧିକାରୀ ଡ. ପରେଶ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ୧୭ତମ ଗ୍ରାମୀଣ ପ୍ରିମିୟର୍ ଲିଗ୍ ଉଦ୍‌ଘାଟିତ

ପିପିଲି,୨୩।୮ (ସମିସ): କୋଏମ୍ବାଟୁରଠାରେ ଥିବା ଇଶା ଫାଉଣ୍ଡେସନ ପକ୍ଷରୁ ଶନିବାରଠାରୁ ପିପିଲି ପଦାପଡ଼ିଆଠାରେ ୧୭ତମ ଗ୍ରାମୀଣ ପ୍ରିମିୟର୍ ଲିଗ୍-୨୦୨୫ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଫାଉଣ୍ଡେସନ ପକ୍ଷରୁ ସମଗ୍ର ଭାରତ ବର୍ଷରେ ଗ୍ରାମୋତ୍ସବ ତଥା କ୍ରୀଡ଼ା ଉତ୍ସବର ଆୟୋଜନ କରାଯାଉଛି। ଗ୍ରାମାଞ୍ଚଳର ଯୁବକଯୁବତୀମାନେ ସାମାଜିକସ୍ତରରେ ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଉଥିବାରୁ ସେମାନଙ୍କୁ ସାମାଜିକସ୍ତରରେ ବାନ୍ଧି ରଖିବା ପାଇଁ ଇଶା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ଏହି କ୍ରୀଡ଼ା କାର୍ଯ୍ୟକ୍ରମରେ ପୁରୁଷଙ୍କ ପାଇଁ ଭଲିବଲ୍ ଏବଂ ମହିଳାଙ୍କ ପାଇଁ ଥ୍ରୋ ବଲ୍ ରଖାଯାଇଛି। ୨୩ ଓ ୨୪ ତାରିଖ ଦୁଇଦିନ ଧରି ଏହି କ୍ରୀଡ଼ା ଅନୁଷ୍ଠିତ ହେଉଛି। ଓଡ଼ିଶାର ପୁରୀ ଜିଲ୍ଲାର ପିପିଲିକୁ କ୍ଲଷ୍ଟରସ୍ତରୀୟ ଭାବେ ମନୋନୀତ କରାଯାଇଛି। ତେବେ ଭଲିବଲ୍ ଖେଳିବାକୁ ୧୨୦ଟି ଟିମ୍ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୫୬ଟି ଟିମ୍‌କୁ ଖେଳିବା ପାଇଁ ମନୋନୀତ କରାଯାଇଥିଲା। ୪୬ଟି ଟିମ୍ ଏହି କ୍ରୀଡ଼ାରେ ଭାଗ ନେଇଛନ୍ତି। ସେହିଭଳି ଥ୍ରୋ ବଲ୍‌ରେ ୧୬ଟି ଟିମ୍ ପଞ୍ଜୀକରଣ କରିଥିବାବେଳେ ୪ଟି ଟିମ୍ ଖେଳିବା ପାଇଁ ମନୋନୀତ କରାଯାଇଛି। ଉକ୍ତ ପ୍ରତିଯୋଗିତା ଶନିବାର ସକାଳ ୬ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ କେବଳ ଭଲିବଲ୍ ଖେଳ ହୋଇଥିଲା। ରବିବାର ୨୩ଟି ଭଲିବଲ୍ ଟିମ୍ ଏବଂ



ମନୋନୀତ ହୋଇଥିବା ଥ୍ରୋ ବଲ୍ ମହିଳାମାନେ ଖେଳିବେ। ଏଥିରେ ଉନ୍ନୀତ ହୋଇଥିବା ଦଳ ଡିଭିଜନ୍‌ରେ ତଥା କିଟ୍ କଲେଜରେ ଖେଳିବେ। ଏଥିରେ ୪ଟି ପ୍ରାଇଜ୍ ରଖାଯାଇଛି। ପ୍ରଥମ ୧୦ ହଜାର, ଦ୍ୱିତୀୟ ୭ ହଜାର, ତୃତୀୟ ୫ ହଜାର ଏବଂ ଚତୁର୍ଥ ୩ ହଜାର ଟଙ୍କା ରଖାଯାଇଛି। ଆସନ୍ତା ସେପ୍ଟେମ୍ବର ୨୧ ତାରିଖରେ କୋଏମ୍ବାଟୁର୍‌ରେ ଇଶା ଯୋଗକେନ୍ଦ୍ରରେ ଏହାର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ସୋନିକା ସାହୁ, ଶୁଭ୍ରା ବେଉରା, ପ୍ରଜ୍ଞାସ୍ମିତା ରାଉତ, ସୁମନା ଦାଶ, ବିନୋଦ ବିହାରୀ ପାତ୍ର, ତୁଷାର ବରଣ ସାହୁ, ଦ୍ୱିତୀକ୍ରିଷ୍ଟା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ନୂଆଗାଁରେ ଥମୁନି ଜୁଆଖେଳ

ନୟାହାଟ,୨୩।୮ (ସମିସ): ବାରମ୍ବାର ଖବର ପ୍ରସାରଣ ପରେ ବି ନୂଆଗାଁରେ ଥମିବାର ନାଁ ଧରୁନି ବେଧଡ଼କ ଜୁଆ ଖେଳ। କିଏ ସେ ଟାଣୁଆ ଅଧିକାରୀ ଯାହାଙ୍କ ନିର୍ଦ୍ଦେଶରେ ଚାଲିଛି ଜୁଆ ଖେଳ। ନୟାହାଟ ନିକଟସ୍ଥ ଭୋଦର ପଞ୍ଚାୟତ ଅଧୀନ ନୂଆଗାଁରେ ପ୍ରତ୍ୟହ ବେଧଡ଼କ ଜୁଆଖେଳ ଚାଲୁଛି। ଖବର ପ୍ରସାରଣ ପରେ ମାତ୍ର ୨/୩ ଦିନ ଖେଳ ବନ୍ଦ ପରେ ପୁଣି ଆରମ୍ଭ ହୋଇଗଲାଣି। ନା ଅଛି ଆଇନକୁ ଭୟ ନା ପ୍ରଶାସନକୁ। ଏଠି ପ୍ରଶ୍ନ ଉଠୁଛି କ'ଣ ଥାନା ଅଧିକାରୀଙ୍କ ଜାଣତରେ ଚାଲିଛି କି ଜୁଆଖେଳ। ଥାନାଠାରୁ ମାତ୍ର କିଛି ମିଟର ଦୂରରେ ଚାଲିଛି ଖେଳ। ତେବେ ଥାନା ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଜୁଆଖେଳର ମାଷ୍ଟର ମାଇଣ୍ଡ୍‌କୁ ତୁରନ୍ତ ଗିରଫ କରିବା ସହ ଖେଳାଳିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସ୍ଥାନୀୟ ମୁରବୀ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି।

## 'ଆସ ସ୍କୁଲ ଯିବା' ବିଦ୍ୟାଳୟସ୍ତରୀୟ ସଚେତନତା ପଦଯାତ୍ରା

କଣାସ,୨୩।୮ (ସମିସ): ଅଧାରୁ ପାଠ ଛାଡ଼ି ଘରେ ରହିଯାଉଥିବା ଛାତ୍ରଛାତ୍ରୀମାନଙ୍କୁ ପୁନଶ୍ଚ ବିଦ୍ୟାଳୟକୁ ଫେରାଇ ଆଣିବା ଲକ୍ଷ୍ୟରେ ସାରା ରାଜ୍ୟରେ ବିଦ୍ୟାଳୟସ୍ତରରେ ଅନୁଷ୍ଠିତ ହେଉଥିବା 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ପୁରୀ ଜିଲ୍ଲା କଣାସ ବ୍ଲକ୍‌ରେ ଫଳପ୍ରଦ ହେଉଥିବା ପରିଲକ୍ଷିତ ହେଉଛି। ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ କଣାସ ବ୍ଲକ୍ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଣାସ ବ୍ଲକ୍‌ରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଓ ଲୋକ ପ୍ରତିନିଧିମାନେ ଅଂଶଗ୍ରହଣ କରି ବିଦ୍ୟାଳୟ ଛାଡୁଥିବା ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ତତ୍ପରତା ପ୍ରକାଶ କରିଛନ୍ତି। ୧୮ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ଯୋଗୁଁ ବିଦ୍ୟାଳୟ ଛାଡୁଥିବା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ, କ୍ଲଷ୍ଟର୍ ତଥା




ବ୍ଲକ୍‌ସ୍ତରୀୟ 'ଆସ ସ୍କୁଲ ଯିବା' କମିଟିର ସଦସ୍ୟମାନେ ସଭା, ପଦଯାତ୍ରା ମାଧ୍ୟମରେ ଅଭିଭାବକମାନଙ୍କୁ ସଚେତନ କରାଉଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଏହି ବ୍ଲକ୍ ଅନ୍ତର୍ଗତ ଗଡ଼ବଡ଼ପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଆସ ସ୍କୁଲ ଯିବା ସଚେତନତା ପଦଯାତ୍ରାରେ ସ୍ଥାନୀୟ ସରପଞ୍ଚ ଶ୍ରୀୟଙ୍କା ଗୁମାନସିଂହ, ସିଆର୍‌ସିସି ଭୂପତି ତ୍ରିପାଠୀ, ପରିଚାଳନା କମିଟି ସଭାପତି ବିରାଟ ବଳିୟାରସିଂହ ପ୍ରମୁଖ ଗଡ଼ବଡ଼ପୁଟ ଗ୍ରାମ ପରିଭ୍ରମଣ କରି ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଶିକ୍ଷକଶିକ୍ଷୟିତ୍ରୀ ପୀତବାସ ବରାଳ, ପୀତବାସ ସୁନା, ବୀରବର ବେହେରା, ନୀଳମାଧବ ସ୍ୱାଇଁ, ସୂର୍ଯ୍ୟ ନାରାୟଣ ସେଠୀ, ଶେଷଦେବ ବେହେରା, ଦୀପ୍ତିମୟୀ ସାହୁ ପ୍ରମୁଖ ଏହି ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ।

## ସାଇପ୍ରୀତମ୍ ବିଜେପିର ନଗର ଯୁବମୋର୍ଚ୍ଚା ସଭାପତି

ନିମାପଡ଼ା,୨୩।୮ (ସମିସ): ନିମାପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ମଣ୍ଡଳ ସଭାପତିଙ୍କ ନାଁ ଘୋଷଣା କରାଯାଇଥିବାବେଳେ ସାଇପ୍ରୀତମ୍ ପଟ୍ଟନାୟକଙ୍କୁ ନଗର ଯୁବମୋର୍ଚ୍ଚା ସଭାପତି ଭାବେ ମନୋନୀତ କରାଯାଇଛି। ଯୁବକମାନଙ୍କୁ ସଂଗଠିତ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ସେ ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦର ଯୁବକମାନଙ୍କ ସମସ୍ୟାର ସମାଧାନ ଉପରେ ନିଷ୍ଠାପର ସହ କାର୍ଯ୍ୟ କରିବେ ବୋଲି ସେ ପ୍ରକାଶ କରିଛନ୍ତି। ସାଇପ୍ରୀତମ୍‌ଙ୍କୁ ନଗର ଯୁବମୋର୍ଚ୍ଚା ସଭାପତି କରାଯାଇଥିବାରୁ ସେ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ନଗର ସଭାପତି ନିରଞ୍ଜନ ନାୟକ, ସାଂସଦଙ୍କ ନଗର ପ୍ରତିନିଧି ମୀନଲତା ମହାନ୍ତ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।



## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗୀ ଚୟନ ଶିବିର

ସାକ୍ଷୀଗୋପାଳ,୨୩।୮ (ସମିସ): ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ ପରିସରରେ ଶନିବାର ସତ୍ୟବାଦୀ ବ୍ଲକ୍‌ସ୍ତରୀୟ ହ୍ୟାଣ୍ଡବଲ୍, ଉସ, ଟାଏକ୍ୱୋଣ୍ଡୋ ବିଭାଗର ଏକ ପ୍ରତିଯୋଗୀ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକ୍‌ର ୨୫ଟି ହାଇସ୍କୁଲର ୧୩୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସତ୍ୟବାଦୀ ବ୍ଲକ୍ କ୍ରୀଡ଼ା ସଭାପତି ତଥା ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ କ୍ରୀଡ଼ା ଉପସଭାପତି ତଥା ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅମିତା ସେନାପତି ଉଦ୍‌ଘାଟନ କରିଥିଲେ। ଅଂଶଗ୍ରହଣ କରିଥିବା ସମସ୍ତ ବିଦ୍ୟାଳୟର



ଶାରୀରିକ ଶିକ୍ଷା ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋପୀନାଥଦେବ ବିଦ୍ୟାପୀଠର ଶାରୀରିକ ଶିକ୍ଷା ଶିକ୍ଷକ ଦାମୋଦର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପଞ୍ଚସଖା ବିଦ୍ୟାପୀଠ ବନପୁର ଶିକ୍ଷକ ଲିଙ୍ଗରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗକୁ ଆୟୋଜିତ ହେବାକୁ ଥିବା ବିଦ୍ୟାଳୟସ୍ତରୀୟ କ୍ରୀଡ଼ାରେ ଯେଉଁଭଳି ଅଧିକରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି କ୍ରୀଡ଼ାରେ ଭଲ ପ୍ରଦର୍ଶନ କରି ଜିଲ୍ଲା ଓ ରାଜ୍ୟସ୍ତରକୁ ଉନ୍ନୀତ ହୋଇପାରିବେ ସେଥିପାଇଁ ଯତ୍ନବାନ ହେବାକୁ ବ୍ଲକ୍ ଶିକ୍ଷା ଅଧିକାରୀ ତଥା କ୍ରୀଡ଼ା ସଭାପତି କୈଳାସ ଚନ୍ଦ୍ର ପାଢ଼ୀ ଓ ଉପସଭାପତି ତଥା ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅମିତା ସେନାପତି ସମସ୍ତ କ୍ରୀଡ଼ା ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

## ପ୍ରେସ୍ କ୍ଲବ୍ ପକ୍ଷରୁ ନୂତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଅସ୍ତରଙ୍ଗ,୨୩।୮ (ସମିସ): ଅସ୍ତରଙ୍ଗ ଥାନାର ପୂର୍ବତନ ଅଧିକାରୀ ରାଜେଶ ବଳିୟାର ସିଂଙ୍କ ନିଲମ୍ବନ ପରେ ଖାଲି ଥିବା ପଦରେ ଗତ ୨୦ ତାରିଖରେ ଅସ୍ତରଙ୍ଗ ଥାନା ଅଧିକାରୀ ଭାବେ ଦୁର୍ଗାଚରଣ ମହାପାତ୍ର ଯୋଗଦେଇଛନ୍ତି। ଶନିବାର ଅସ୍ତରଙ୍ଗ ପ୍ରେସ୍ କ୍ଲବ୍ ପକ୍ଷରୁ ସଭାପତି ଶରତ ପରିଡ଼ାଙ୍କ ନେତୃତ୍ୱରେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ପାଦକ ବୃନ୍ଦାବନ ବିଶ୍ୱାଳ, କଲ୍ୟାଣ ପାଣ୍ଠିର ଅଧ୍ୟକ୍ଷ ପ୍ରମୋଦ ଦାସ, ଉପଦେଷ୍ଟା ପ୍ରତାପ ପରିଡ଼ା, ପ୍ରଶାନ୍ତ ଜେନା, ଦେବେନ୍ଦ୍ର ବିଶ୍ୱାଳ, ପ୍ରିୟବ୍ରତ ମୁଦୁଲି, ମମତା ଜେନା, ସାମାଜିକ ଗଣମାଧ୍ୟମର ସଂଯୋଜକ ଅଲେଖ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ବଜାର ପାଳିହାଟରେ ଟ୍ରାଫିକ୍ ସମସ୍ୟା, ବେଆଇନ ନିଶା କାରବାର ଆଦି ସମସ୍ୟା ଉପୁଜୁଥିବା



ସମ୍ପର୍କରେ ଅବଗତ କରାଯାଇଥିବାବେଳେ ଶ୍ରୀ ମହାପାତ୍ର କହିଥିଲେ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଟ୍ରାଫିକ୍ ସମସ୍ୟା ରୋଡ୍ ମ୍ୟାପ୍ କରାଯିବା ସହ ବେଆଇନ ନିଶା କାରବାର କରୁଥିବା ବେପାରୀ ସାବାଡ଼ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ସରକାରୀ ବିଦ୍ୟାଳୟରେ ଗଡୁଛି ଛାତ୍ରଛାତ୍ରୀଙ୍କ ନାମ

# ଘରୋଇ ବିଦ୍ୟାଳୟରେ ହେଉଛି ପାଠପଢ଼ା

ଗୋପ,୨୩।୮ (ସମିସ):

ସରକାରୀ ବିଦ୍ୟାଳୟରେ ନାଁ ଗଡୁଛି। ହେଲେ ଦିନେ ବି ବିଦ୍ୟାଳୟ ମାଟି ମାଡୁନାହାନ୍ତି ଛାତ୍ରଛାତ୍ରୀ। କିନ୍ତୁ ଉପସ୍ଥାନ ଖାତାରେ ସବୁଦିନ ଛାତ୍ରଛାତ୍ରୀମାନେ ପାଠ ପଢ଼ିବାକୁ ଆସୁଥିବା ରେକର୍ଡ କହୁଛି। କେବଳ ପରୀକ୍ଷା ସମୟରେ ଛାତ୍ରଛାତ୍ରୀମାନେ ସରକାରୀ ସ୍କୁଲରୁ ଆଡ୍‌ମିଟ୍ କାର୍ଡ ନେଇ ପରୀକ୍ଷା ଦେବାକୁ ବିଭିନ୍ନ କେନ୍ଦ୍ରକୁ ଯାଉଥିବା ଦେଖିବାକୁ ମିଳିଛି। ଘରୋଇ ସ୍କୁଲରେ ଅଷ୍ଟମ, ନବମ, ଦଶମ ଶ୍ରେଣୀରେ ପାଠ ପଢ଼ାଇବା ଲାଗି ଭିତ୍ତିଭୂମି ନ ଥିବାବେଳେ ପାଠ ପଢ଼ାଇବା ଲାଗି ମଧ୍ୟ ଅନୁମତି ନାହିଁ। ମାତ୍ର ପାଠପଢ଼ା ହେଉଛି ଘରୋଇ ବିଦ୍ୟାଳୟରେ। ଗୋପ ବ୍ଲକ୍ ଅଞ୍ଚଳରେ ଥିବା କେତେକ ଘରୋଇ ଓଡ଼ିଆ ମାଧ୍ୟମ ସ୍କୁଲରେ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି। ଉପର ଶ୍ରେଣୀ ପାଇଁ ସରକାରୀ ଅନୁମତି ନ ଥିବାରୁ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ଚିହ୍ନା ସରକାରୀ ବିଦ୍ୟାଳୟରେ ପିଲାଙ୍କୁ ନେଇ ନାମ ଲେଖାଉଛନ୍ତି। ଏଥିପାଇଁ ମୋଟା ଅଙ୍କର ଫି' ମଧ୍ୟ ଆଦାୟ କରାଯାଉଛି। ଏପରିକି ମ୍ୟାଟ୍ରିକ୍ ସାର୍ଟିଫିକେଟ୍ ଦେବା ବେଳକୁ ମନଇଚ୍ଛା ଟଙ୍କା ନିଆଯାଉଥିବା ଅନେକ ଅଭିଭାବକ ଅଭିଯୋଗ କରୁଥିବା ନଜିର ରହିଛି।

ଗୋପ ବ୍ଲକ୍ ଅଞ୍ଚଳରେ କିଛି ଘରୋଇ ସ୍କୁଲକୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଇବାକୁ ଅନୁମତି ମିଳିଛି। ହେଲେ ସେଠାରେ ନବମ ଓ ଦଶମ ଶ୍ରେଣୀ ପଢ଼ାଯାଉଛି ବୋଲି ସ୍କୁଲ୍ କର୍ତ୍ତୃପକ୍ଷ ଦାବି କରୁଛନ୍ତି। ପିଲାଙ୍କ ଅଷ୍ଟମ ଶ୍ରେଣୀ ସରିବା ମାତ୍ରେ ଅଭିଭାବକ ଏସ୍‌ଏଲ୍‌ସି (ସ୍କୁଲ୍ ଲିଭିଂ ସାର୍ଟିଫିକେଟ୍) ଦେବାକୁ ନିୟମ ରହିଥିଲେ ମଧ୍ୟ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ଏକ ସରକାରୀ ସ୍କୁଲରେ ତାଙ୍କର ଚିହ୍ନା ଅଛି, ସେଠାରେ ନାଁ ଲେଖାଯିବ ଓ ଏଠାରେ ପଢ଼ାଯିବ ବୋଲି କହି ବୁଝାଉଛନ୍ତି। ଏମିତିକି ସରକାରୀ ସ୍କୁଲରେ ନାମ ଲେଖାଇଲେ ସମସ୍ତ ସରକାରୀ ସୁବିଧା ମିଳିବ, ସେଠାରେ ଉପସ୍ଥାନ ଆମେ ଦେଖିବୁ। ପରୀକ୍ଷା ଫଳ କିପରି ଭଲ ହେବ ତାହା ଆମ ଦାୟିତ୍ୱ ବୋଲି ଘରୋଇ ସ୍କୁଲ କର୍ତ୍ତୃପକ୍ଷ ବୁଝାଇ ପଢ଼ାଇବାକୁ ବାଧ୍ୟ କରୁଛନ୍ତି। ଯଦି କୌଣସି ଅଭିଭାବକ ପ୍ରଶ୍ନ କରୁଛନ୍ତି, ଆପଣଙ୍କ ସ୍କୁଲରେ ତ ନବମ

**ଘରୋଇ ଶିକ୍ଷାନୁଷ୍ଠାନକୁ ସହଯୋଗ କରୁଛି ଅନୁଦାନପ୍ରାପ୍ତ ବିଦ୍ୟାଳୟ**

**କୁଆଡ଼େ ଯାଉଛି ମଧ୍ୟାହ୍ନଭୋଜନ ଓ ଅନ୍ୟାନ୍ୟ ଅନୁଦାନ ରାଶି**

**କାର୍ଯ୍ୟରେ ଲାଗୁନି ଇଣ୍ଟର୍‌ନେଟ୍ ସ୍ମାର୍ଟ କ୍ଲାସ୍ ରୁମ୍**

**ବାୟୋମେଟ୍ରିକ୍ ଉପସ୍ଥାନ ମେସିନ ଲଗାଇବାକୁ ଦାବି**

ଓ ଦଶମ ଶ୍ରେଣୀ ପାଇଁ ଅନୁମତି ନାହିଁ, କିପରି ଘରୋଇ ସ୍କୁଲରେ ପାଠ ପଢ଼ାଯାଉଛି। ବିଭିନ୍ନ ଆଳ ଦେଖାଇ ଓ ପିଲାଙ୍କ ରେଜଲ୍ଟ ଖରାପ ହେବ କହି ଅଭିଭାବକମାନଙ୍କୁ ବୁଝାଯାଇ ସେଠାରେ ନାମଲେଖା ଓ ଫର୍ମପୂରଣ ଫି' ଆଦି ଆଦାୟ କରଯାଉଛି। ଏପରିକି ଘରୋଇ ସ୍କୁଲ୍ କର୍ତ୍ତୃପକ୍ଷ ଖୋଲାଖୋଲି ବିଜ୍ଞାପନ ପୋଷ୍ଟର ମାରି ପିଲାଙ୍କ ନାମଲେଖା ନିମନ୍ତେ ଆହ୍ୱାନ କରୁଛନ୍ତି। ସବୁଠୁ ଆଶ୍ଚର୍ଯ୍ୟ କଥା ମ୍ୟାଟ୍ରିକ୍ ସାର୍ଟିଫିକେଟ୍ ଦେବା ବେଳକୁ ସରକାରୀ ସ୍କୁଲର ସାର୍ଟିଫିକେଟ୍ ଦସ୍ତଖତ ରେଜିଷ୍ଟର ଘରୋଇ ସ୍କୁଲକୁ ଆସୁଛି। ପିଲାମାନେ ସେଠାରୁ ସର୍ଟିଫିକେଟ୍ ନେଉଛନ୍ତି। ସରକାରୀ ସ୍କୁଲର କାଗଜପତ୍ର କିପରି ଘରୋଇ ବିଦ୍ୟାଳୟକୁ ଆସୁଛି ତାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ଅଭିଭାବକମାନେ। ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ତଦନ୍ତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଶିକ୍ଷା ବିଭାଗର ତଳସ୍ତରର ଅଧିକାରୀଙ୍କଠାରୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଏପରି ଘଟଣାରେ ହାତ ରହିଥିବାବେଳେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଶିକ୍ଷା ବିଭାଗର ଅଧିକାରୀମାନେ ବିଭିନ୍ନ ଉଚ୍ଚ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରି ଉପସ୍ଥାନ ଯାଞ୍ଚ କରୁ ନ ଥିବାରୁ ଛାତ୍ରଛାତ୍ରୀମାନେ ଘରୋଇ ସ୍କୁଲରେ ପାଠପଢ଼ି ସରକାରୀ ସ୍କୁଲରେ ଉପସ୍ଥାନ ପକାଯାଉଛି। ତତ୍‌ସହିତ ମଧ୍ୟାହ୍ନଭୋଜନ ଲାଗି ଆସୁଥିବା ଚାଉଳ ଓ ଅର୍ଥରାଶି ଲୁଟ୍ କରାଯାଉଛି। ଏହା ଉପରେ ବିଧିବଦ୍ଧ ତଦନ୍ତ ହେବା ସହ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

ଅନ୍ୟପକ୍ଷରେ ସରକାର ଗୋପ ବ୍ଲକ୍‌ର ସମସ୍ତ ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରିତ କରିବା ସହ ସବୁ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ୍‌ରୁମ୍ ଇଣ୍ଟରନେଟ୍ ବ୍ୟବସ୍ଥା କରିଛନ୍ତି। ମାତ୍ର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା କ'ଣ ପାଇଁ କରିନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଘରୋଇ ସ୍କୁଲରେ ପାଠପଢ଼ି ସରକାରୀ ସ୍କୁଲରେ ଉପସ୍ଥାନ ପକାଇବାକୁ କେତେକ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସହଯୋଗ କରୁଥିବା ଦେଖିବାକୁ ମିଳିଛି। ଏଭଳି ହେବା ଦ୍ୱାରା ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ସ୍ୱଳ୍ପ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ନେଇ ମନମୁତାବକ ପାଠପଢ଼ାଯାଉଛି। ଶିକ୍ଷକମାନେ ସରକାରୀ ତହବିଲ୍‌ରୁ ମୋଟା ଅଙ୍କର ଦରମା ଉଠାଯାଉଛି। ପ୍ରତ୍ୟେକ ମାସରେ ମଧ୍ୟାହ୍ନଭୋଜନ ଚାଉଳ ସମେତ ଅର୍ଥରାଶିକୁ ମଧ୍ୟ ହଡ଼ପ କରାଯାଉଛି। ଯଦିଓ ଅଧିକାଂଶ ସରକାରୀ ବିଦ୍ୟାଳୟ ଏପରି ଘଟଣାରେ ସମ୍ପୃକ୍ତ ନାହାନ୍ତି, ତେବେ କେତେକ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏପରି ଘଟଣାରେ ସମ୍ପୃକ୍ତ ରହିଥିବା ଅଭିଯୋଗ ହୋଇଛି। ଏହା ଉପରେ ବିଧିବଦ୍ଧ ତଦନ୍ତ ହେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ସଚେତନ ନାଗରିକ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର କରଙ୍କୁ ପଚାରିବାରେ ସେ କୁହନ୍ତି, ଉଚ୍ଚ ବିଦ୍ୟାଳୟ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ଦାୟିତ୍ୱ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର ଏଭଳି ସମ୍ବେଦନଶୀଳ ଘଟଣା ମୋ ନଜରକୁ ଆସିନି। ଯଦି ଏପରି ହେଉଥାଏ ତେବେ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

୨୩/୮/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୮୫,୮୭୯/-
ସୁନା: ୦୦.-୦୦୦ ଗ୍ରାମ୍
ରୁପା: ୩୭.୩୫୦ ଗ୍ରାମ୍



# ମହାପ୍ରଭୁଙ୍କୁ ଲାଗିହେଲା ସାତପୁରୀ ପିଠା

ପୁରୀ,୨୩।୮ (ସମିସ)



ସପ୍ତପୁରୀ ଅମାବାସ୍ୟାରେ ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଲାଗି ହୋଇଛି ସାତପୁରୀ ପିଠା। ଅମାବାସ୍ୟା ଯୋଗୁଁ ନାରାୟଣ ସାଗର ବିଜେ କରିଛନ୍ତି। ଏଥିସହ ଶ୍ରୀମନ୍ଦିରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳାରେ ବସ୍ତ୍ରହରଣ ନୀତି ମଧ୍ୟ ଅନୁଷ୍ଠିତ ହୋଇଛି।

ଅବକାଶ ନୀତି ସମ୍ପନ୍ନ ପରେ ତିନିବାଡ଼ରେ ବେଶ ବଢ଼ି ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲେ। ସାତପୁରୀ ରୋଷରେ ରୋଷ ହୋମ ସମ୍ପନ୍ନ ହୋଇ ସେଠାରେ ସାତପୁରୀ ପିଠା ପ୍ରସ୍ତୁତ କରାଯାଇଥିଲା। ସକାଳ ଧୂପରେ ସାତପୁରୀ ଭୋଗ ଟାଟ ରୋଷରୁ ମହାପ୍ରଭୁଙ୍କ ନିକଟକୁ ଅଣାଯାଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ମଣୋହି କରିଥିଲେ। ଭିତର ଆଳତି ବଢ଼ିବା ପରେ ପୂଜପଣ୍ଡା, ମୁଦିରସ୍ତ ଏବଂ ପତିମହାପାତ୍ର ତିନିବାଡ଼ରେ ବନ୍ଦାପନା କରିଥିଲେ।

**ବସ୍ତ୍ରହରଣ ଲୀଳା**

ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ମଦନମୋହନ ସିଂହାସନ ଉପରକୁ ବିଜେ କରିଥିଲେ। ସେଠାରୁ ଆଜ୍ଞାମାଳ ପାଇ ନାଟପା ମନ୍ଦିରରେ ପଡ଼ିଥିବା ଖଟ ଉପରକୁ ବିଜେ ହୋଇଥିଲେ। ସେଠାରେ ବସ୍ତ୍ରହରଣ ଲୀଳା ଅନୁଷ୍ଠିତ ହୋଇଥିଲା। ଦ୍ୱାପର ଯୁଗରେ ଗୋପପୁରରେ ଗୋପୀମାନେ ଗାଧୋଉଥିବାବେଳେ ତାଙ୍କ ବସ୍ତ୍ରକୁ ଶ୍ରୀକୃଷ୍ଣ ହରଣ କରି ନେଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ଏହି ଲୀଳା ଅନୁଷ୍ଠିତ ହେଉଛି। ଏହି ନୀତି ସମ୍ପନ୍ନ ପରେ ଶୀତଳଭୋଗ ବନ୍ଦାପନା ହୋଇଥିଲା। ଏହାପରେ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ।

## ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ

ମହୋଦଧି ତଥା ସମୁଦ୍ର ହେଉଛନ୍ତି ମହାପ୍ରଭୁଙ୍କ ଶଶୁର ଘର। ପ୍ରତି ଅମାବାସ୍ୟାରେ ଅମାବାସ୍ୟା ନାରାୟଣ ସାଗର (ସମୁଦ୍ର) ବିଜେ କରିଥା'ନ୍ତି। ଶ୍ରୀମନ୍ଦିରରେ ସକାଳଧୂପ ପରେ ଦକ୍ଷିଣୀଘରୁ ଅମାବାସ୍ୟା ନାରାୟଣ ରତ୍ନସିଂହାସନକୁ ବିଜେ କରିଥିଲେ। ସେଠାରେ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ନାରାୟଣ ବଟ ମୂଳେ ଥିବା ପାଲିଙ୍କିରେ ବିଜେ କରିଥିଲେ। ବିମାନବଡୁମାନେ ପାଲିଙ୍କିକୁ ସମୁଦ୍ରକୂଳକୁ ବିଜେ କରାଇଥିଲେ। ଏହାପରେ ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣିଥିଲେ। ଏହି ଜଳକୁ ପୂଜାପଣ୍ଡା ସାମନ୍ତ ସଂସ୍କାର କରି ନାରାୟଣଙ୍କ ପାଦ ଧୌତ କରିଥିଲେ। ସାବତ ନିଯୋଗ ପକ୍ଷରୁ ପଣାଭୋଗ ସମର୍ପଣ କରାଯାଇଥିଲା। ଏହାପରେ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ସାକ୍ଷୀଗୋପାଳ ମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ନୀତି

ସାକ୍ଷୀଗୋପାଳ,୨୩।୮ (ସମିସ): ଶନିବାର ଭାଦ୍ରବ ମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥି ପବିତ୍ର ସପ୍ତପୁରୀ ଅମାବାସ୍ୟା। ଏହି ଅବସରରେ ଶ୍ରୀଶ୍ରୀ ଗୋପାଳଜୀଉଙ୍କ ବୀରକେଶରୀ ବଲ୍ଲଭ ପରେ ଠାକୁର ଶ୍ରୀଶ୍ରୀ ଗୋପାଳଜୀଉ ଓ ଠାକୁରାଣୀ ଶ୍ରୀଶ୍ରୀ ରାଧାରାଣୀ ନୂତନ ବସ୍ତ୍ର ପରିଧାନ କରିଥିଲେ। ଦ୍ୱିପହର ଧୂପ ଓ ପାଣି ପଡ଼ି ସାରିଲା ପରେ ସପ୍ତପୁରୀ ଟାତ ସାତ ସୁଆର, ପ୍ରତିହାରୀ, ଘଣ୍ଟୁଆ, ଛତ୍ରୀ ଓ ଛାମୁ ଖୁଣ୍ଟିଆଙ୍କ ଗହଣରେ ସପ୍ତପୁରୀ ଟାତ ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। ଶ୍ରୀଜୀଉଙ୍କର ଆଳତି ଓ ଉପଚାର ଅନୁଷ୍ଠିତ ହୋଇଥିଲା। ପ୍ରସାଦ ବଣ୍ଟନ ପରେ ଠାକୁରଙ୍କ ପହୁଡ଼ ପଡ଼ିଥିଲା।

## ପୁରୀରେ ହେବ ନୂଆଖାଇ ଭେଟଘାଟ୍



ପୁରୀ,୨୩।୮ (ସମିସ): ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଖାଇ ଭେଟ୍‌ଘାଟ୍ ପ୍ରଥମ କରି ଶ୍ରୀକ୍ଷେତ୍ର ପୁରୀରେ ଅନୁଷ୍ଠିତ ହେବ। ଏ ନେଇ ଶନିବାର ସୁବର୍ଣ୍ଣପୁରର ଏକ ସାଂସ୍କୃତିକ ଅନୁଷ୍ଠାନ ରୁମ୍‌କୁଝୁମାନାର ସଭାପତି ଶାଶ୍ୱତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ, ଆସନ୍ତା ୩୧ ତାରିଖ ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ସିଟିରୋଡ୍‌ସ୍ଥିତ ସଂସ୍କୃତି ଭବନ ପରିସରରେ ଏହି ମନୋଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ପଶ୍ଚିମ ଓଡ଼ିଶାର ଲୋକକଳା, ଲୋକନୃତ୍ୟ ଓ ସଙ୍ଗୀତକୁ କଳାକାରମାନେ ଅଭିନୟ ଜରିଆରେ ପରିବେଷଣ କରିବେ। ସେହିଭଳି ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କବି ଓ କଳାକାରମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ଆବାହକ ଶ୍ରୀମନ୍ତ କୁମାର ଦାଶ ଓ ଗଣମାଧ୍ୟମ ସଂଯୋଜକ ତଥା ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦାମ ପ୍ରଧାନ ଏକ ପ୍ରେସ୍ ଇସ୍ତାହାର ଜରିଆରେ ଜଣାଇଛନ୍ତି। ଏହି ସମୟରେ ରୁମ୍‌କୁଝୁମାନାର କଳାକାରମାନେ ଉପସ୍ଥିତ ଥିଲେ।

● ପୁରୀ ସମୁଦ୍ରରେ ଅଘଟଣ

## ସ୍ତ୍ରୀ, ପୁଅ ଆଖି ଆଗରେ ଭାସିଗଲେ

ପୁରୀ,୨୩।୮ (ସମିସ): ପୁରୀ ସମୁଦ୍ରରେ ଅଘଟଣ। ଗାଧୋଇବାବେଳେ ବୁଡ଼ିଯାଇ ନିଖୋଜ ହୋଇଯାଇଛନ୍ତି ଜଣେ ପର୍ଯ୍ୟଟକ। ଚୈତନ୍ୟ ଛକ ବେଳାଭୂମି ସେକ୍ଟର ୯ରେ ସ୍ନାନ କରୁଥିବା ସମୟରେ ସ୍ତ୍ରୀ ଓ ପୁଅ ଆଖି ଆଗରେ ଭାସି ଯାଇଛନ୍ତି ହାଇଦରାବାଦର ବିକାଶ ଚାନ୍ଦ। ଉଦ୍ଧାର କରିବା ପାଇଁ ସ୍ତ୍ରୀ ଓ ପୁଅ ଡାକ ପକାଇଥିଲେ। ସେଠାରେ ଉପସ୍ଥିତ ଲାଇଫ୍‌ଗାର୍ଡ ସମୁଦ୍ରକୁ ଯାଇ ଖୋଜାଖୋଜି କରିଥିଲେ। ପରେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପହଞ୍ଚି ଖୋଜାଖୋଜିରେ ଲାଗିଥିଲେ। ହେଲେ ବିକାଶଙ୍କର କୌଣସି ସୂଚନା ମିଳି ନ ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବିକାଶ ତାଙ୍କ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ଶନିବାର ଚୈତନ୍ୟ ଛକ ନିକଟ ସମୁଦ୍ରରେ ସ୍ନାନ କରୁଥିବାବେଳେ ଏକ ବଡ଼ ଲହଡ଼ି ତାଙ୍କୁ ସମୁଦ୍ର ଭିତରକୁ ଟାଣି ନେଇଥିଲା। ପୁଅ ଓ ସ୍ତ୍ରୀ ସାମ୍ନାରେ ବିକାଶ ଭାସି ଯାଉଥିବାବେଳେ ପରିବାର ଲୋକେ ଚିତ୍କାର କରିଥିଲେ। ଲାଇଫ୍‌ଗାର୍ଡ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏ ନେଇ ପରିବାର ପକ୍ଷରୁ ସମୁଦ୍ରକୂଳ ଥାନାରେ ଏକ ନିଖୋଜ ମାମଲା ରୁଜୁ କରିଛି ପୁଲିସ।

● ଛାତ୍ରଛାତ୍ରୀଙ୍କ ପାଇଁ ଭବିଷ୍ୟତ ଉଦ୍ୟୋଗୀ କର୍ମଶାଳା

## ନିଯୁକ୍ତି ପଛରେ ଧାଇଁ ନାହିଁ; ନିଯୁକ୍ତିଦାତା ହୁଅ

ପୁରୀ,୨୩।୮ (ସମିସ): ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ବିବିଏ, ଏମ୍‌ବିଏ ଏବଂ ଏମ୍‌କମ୍ (ଫାଇନାନ୍ସ ଓ କଣ୍ଟ୍ରୋଲ) ବିଭାଗରେ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀଙ୍କ ପାଇଁ ଭବିଷ୍ୟତ ଉଦ୍ୟୋଗୀ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଉପସ୍ଥିତ ପ୍ରତିଷ୍ଠିତ ଉଦ୍ୟୋଗୀମାନଙ୍କୁ ସ୍ୱାଗତ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ପଛରେ ନ ଧାଇଁ ନିଯୁକ୍ତିଦାତା ହେବା ପାଇଁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ଉଜ୍ଜ୍ୱଳ ଉଦ୍ୟୋଗୀ ଜୀବନର କାମନା କରିଥିଲେ। ବିଭାଗୀୟ ବରିଷ୍ଠ ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ ଉଦ୍ୟୋଗୀମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏଥିରେ ଯୋଗଦେଇ ହୋଟେଲ ହଲିଡେ ରେସର୍ଟର ନିର୍ଦ୍ଦେଶକ ଜୟ ଜଗଦୀଶ ପାତ୍ର, ମାତୃଭୂମି ପାଇଁ ଉଦ୍ୟୋଗୀ ଭାବେ କିଛି କରିବାର ଅଦମ୍ୟ ଇଚ୍ଛା, କିପରି ତାଙ୍କୁ ସୁଦୂର ଆମେରିକାରୁ ଓଡ଼ିଶା ଟାଣି ଆଣିଥିଲା ତାହା ବର୍ଣ୍ଣନା କରିଥିଲେ। ଅନ୍ୟତମ ଉଦ୍ୟୋଗୀ ଡା. ସିତଲ କୋଟନି, ମହିଳା ଉଦ୍ୟୋଗୀ ଓ ନାରୀ ସଶକ୍ତୀକରଣ ଉପରେ ଉପଯୋଗୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ପ୍ରତିଷ୍ଠିତ ଉଦ୍ୟୋଗୀ ଶ୍ୟାମା ଦାସ ମହାପାତ୍ର, ଜ୍ୟୋତି ଗ୍ରୁପ୍ ଅଫ୍ ହୋଟେଲ୍‌ସର ପରିଚାଳନା ନିର୍ଦ୍ଦେଶକ ରମା ବଲ୍ଲଭ ମହାପାତ୍ର ଓ ନିଶାନ୍ତ ଅଟୋ ମୋବାଇଲ୍‌ସର ପ୍ରତିଷ୍ଠାତା ନିଶାନ୍ତ ସାହୁ, ଛାତ୍ରଛାତ୍ରୀମାନଙ୍କୁ ସଫଳ ଉଦ୍ୟୋଗୀ ହେବା ପାଇଁ ସରଳ ଜୀବନ ଶୈଳୀ, ସକାରାତ୍ମକ ଚିନ୍ତାଧାରା, ବ୍ୟବସାୟରେ ଲାଭର ପୁନଃ ବିନିଯୋଗ ଓ ତ୍ରୁଟିରୁ ଶିଖିବାର ମନୋବୃତ୍ତି ଉପରେ ଜୋର୍ ଦେଇଥିଲେ। ବିଭାଗୀୟ ବରିଷ୍ଠ ଅଧ୍ୟାପକ ଡ. ଅଭିଷେକ ଶତପଥୀ, ପ୍ୟାରୀମୋହନ ଜେନା, ବିଷ୍ଣୁ ପ୍ରସାଦ ସାମନ୍ତରାୟ, ବରିଷ୍ଠ ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳ, ସୌମ୍ୟା ମହାନ୍ତି ଓ ମଧୁସ୍ମିତା ଦାସ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସମ୍ପୂର୍ଣ୍ଣ ସହଯୋଗିତା ପ୍ରଦାନ କରିଥିଲେ।

■ ଷ୍ଟର୍ଲିଂ ମୁହାଣରେ ଯୁବକଙ୍କୁ ହତ୍ୟା ଘଟଣା

## ୨ ଜଣଙ୍କୁ ବାନ୍ଧିଲା ପୁଲିସ, ଛୁରୀ ଜବତ

ପୁରୀ,୨୩।୮ (ସମିସ): ବଳିଆପଣ୍ଡା ଥାନା ଅନ୍ତର୍ଗତ ହୋଟେଲ ଷ୍ଟର୍ଲିଂ ମଙ୍ଗଳା ମୁହାଣ ନିକଟରେ ରାଜେଶ ଓଝାଙ୍କୁ ହତ୍ୟା ଘଟଣାରେ ବଳିଆପଣ୍ଡା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଚକ୍ରକୋଟ ଲେନ୍‌ର ବିଶ୍ୱନାଥ ମହାରଣା (୨୦) ଓ ଗଞ୍ଜାମ ବେଗୁନିଆପଡ଼ାର ଉଲ୍ଲାସ ରାଉତ (୨୦)। ୨୧ ତାରିଖ ଅପରାହ୍ଣରେ ଅଭିଯୁକ୍ତ ବିଶ୍ୱନାଥ ଓ ଉଲ୍ଲାସ ଏକ ସ୍କୁଟି ଯୋଗେ ରାଜେଶଙ୍କ ଘରକୁ ଯାଇଥିଲେ। ସେଠାରୁ ତାଙ୍କୁ ଆଣି ମଙ୍ଗଳା ନଦୀ ମୁହାଣ ନିକଟକୁ ଆସିଥିଲେ। ସେଠାରେ ୩ ଜଣ ମଦ୍ୟପାନ କରିଥିଲେ। ଏହା ପରେ ବିଶ୍ୱନାଥ ଟଙ୍କା ଫେରାଇବାକୁ ରାଜେଶଙ୍କୁ କହିଥିଲେ। ସେ ମନା କରିବା ପରେ ଉଲ୍ଲାସ ଟଙ୍କା ଫେରାଇବାକୁ ବିଶ୍ୱନାଥଙ୍କୁ ଉସୁକାଇଥିଲା। ଏହାକୁ ନେଇ ବଚସା ହୋଇଥିଲା। ପରେ ବିଶ୍ୱନାଥ ଛୁରୀ ଦ୍ୱାରା ରାଜେଶଙ୍କୁ ହତ୍ୟା କରିଥିବା ପୁଲିସ ସୂଚନା ଦେଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀ ପୁଲିସ ଜବତ କରିଥିବାବେଳେ ଶନିବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଟୁର୍ ଆଣ୍ଡ ଟ୍ରାଭେଲ୍ ଏଜେନ୍ସିରେ ଚଢ଼ଉ

## ବିନା ନୋଟିସ୍‌ରେ ଚଢ଼ଉକୁ ଆପ୍‌ର ବିରୋଧ

ପୁରୀ,୨୩।୮ (ସମିସ)

ଗତ ମଙ୍ଗଳବାର ପୁରୀ ସହରର ବିଭିନ୍ନ ଟୁର୍ ଆଣ୍ଡ ଟ୍ରାଭେଲ୍ ଏଜେନ୍ସି ଉପରେ ଚଢ଼ଉ କରିଥିଲା ପୁଲିସ। କିଛି ଅପରେଟର ବେଆଇନ କାର୍ଯ୍ୟ କରୁଥିବା ନେଇ ପୁଲିସର ଦୃଷ୍ଟିଗୋଚର ହୋଇଥିଲା। ପୁରୀକୁ ଆସୁଥିବା ପର୍ଯ୍ୟଟକ, ଭକ୍ତମାନଙ୍କୁ ଟୁର୍ ଏବଂ ଟ୍ରାଭେଲ୍ ଅପରେଟରମାନେ ହଇରାଣ କରୁଛନ୍ତି। ଏପରି ଅନେକ ଏଜେନ୍ସି କୌଣସି ପଞ୍ଜୀକରଣ କରି ନ ଥିବା ଖବର ପାଇବା ପରେ ପୁଲିସ ଅଚାନକ ଚଢ଼ଉ କରିଥିଲା। ବିନା ନୋଟିସ୍‌ରେ ପୁଲିସର ଚଢ଼ଉକୁ ବିରୋଧ କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଏ ନେଇ ଶନିବାର ଜିଲ୍ଲା ଆପ୍ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଥିଲେ, କାହା ନିର୍ଦ୍ଦେଶରେ ଏସ୍‌ପି ଟ୍ରାଭେଲ୍ ଏଜେନ୍ସି ଉପରେ ଚଢ଼ଉ କରିଥିଲେ। ଏହି ନିଷ୍ପତ୍ତି ତାଙ୍କର ବ୍ୟକ୍ତିଗତ ଥିଲା ନା ସରକାରୀ ଆଦେଶ ଥିଲା। ଉପମୁଖ୍ୟମନ୍ତ୍ରୀ ଶୁକ୍ରବାର ସର୍ବଭାରତୀୟ ଟୁର୍ ଅପେରଟେରଙ୍କ ସମ୍ମିଳନୀରେ ଯୋଗଦେବାକୁ ପୁରୀ ଆସିଥିଲେ। ସେ ଏହି ବିଷୟରେ କୌଣସି ଆଲୋଚନା କରି ନ ଥିଲେ। ପୁରୀ ପର୍ଯ୍ୟଟନକୁ ଆଗେଇ ନେବାରେ ଟ୍ରାଭେଲ୍ସ ମାଲିକମାନଙ୍କ ବଡ଼ ଭୂମିକା ରହିଛି। ତାଙ୍କ ଉପରେ ମନମୁଖି କାର୍ଯ୍ୟାନୁଷ୍ଠାନ ପ୍ରାୟ ୧ ଲକ୍ଷ ଲୋକଙ୍କ ଜୀବନ ଓ ଅର୍ଥନୀତିକୁ ପ୍ରଭାବିତ କରିପାରେ। ପ୍ରଶାସନର ଏ ତରବରିଆ କାର୍ଯ୍ୟାନୁଷ୍ଠାନ ସାଧାରଣରେ ଗରିବ ମାରଣ ନିଷ୍ପତ୍ତି ବୋଲି ଆଲୋଚନା ହେଉଛି। ବିନା ନୋଟିସ୍ ଏବଂ ଆଲୋଚନାରେ ବ୍ୟବସାୟ ବନ୍ଦ ହେବାରୁ ସାଧାରଣ ଲୋକ ବହୁତ ହଇରାଣ ହେଉଛନ୍ତି। ଯଦି ଏହି ୬୩ ଜଣଙ୍କ ବ୍ୟବସାୟ ବନ୍ଦ ତେବେ ହୋଟେଲମାନଙ୍କରେ ଥିବା ଟ୍ରାଭେଲ୍ସ ଏଜେନ୍ସିଗୁଡ଼ିକ କିପରି ବେପାର କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୀବ।

ସେ କହିଛନ୍ତି, ହୋଟେଲରେ ଯେଉଁମାନେ ଏହି ବ୍ୟବସାୟ କରୁଛନ୍ତି ସେମାନେ ତ ପଞ୍ଜିକୃତ ନୁହନ୍ତି। ତେଣୁ ପୁଲିସର ଭୂମିକା ଏ କ୍ଷେତ୍ରରେ ସନ୍ଦେହ ଭିତରକୁ ଠେଲି ହୋଇଯାଉଛି। ଆଗକୁ ପାର୍ବଣ ଋତୁ। ବେପାର ନ କଲେ ଭୋକ ଉପାସରେ କାଳାତିପାତ କରିବାକୁ ପଡ଼ିବ ବୋଲି ଟ୍ରାଭେଲ୍ ଅପରେଟରଙ୍କ ମଧ୍ୟରେ ଆଲୋଚନା ହେଉଛି। ଯଦି ଖୋଦ୍ ସରକାର ଉଠାଦୋକାନୀ ପାଇଁ ୧୦୦ରୁ ୧୨୦ ଫୁଟ୍ ଦୋକାନ ସ୍ଥିର କରିପାରୁଛି ତେବେ ସର୍ଭିସ୍ ପ୍ରୋଭାଇଡରଙ୍କୁ ସେମାନଙ୍କ ପଞ୍ଜୀକରଣ ପାଇଁ ୧୫୦ ବର୍ଗଫୁଟ୍ କାହିଁକି ମାପଦଣ୍ଡ ରଖାଯାଇଛି ବୋଲି ପ୍ରଶ୍ନ କରିଛନ୍ତି ନଗର ସଭାପତି ରମାକାନ୍ତ ସ୍ୱାଇଁ। ପ୍ରଶାସନ ଆଗ ଟ୍ରାଭେଲ୍ ଏଜେନ୍ସିଙ୍କ ସହିତ ଆଲୋଚନା କରୁ। ସେମାନଙ୍କୁ ସବୁ ମାପଦଣ୍ଡ ପୂରଣ ପାଇଁ ଅତି କମ୍‌ରେ ୩ ମାସ ସମୟ ଦିଆଯାଉ। ଏଥିସହ ସେମାନଙ୍କୁ ବେପାର ପାଇଁ ଅନୁମତି ଦିଆଯାଉ ବୋଲି ଦାବି କରିଛନ୍ତି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି। ଏହି ଦାବି ପୂରଣ ନ ହେଲେ ଆପ୍ କର୍ମୀ ବାଧ୍ୟ ହେଇ ରାଜରାସ୍ତାରେ ବିରୋଧ କରିବେ ବୋଲି ଚେତାବନୀ ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆପ୍ କୃଷକ ନେତା ଦେବ ପ୍ରଧାନଙ୍କ ସମେତ ଟ୍ରାଭେଲ୍ସ ମାଲିକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## କିରାନା ଦୋକାନରେ ଅଗ୍ନିକାଣ୍ଡ

ପୁରୀ,୨୩।୮ (ସମିସ): ପୁରୁଣା ସଦର ଥାନା ଛକ ନିକଟରେ ଥିବା ଚନ୍ଦ୍ରଶେଖର ତ୍ରିପାଠୀଙ୍କ ଏକ ସରକାରୀ କିରାନା ଦୋକାନରେ ଘଟିଯାଇଛି ଅଗ୍ନିକାଣ୍ଡ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖବର ପାଇ ଅଗ୍ନିଶମ ବିଭାଗ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆଶଙ୍କା।



ସର୍ବଭାରତୀୟ ରେଲ୍‌ୱେ ଠିକା କର୍ମଚାରୀ ସଂଘ ବୈଠକ

## ସ୍ଥାୟୀ ନିଯୁକ୍ତି ଦିଅ, ଘରୋଇକରଣ ବନ୍ଦ କର

ପୁରୀ,୨୩।୮ (ସମିସ)




ସମଗ୍ର ଭାରତବର୍ଷରେ ପୂର୍ବରୁ ରେଳବାଇରେ ୧୮ ଲକ୍ଷ ଶ୍ରମିକ ନିୟମିତ ଭାବେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିଲେ। ନିୟମିତ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଇ ଏବେ ୧୩ ଲକ୍ଷରେ ପହଞ୍ଚିଥିବାବେଳେ ୬.୫ ଲକ୍ଷ ଜଣ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ନା ଅଛି ସେମାନଙ୍କ ଚାକିରିର ସ୍ଥାୟିତ୍ୱ ନା ଅଛି ସାମାଜିକ ସୁରକ୍ଷା। ଏଭଳି କି ବିଭିନ୍ନ ଠିକା କମ୍ପାନୀ ମନଇଚ୍ଛା ମୋଟା ଅଙ୍କର ଟଙ୍କା ନେଇ ଠିକା ଶ୍ରମିକ ନିୟୋଜିତ କରୁଛନ୍ତି। ଠିକା ଶ୍ରମିକ ସେମାନଙ୍କ ହକ୍ ନେଇ ସ୍ୱର ଉଠାଇଲେ ସେମାନଙ୍କୁ ଚାକିରି ହରାଇବାକୁ ପଡୁଛି। ଏହାର ପ୍ରତିବାଦରେ ଶନିବାର ସ୍ଥାନୀୟ ସର୍କିଟ୍ ହାଉସରେ ସର୍ବଭାରତୀୟ ରେଲ୍‌ୱେ ଠିକା କର୍ମଚାରୀ ସଂଘର କେନ୍ଦ୍ରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଟୁର ସର୍ବଭାରତୀୟ ସଭାପତି ଡ. ହେମଲତା ସଭାପତିତ୍ୱ କରିଥିଲେ। ବୈଠକରେ ୧୩ଟି ରାଜ୍ୟର ରେଲ୍‌ୱେ ଶ୍ରମିକ ନେତୃତ୍ୱମାନେ ଯୋଗଦେଇଥିଲେ। ଠିକା ଶ୍ରମିକମାନଙ୍କୁ ରେଳ ବିଭାଗରେ ସ୍ଥାୟୀ ନିଯୁକ୍ତି ଦେବା, ଠିକାଦାରୀ ବ୍ୟବସ୍ଥା ଉଚ୍ଛେଦ କରିବା, ଠିକା କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ପ୍ରଦାନ, ରେଳବାଇରେ ଘରୋଇକରଣ ବନ୍ଦ, ସମାନ କାମକୁ ସମାନ ଦରମା ପ୍ରଦାନ, ନୂତନ ଶ୍ରମ ଆଇନ ବାତିଲ୍, ବେଆଇନ ଛଟେଇ ବନ୍ଦ କରିବା ଇତ୍ୟାଦି ଦାବି ନେଇ ବିଭିନ୍ନ ରାଜ୍ୟରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବା ଲାଗି ନିଷ୍ପତ୍ତି ହୋଇଛି। ୬ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଠିକା ଶ୍ରମିକଙ୍କୁ କରାଯାଉଥିବା ଶୋଷଣ ବନ୍ଦ କରିବା ନିମନ୍ତେ ରେଲ୍‌ୱେ ବୋର୍ଡ ଚେୟାରମ୍ୟାନ୍‌ଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୧୬ରେ ଦିଲ୍ଲୀରେ ଏକ ଶ୍ରମିକ କନ୍‌ଭେନ୍‌ସନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଏହି ବୈଠକରେ ରେଲ୍‌ୱେ ଠିକା କର୍ମଚାରୀ ସଂଘର ସର୍ବଭାରତୀୟ ଆବାହକ କମ୍ରେଡ୍ ରମେଶ ବାବୁ, ସିଟୁ ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି, ସର୍ବଭାରତୀୟ କୋଷାଧ୍ୟକ୍ଷ କମ୍ରେଡ୍ ସାଇବାବୁ ବକ୍ତବ୍ୟ ରଖି ଭାରତର ଅର୍ଥନୈତିକ ସଙ୍କଟ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାର ଶ୍ରମିକମାନଙ୍କ ସମସ୍ୟା ସମାଧାନ କରିବା ବଦଳରେ ଏସ୍‌ଆଇଆର୍ ନାଁରେ ଭାରତବର୍ଷରେ ଶ୍ରମିକ ଆନ୍ଦୋଳନକୁ ବିଭାଜନ କରିବା ସହ ଦେଶରେ ଅସ୍ଥିରତା ସୃଷ୍ଟି କରୁଛନ୍ତି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ବୈଠକରେ ଇଷ୍ଟକୋଷ୍ଟ କଣ୍ଟ୍ରାକ୍ଟ ଶ୍ରମିକ ୟୁନିୟନର ପୁରୀ ଜିଲ୍ଲା ସଭାପତି ଆଡ୍‌ଭୋକେଟ ଶ୍ରୀକାନ୍ତ ପରିଜା, ସମ୍ପାଦକ ଦେବାଶିଷ ସାମଲ ପୁରୀରେ ରେଲ୍‌ୱେ ଠିକା କର୍ମଚାରୀଙ୍କ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। କର୍ମଚାରୀଙ୍କ ଇପିଏଫ୍ ଓ ଇଏସ୍‌ଆଇ ନ ଦେବା, ବକେୟା ପ୍ରାପ୍ୟ ମାସ ମାସ ଧରି ପ୍ରଦାନ ନ କରିବା ସହ ଶ୍ରମିକମାନଙ୍କୁ ମନଇଚ୍ଛା ଛଟେଇ କରାଯାଉଥିବା ଅଭିଯୋଗ କରିଥିଲେ। ଓଡ଼ିଶା ବାହାରୁ ଆସିଥିବା ଶ୍ରମିକ ପ୍ରତିନିଧିମାନଙ୍କ ସହ ଆଲୋଚନା, ସ୍ୱାଗତ ଓ ଆତିଥ୍ୟ ପ୍ରଦାନ ସହ ସଭାକୁ ସୁପରିଚାଳନା କରିବାରେ ଠିକା କର୍ମଚାରୀ ବିଜୟ କୁମାର ଭୋଇ, ପବିତ୍ର ମୋହନ ପ୍ରଧାନ, କାହ୍ନୁ ଚରଣ ମଲ୍ଲିକ, ଈଶ୍ୱର ସାହୁ, ନୃସିଂହ ବେହେରା, ସୁଶାନ୍ତ ବିଶ୍ୱାଳ ଓ ଜୟାରାମ ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଦେବୀ ନଦୀ ବନ୍ଧରେ କୃତ୍ରିମ ହ୍ରଦ

● ଯାତାୟାତ ବାଧାପ୍ରାପ୍ତ; ମରାମତି ଦାବି
● ରାସ୍ତାକୁ ମାଡ଼ି ଆସିଲାଣି ଅନାବନା ଗଛ
● ବାରମ୍ବାର ଅଭିଯୋଗ ସତ୍ତ୍ୱେ ତତ୍ପରତା ଦେଖାଉନି ଜଳସେଚନ ବିଭାଗ




କାକଟପୁର,୨୩।୮ (ସମିସ)

ଦେବୀ ନଦୀରେ ବନ୍ୟାଜଳ ପ୍ରବାହିତ ହେବା ମାତ୍ରକେ ପୁରୀ ଜିଲ୍ଲାର କାକଟପୁର, ଅସ୍ତରଙ୍ଗ ୨ଟି ବ୍ଲକ୍‌ର ଜନସାଧାରଣ ଯେଉଁ ନଦୀ ବନ୍ଧ କଥା ମନେପକାଇ ଆତଙ୍କିତ ହୋଇପଡ଼ନ୍ତି ସେହି ସ୍ଥାନର ନାଁ ହେଲା ବାଉରିଆକଣ ନଦୀ ବନ୍ଧ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ନଦୀ ବନ୍ଧର ଆର୍‌ଡି ୭୮ କି.ମି. ୫୩୦ ମିଟରରୁ ଆର୍‌ଡି ୭୮ କି.ମି. ୯୮୦ ମିଟର ନଦୀ ବନ୍ଧର ମଧ୍ୟଭାଗରେ ଏକାଧିକ ବଡବଡ଼ ଖାଲଖମା ସୃଷ୍ଟି ହୋଇଛି। ଉକ୍ତ ଖାଲରେ ବର୍ଷାଜଳ ଏତେ ପରିମାଣରେ ଜମିରହୁଛି ଯେ ଦୂରରୁ ଦେଖିଲେ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି ବୋଲି ବାଉରିଆକଣ ଗ୍ରାମବାସୀଙ୍କ ସହ ବହୁ ପଥଚାରୀ କହୁଛନ୍ତି। ବର୍ଷା ଜଳରେ ବୁଡ଼ି ରହିଥିବା ଏହି ଖାଲକୁ ସହଜରେ ଜାଣି ନ ପାରି ଅଧିକାଂଶ ସମୟ ପଥଚାରୀ ଓ ଗାଡ଼ି ଚାଳକମାନଙ୍କୁ ଦୁର୍ଘଟଣାର ଶିକାର ହେବାକୁ ପଡୁଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ନଦୀ ବନ୍ଧରେ ସୃଷ୍ଟି ହୋଇଥିବା ଏହି ଖାଲଖମାକୁ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନ୍ଧକୁ ମରାମତି କରିବା ଦିଗରେ କାକଟପୁର ଜଳସେଚନ ବିଭାଗ ତତ୍ପରତା ପ୍ରକାଶ କରୁନାହିଁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ବାଉରିଆକଣ ଗ୍ରାମର କେତେକ ବୟୋଜ୍ୟେଷ୍ଠ ଗ୍ରାମବାସୀ କୁହନ୍ତି, ତାଙ୍କ ପିଲାଦିନୁ ଦେଖି ଆସୁଛନ୍ତି କାକଟପୁର ଜଳସେଚନ ବିଭାଗ ପ୍ରତ୍ୟେକ ବର୍ଷ ଏଠାରେ ନଦୀ ବନ୍ଧର ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଆସୁଛି। କିନ୍ତୁ ଏଯାବତ୍ ନଦୀ ବନ୍ଧର ସ୍ଥାୟୀ ସୁରକ୍ଷା ହୋଇପାରିଲା ନାହିଁ। ଦେବୀ ନଦୀରେ ବନ୍ୟାଜଳ ପ୍ରବାହିତ ହେବା ମାତ୍ରକେ କାକଟପୁର ଜଳସେଚନ ବିଭାଗ ଏଠାରେ ବନ୍ୟା ମୁକାବିଲା ପାଇଁ ତତ୍ପର ହୋଇଉଠେ। ନଦୀ ବନ୍ଧ କଡ଼ରେ ଥିବା ବିଭାଗର ବିଶ୍ରାମ ଗୃହ ସଫାସୁତରା ହୁଏ। ସନ୍ଧ୍ୟା ହେଲେ ନଦୀ ବନ୍ଧରେ ଲାଇଟ୍ ଲାଗେ, ବନ୍ଧ ଜଗିବାକୁ କର୍ମଚାରୀ ନିୟୋଜିତ ହୁଅନ୍ତି। ଆଉ ବିଭାଗୀୟ ଅଧିକାରୀମାନେ ଅଞ୍ଚଳକୁ ଘନ ଘନ ଗସ୍ତ ବି କରନ୍ତି। କିନ୍ତୁ ବନ୍ୟା ମୁକାବିଲା ଆଳରେ ବିଭାଗ ଏଠାରେ ଲକ୍ଷ ଲକ୍ଷ ଟଙ୍କାର ବ୍ୟୟ ଦେଖାଇ ବିଲ୍ କରେ ବୋଲି କେତେକ ଠିକାଦାର ନିଜ ନାମକୁ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏମିତିକି ବିଗତ ୩ ବର୍ଷ ମଧ୍ୟରେ ଦେବୀ ନଦୀରେ ବଡ଼ ଧରଣର ବନ୍ୟା ହୋଇ ନ ଥିଲେ ମଧ୍ୟ ବିଭାଗ ବନ୍ୟା ମୁକାବିଲା ଆଳରେ ଲକ୍ଷ ଲକ୍ଷ ଟଙ୍କାର ବିଲ୍ କରିଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଦେବୀ ନଦୀର ଦକ୍ଷିଣପାଶ୍ୱର୍ ନଦୀ ବନ୍ଧ ବନାଖଣ୍ଡିଠାରୁ ଅସନ ପର୍ଯ୍ୟନ୍ତ ଯାଇଥିବା ନଦୀ ବନ୍ଧ ମରାମତି ଏବଂ ନଦୀର ତଟକ୍ଷୟରୁ ଗ୍ରାମ ଓ ଜମିକୁ ରକ୍ଷା କରିବାକୁ କାକଟପୁର ଜଳସେଚନ ବିଭାଗ ବିଗତ ୩ ବର୍ଷ ମଧ୍ୟରେ କୋଟି କୋଟି ଟଙ୍କା ବ୍ୟୟରେ ନଦୀ ବନ୍ଧ ମରାମତି ସହିତ ନଦୀରେ ପଥର ପ୍ୟାକିଙ୍ଗ୍, ଲଟିଂ, ସ୍ପର୍ ନିର୍ମାଣ ଓ ମରାମତି କାର୍ଯ୍ୟ ସହିତ ନଦୀ ବନ୍ଧରେ ମାଟି, ମୋରମ୍, ମେଣ୍ଟାଲିଂ ଓ ପିଚୁ ରାସ୍ତା ନିର୍ମାଣ କରିଛି। କିନ୍ତୁ ନଦୀ ବନ୍ଧ ଏବେ କେଉଁଠି ଦବିଗଲାଣି ତ ଆଉ କେଉଁଠି ପିଚୁ ରାସ୍ତା ମଝିରୁ ଫାଟିଗଲାଣି। ନଦୀ ବନ୍ଧର ଉଭୟ ପାଶ୍ୱର୍ରେ ଅନାବନା ଗଛର ଘଞ୍ଚ ଜଙ୍ଗଲ ରାସ୍ତା ମଝିକୁ ମାଡ଼ି ଆସିଥିଲେ ସୁଦ୍ଧା ସେଗୁଡ଼ିକ ସଫା କରିବାକୁ ବିଭାଗ ନାଁ ଧରୁନି।

ପ୍ରତି ବର୍ଷ ଏହି ସବ୍‌ଡିଭିଜନକୁ ଏମ୍‌ଆର୍ ଯୋଜନାରେ ନଦୀ ବନ୍ଧର ଛୋଟ ଛୋଟ କାର୍ଯ୍ୟର ମରାମତି ସହ ନଦୀ ଓ କେନାଲ ବନ୍ଧରେ ସୃଷ୍ଟି ହୋଇଥିବା ଅନାବନା ଗଛର ଜଙ୍ଗଲ ସଫା ପାଇଁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ରାଶି ମିଳୁଥିବାବେଳେ ଏସବୁ କାର୍ଯ୍ୟ ନ ହୋଇ ଉକ୍ତ ଅନୁଦାନ ଅର୍ଥକୁ ବିଭାଗୀୟ ଅଧିକାରୀମାନେ କେଉଁ କାର୍ଯ୍ୟରେ ବିନିଯୋଗ କରୁଛନ୍ତି ତାହାର ଭିଜିଲାନ୍ସ ତଦନ୍ତ ପାଇଁ ନଦୀ ତଟବର୍ତ୍ତୀ ଗ୍ରାମର ଜନସାଧାରଣ ଦାବି କରିଛନ୍ତି। ଏହା ସହିତ ନଦୀ ବନ୍ଧର ଉଭୟ ପାଶ୍ୱର୍ରେ ସୃଷ୍ଟି ହୋଇଥିବା ଅନାବନା ଗଛର ଘଞ୍ଚ ଜଙ୍ଗଲ ସଫା ସହ ବାଉରିଆକଣ ନଦୀ ବନ୍ଧରେ ସୃଷ୍ଟି ହୋଇଥିବା ଖାଲଖମା ତୁରନ୍ତ ମରାମତି ପାଇଁ ବାଉରିଆକଣ ଗ୍ରାମର କେଦାର ନାଥ ସ୍ୱାଇଁଙ୍କ ସମେତ ଗ୍ରାମର ଶତାଧିକ ବ୍ୟକ୍ତି ଦାବି କରିଛନ୍ତି।

# ଚିହ୍ନା ଅଚିହ୍ନା





ରମାକାନ୍ତ ସାମନ୍ତରାୟ

ଏବେ ଏତେ ଗହଳିରେ ମୁଁ ତାକୁ ଚିହ୍ନିବି ବା କେମିତି? ପୂରା ଶହେ ଚାଳିଶ କିଲୋମିଟର ମୁଁ ନବେ ସ୍ପିଡରେ ବାଇକ ଚଲେଇ ଆସିଛି । ଏବେ ପୁଣି ଠିକ୍ ସେତିକି ବାଟ ଫେରିବାକୁ ହେବ ।

ତା' ସହରକୁ ମୁଁ ଆଗରୁ ଆଦୌ ଆସିନଥିଲି । ତାକୁ ନଜଣେଇ ପ୍ରଥମକରି ଆସିଥିଲି ଯେ, ଏବେ ଜାଣ ଦେଖାନପାଇ ଫେରିଯିବାକୁ ହେବ ।

ତା'ର ମୋର ଆଗରୁ ଦେଖା ହୋଇନଥିଲା କି ତା' ଫଟୋ କେବେବି ମୁଁ ଦେଖିନଥିଲି । ତାଆରି କଥାରୁ ଯେତିକି ଯାହା ତାକୁ ଜାଣିଥିଲି । ଫେସବୁକରୁ ଆମର ଚିହ୍ନା । ସେ ତା' ଫେସ୍‌ବୁକ୍‌ର ପ୍ରୋଫାଇଲ୍‌ରେ କେବଳ ଫୁଲଙ୍କ ଫଟୋ ଦେଉଥିଲା ଓ ମୁଁ ମୋ ପିଲାଦିନର ଫଟୋ ଗୋଟେ ଦେଇ ବଦଳାଇବାକୁ ଭୁଲି ଯାଇଥିଲି । ସେ ତା' ୱାଲ୍‌ରେ କେବଳ କୋଟେସନ୍ ସେୟାର୍ କରୁଥିଲା ଓ ମୁଁ କେବେବି କିଛି ପୋଷ୍ଟ କରୁନଥିଲି ।

ସେ ହିଁ ମୋତେ ପ୍ରଥମ କରି ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠେଇଥିଲା ଓ ଦିନେ ପୁଣି ମେସେଞ୍ଜରରେ ପ୍ରଥମ କରି ପିଙ୍ଗ୍ କରିଥିଲା । ଆମର ସତର ଜଣ ମ୍ୟୁଚୁଆଲ୍ ଫ୍ରେଣ୍ଡ ଥିଲେ । ମୋର କିନ୍ତୁ ପ୍ରଥମରୁ ସନ୍ଦେହ ଥିଲା ପ୍ରକୃତରେ ବବିତା ରାୟ ନାମରେ ଝିଅଟେ ସତରେ ଅଛି ନା ଏଇଟା ଗୋଟେ ଫେକ୍ ଆଇ.ଡି ।

ଧୀରେ ଧୀରେ ଆମ ଗପର ସମୟ ବଢ଼ିଥିଲା ଓ ଡେରୀ ରାତିରେ ତା' ସହ କଥା ହେବାକୁ ମୋତେ ଭଲ ଲାଗୁଥିଲା । ତାଆରି ସର୍ତ୍ତ ଥିଲା ଆମେ କେହି କାହାକୁ କେବେବି ଭେଟିବାନି କି କେହି କାହାକୁ କେବେବି କଲ୍ କରି କଥା ବି ହେବାନି । କେବଳ ମେସେଞ୍ଜର ଓ ହ୍ୱାଟସ୍ ଆପ୍‌ରେ ଚାଟିଂ କରିପାରିବା । ଆହାଃ ଏମିତି ଗୋଟେ ଅଜବ ପ୍ରେମ କାହାଣୀ ମୋଅରି ଭାଗ୍ୟରେ ଥିଲା ବୋଲି ମୁଁ କେବେବି ଭାବିନଥିଲି ।

ଆମେ ସକାଳ-ସଞ୍ଜ, ଦିନ-ରାତି ପ୍ରବଳ ଗପୁଥିଲୁ । ଆବୁରୁ ଜାବୁରୁ, ଇଆଡୁ ସିଆଡୁ । ସେ ବହୁ ସ୍ପିଡ୍‌ରେ ଲମ୍ବା ଲମ୍ବା ମେସେଜ୍ ଲେଖିପାରୁଥିଲା । ମୁଁ ପାରୁ ନଥିଲି । କେବେ କେବେ ସେ ଚାରିଦିନ ଗାୟବ ରହୁଥିଲା ତ କେବେ ପୁଣି ରାତି ସାଢ଼େ ତିନି ପର୍ଯ୍ୟନ୍ତ ଚାଟିଂ କରୁଥିଲା । ତଥାପି ମୁଁ ତା' ବିଷୟରେ ବେଶି କିଛି ଜାଣି ନଥିଲି । ତା' ସହର କଥା ମୁଁ ଜାଣିଥିଲି କିନ୍ତୁ ତା' ପରିବାର କଥା କିଛି ଜାଣିନଥିଲି । ତା'ର ପସନ୍ଦ ଅପସନ୍ଦ ଜାଣିଥିଲି କିନ୍ତୁ ତା' ରୂପ ଦେଖିନଥିଲି କି ତା' ସ୍ୱର ଶୁଣିନଥିଲି । ସେ ମୋର ବ୍ୟକ୍ତିଗତ କଥା କେବେବି ପଚାରୁନଥିଲା ବୋଲି ମୁଁ ବି ପଚାରିପାରୁନଥିଲି । ଧୀରେ ଧୀରେ ମୁଁ ଜାଣି ସାରିଥିଲି ତା' ସହ କୋଉ ବିଷୟରେ କଥା ହେବି ଓ କୋଉ ବିଷୟରେ ହେବିନି । ମୁଁ ତାକୁ ଗେହ୍ଲାରେ ବିଲେଇ ଡାକୁଥିଲି ତ ସେ ଗେହ୍ଲାରେ ମୋତେ ମେଘ ଡାକୁଥିଲା । ମୁଁ କେବେ କେବେ ତା'ର ସବୁ କଥାକୁ ମିଛ ଭାବୁଥିଲି ତ କେବେ ଶହେରୁ ଶହେ ସତ ଭାବୁଥିଲି । ତା' ବିଷୟରେ ମୋର କୌଣସି ସାଙ୍ଗସାଥି କିଛି ବି ଜାଣିନଥିଲେ । ସେ ମୋର ଏକାନ୍ତ ବ୍ୟକ୍ତିଗତ ବ୍ୟାପାର ଥିଲା । କିନ୍ତୁ ତା'ର ଗୋଟେ ପୁଅ ସାଙ୍ଗ ମୋ ବିଷୟରେ ଜାଣିଛି ବୋଲି ସେ କହୁଥିଲା ।

ମଝିରେ ମଝିରେ କେବଳ ଥରୁଟେ ହେଉ ପଛେ ଦେଖା କରିବାକୁ ମୁଁ ଢେର ଜିଦି କରୁଥିଲି । ସେ କିନ୍ତୁ ଏଡ଼େଇ ଯାଉଥିଲା । ମୁଁ ରାଗି ରୁଷି କେଇଦିନ ତାକୁ ବ୍ଲକ୍ କରୁଥିଲି ଅବା ତା' ମେସେଜ୍‌ର ଉତ୍ତର ଦେଉନଥିଲି । ସେ ବି ବେଶୀ କିଛି ବୁଝଉନଥିଲା ମୋତେ ।

ଜାଣିଥିଲି ତାଙ୍କ ସହରର ଟାଉନ୍ ହଲ୍ ପାଖରେ ଗୋଟେ ପାର୍କ ଅଛି ଓ ଜାଣିଥିଲି ସବୁ ରବିବାର ସନ୍ଧ୍ୟାରେ ସେ ସେଇଠିକି ଯାଏ । ଦିନେ ଶନିବାର ରାତିରେ ମୁଁ ଲେଖିଲି କାଲି ତ ଛୁଟି... ଯିବି କି? ସେ ହଁ କି ନା କିଛି କହିଲାନି । ସବୁଥର ପରି କେବଳ ସ୍ମାଇଲି ଇମୋଜି ଗୋଟେ ପଠେଇ ମୋ କଥାକୁ ଏଡ଼େଇ ଗଲା ।

ମୁଁ ଚିଡ଼ିକି ରାଗିଗଲି ଓ ଭାବିଲି ଏଥର ନିଶ୍ଚୟ ଯିବି । ରବିବାର ସନ୍ଧ୍ୟାରେ ତାକୁ ତା' ସହରରେ ଯାଇଁ ଭେଟିବି ।

ମୁଁ ତା' ସହରର ଟାଉନହଲ୍ ପାଖ ପାର୍କରେ ପହଞ୍ଚି ଦେଖିଲି ସେଠି ରବିବାରିଆ ପ୍ରବଳ ଗହଳି । ଅନେକ ଝିଅ-ପୁଅ, ବୁଢ଼ା-ବୁଢ଼ୀ ଓ ସାନ ସାନ ପିଲା ଓ ସେମାନଙ୍କ ବାପା ମା । କୋଉଠି ହଳି ହଳି ହୋଇ ପ୍ରେମୀ ଯୁଗଳ ବସିଛନ୍ତି ତ କୋଉଠି ପଲେ ପଲେ ପୁଅ ଝିଅ ଅଲଗା ଖଟି କରୁଛନ୍ତି । ଏତେ ଗହଳିରେ ବବିତା ରାୟକୁ ଏବେ ମୁଁ ଚିହ୍ନିବି କେମିତି? ହ୍ୱାଟସ୍ ଆପ୍ ଖୋଲିଲି । ତା' ଲାଷ୍ଟ ସିନ୍ ସକାଳ ଦଶଟା ପନ୍ଦର ଦେଖଉଛି । ମୋର ଛଅଟା ମେସେଜ ଅନ୍‌ସିନ୍ ହେଇ ପଡ଼ିଛି । ତଥାପି ମୁଁ ଲେଖିଲି 'ବିଲେଇ ମୁଁ ଏବେ ତୋ ସହରରେ ।' ତାପରେ ପୂରା ପାର୍କ ଆଖି ପକେଇଲି ତନୁପାତଳୀ ସାବନୀ ଝିଅଟେ କୋଉଠି ବସିଛି କି? ମୁଁ ତାକୁ ମୋ' ମନରେ ଯେମିତିକା ଭାବିଥିଲି ସେମିତିକା ଅନେକ ଝିଅ ପାର୍କରେ ଥିଲେ । ମନା ଥିଲେ ବି ତା' ନମ୍ବରରେ କଲ୍ କଲି । ଫୋନ୍ ତା'ର ସୁଇଚ୍ ଅଫ୍ ।

ଚାରି ଆଡ଼କୁ ଚାହିଁଲି କେହି ଜଣେ ବି ମୋ ଆଡ଼କୁ ଆଡ଼ ଆଖିରେ ଚାହୁଁ ନାହାଁନ୍ତି । ସମସ୍ତେ ଯେଝା ବାଟରେ ବ୍ୟସ୍ତ । ଛଅ ଥର ପାର୍କର ଏମୁଣ୍ଡ ସେମୁଣ୍ଡ ଦରାଣ୍ଡିଲା ପରେ ମୁଁ ଅସହାୟ ହୋଇ ଶେଷରେ ବାହାରକୁ ବାହାରି ଆସିଲି । ବାଇକ୍ ଉପରେ ବସି ସିଗାରେଟ୍ ଲଗେଇଲି ଓ ଗୋଟେ ଲମ୍ବା ମେସେଜ୍ ଟାଇପ୍ କଲି । ପାର୍କ ବାହାରେ ଚାର୍ଟ ଓ ଗୁପଚୁପ୍ ବାଲାଙ୍କ ଠେଲା । ପାର୍କରୁ ବାହାରି ଚାର୍ଟ ଓ ଗୁପଚୁପ୍ ଖାଉଥିବା ପୁଅ ଝିଅଙ୍କୁ ଦେଖିଲି ଓ ବାଇକ୍ ଷ୍ଟାର୍ଟ କଲି । ସଞ୍ଜ ଗଡ଼ି ରାତି ହେଇସାରିଥିଲା । ଏବେ ମୋତେ ଶହେ ଚାଳିଶ କିଲୋମିଟର ଏକା ଏକା ଫେରିବାକୁ ହେବ ।

ଘରେ ପହଞ୍ଚିଲା ବେଳକୁ ରାତି ଗୋଟେ ପନ୍ଦର । ପେଟରେ ଆଉ ଭୋକ ନଥିଲା । କେମିତି ଗୋଟେ ବିରକ୍ତିକର ଫାଙ୍କା ଫାଙ୍କା ଉଦାସ ଉଦାସ ଲାଗୁଥିଲା ମନ । ଧୁଆଧୋଇ ନହୋଇ ବିଛଣାରେ ଗଡ଼ିଗଲି । ଫୋନ୍ ଖୋଲି ଦେଖିଲି ହ୍ୱାଟସ୍ ଆପ୍‌ରେ ତା' ଲାଷ୍ଟ ସିନ୍ ଏବେବି ସେଇ ସକାଳ ଦଶଟା ପନ୍ଦର । ମୋର କୌଣସି ମେସେଜ୍ ବ୍ଲୁ ଟିକ୍ ହୋଇନାହାନ୍ତି । ସବୁଗୁଡ଼ା ଅନସିନ୍ ମେସଜ୍‌କୁ ଡିଲିଟ୍ ଫର୍ ଅଲ୍ ମାରିଦେଲି । ମେସଞ୍ଜରକୁ ଯାଇଁ ଦେଖିଲି ସେ ଅନ୍ ଲାଇନ୍ । ପ୍ରବଳ ରାଗ ଲାଗିଲା । କିଛି କହିବିନି ଭାବିଲି । ଭାବିଲି ଆଜି ହିଁ ତାକୁ ବ୍ଲକ୍ କରିବି ଓ ତା' ନମ୍ବର ସବୁଦିନ ପାଇଁ ଡିଲିଟ୍ କରିଦେବି ।

'ଶୋଇନ କି?' ମୁଁ ପଚାରିଲି । ପଚାରି ସାରି ନିଜ ଉପରେ ରାଗିଲି ଓ କାହିଁକି ପଚାରିଲି ଭାବୁଛି ତ, ମୋ ପ୍ରଶ୍ନର ଉତ୍ତର ନଦେଇ ସେ ଓଲଟି ପଚାରିଲା 'କୋଉଠି?'

-'ଘରେ...ଏତେ ରାତିରେ ଆଉ କୋଉଠି ଥାଆନ୍ତି?'

ସେ ହସ ଇମୋଜି ଗୋଟେ ପଠେଇଲା । ନାଲିପାନ ଥିବା ଆଖି ଓ ଗାଲରେ ନାଲିପାନ ଲଗା ଇମୋଜି ସାଙ୍ଗରେ ଲେଖିଲା 'ଆଚ୍ଛା ଭଲରେ ଭଲରେ ଘରେ ପହଞ୍ଚିଗଲ ତେବେ...'

ତା'ପରେ ମୁଁ କିଛି ଲେଖିଲା ଆଗରୁ ଧଡ୍ କରି ଅଫ୍ ଲାଇନ୍ ହେଇଗଲା... । ■

ଫ୍ଲାଟ ନଂ-୨୦୨, ଏମ୍.ଆଇ.ଜି.-୨
ଦେବାଶ୍ରମ, ଏସ୍.ବି.ଆଇ. କଲୋନି, କେଶୁରା
ଭୁବନେଶ୍ୱର-୭୫୧୦୦୨
ମୋ: ୯୮୭୧୧୨୪୧୭୩

# ସାକ୍ଷୀ



ଡକ୍ଟର ଚିତ୍ତରଞ୍ଜନ ମିଶ୍ର

ସବୁରି ଭାଗ୍ୟରେ ଅଗ୍ନି ପରୀକ୍ଷା ନିଶ୍ଚିତ
ଦୌଡ଼ିବାକୁ ଥିବା ରାସ୍ତା ସରିଗଲା ପରେ
ଦୌଡ଼ିବା, ଚାଲିବା କିମ୍ବା ବୁହା ହୋଇ ଯିବା
ସବୁ ମିଛ ହୋଇଥାଏ
ପରୀକ୍ଷାର ଘଣ୍ଟା ବାଜିଗଲେ ।
ସେଦିନ ତୁମରି ଦେହ ଫୁଲ ଢାଙ୍କି ହୋଇ
ଶୋଇଥିଲା ଚିତ୍ ହୋଇ ସମାଧିସ୍ଥ ସ୍ୱପ୍ନଙ୍କ ସାଥିରେ ।
ମୁଁ ଦେଖିଲି ନୀରବରେ
କ୍ଷତ ଚିହ୍ନ ତୁମରି ପାଦରେ
ତୀର କାଢ଼ି ଦେଲାପରେ ରକ୍ତସ୍ରାବୀ ଯନ୍ତ୍ରଣାର
ଅନ୍ତ ହେଲାପରେ ।
ତୁମେ କିନ୍ତୁ ଏତେ ସ୍ଥିର କେମିତିକା ରହି ପାରିଥିଲ?
ଆମ୍ବିଦାୟର ଦୃଶ୍ୟ ଆପେ ଦେଖୁଥିଲ ।
ଶୁଣାଇଲ ଶେଷ ଯାଏଁ ବଂଶୀ ସୁରେ
ବିରହର ବ୍ୟଥା ଯେତେ ଥିଲା
ସେ ସୁରରେ ପ୍ରୀତିଝରା ମେଘ ଯେତେ
ବରଷିଲା, ସ୍ୱର୍ଗଦ୍ୱାର ସମୁଦ୍ର ଭିଜିଲା ।

ଥର ଥର କମ୍ପୁଥିଲା ସତ୍ତା ମୋର ଧନୁ ପରି ବାଙ୍କି
ନୀଳ ନିଆଁ ଶୀତଳ ଶେଯରେ
ତୁମେ ଥିଲ ଆଖି ବୁଜି

ପଥର ପ୍ରତିମା ପରି
ସାକ୍ଷୀ ଥିଲୁ ଆମେ ସେଠି
ଅଧା ଅଧା ଜଳି । ■

(କବି ରମାକାନ୍ତ ରଥଙ୍କୁ ସମର୍ପିତ)

ମଞ୍ଜୁଳା ରେସିଡେନ୍ସି
ୱାଟର ୱର୍କ୍ସ ରୋଡ୍, ପୁରୀ -୭୫୨୦୦୨



# ସନ୍ଧାନ



ଡକ୍ଟର ଅଭୟ ନାରାୟଣ ନାୟକ

ଆ'
ନିକଟରୁ ନିକଟତର
ବିତିଯାଏ ପ୍ରହର ପରେ ପ୍ରହର
ଶେଷ ବତୀଖୁଣ୍ଟର ଆଲୁଅ ଲିଭିବା ଯାଏ
ମୁଁ ଲୋଡୁଥିବି କ୍ଳାନ୍ତ ବିଭାବରୀର କୋଳ
ମୋର ଅନ୍ଧାରର ଲୋଡ଼ାପଣ ନୁହେଁ ଅନ୍ଧତ୍ୱ
ଆଖିଖୋସି ଦେଉଥିବା ଆଲୋକର ରୋଷଣିରେ ବି
ତମେ ଆଲୁଅର ଶତ୍ରୁ
ମିତ୍ରତା କରୁଛ କିଟିକିଟି ଅନ୍ଧାର ସହ
ପିଇ ଚାଲିଛ ତୁମ ଚୟନର ପିୟୁଷ
ଆଖିବୁଜି ଦେଇ ନିର୍ବିକାର
ଅଥଚ, କହୁଛ ମୋର ଦୃଷ୍ଟି ତ
ଏକାଥରେ ଦର୍ଶନ ଅନ୍ଧତ୍ୱର

ଲୋଡ଼ା ନାହିଁ ଏଠି ପରୀକ୍ଷା ଦେବା
ପବିତ୍ରତାର
ଜାଣିଛି ଗଣିକା ଲୋଡ଼େ ନାହିଁ ସତୀତ୍ୱ
ହଜାଇ ସାରିଥିବା ଜ୍ଞାନର ଦୀପ୍ତି
ସହଭାଗୀ ଲୋଡ଼େ ଅନ୍ଧତ୍ୱ
ଯାହା ଆଲୁଅ, କାଲିବି ଥିଲା,
ଆଜି ବି ଅଛି, ରହିବ ଆସନ୍ତା କାଲିଯାଏ

ତୁମେ ହୁଏତ କହିପାର
ଅନ୍ଧାରର ବିପଣୀରେ
ତୁମେ ନିଜେହିଁ ମାଲିକାରର ତଦାରଖ
ରଖୁଥିବା ଆଲୋକର
ନବ୍ୟ ଈଶ୍ୱର
ଅଥଚ, ଘୃଣାକର ଆଲୋକର
ସନ୍ଧାନରେ ଥିବା ସତ୍ତାକୁ
କହିପାର ଯେଣୁ ଆଲୋକର ଅନ୍ୱେଷା ହିଁ ଅନ୍ଧତ୍ୱ । ■

ଉପନିର୍ଦ୍ଦେଶକ
ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା
ୟୁନିଟ-୯, ଜନପଥ, ଭୁବନେଶ୍ୱର-୨୨
ମୋ: ୯୪୩୭୮ ୯୨୫୪୦

# ଆଧୁନିକ କ୍ଷୁଦ୍ରଗଳ୍ପରେ କୋଟିଜୀବନର ସ୍ୱର



ଡକ୍ଟର ଦିଗମ୍ବର ଗିରି

ଆଜି ମଣିଷର ଅନୁଭୂତି ଭିତରୁ ଉଙ୍କି ମାରୁଛି ବଞ୍ଚିବାର ଆବଶ୍ୟକତା ସଂପର୍କରେ ନାନା ଜଟିଳ ପ୍ରଶ୍ନ । ଯେଉଁ ପ୍ରଶ୍ନବାଚୀ ଏକ ନୀରବ ଆତ୍ମସ୍ୱର ହୋଇ ଓଡ଼ିଆ କ୍ଷୁଦ୍ରଗଳ୍ପକୁ କରି ଚାଲିଛି ଚରିତାର୍ଥ । ମଣିଷର ମନସ୍ତାତ୍ତ୍ୱିକ ପ୍ରବାହ ଓ ଅନ୍ତର୍ଗତ ଚେତନାକୁ ଅଧିକ ପ୍ରାସଙ୍ଗିକ କରି ପ୍ରକାଶ କରିବାକୁ ଗଳ୍ପଶୈଳୀ ହୋଇଛି ଘଟଣାପୂର୍ଣ୍ଣ । ଅନେକ ଆଶା, ଆକାଂକ୍ଷା, କ୍ଷୁଦ୍ରଗଳ୍ପର ବ୍ୟାପ୍ତି ଓ ବୈଚିତ୍ର୍ୟକୁ ନୂଆ ନୂଆ ରୂପରେ ନୂଆ ଅନୁଭବରେ ଆଣି ଦେଇଛି ସାର୍ଥକତା । ଜୀବନର ସ୍ମରଣୀୟ ମୁହୂର୍ତ୍ତଟିଏ ମଣିଷର ମର୍ମସନ୍ଧିକୁ ଭେଦ କରୁଛି । ନିଜ ନିଜର ସ୍ଥିତି ଓ ପରିପାର୍ଶ୍ୱ ଭିତରେ ବଞ୍ଚିବାର ଜିଜ୍ଞାସା , ଜୀବନର ଗତିଶୀଳତା ଓ ପ୍ରତିଶ୍ରୁତିର ପଥ ଓ ପୃଥିବୀ ତାକୁ ଉଦ୍‌ବୁଦ୍ଧ କରିଛି । ଅନୁଭବିଛି ଜୀବନର ବାସ୍ତବତା ଓ ଜୀବନର ଚରମ ସତ୍ୟକୁ । ଏକ ବିଶେଷ ଭାବବୋଧ, ଆବେଗ ଆଡ଼କୁ ଟାଣି ହୋଇଯାଉଛି ଏବଂ ତା' ଭିତରେ ସୃଷ୍ଟି ହେଉଛି ଜୀବନ ପ୍ରତି ଏକ ଗଭୀର ପ୍ରତ୍ୟାଶା ।

ଜୀବନର ଅସ୍ଥିରତା ଓ ଅସହାୟତା ଭିତରେ ବି ସେ ବିମୁଖ ହୋଇ ନାହିଁ, ବରଂ ଜୀବନପ୍ରତି ଅତ୍ମୀୟତାର କଥା କହୁଛି ସାମ୍ପ୍ରତିକ କ୍ଷୁଦ୍ରଗଳ୍ପ । ଜୀବନ ସହିତ ଯୋଡ଼ି ହୋଇଯାଉଛି ନୂଆ ବିଶ୍ୱାସ, ନୂଆ ସମ୍ଭାବନା । ନୂଆ ସୂର୍ଯ୍ୟୋଦୟ ଭିତରେ ନୂଆ ଜୀବନକୁ ପୁଣିଥରେ, ଦେଖିବାକୁ ମନେ ହୁଏ ଆଜିର ଗାଳ୍ପିକମାନେ ଅଧିକ ବଶମ୍ବଦ । ଜୀବନର ନାନା ସ୍ମୃତି, ବିସ୍ମୃତି ପରି ଗଳ୍ପର ଭାବ ମଣ୍ଡଳରେ ପାଠକ ନିଜକୁ ଖୋଜି ପାଉଛି । ନିଜେ ନିଜର ନିବିଡ଼ତାକୁ ଦେଖି ଜୀବନନିଷ୍ଠ ହୋଇ ପଡୁଛି । ସୃଷ୍ଟି ହେଉଛି ଜୀବନ ପ୍ରତି ପ୍ରବଣତା, ଯାହାକୁ ପାଥେୟ କରି ସେ ପୁଣି ଥରେ ବାହାରି ପଡୁଛି ଅତିକ୍ରମ କରିବାକୁ ଅବଶିଷ୍ଟ ପଥ ।

ବିବର୍ତ୍ତିତ ସମୟର ପ୍ରବାହରେ ନୂତନ ଅଭିଜ୍ଞତା ଓ ଭାବକଳ୍ପନା ନେଇ କ୍ଷୁଦ୍ରଗଳ୍ପର କାୟା ଓ କଳେବର ବୃଦ୍ଧି ପାଇଛି । ବଦଳିଛି ଗଳ୍ପଧାରା । ବଦଳିଛି ପ୍ରକାଶ ଭଙ୍ଗୀ । ରଚନା ଶୈଳୀ ହୋଇଛି ଆଜିର କ୍ଷୁଦ୍ରଗଳ୍ପର ଗତିଶୀଳ ରୂପ । ପ୍ରଭାବଶାଳୀ ଭାବସ୍ପନ୍ଦନ, ନାଟକୀୟତା, ଜୀବନ ପ୍ରତି ଇଙ୍ଗିତ ଭିତରେ ଜୀବନ ସତ୍ୟ ଓ ପୂର୍ଣ୍ଣତା । ଗୁଢ଼ତର ପରିଣତିରେ ବକ୍ତବ୍ୟ ବେଶ୍ ଗମ୍ଭୀର ଓ ଭାବପୂର୍ଣ୍ଣ । ଗଳ୍ପ ଚରିତ୍ରମାନଙ୍କ ମୁଖର କଥା ଭିତରେ ଆଜିର ମଣିଷ ଶୁଣୁଛି ନିଜେ ନିଜର ସ୍ୱର । ଚରିତ୍ରମାନେ ପ୍ରତିନିଧି ସାଜି ଆସୁଛନ୍ତି ଗଳ୍ପ ପରିସରକୁ ଯୋଡ଼ି ଦେଉଛନ୍ତି ବ୍ୟକ୍ତିବିଶ୍ୱ ସହିତ ବିଶ୍ୱ ମଣିଷର ସମ୍ପର୍କ । ସେମାନଙ୍କ ମନୋଭଙ୍ଗୀ ଓ ଭାବନା ହୋଇଯାଉଛି କୋଟି ଜୀବନର ସ୍ୱର ଓ ପାଠକଟିଏ ହୋଇ ଯାଉଛି ଚେତନାଶ୍ରୟୀ ।

ବଞ୍ଚିବାର ଜୀବନଶୈଳୀରୁ ଓଡ଼ିଆ କ୍ଷୁଦ୍ର ଗଳ୍ପର ଶିଳ୍ପ ପ୍ରତ୍ୟୟ ନିରୂପଣ କରିବା ବା କ୍ଷୁଦ୍ରଗଳ୍ପର ସଂଜ୍ଞା କାଢ଼ିବା, ନିର୍ଦ୍ଦିଷ୍ଟତାକୁ ନିରୂପଣ କରିବା ଆଉ ଏଠି ପ୍ରଭାବିତ କରିପାରୁ ନାହିଁ । ଆଜିର କ୍ଷୁଦ୍ରଗଳ୍ପ ହୋଇଯାଇଛି ସ୍ୱୟଂ ରୂପକଟିଏ । ସଂକ୍ଷେପରେ କହିବାକୁ ଗଲେ, ଜୀବନ୍ତ ପରମ୍ପରା ନବୀକରଣ ବିରୋଧୀ ନୁହେଁ ।

ଆଜି ଆମକୁ ନିଜ ନିଜ ଭିତରକୁ ଅନେଇବାକୁ ପଡ଼ିବ । ବର୍ତ୍ତମାନର ବ୍ୟକ୍ତି ଜୀବନ, ସାମାଜିକ କ୍ରିୟା- ପ୍ରତିକ୍ରିୟା, ରାଜନୀତିକ ଜୀବନ , ସାହିତ୍ୟ ଓ ସଂସ୍କୃତି ଗଭୀର ଆତ୍ମ ନିରୀକ୍ଷଣର ସମୟ ଆସିଛି । ମଣିଷ ଭିତରେ ଏ ନୂଆ ଚେତନାର ଅନୁଭବ ସାର୍ବଜନୀନ । ପ୍ରତିଟି ମଣିଷର ଜୀବନ ଜିଜ୍ଞାସା ପରି ସର୍ବତ୍ର ସମଭାବରେ ଏହା ଘଟୁଛି । ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ, ଜଗତୀକରଣ, ଉପଭୋକ୍ତାବାଦ ତଥା ବାହାରର ଚାକଚକ୍ୟ, ଶିକ୍ଷିତ ଗୋଷ୍ଠୀକୁ ନୀତି ଆଦର୍ଶ ପଥରୁ କ୍ରମଶଃ ଦୂରେଇ ଦେଉଛି । ଦ୍ରୁତ ଶିଳ୍ପାୟନ, ନଗର ଜୀବନର ବାସ୍ତବତା ମଧ୍ୟରେ, ମାନବିକ ମୂଲ୍ୟବୋଧ ଅଣନିଶ୍ୱାସୀ । ମୂଲ୍ୟବୋଧର ଅବକ୍ଷୟ ସର୍ବତ୍ର ଦେଖିବାକୁ ମିଳିଛି । ଗାଁ ଭିତରକୁ ପଶି ଆସୁଛି ସହର । ଦେଶରେ ଭିତରେ ଘୁରିବୁଲୁଚି, ଭୂତ ପରି ଭ୍ରଷ୍ଟାଚାର ସାମ୍ପ୍ରଦାୟିକତା, ମାଓ ଓ ସନ୍ତ୍ରାସ । ପ୍ରଶାସନିକ ସ୍ଥାଣୁତା ପ୍ରସାରିତ କରି ଚାଲିଛି ତା'ର ପତିଆରା ସବୁର ମିଳିତ ସ୍ୱର । ସାମ୍ପ୍ରତିକ କ୍ଷୁଦ୍ରଗଳ୍ପର ସ୍ୱର । ନିଜ ନିଜ ପରିଚିତ ଅନୁଭୂତି ଓ ଅନୁଭବର ପରିଧି ମଧ୍ୟରେ ଆପଣାକୁ ଆଜି ମନରେ ଉଲ୍ଲସିତ ହୋଇପଡୁଛି ସହୃଦୟ ପାଠକ ।

ସାମ୍ପ୍ରତିକ କ୍ଷୁଦ୍ରଗଳ୍ପର ସ୍ୱର ହେଉଛି ଅନ୍ତର୍ନିହିତ ସ୍ୱର । ଏହି ସାବଲୀଳ ସ୍ୱର ସୃଷ୍ଟି କରି ଚାଲିଛି ଏକ କୋମଳ ମୂର୍ଚ୍ଛନା । ବାହାରେ ଶୁଭୁଛି, ଅସଂଖ୍ୟ କୋଳାହଳ, ଧାଁ, ଦଉଡ଼, ପ୍ରତିଯୋଗିତା, କିନ୍ତୁ ହୃଦୟ ଭିତରେ ଏକ ନିରୋଳା ନିଃସଙ୍ଗ ମୁହୂର୍ତ୍ତ ଯେଉଁଠି ଜୀବନ ଯନ୍ତ୍ରଣାର ଘନିଷ୍ଠ ସ୍ୱରଟି ଆବେଗ ଓ ଆତୁରତାରେ ଫେଣ୍ଟା ପେଣ୍ଟି । ଆଜିର ଗଳ୍ପର ଶକ୍ତି ପାଠକକୁ ଆତ୍ମହରା କରି ପକାଉଛି । ମଣିଷର ପ୍ରାପ୍ତି, ଅପ୍ରାପ୍ତି, ଦୁଃଖ କାରୁଣ୍ୟର କଥା ଅସହାୟତା ଭିତରେ ଅର୍ଥ ଖୋଜୁଥିବା ମଣିଷଟି ପାଇଁ ଆଶ୍ୱାସନାର ଆଶ୍ରୟସ୍ଥଳୀ ପାଲଟି ଯାଇଛି । ସ୍ୱସ୍ତିରେ ଟିକିଏ ନିଶ୍ୱାସ ମାରି ଜୀବନକୁ ସକ୍ରିୟ କରିଛି । ନିଜର ଅପୂର୍ଣ୍ଣତା ଭୁଲି ଜୀବନ ହୋଇଉଠିଛି ସ୍ୱପ୍ନିଳ ଓ ଗୀତିମୟ । ଏହିପରି ବିଭିନ୍ନ ଭାବ ଓ ମାପରେ ଆଜିର ଗଳ୍ପକୁ ଯେଉଁ ଗାଳ୍ପିକମାନେ ଋଦ୍ଧିମନ୍ତ କରିଛନ୍ତି ସେମାନେ ହେଲେ ଅଖିଳ ମୋହନ ପଟ୍ଟନାୟକ, ମନୋଜ ଦାସ, ପ୍ରତିଭା ରାୟ, କିଶୋରୀ ଚରଣ ଦାସ, ବୀଣାପାଣି ମହାନ୍ତି, ଶାନ୍ତନୁ ଆଚାର୍ଯ୍ୟ, ରବି ପଟ୍ଟନାୟକ, ଜଗଦୀଶ ମହାନ୍ତି, ରାମଚନ୍ଦ୍ର ବେହେରା, ତରୁଣକାନ୍ତି ମିଶ୍ର, ପାରମିତା ଶତପଥୀ, ସରୋଜିନୀ ଦାସ, ଦେବବ୍ରତ ମଦନରାୟ, କବିତା ବାରିକ, ଗିରିଦଣ୍ଡ ସେନା, ରଜନୀକାନ୍ତ ମହାନ୍ତି, ହୃଷିକେଶ ପଣ୍ଡା, ସତ୍ୟମିଶ୍ର ଏବଂ ତରୁଣ ପିଢ଼ିର ଗାଳ୍ପିକଙ୍କ ଗଳ୍ପରେ ପରିବର୍ତ୍ତନଶୀଳ ଜୀବନର ଦୃଷ୍ଟିଭଙ୍ଗୀ ଭିନ୍ନ ଭିନ୍ନ ଚିନ୍ତନର ଦିଗ, ଦିଗନ୍ତ, ବେଶ ଗତିଶୀଳ ହୋଇପାରିଛି ।

ଜୀବନ ଯାପନ ସହ ସମ୍ପର୍କିତ ଜୀବନର ଅନୁଭୂତି । ସବୁଠାରୁ ବଡ଼ କଥା ଗଳ୍ପରେ ଏହି ଅନୁଭୂତି ସମ୍ବେଦନା ତଥା ଅନ୍ତର୍ଗତ ସ୍ପନ୍ଦନ ଗଳ୍ପରେ ଖୁବ୍ ଉଜ୍ଜ୍ୱଳ । ସ୍ୱପ୍ନମୟ ବାସ୍ତବତା ଓ ବାସ୍ତବତାମୟ ସ୍ୱପ୍ନ ଗଳ୍ପରେ ହାତ ଧରାଧରି । ଗଳ୍ପର ଅପରିହାର୍ଯ୍ୟ ରହସ୍ୟ ପାଠକ ପାଇଁ ଭରିଦିଏ ଅସରନ୍ତି ଉତ୍ସୁକତା । ନିଜ ଚାରିପଟର ପରିବେଶଗତ ବାସ୍ତବତା, ପ୍ରେମ ଓ ବିଷାଦର ବିମୁଗ୍ଧତା, ଜୀବନ ନିଷ୍ଠତା ଓ ମଣିଷ ପ୍ରତି ଆତ୍ମାର ସମର୍ଥନ ଗଳ୍ପର ଚରିତ୍ରମାନଙ୍କ ଭିତରୁ ବାରି ହୋଇଯାଏ । ଆନ୍ତରିକତାପୂର୍ଣ୍ଣ ଗାଳ୍ପିକଙ୍କ ଅନ୍ତରୀଣ ପ୍ରାଣ, ଭାବ ଓ ଆବେଗ ବେଳେ ବେଳେ କାବ୍ୟମାୟା ସୃଷ୍ଟି କରି ଥାଏ । ଶବ୍ଦ ସଂଯୋଜନାରେ ଭାବର ପ୍ରତିବଦ୍ଧ ପ୍ରକଟନ, ପ୍ରତ୍ୟେକ ଅଭିବ୍ୟକ୍ତି ପାଠକର ପରିଚିତ ଅନୁଭୂତି ସହ ଏକାତ୍ମ । ଗଳ୍ପର ଗଠନ କୌଶଳ, ରୂପସଜ୍ଜା, ଭାଷା, ଚିତ୍ରକଳ୍ପ ଜୀବନ ସୃଷ୍ଟି ଅନୁସାରେ ବେଶ୍ ଉଲ୍ଲେଖଯୋଗ୍ୟ । ଜୀବନପ୍ରତି ପ୍ରତିବଦ୍ଧତା, ଶୁଭ ବିଶ୍ୱାସ ବିବିଧ ଚରିତ୍ର ଓ ଚିତ୍ର ଚିନ୍ତନର ଗଭୀରତା ଓ ବିଶ୍ୱମୟ ବ୍ୟାପ୍ତିରେ ଅପୂର୍ଣ୍ଣତାକୁ ଅର୍ଥମୟ ଓ ହୃଦୟକୁ ଲାଳିତ କରିପକାଏ ଆଜିର ଗଳ୍ପ ।

ସର୍ବୋପରି ଭାରତୀୟ ସାଂସ୍କୃତିକ -ସାମାଜିକ- ଆଧ୍ୟାତ୍ମିକ ପରିବେଶ ରୂପାୟନରେ ଓଡ଼ିଆ ଗଳ୍ପ ସାହିତ୍ୟ ଋଦ୍ଧିମନ୍ତ । ମାଟି ମନସ୍କତା, ଐତିହ୍ୟ ସଚେତନତା ଆଦର୍ଶବୋଧ, ମାନବତାବାଦ, ଜାତୀୟପ୍ରୀତି, ଗ୍ରାମ୍ୟ ସଂସ୍କୃତିର ଶୁଦ୍ଧ ଓ ସଫଳ ରୂପାୟନ ଆଜିର ଗଳ୍ପର ପ୍ରାଣରସ ସହ ସଂଯୁକ୍ତ । ■

ରାଇରଙ୍ଗପୁର, ୱାର୍ଡ଼ ନମ୍ବର- ୭
ମୟୂରଭଞ୍ଜ
ମୋ :୯୪୩୭୩୮୦୯୨୭

## ପୁସ୍ତକ ଓ ପତ୍ରିକା ପରିଚୟ

### କବି ସତ୍ୟାନନ୍ଦଙ୍କ କାଞ୍ଚିଆଗଡ଼

ସଂକଳକ
ସତ୍ୟବାଦୀ ବଳିଆରସିଂହ




ସତ୍ୟାନନ୍ଦ ଚମ୍ପତିରାୟ ସ୍ମୃତି ସଂସଦ
ହଜ, ଖୋର୍ଦ୍ଧା
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୭୫ ଟଙ୍କା

ସାରସ୍ୱତ ସାଧକ ସତ୍ୟାନନ୍ଦ ଚମ୍ପତିରାୟ ଏକାଧାରରେ ଥିଲେ ଜଣେ କବି, ପ୍ରାବନ୍ଧିକ, ସାମ୍ବାଦିକ, ବିଧାୟକ । ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଓ ସମାଜର ଦିଗ୍‌ଦର୍ଶକ ଥିଲେ । ତାଙ୍କ ଜୀବନ, କୃତିକୁ ନେଇ 'କବି ସତ୍ୟାନନ୍ଦଙ୍କ କାଞ୍ଚିଆଗଡ଼' ପୁସ୍ତକକୁ ସଂକଳିତ କରିଛନ୍ତି ଐତିହାସିକ ସତ୍ୟବାଦୀ ବଳିଆରସିଂହ । ଏହି ପୁସ୍ତକରେ ସତ୍ୟାନନ୍ଦ ଚମ୍ପତିରାୟଙ୍କ 'କାଞ୍ଚିଆଗଡ଼ର ସେକାଳ କଥା' ଖଣ୍ଡ କାବ୍ୟ ସହିତ ତାଙ୍କର ସଂକ୍ଷିପ୍ତ ଜୀବନୀ ପ୍ରକାଶ ପାଇଛି । ସେ ଥିଲେ ଜଣେ କର୍ମଯୋଗୀ ଓ ଜନସେବକ । ତଥାପି ସାହିତ୍ୟ ସାଧନାରେ ସାରା ଜୀବନ ବ୍ରତୀ ହୋଇ ରହିଥିଲେ । ତାଙ୍କ ରଚିତ ୨୧ ଖଣ୍ଡ ପୁସ୍ତକ ମଧ୍ୟରୁ 'କାଞ୍ଚିଆଗଡ଼ର ସେକାଳ କଥା' ଅନ୍ୟତମ । କାଞ୍ଚିଆଗଡ଼ ହେଉଛି ବୀର ମାଟି । କରଞ୍ଜିଆଗଡ଼ର ଇତିହାସ, କିମ୍ବଦନ୍ତୀ, ବୀରତ୍ୱର ଗାଥା ଆଦି ଏହି ପୁସ୍ତକରେ ବର୍ଣ୍ଣିତ । ଏହି ଖଣ୍ଡକାବ୍ୟରେ ସାତୋଟି ସର୍ଗ ରହିଛି । ସରଳ ଭାଷା, କାବ୍ୟିକ ଭାବ, ପ୍ରାକୃତିକ ବର୍ଣ୍ଣନା ଯୋଗୁଁ କାବ୍ୟଟି ଅଧିକ ସୁଖପାଠ୍ୟ ହୋଇଛି । ଏହି ପୁସ୍ତକରେ ସୁସାହିତ୍ୟିକ ସତ୍ୟାନନ୍ଦ ଚମ୍ପତିରାୟଙ୍କ ସଂକ୍ଷିପ୍ତ ଜୀବନୀ, ତାଙ୍କର ଶେଷ ସାକ୍ଷାତକାର ପ୍ରକାଶ ପାଇଛି । ସତ୍ୟାନନ୍ଦଙ୍କ ଜୀବନ ଓ କୃତି ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । 'କବି ସତ୍ୟାନନ୍ଦଙ୍କ କାଞ୍ଚିଆଗଡ଼' ପାଠକଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ଭକ୍ତି ପ୍ରଣତି

ପୁଷ୍ପିତା ଜେନା




ଉଦୟ ପବ୍ଲିକେଶନ୍
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୭
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୩୦ ଟଙ୍କା

"ତୋର ଚରଣତଳେ ମଥାନତ କରି/ ମା' ଗୋ ତୋ କୃପା, କରୁଣା/ ସଦାସର୍ବଦା ମା', ମୁଁ ତୋ ପାଦେ ଆଶାୟୀ/ ଜଗଜ୍ଜନନୀ, ଭୟବିନାଶିନୀ/ କୃପାଦାୟିନୀ ମା'! (ସିଂହବାହିନୀ ମା'!) ମା' ଜଗଜ୍ଜନନୀ, ସିଂହବାହିନୀଙ୍କ ଆଶିଷ ଲାଭ କଲେ ଜୀବନର ସବୁ ଦୁଃଖକଷ୍ଟ ଅପସରି ଯାଏ । ମା' ହେଉଛନ୍ତି ଶାନ୍ତିଦାୟିନୀ, ଶକ୍ତିସ୍ୱରୂପିଣୀ । ଭକ୍ତି ରସସିକ୍ତ କେତୋଟି କବିତାକୁ ନେଇ ପ୍ରକାଶ ପାଇଛି ପୁଷ୍ପିତା ଜେନାଙ୍କ 'ଭକ୍ତି ପ୍ରଣତି' ପୁସ୍ତକ । ଏହି ପୁସ୍ତକରେ ସଂକଳିତ 'ଜଗା କାଳିଆ', 'ଜୟ ଜଗନ୍ନାଥ', 'ବଡ଼ ଠାକୁର', 'ମହା ଶିବରାତ୍ରି', 'ଓଁ ନମଃ ଶିବାୟ', 'ଗଣନାୟକ', 'ବାଗ୍‌ଦେବୀ ମା' ବୀଣାପାଣି', 'ସିଂହବାହିନୀ ମା', 'ମାତୃଶକ୍ତି', 'କରୁଣାମୟୀ ମା' ଆଦି କବିତାଗୁଡ଼ିକରେ ହୃଦୟର ଅସୀମ ଭକ୍ତି, ଶ୍ରଦ୍ଧାକୁ ବିଭିନ୍ନ ଦେବଦେବୀଙ୍କ ଉଦ୍ଦେଶ୍ୟରେ କବି ପ୍ରଣତି ବାଢ଼ିଛନ୍ତି । ସେଭଳି 'ଜନ୍ମ ଦିବସ', 'ଜନ୍ମ ଦିନର ଉପହାର', 'ନୂତନ ବର୍ଷ ମାତୃକରୁଣାରେ ଭରିଯାଉ', 'ମା' ଆନନ୍ଦମୟୀ କରୁଣା ମୁଁ ମାଗେ' ଆଦି କବିତାରେ ଦିବ୍ୟ ଜନନୀ ଶ୍ରୀମା, ଯୁଗ ପୁରୁଷ ଶ୍ରୀଅରବିନ୍ଦଙ୍କ ଜୀବନ, ଦର୍ଶନ ଓ ସେମାନଙ୍କ ପ୍ରତି ସମର୍ପିତ ଭାବନା ପ୍ରତିଫଳିତ ହୋଇଛି । 'ଭକ୍ତି ପ୍ରଣତି'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ରେବତୀ

ସଂପାଦିକା
ସୁବାସିନୀ ଜେନା




ଓଟି ରୋଡ୍, ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ : ୭୦ ଟଙ୍କା

ମାସିକ ସାହିତ୍ୟ ଓ ଫିଚର ପତ୍ରିକା 'ରେବତୀ'ର ଅଗଷ୍ଟ ୨୦୨୫ ପ୍ରକାଶ ପାଇଛି । ଶ୍ରୀମତୀ ସୁବାସିନୀ ଜେନାଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ରେବତୀ'ର ଏହି ସଂଖ୍ୟାଟି ବହୁ ବରିଷ୍ଠ ଓ ଯୁବ ଲେଖକଙ୍କ କବିତା, ଗଳ୍ପ, ଫିଚର ଆଦିରେ ସମୃଦ୍ଧଶାଳୀ ହୋଇଛି । ନାରାୟଣ ରାଉତରାୟଙ୍କ 'ଓଁ ଶ୍ରୀ ଗଣେଶାୟ ନମଃ', ଅଭୟ ଦ୍ୱିବେଦୀଙ୍କ 'ମହାରାଣୀ ଆବାକ୍କା', ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ସଂଗ୍ରାମ ସ୍ରୋତରେ ସମ୍ବାଦପତ୍ର', ଡକ୍ଟର ଫକୀର ମୋହନ ନାହାକଙ୍କ 'ଜାଲିଆଁୱାଲା ବାଗ୍', ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁଙ୍କ 'ସଉରା ସଂଗ୍ରାମୀ', ମଣୀନ୍ଦ୍ର କୁମାର ମେହେରଙ୍କ 'ନିଷ୍କଳଙ୍କ ନିକୁଞ୍ଜ ବିହାରୀ' ଆଦି ଆଲେଖ୍ୟଗୁଡ଼ିକ ମନଛୁଆଁ ହୋଇଛି । କବିତା ବିଭାଗରେ ସୌଭାଗ୍ୟବନ୍ତ ମହାରଣା, ଗଙ୍ଗାଧର ବିଶ୍ୱାଳ, ବିଜୟ ମଲ୍ଲ, ପ୍ରଦୀପ କୁମାର ପଣ୍ଡା, ରସାନନ୍ଦ ସାହୁ, ସୁରଞ୍ଜନ ପାତ୍ର, ଯାଦବେନ୍ଦ୍ର ସାହା, ଅନସୂୟା ପଣ୍ଡା ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ସେଭଳି ଡାକ୍ତର ସୁଷମା ଚୌଧୁରୀ ଓ ରେବା ପଟ୍ଟନାୟକଙ୍କ ଗପ ଦୁଇଟି ମାର୍ମିକ ହୋଇଛି । ସଂପାଦକୀୟଠାରୁ ଆରମ୍ଭ କରି 'ଧାରାବାହିକ କାବ୍ୟ', 'ଧାରାବାହିକ ଆତ୍ମଜୀବନୀ', 'ରୋଷେଇଶାଳ', 'ଶେଷପୃଷ୍ଠା' ପର୍ଯ୍ୟନ୍ତ ପ୍ରତିଟି ବିଭାଗର ଲେଖାଗୁଡ଼ିକ ଉପାଦେୟ ଓ ଆକର୍ଷଣୀୟ ହୋଇଛି । ସଂପୂର୍ଣ୍ଣ ରଙ୍ଗିନ 'ରେବତୀ'ର ଏହି ସଂଖ୍ୟାଟି ପାଠକୀୟ ଆଦର ଲାଭ କରିବ ବୋଲି ଆଶା କରାଯାଏ । ■

# ଗାଁରୁ ୪୦ ବସ୍ତା ବିସ୍ଫୋରକ ଜବତ

ଖଇରା,୨୩।୮ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅଧୀନ ଗଡ଼ପୋଖରୀ ଗ୍ରାମର ସଞ୍ଜୟ କୁମାର ସେଣ୍ଠଙ୍କ ବାଡ଼ିରୁ ବ୍ୟାପକ ପରିମାଣର ବିସ୍ଫୋରକ ଜବତ କରାଯାଇଛି। ଶାରିଶୁଆ ପାହାଡ଼ରେ ବ୍ଲାଷ୍ଟିଂ ପାଇଁ ଏହି ବିସ୍ଫୋରକ ପଦାର୍ଥ ରଖାଯାଇଥିବା ସନ୍ଦେହ କରାଯାଉଛି। ପାଖାପାଖି ୪୦ ବସ୍ତା ଜିଲେଟିନ ଓ ୧୧ ବଣ୍ଡଲ ତାର ଜବତ କରାଯାଇଥିବା ବେଳେ ଏହାର ମୂଲ୍ୟ ୩୦ଲକ୍ଷ ହେବ ବୋଲି ପୁଲିସ କହିଛି। ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିବା ବେଳେ ଖଇରା ଥାନା ଏସଆଇ ତପନ କୁମାର ଜେନା, ଏଏସ୍‌ଆଇ ଗୌରହରି ବୁଗୁଡାଇ ପ୍ରମୁଖ ସାମିଲ ଥିଲେ। ପୁଲିସ ଆସୁଥିବା ସମ୍ପର୍କରେ ସୂଚନା ପାଇ ସଞ୍ଜୟ ଘରେ ଥିବା ଏହି ବିସ୍ଫୋରକ ସାମଗ୍ରୀଗୁଡ଼ିକୁ ବାହାରକୁ ଫିଙ୍ଗି ଦେଇଥିବା ନେଇ ଏସ୍‌ଡିପିଓ ସୂଚନା ଦେଇଛନ୍ତି।

# ୨୫ରେ ଦିଲ୍ଲୀରେ ରାଜ୍ୟ କଂଗ୍ରେସର ବୈଠକ

ଭୁବନେଶ୍ୱର,୨୩।୮ (ସମିସ): ଆସନ୍ତା ୨୫ରେ ଦିଲ୍ଲୀରେ ରାଜ୍ୟ କଂଗ୍ରେସର ବସିବ ବଡ଼ ବୈଠକ। ସାଂଗଠନିକ ସ୍ଥିତି ମଜଭୁତ ସହ ରାଜ୍ୟରେ ଆଗାମୀ ରଣନୀତି କ'ଣ ରହିବ, ସେନେଇ କରାଯିବ ମାନସମନ୍ଥନ। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡଗେଙ୍କ ସମେତ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ସାଂଗଠନିକ ସମ୍ପାଦକ କେସି ବେଣୁଗୋପାଳ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହିବେ। ଏଥିପାଇଁ ଜିଲ୍ଲା ସଭାପତି ଚୟନ ପାଇଁ ନିଯୁକ୍ତ ହୋଇଥିବା ସମସ୍ତ ୩୫ ପର୍ଯ୍ୟବେକ୍ଷକ, ପିସିସି ପ୍ରଭାରୀ ଓ କଂଗ୍ରେସ ବିଧାୟକ ଦଳ ନେତାଙ୍କୁ ଦିଲ୍ଲୀ ଡକରା ହୋଇଛି। ଆଗାମୀ ଦିନରେ କଂଗ୍ରେସ ଜିଲ୍ଲା ସଭାପତି ନିଯୁକ୍ତି ଉପରେ ଗୁରୁତ୍ୱ ଦେଉଛି। ଗୁଜରାଟ ଢାଞ୍ଚାରେ ଏଠାରେ ସଂଗଠନ ସୃଜନ ମାଧ୍ୟମରେ ଜିଲ୍ଲା ସଭାପତି ଚୟନ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। କିପରି ଦକ୍ଷ ଲୋକଙ୍କ ହାତରେ ଜିଲ୍ଲା ସଂଗଠନ ଦାୟିତ୍ୱ ଦିଆଯିବ, ସେଥିପାଇଁ ଏଆଇସିସି ଲକ୍ଷ୍ୟ ରଖିଛି। ଏଆଇସିସିର ଏପରି ଅଭିଯାନକୁ ନେଇ ଓଡ଼ିଶା କଂଗ୍ରେସ ଶିବିର ମଧ୍ୟ ଉତ୍ସାହିତ ରହିଛି। ୩୫ଟି ସାଂଗଠନିକ ଜିଲ୍ଲା ସଭାପତି ଚୟନ କରିବା ନେଇ ଏଆଇସିସିର ନୂଆ ଫର୍ମୁଲାକୁ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଭିନ୍ନ ଆକଳନ କରିଛନ୍ତି। ରାହୁଲ ଗାନ୍ଧୀ ଓଡ଼ିଶାରେ ସମ୍ଭାବନା ଦେଖିଥିବାରୁ ଏବେଠାରୁ ୨୦୨୯ ସାଧାରଣ ନିର୍ବାଚନ ପାଇଁ ଓଡ଼ିଶା କଂଗ୍ରେସକୁ ପ୍ରସ୍ତୁତ କରୁଛନ୍ତି। ପ୍ରଥମଥର ଲାଗି ଦଳୀୟ ନିଷ୍ପତ୍ତିରେ ଜିଲ୍ଲା ସଭାପତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସଂଗଠନଠାରୁ ବିଧାୟକ ଓ ସାଂସଦ ଟିକେଟ୍ ବଣ୍ଟନରେ ଜିଲ୍ଲା ସଭାପତିମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ, ୨୫ ବର୍ଷ ଧରି କ୍ଷମତା ବାହାରେ ଥିବା ଓଡ଼ିଶା କଂଗ୍ରେସକୁ ସଜାଡ଼ିବା ପାଇଁ ଏଆଇସିସି ଗୁରୁତ୍ୱ ଦେଇଛି। ଓଡ଼ିଶାରୁ ଦିଲ୍ଲୀ ଯାଏ ସାଂଗଠନିକ ସ୍ଥିତିକୁ ମଜଭୁତ କରିବାକୁ ରଣନୀତି କରାଯାଉଛି। ଆଗକୁ ରାହୁଲ ଗାନ୍ଧୀ ଘନଘନ ଓଡ଼ିଶା ଗସ୍ତରେ ଆସି ତୃଣମୂଳ କର୍ମୀଙ୍କ ମନରେ ଉତ୍ସାହ ଭରିବେ ବୋଲି ପିସିସି ପକ୍ଷରୁ କୁହାଯାଇଛି।

# ବିପଦସଙ୍କେତ ଉପରେ ବୈତରଣୀ



ଭଣ୍ଡାରିପୋଖରୀ/ବାରିକପୁର, ୨୩।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ବୈତରଣୀରେ ଆଉ ଏକ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏବେ ବୈତରଣୀ କୂଳ ଲଂଘୁଥିବା ବେଳେ ଆଜି ଅପରାହ୍ଣ ୪ଟାରେ ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୩୩ ମିଟର ଅତିକ୍ରମ କରିଛି। ନଦୀର ଜଳସ୍ତର ଘଣ୍ଟା ପ୍ରତି ୫ମିମି ବୃଦ୍ଧି ପାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ ଚମ୍ପୁଆରେ ୬୩.୬୬ମିମି, ସ୍ୱାମୀପାଟଣାରେ ୧୯.୮ମିମି, ଆନନ୍ଦପୁରରେ ୬୮.୨ମିମି ଓ ଆଖୁଆପଦାରେ ୩୮.୧୨ମିମି ବର୍ଷା ରେକର୍ଡ କରାଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ନଦୀ ୧୮.୪୩ ମିଟରରେ ପ୍ରବାହିତ ହେଉଛି। ଏହି ବନ୍ୟା ମଧ୍ୟମଧରଣର ହେବ ଓ ବନ୍ୟାଜଳ ସର୍ବାଧିକ ୧୮.୯୦ ମିଟର ହୋଇପାରେ ବୋଲି ଆଖୁଆପଦା ଜଳସମ୍ପଦ କାର୍ଯ୍ୟାଳୟ ବନ୍ୟା ନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ଦିଆଯାଇଛି। ତଳିଆ ଅଞ୍ଚଳ ବର୍ଷାଜଳ ପଶି ଯାଇଥିବାରୁ ଚାଷ କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତି ପାଇଁ ବିଭାଗ ସଜାଗ ଅଛି ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଶାନ୍ତ ଦାସ ପ୍ରକାଶ କରିଛନ୍ତି।

# ଦ୍ୱିତୀୟ ପର୍ଯ୍ୟାୟ ଯୁକ୍ତ ୩ ଓ ପିଜି ନାମଲେଖା ଆବେଦନ ଆରମ୍ଭ

ଭୁବନେଶ୍ୱର, ୨୩।୮ (ସମିସ): ଯୁକ୍ତ ୩ ଓ ପିଜି ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଶନିବାରଠାରୁ ଆରମ୍ଭ ହୋଇଛି। ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ପର୍ଯ୍ୟାୟର କୌଣସି ରାଉଣ୍ଡରେ ଚୟନ ହୋଇନାହାନ୍ତି କିମ୍ବା ଆବେଦନ କରିନାହାନ୍ତି, ସେମାନେ ଏହି ପର୍ଯ୍ୟାୟରେ ଆବେଦନ କରିପାରିବେ। ଯୁକ୍ତ ୩ ନାମଲେଖା ପାଇଁ ଆବେଦନ କରିବାର ଶେଷ ତାରିଖ ସେପ୍ଟେମ୍ବର ୩ତାରିଖ ରହିଛି। ଫର୍ମରେ କୌଣସି ତ୍ରୁଟି ଥିଲ, ୪ତାରିଖସୁଦ୍ଧା ଏଡିଟ୍ କରିପାରିବେ। ୧୦ତାରିଖରେ ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ରାଉଣ୍ଡ ମେଧା ତାଲିକା ସହ ୱେଟିଂଲିଷ୍ଟ ପ୍ରକାଶ ପାଇବ। ୧୧ରୁ ୧୩ତାରିଖ ଭିତରେ ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ ନିଜର ଇଣ୍ଟିମେସନ୍ ଲେଟର୍ ନେଇ ଆଡମିସନ କରିବା ସହ ଅନଲାଇନ ମାଧ୍ୟମରେ ଟଙ୍କା ପଇଠ କରିପାରିବେ। ୱେଟିଂଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ୧୫ରୁ ୧୬ତାରିଖ ମଧ୍ୟରେ ନିଜର ଆବେଦନ ଫର୍ମକୁ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନରେ ଦାଖଲ କରିପାରିବେ। ସେମାନଙ୍କର ମେଧା ତାଲିକା ୧୭ରେ ନୋଟିସ୍‌ବୋର୍ଡ, ୱେବ୍‌ସାଇଟ୍ ମାଧ୍ୟମରେ ଜାଣିପାରିବେ। ୱେଟିଂଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ସମସ୍ତ ଡକ୍ୟୁମେଣ୍ଟ ନେଇ ୧୮ରୁ ୨୨ ତାରିଖ ସୁଦ୍ଧା ଯାଇ ନାମ ଲେଖାଇ ପାରିବେ।

ସେହିପରି, ପିଜି ପାଠ୍ୟକ୍ରମରେ ନାମଲେଖା ଆବେଦନ ଆଜିଠାରୁ ଆରମ୍ଭ ହୋଇଛି। ଆବେଦନ କରିବାର ଶେଷ ତାରିଖ ୩ ସେପ୍ଟେମ୍ବରକୁ ରଖାଯାଇଛି। ପ୍ରଥମ ରାଉଣ୍ଡର ମେଧା ତାଲିକା ୯ ତାରିଖରେ ପ୍ରକାଶ ପାଇବ। ଚୟନ ଛାତ୍ରୀଛାତ୍ରମାନେ ନିଜର ଇଣ୍ଟିମେସନ୍ ଲେଟର ନେଇ ୧୦ରୁ ୧୨ ତାରିଖ ଭିତରେ ଆଡମିସନ୍ କରିପାରିବେ। ୱେଟିଂଲିଷ୍ଟରେ ଥିବା ପିଲାମାନେ ୧୩ରୁ ୧୫ ତାରିଖ ମଧ୍ୟରେ ନିଜର ଆବେଦନ ଫର୍ମକୁ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନରେ ଦାଖଲ କରିପାରିବେ। ସେମାନଙ୍କର ମେଧା ତାଲିକା ୧୬ରେ ନୋଟିସ୍‌ବୋର୍ଡ, ୱେବସାଇଟ୍ ଏବଂ ଫୋନ ମାଧ୍ୟମରେ ଜାଣିପାରିବେ। ୱେଟିଂଲିଷ୍ଟରେ ଥିବା ଛାତ୍ରଛାତ୍ରୀମାନେ ୧୭ରୁ ୨୦ ତାରିଖ ସୁଦ୍ଧା ନାମ ଲେଖାଇ ପାରିବେ।

# ମୁଣ୍ଡ ଫଟାଇ ବୃଦ୍ଧଙ୍କୁ ହତ୍ୟା

କେନ୍ଦୁଝର,୨୩।୮ (ସମିସ): ମାଛ ଜଗିବାକୁ ଯାଇଥିବା ବେଳେ ଜଣେ ବୃଦ୍ଧଙ୍କ ମୁଣ୍ଡକୁ ବାଡ଼େଇ ହତ୍ୟା କରିଥିବା ଜଣାପଡିଛି। ମୃତକ ଜଣଙ୍କ ହେଲେ ଉପରରାଇଗୋଡା ଗାଁର ବୁଧୁରାମ ମୁଣ୍ଡା (୫୭)। ସଦର ଥାନାଧିକାରୀ ଅମିତ କୁମାର ଭୂୟାଁ, ଶୁଆକାଟି ବିଟ୍ ଅଧିକାରୀ ସୂର୍ଯ୍ୟନାରାୟଣ ରାଉତରାୟ, ସଦର ଏସଡିପିଓ ସୁଦର୍ଶନ ଗାଙ୍ଗଇ ଶବ ଜବତ କରିବା ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ଦିଆଯାଇଛି। ହତ୍ୟା ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ଅଧିକ ତଦନ୍ତ ଚଳାଇଛି।

# ୮ ଗେଟ୍ ଖୋଲିଲା ଆନନ୍ଦପୁର ବ୍ୟାରେଜ୍

ଆନନ୍ଦପୁର, ୨୩।୮ (ସମିସ): ଗତ ୩ ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ଆନନ୍ଦପୁରଠାରେ ବୈତରଣୀର ଜଳସ୍ତର ବୃଦ୍ଧି ପାଇଛି। ଆଜି ରାତି ୮ଟା ସୁଦ୍ଧା ଆନନ୍ଦପୁରଠାରେ ବୈତରଣୀ ସତର୍କ ସଂକେତ ଅତିକ୍ରମ କରି ୩୭.୬୬୦ ମିଟରରେ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନଦୀକୂଳ ଗ୍ରାମବାସୀଙ୍କ ପ୍ରତି ବିପଦ ଥିବାରୁ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଆଜି ବନ୍ୟାଞ୍ଚଳ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କୁ ମୁତୟନ କରିଛନ୍ତି। ହେଲେ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ଥିବା ବୋଟ ଅଚଳ ହୋଇ ପଡ଼ିରହିଛି। ବୋଟ୍ ଚାଳକ ବି ନାହାନ୍ତି। ଆନନ୍ଦପୁର ବ୍ୟାରେଜରେ ଜଳଧାରଣ ଶକ୍ତିର ଆନୁପାତିକ ହାରକୁ କଳନା କରାଯାଇ ୮ଗେଟ୍ ଖୋଲାଯିବା ପରେ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ କରାଯାଇଛି। ଆଗକୁ ବର୍ଷା ଜାରି ରହିଲେ ବୈତରଣୀରେ ବଡ଼ଧରଣର ବନ୍ୟା ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୀନ ନିବାସରେ...

ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତ ବୁଧବାର ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ହସ୍ପିଟାଲରୁ ଘରକୁ ଫେରିଥିଲେ। ନବୀନଙ୍କ ଅସୁସ୍ଥତା ଖବର ପାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା କରିବା ସହ ସୁସ୍ଥ ହେବା ପରେ ଦିଲ୍ଲୀ ଆସି ତାଙ୍କୁ ଭେଟିବାକୁ ପ୍ରଧାନମନ୍ତ୍ରୀ ନିଜେ ଆମନ୍ତ୍ରଣ ଜଣାଇଥିଲେ। ସେହିପରି ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡଗେ ଏବଂ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ନବୀନଙ୍କ ସହ ଫୋନ ଯୋଗେ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ।

### ଆମେରିକାକୁ ଡାକ...

ଡିଏଚ୍‌ଏଲ୍ ଭଳି ଅନେକ କୋରିୟର ସଂସ୍ଥା ମଧ୍ୟ ଆମେରିକାକୁ ସାମଗ୍ରୀ ପରିବହନ ବନ୍ଦ କରିବାକୁ ଘୋଷଣା କରିଛନ୍ତି। ତେବେ ଡିଏଚ୍‌ଏଲ୍ ଏକ୍ସପ୍ରେସ ସେବା ଚାଲୁ ରହିବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ ଯେ ଆମେରିକାକୁ ଡାକ ସେବା ବନ୍ଦ ରହିଲେ ଭାରତୀୟ ଡାକ ସେବାକୁ ଆର୍ଥିକ କ୍ଷତି ସହିବାକୁ ପଡ଼ିବ। ଗତବର୍ଷ ଆମେରିକାକୁ ଡାକସେବା ପାଇଁ ଡାକ ବିଭାଗକୁ ପ୍ରାୟ ଅଢେଇ ହଜାର କୋଟିର ରାଜସ୍ୱ ମିଳିଥିଲା। ବିଶେଷ କରି ଚିଠି ଓ ସ୍ପିଡ୍‌ପୋଷ୍ଟ ସର୍ଭିସର ବହୁତ ଚାହିଦା ରହିଛି।

### କର୍ଣ୍ଣାଟକ ବିଧାୟକ...

ଚଳାଉଥିଲେ। ବୀରେନ୍ଦ୍ର କିଙ୍ଗ୍୫୬୭ ଓ ରାଜା୫୬୭ ଭଳି ଏକାଧିକ ବେଟିଂ ପ୍ଲାଟଫର୍ମ ଚଳାଉଥିଲେ। ୮ ଦିନ ପୂର୍ବେ କର୍ଣ୍ଣାଟକର ଅନ୍ୟଜଣେ କଂଗ୍ରେସ ବିଧାୟକଙ୍କ ଘରୁ ଏକ କୋଟି ୪୦ ଲକ୍ଷ ଟଙ୍କା ଜବତ କରାଯାଇଥିଲା।

### ଅନିଲ ଅମ୍ବାନୀଙ୍କ...

ବିରୋଧରେ ଏତଲା ଦିଆଯାଇଥିଲା। ସିବିଆଇ ଅନିଲ ଏବଂ ତାଙ୍କ କମ୍ପାନୀ ରିଲାଏସ କମ୍ୟୁନିକେସନ (ଆର କମ୍) ବିରୋଧରେ ନୂଆ ଏତଲା ରୁଜୁ କରିଥିଲା।

ଅଭିଯୋଗରେ ସିବିଆଇ ପକ୍ଷରୁ କୁହାଯାଇଥିଲା ଯେ ଅନିଲ ଅମ୍ବାନୀଙ୍କ ଆର୍‌କମ ପକ୍ଷରୁ ୩,୦୭୩ କୋଟି ଟଙ୍କାର ଠକେଇ କରାଯାଇଛି। ପୂର୍ବରୁ ୨୦୨୦, ନଭେମ୍ବର ୧୦ରେ ଏସ୍‌ବିଆଇ ଠକେଇ ନେଇ ଏହାର ପ୍ରମୋଟର ଏବଂ ମାଲିକଙ୍କ ଆକାଉଣ୍ଟ ନମ୍ବର ଜାରି କରିଥିଲା। ୨୦୨୧ ଜାନୁଆରୀ ୫ରେ ସିବିଆଇ ଏତଲା ରୁଜୁ କରିଥିଲା। ତେବେ ୨୦୨୧ ଜାନୁଆରୀ ୬ରେ ଦିଲ୍ଲୀ ହାଇକୋର୍ଟ ସ୍ଥିତାବସ୍ଥା ନିର୍ଦ୍ଦେଶ ଦେବାରୁ ଅଭିଯୋଗ ଫେରି ଆସିଥିଲା। କିନ୍ତୁ ଏବେ ଏସ୍‌ବିଆଇ ଆନୁଷ୍ଠାନିକ ଭାବେ ଆରକମ୍ ଏବଂ ଏହାର ପ୍ରମୋଟର ନିର୍ଦ୍ଦେଶକ ଅନିଲଙ୍କୁ ଠକ ଘୋଷଣା କରିସାରିଛି। ଏହା ପୂର୍ବରୁ ଜୁଲାଇ ୨୩ରେ ଇଡି ଏହି ମାମଲାରେ ଅନିଲଙ୍କ ରିଲାଏନ୍ସ ଗ୍ରୁପ୍ ସମ୍ବନ୍ଧିତ ୩୫ରୁ ଅଧିକ ଠିକଣା ଉପରେ ଚଢ଼ଉ କରିଥିଲା। ୟେସ ବ୍ୟାଙ୍କ ସମ୍ବନ୍ଧିତ ୩ ହଜାର କୋଟି ଟଙ୍କାର ଋଣ ଠକେଇ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଗତ ୫ ତାରିଖରେ ୧୭ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ଠକେଇ ମାମଲାରେ ଇଡି ଅମ୍ବାନୀଙ୍କୁ ପଚରାଉଚରା କରିଥିଲା।

### ମାରିଜୁଆନା ପାଇଁ...

କରାଯାଉଛି। ଚାଲାଣକାରୀ ଧରାପଡୁଛନ୍ତି। ମାରିଜୁଆନା ଜବତ ମଧ୍ୟ ହେଉଛି। ଏହାସତ୍ତ୍ୱେ ଚାଲାଣ ବେଧଡ଼କ ଭାବେ ଜାରି ରହିଛି। ଏହା ପଛର କାରଣ କଣ ବୋଲି ପ୍ରଶ୍ନ ଉଠିଲାଣି।

ଗତ କିଛି ମାସ ହେଲା ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲଗାତର ଭାବେ ମାରିଜୁଆନା ଜବତ ହେଉଛି। ଜୁଲାଇ ୨୯ ତାରିଖରେ ତିନି ଜଣ ଯୁବକଙ୍କୁ ଗିରଫ କରିଥିଲା ଏୟାରପୋର୍ଟ ପୁଲିସ। ସେମାନଙ୍କ ନିକଟରୁ ୨୫ କେଜିର ମାରିଜୁଆନା ଜବତ କରିଥିଲା। ଏହାପରେ ଅଗଷ୍ଟ ୨ ତାରିଖରେ ବ୍ୟାଙ୍କକରୁ ଚୋରାରେ ମାରିଜୁଆନା ଆଣୁଥିବା ବେଳେ ଜଣେ ଯାତ୍ରୀଙ୍କୁ ଗିରଫ କରିଥିଲା କଷ୍ଟମ ବିଭାଗ। ଗିରଫ ବ୍ୟକ୍ତିଙ୍କ ଠାରୁ ୧୦ କୋଟିର ମାରିଜୁଆନା ଜବତ କରାଯାଇଥିଲା। ସେହିପରି ଅଗଷ୍ଟ ୨ ତାରିଖରେ ଥାଇଲାଣ୍ଡରୁ ଚାଲାଣ ବେଳେ କଷ୍ଟମ ବିଭାଗର ହାତରେ ଲାଗିଥିଲା ୮ କୋଟିର ମାରିଜୁଆନା।

ପୁଣି ଭୁବନେଶ୍ୱର ଏୟାରପୋର୍ଟରେ ଆଜି ମାରିଜୁଆନା ଜବତ ହୋଇଛି। ବ୍ୟାଙ୍କକରୁ ୪ କୋଟି ଟଙ୍କାର ମାରିଜୁଆନା ଆଣୁଥିବା ବେଳେ ଭୁବନେଶ୍ୱରରେ ଧରାପଡିଛନ୍ତି ପ୍ରେମୀଯୁଗଳ। ଏୟାରପୋର୍ଟରେ ଦୁହିଁଙ୍କ ଉପରେ ସନ୍ଦେହ ହେବାରୁ କଷ୍ଟମ ଅଧିକାରୀ ସେମାନଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ୪ କୋଟି ଟଙ୍କାର ମାରିଜୁଆନା ଜବତ କରିଥିଲା। ଏହାସହିତ ଯୁବକ ଓ ଯୁବତୀଙ୍କୁ ଅଟକ ରଖି ଜେରା କରାଯାଉଛି। ସେମାନଙ୍କର ଘର ପଞ୍ଜାବ ବୋଲି ଜଣାପଡ଼ିଛି। ତେବେ ଏହି ନିଶାଦ୍ରବ୍ୟ ବ୍ୟାଙ୍କକରୁ କେଉଁ ସ୍ଥାନରୁ ଆସିଥିଲା? ଭୁବନେଶ୍ୱରରୁ କେଉଁ କେଉଁ ଜାଗାକୁ ଚାଲାଣ ହେବାରେ ଥିଲା? ଏଥିରେ କିଏ କିଏ ସାମିଲ ଅଛନ୍ତି? ତାକୁ ନେଇ ଛାନ୍‌ଭିନ କରାଯାଉଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତ ୬ ମାସ ଭିତରେ ୫୦ କୋଟିରୁ ଅଧିକ ଏହି ବିଦେଶୀ ଡ୍ରଗ୍ସ ଜବତ କରାଗଲାଣି। ବ୍ୟାଙ୍କକରୁ ଆସୁଥିବା ଏହି ନିଶାସାମଗ୍ରୀ ଭୁବନେଶ୍ୱର ଦେଇ ଚାଲାଣ କରାଯାଉଛି। ଭୁବନେଶ୍ୱରରୁ ଏହା କେଉଁ କେଉଁ ରାଜ୍ୟକୁ ଚାଲାଣ ହେଉଛି, ତାହାର ଯାଞ୍ଚ କରାଯାଉଛି।

### ବର୍ଷାରେ ଭିଜିବ...

ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତିରେ ମଧ୍ୟ ବର୍ଷା ହେବ। ୨୫ ତାରିଖେର ବର୍ଷାର ବିସ୍ତୃତି ବଢ଼ିବା ସହ ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଯାଜପୁର, ମୟୂରଭଞ୍ଜ କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା ହେବ। ବଳକା ୨୩ ଜିଲ୍ଲାରେ ମଧ୍ୟ ବର୍ଷା ସମ୍ଭାବନା ଥିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସମାନ ଭାବେ ୨୬ ଓ ୨୭ ତାରିଖରେ ରାଜ୍ୟବ୍ୟାପୀ ବର୍ଷା ସମ୍ଭାବନା ଥିବା ବେଳେ ୨୮ ତାରିଖ ବେଳକୁ ପାଗରେ ପରିବର୍ତ୍ତନ ଆସିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଏପଟେ ଲଗାଣ ବର୍ଷା କାରଣରୁ ବୈତରଣୀ ନଦୀ ଆଖୁଆପଦାଠାରେ ବିପଦ ସଙ୍କେତ ଅତିକ୍ରମ କରିଛି। ଉପରମୁଣ୍ଡରେ ଲଗାଣ ବର୍ଷା କାରଣରୁ ନଦୀର ଜଳସ୍ତର ବୃଦ୍ଧି ପାଉଥିବା ବେଳେ ଏହାଯୋଗୁଁ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଛତିଶଗଡ଼ ଉପରେ ମୁଣ୍ଡରେ ମଧ୍ୟ ପ୍ରବଳ ବର୍ଷା ହେଉଥିବାରୁ ହୀରାକୁଦରେ ଆଜି ଆଉ ୪ଟି ଗେଟ ଖୋଲାଯାଇଛି। ମୋଟ ୮ଟି ଗେଟ ଦେଇ ଜଳ ନିଷ୍କାସନ କରାଯାଉଥିବା ଜଣାପଡ଼ିଛି।

### ପୁଣି ୮ ଫାଟକ...

ବେଳେ ଅଗଷ୍ଟ ୩ ତାରିଖ ସମସ୍ତ ଗେଟ୍ ବନ୍ଦ କରି ଦିଆଯାଇଥିଲା।

ଶନିବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୧.୩୯ ଫୁଟ୍ ରହିଛି। ନଦୀବନ୍ଧର ବାମ ପାଶ୍ୱର୍ର ୫ଟି ଓ ଡାହାଣ ପାଶ୍ୱର୍ର ୩ଟି ଏହିପରି ମୋଟ ୮ଟି ସ୍ଲୁଇସ୍ ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୧୩,୧୩୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୬୧,୬୯୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୨୬,୧୨୦ ଘନଫୁଟ, ପାୱାର ଚେନାଲ ଦେଇ ୩୨,୩୨୧ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୦୩୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୪,୮୦୦ ଘନଫୁଟ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୪୩,୦୬୨ ଘନଫୁଟ, ଖଇରମାଲଠାରେ ୧,୩୪,୦୦୦ ଘନଫୁଟ, ବାରମୁଲଠାରେ ୯୬,୦୦୦ ଘନଫୁଟ ଏବଂ ମୁଣ୍ଡଲୀଠାରେ ୧,୨୧,୫୩୪ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୨୧.୬୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୨୭.୬୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୦.୮୩ ଫୁଟ୍ ରହିଥିଲା।

ଆଜି ହୀରାକୁଦ ଜଳଭଣ୍ଡାରରୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଆରମ୍ଭ କରାଯିବା ପୂର୍ବରୁ ମହାନଦୀ ଅବବାହିକାରେ ବସବାସ କରୁଥିବା ଜନସାଧାରଣଙ୍କୁ ମହାନଦୀରେ ବନ୍ୟାଜଳ ନିଷ୍କାସନ ନେଇ ଡାକବାଜି ଯନ୍ତ୍ରରେ ସତର୍କ କରାଯାଇଥିଲା। ବନ୍ୟା ଜଳ ନିଂକୋସନର କେଇଘଣ୍ଟା ପୂର୍ବରୁ ସାଇରନ୍ ବାଜିଥିଲା। ଶନିବାର ସକାଳେ ଗେଟ୍ ଖୋଲିବା ସମୟରେ ମୁଖ୍ୟଯନ୍ତ୍ରୀ ତଥା ମହାନଦୀ ବେସିନ ପ୍ରବନ୍ଧକ, ବୁର୍ଲା ଇଂ. ସୁଶୀଲ କୁମାର ବେହେରା କହିଛନ୍ତି ଯେ, ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ। ପାଣିପାଗ ବିଭାଗର ଆକଳନ ଅନୁସାରେ ଆସନ୍ତା ୨୫ ତାରିଖରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ଆଶଙ୍କା ରହିଛି। ତାହାକୁ ଦୃଷ୍ଟିରେ ରଖି ୪ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଏହାଦ୍ୱାରା ବଢୁଥିବା ଜଳସ୍ତରକୁ ସଠିକ ପରିଚାଳନା କରିବାସହ ଲଘୁଚାପ ବର୍ଷାର ଜଳପ୍ରବେଶକୁ ମୁକାବିଲା କରିବା ପାଇଁ ଜଳଭଣ୍ଡାରରେ ଜାଗା ରହିବ। ଆବଶ୍ୟକସ୍ଥଳେ ଆଉ ୪ଟି ଗେଟ୍ ଖୋଲାଯିବ ବୋଲି ସେ ସୂଚନା ଦେଇଛନ୍ତି। ହୀରାକୁଦ ତଳମୁଣ୍ଡରେ ବନ୍ୟା ସମ୍ଭାବନା ନଥିବା ଇଂ. ବେହେରା କହିଛନ୍ତି।

### ସୁବର୍ଣ୍ଣରେଖାରେ ପୁଣି...

ପାଉଛି। ବାଲେଶ୍ୱର ଜିଲ୍ଲାରେ ଗତକାଲି ଏବଂ ଆଜିକୁ ମିଶାଇ ୨୮.୨୫ ପ୍ରତିଶତ ହାରରେ ମୋଟ ୩୩୯ ମିମି ବର୍ଷା ରେକର୍ଡ କରାଯାଇଛି। ବାହାନଗା ବ୍ଲକରେ ୨୫ମିମି ବର୍ଷା ହୋଇଥିବା ବେଳେ ବାଲେଶ୍ୱର ସଦରରେ ୫୩ମିମି, ବାଲିଆପାଳରେ ୧୬, ଭୋଗରାଇରେ ୧୫, ନୀଳଗିରିରେ ୫୮, ଔପଦାରେ ୩୯, ରେମୁଣାରେ ୪୭, ସିମୁଳିଆରେ ୨୦ ଏବଂ ସୋରରେ ୧୦ମିମି ବର୍ଷା ରେକର୍ଡ ହୋଇଛି।

ସନ୍ଧ୍ୟା ୭ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ, ରାଜଘାଟଠାରେ ସୁବର୍ଣ୍ଣରେଖାର ଜଳସ୍ତର ୭.୧୩ ମିଟର ରହିଛି। ଏହି ନଦୀର ବିପଦ ସଙ୍କେତ ୧୦.୩୬ମିଟର ଥିବା ବେଳେ ସତର୍କ ସଙ୍କେତ ୯.୪୫ମିଟର ରହିଛି। ସେହିପରି ମଥାନୀଠାରେ ଜଳକାର ଜଳସ୍ତର ୫.୦୧ମିଟର ରେକର୍ଡ ହୋଇଛି। ନଦୀର ବିପଦ ସଙ୍କେତ ୬.୫୦ମିଟର ଥିବା ବେଳେ ସତର୍କ ସଙ୍କେତ ୬ ମିଟର ରହିଛି।

### ୩୦ ହଜାର ପ୍ରିମିୟମ...

ହେଉଛି। ପ୍ରିମିୟମ ହିସାବରେ ୫୦ ପ୍ରତିଶତରୁ ଅଧିକ ଫସଲ କ୍ଷତି ହେଲେ ୩ ଲକ୍ଷ ୪୦ ହଜାର ଟଙ୍କା ମିଳିବାର ଥିଲା। ତେବେ ବୀମା କମ୍ପାନୀ ଏଚ୍‌ଡିଏଫ୍‌ସି କେବଳ ୧୨୭୪ ଟଙ୍କା ପ୍ରଦାନ କରିଥିଲା। ଏହା ବହୁତ କମ୍। ଏହି ଟଙ୍କା ବ୍ୟାଙ୍କରୁ ଉଠାଇବାକୁ ମଧ୍ୟ ଲାଜ ଲାଗୁଛି ବୋଲି ସେ କହିଛନ୍ତି।

ଅତର ଗ୍ରାମର ଅନେକ ଚାଷୀଙ୍କ କ୍ଷେତ୍ରରେ ମଧ୍ୟ ଏଭଳି ଘଟିଛି। ଅନିଲ କହ୍ନେୟାଲାଲ ୧୫ ଏକର ଜମି ପାଇଁ ୪୫୭୦ ଟଙ୍କା ଦେଇ ବୀମା କରାଇ ଥିଲେ। ତେବେ ତାଙ୍କୁ ମାତ୍ର ୧୩୮୭ ଟଙ୍କା ମିଳିଛି। ସେହିପରି ପ୍ରିମିୟମ ବାବାଦକୁ ଗାଁର ଗଙ୍ଗାଲାଲ୍‌ଙ୍କୁ ୧୨୦୦ ଟଙ୍କା, କମଲଚନ୍ଦ ନଥୁଙ୍କୁ ୨୨୦୦ ଟଙ୍କା, ଶୁଭମ କମଲଚନ୍ଦଙ୍କୁ ୨୪୦୦ ଟଙ୍କା, ରାକେଶ ନଥୁଙ୍କ ୨୪୦୦ ଟଙ୍କା କଟିଥିଲା। କିନ୍ତୁ ଏମାନଙ୍କୁ କାହାକୁ ବୀମା ରାଶି ମିଳିପାରି ନାହିଁ।


**AFFIDAVIT**

I, Pritam Agrawal, S/o- Radhashyam Agarwal, Resident of Vill - Bazarpada (Madanmohanpada), PS/ PO/ Dist - Angul, Pin - 759122, Odisha,declare by this affidavit No - 2746, dated- 22.08.2025, that now onwards I shall be known as **PREETAM AGARWAL** for all future purposes.

**Notice (Above 18 years of age)**

By Virtue of an Affidavite sworn before the Notary Public, Udala, Mayurbhnaj, dated 22-08-2025 I, Jhankar Tudu, Address At- Taradashol, Po- Taradashol, Ps- Khunta, Dist- Mayurbhanj, Pin- 757085 declare that I have changed my name Jhinkar Tudu to Jhankar Tudu. Henceforth I shall be known as Jhankar Tudu for all purposes.

Jhankar Tudu

**AFFIDAVIT**

By virtue of an affidavit no-3869 sworn before the Executive Magistrate, Dhenkanal on dtd- 31/07/2025, I **Rasananda Garanayak**, S/o- Gumani Garanayak, resident of At/Po- Neulapoi, Ps- Gondia, Dist- Dhenkanal, Odisha. My Aadhar Card bearing No. 8632 0518 2255. I have changed my name from **Rasananda Samal** (old name) to **Rasananda Garanayak** (new name). Henceforth, both name Rasananda Samal and Rasananda Garanayak is one & same person, I will be known as **Rasananda Garanayak** for all future purposes.

Rasananda Garanayak

**Notice (for Minor)**

By virtue of an affidavit sworn before Executive Magistrate, Baripada, Mayurbhanj dated 25.03.2025 with Serial No : 1838.i, Phulamani Murmu Resident of At-bhadua, Po- danadar, Ps-jharpakharia, Dist- mayurbhanj, Odisha, Pin- 757032 declare that i have change the name of my son from Sambh Murmu To Sambhunath Murmu. Henceforth, He shall be known as Sambhunath Murmu for all purposes.

Phulamani Murmu

**ହଜିଯାଇଛି**

ମୁଁ ଦୁର୍ବା ରଞ୍ଜନ ସିଂହ ବାବୁ, ପିତା ୰ ସତ୍ୟ ଚରଣ ସିଂହ ବାବୁ, At : AM2/03, Brooke Street, Covent Garden, Adhalia, PO:Phulnakhara, Dist- Cuttack, ଘୋଷଣା କରୁଅଛି ଯେ, ମୋର ସମ୍ପତ୍ତି ସହ ସମ୍ବନ୍ଧିତ ଏକ ମୂଳ ROR ପତ୍ରଟି କେଉଁଠି ହଜାଇ ଦେଇଛି, ଯାହାର ଖତିଆନ ନଂ.686/1000, ପ୍ଲଟ୍ ନଂ. 1118/7081, କ୍ଷେତ୍ରଫଳ : A 0.060 Dec. ଓ ଜମିଦାରଙ୍କ ନାମ ଶ୍ରୀମତୀ ଡ଼ଲି ଦାସ ଓ ଟୁଟୁଲ କିଶୋର ଦାସ, ମୌଜା-ଅଢ଼ାଳିଆ। ଏହି ROR ଟି ଏସ୍.ବି.ଆଇ. ହୋମ୍ ଲୋନ୍ ସେଣ୍ଟର, ମହାନଦୀ ବିହାର, କଟକ କୁ ଜମା କରିବାକୁ ଉଦ୍ଦିଷ୍ଟ। ଯଦି କାହାକୁ ଏହି ପତ୍ରଟି ମିଳେ, ତାହେଲେ ଦୟାକରି ଏହି ନମ୍ବରରେ ସମ୍ପର୍କ କରନ୍ତୁ। 9861077996

**AFFIDAVIT**

I, Saroj Kumar Samal, S/o- Prafulla Chandra Samal, resident of At- Bantala, Po- Kurujanga, Dist- Cuttack, PIN- 754208, Odisha declared by this affidavit No. 675, dtd- 22/08/2025 that now onwards I shall be known as **SAROJA KUMAR SAMAL** for all future purposes.

**Notice (for Minor)**

By virtue of an affidavit sworn before The court of Executive Magistrate, Baripada, Mayurbhanj, dated 02-08-2025 I, Chama Marndi, Address AT- Dubulabeda, PO- Kuabuda, PS- Chandua, Dist- Mayurbhanj, PIN-757014 declare that I have changed the name of my Son from Sankh Marndi to Sankha Marndi. Henceforth, he shall be known as Sankha Marndi for all purposes.

Chama Marandi

**AFFIDAVIT**

**I, Md Muzammilur Rahman S/o-Md. Mohinuddin Ahmed, resident of Aradbazar, PS-Sahadevkhunta, Balasore, Pin-756001, Odisha, declare by this affidavit No.7238 dtd. 20/06/2025 now onwards I shall be known as Md. Muzammilur Rahman for all future purposes.**

**AFFIDAVIT**

By virtue of an affidavit No. 5151 sworn before the Executive Magistrate, Champua, dated- 18/08/2025. I, Sunita Behera, W/o- Gouttam Behera, permanent resident of Vill- Jayamangalpur, Po- Kodagadia, Ps- Champua, Dist-Keonjhar, Pin- 758041, Odisha, I have changed my minor daughter's name from **Line Behera** (old Name) to **Liza Behera** (new name). Henceforth, she shall be known as **Liza Behera** for all future purposes.

Sd/- Sunita Behera

**AFFIDAVIT**

**I, Mrs Khoosnaz Raheman W/o-Md. Muzammilur Rahman, resident of Aradbazar, PS-Sahadevkhunta, Balasore, Pin-756001, Odisha, declare by this affidavit No. 7238 dtd. 20/06/2025, now onwards I shall be known as Khoosnaz Raheman for all future purposes.**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 29-KUR-TRD-OT-2025-26

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳରେ ଗାଲ୍ଭାନାଇଜଡ୍ (Galvanized) ଷ୍ଟିଲ୍ ୱାୟରର ସ୍ଥାନରେ ଆଣ୍ଟିକ୍ରିପ୍ (Anticreep) ୱାୟର ଭାବରେ କ୍ୟାଟେନାରୀ (Catenary) ୱାୟର ର ବ୍ୟବସ୍ଥା।

ବିଜ୍ଞାପିତ ମୂଲ୍ୟ : ₹ 79,10,763.04, EMD : ₹ 1,58,200/-, ଶେଷ ହେବା ଅବଧି : 365 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.27.08.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.09.2025ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-509/Q/25-26

**LOST**

I, **Smt. Chhabi Rani Ghosh**, aged about 52 years, W/o Sibanjan Ghosh, present resident of At: QTR No. JIB-43, South Balanda Colony, Talcher, Dist-Angul, Odisha do hereby declare that, on dtd- 02/08/2025, while I was coming from NSCH Colony to my resident at Balanda Colony in as Autorickshaw, I have lost my original Sale Deed No- 10051700921, dt- 02/06/2017, Hal Khata no- 370/288, Plot No- 1917, Area- 60 dcml, Mouza- Tentulei with other documents which was kept in my hand bag. If anyone finds it kindly contact to my number 9090706201 or above the address.

Chhabi Rani Ghosh

**AFFIDAVIT**

By virtue of an affidavit sworn before Executive Magistrate, Gop, CF.NO- 273411, dated 02-08-2025 I, **RAMESH KUMAR NAYAK, S/o Bharat Nayak** permanent resident of Village At- Barimunda, PO- Baulanga, PS- Gop, Dist- Puri, State- Odisha, PIN- 752107, declare that I have changed my name from **RAMESH NAYAK** (Old name) to **RAMESH KUMAR NAYAK** (New name), Henceforth, I shall be known as **RAMESH KUMAR NAYAK** for all purposes.

Sd-( **RAMESH KUMAR NAYAK** )

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIII BBS2025031, ତା.14.08.2025ରିଖ

କାର୍ଯ୍ୟର ନାମ : EPC ମୋଡ୍‌ରେ ଉପଯୋଗି ବସ୍ତୁର ସ୍ଥାନାନ୍ତରଣ, ବିଦ୍ୟୁତୀକରଣ ଏବଂ ସିଗ୍ନାଲିଙ୍ଗ୍ ଏବଂ ଦୂରସଂଚାର କାର୍ଯ୍ୟ ସହିତ ବେତାରୀ ଷ୍ଟେସନ ଠାରୁ କାଳିପର୍ବତ ପର୍ଯ୍ୟନ୍ତ ନୂଆ ଲାଇନ୍‌ର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 10633.00 ଲକ୍ଷ, EMD : ₹ 53,16,500/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.12.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-83/CI/25-26

**AFFIDAVIT**

By virtue of an affidavit sworn before Executive Magistrate, Gop, CF.NO- 278012, dated 05-08-2025 I, **PRAVATI NAYAK, W/o Ramesh Kumar Nayak** permanent resident of Village At- Barimunda, PO- Baulanga, PS- Gop, Dist- Puri, State- Odisha, PIN- 752107, declare that I have changed my name from **PRAVATI RANI NAYAK** (Old name) to **PRAVATI NAYAK** (New name), Henceforth, I shall be known as **PRAVATI NAYAK** for all purposes.

Sd-( **PRAVATI NAYAK** )

**LOST**

I, **Lingaraj Mishra**, aged about 72 years, S/o Late Raghunatha Mishra, resident of At- Biraramachandrapur Part-4, PO- Biraramachandrapur, PS- Satyabadi, Dist- Puri, PIN- 752014, Odisha declare that on dtd. 01/08/2025, while I was coming from Sakhigopal bazar to my resident at Biraramachandrapur in a Auto Rickshaw, I have lost my original interim deed (Link Document) sale deed No. 11541500182 date- 25/03/2015 and ROR Mouza- Biraramachandrapur, Khata No. 1339/5019 in name of Padmaja Priyadarshini Mishra along with other documents which was kept in my hand bag somewhere said bag has been misplaced / lost anywhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim before the LICHFL, at: IPICOL House within 15 days from the date of publication and after that the documents will lose its legal force and LICHFL will not be responsible for any claim what-so-ever on the property after 15 days.

LICHFL Branch, BBSR
N.C. Pattnaik, Advocate
Mob: 9853311189

Office of the Principal Cum-Secretary
**SHREE JAGANNATH HIGHER SECONDARY SCHOOL**
AT/P.O.- PINGUA, DHENKANAL - 759016
Email Id- s.j.m.pingua@gmail.com

Applications are invited from the eligible candidates for the Contractual Post of **Watch Man** within 7 days, to the Administrative Officer, S.J. Higher Secondary School, Pingua, Dhenkanal.

Sd/- Administrative Officer
Shree Jagannath H.S. School

## ନୟାଗଡ଼ ପୌର ପରିଷଦ

# ପ୍ରହସନ ପାଲଟିଲା ଗୋ-ଉଦ୍ଧାର କାର୍ଯ୍ୟକ୍ରମ

ନୟାଗଡ଼, ୨୩।୮ (ସମିସ)



ନୟାଗଡ଼ ପୌର ପରିଷଦରେ ଘଡ଼ିକେ ଘୋଡ଼ା ଛୁଟୁଛି। ସରକାରୀ ଅର୍ଥକୁ ଅପଚୟ କରାଯାଇ ପକେଇରେ ଛେପକୁ ପୁଣି ଚୋକା ଯାଉଛି। ପୌରନିର୍ବାହୀ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟଅଭାବ ନାଁ କର୍ମଚାରୀଙ୍କ ଭିତିରିଆ କାରବାର ଏଭଳି କାର୍ଯ୍ୟକୁ ଆଗକୁ ନେଉଛି, ତାହା ବୁଝା ପଡ଼ୁନାହିଁ। ଗତ ମାସରେ ନୟାଗଡ଼ ପୌର ପରିଷଦ ପକ୍ଷରୁ ସହର ମଧ୍ୟରେ ଟ୍ରାଫିକ ଜାମ କରୁଥିବା

● ଗୋଶାଳାରେ ଛାଡ଼ିଥିଲେ ପୁଣି ଫେରାଇଲେ
● ଦୋମୁହାଁ ନୀତି ଆପଣାଇଛନ୍ତି କି ଅଧିକାରୀ

ଅନେକ ବୁଲା ଗାଈଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ଏହି ଗାଈ ଗୋରୁଙ୍କୁ ଗୋଶାଳାରେ ଛଡ଼ା ଯାଇଥିଲା। ଉକ୍ତ ଗାଈ ମଧ୍ୟରୁ କିଛି ଗାଈଙ୍କୁ ଭିତିରିଆ ଗୋପାଳଙ୍କୁ ଫେରାଇ ଦିଆଯାଇଥିବା ସୂଚନା ମିଳିଛି। ପୌର ପରିଷଦର ଏଭଳି ଦୋମୁହାଁ ନୀତିକୁ ନେଇ ଏବେ ସହରରେ ଜୋରଦାର ଚର୍ଚ୍ଚା ସୃଷ୍ଟି ହୋଇଛି। ଯଦି ଜଣେ ଗୋପାଳଙ୍କୁ ଗାଈ ଫେରସ୍ତ କରାଗଲା, ତେବେ ଅନ୍ୟମାନଙ୍କୁ କାହିଁକି ଫେରସ୍ତ କରାଗଲା ନାହିଁ ବୋଲି ପ୍ରଶ୍ନ ଉଠିଛି। ଏଠାରେ ପ୍ରକାଶ ଯୋଗ୍ୟ, ନୟାଗଡ଼ ସହରରେ ଗାଈଗୋରୁଙ୍କୁ ଛାଡ଼ି ଦିଆଯିବା ଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏନେଇ ସୋସିଆଲ ମିଡିଆଠାରୁ ଗଣମାଧ୍ୟମ ପର୍ଯ୍ୟନ୍ତ ସ୍ୱର ଉଠିବା ପରେ ପୌର ପରିଷଦ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ପ୍ରଶିକ୍ଷିତ ଗୋପାଳଙ୍କ ସହାୟତାରେ ଗୋଉଦ୍ଧାର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ରାତିରେ ୧୮ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ସହରର ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଥିଲା। ଗାଈ ଗୁଡ଼ିକୁ ନିକଟସ୍ଥ ଗୋଶାଳାରେ ରଖାଯାଇଥିଲା। ବାରମ୍ବାର ତାଗିଦ ପରେ ବି ଗାଈ ମାଲିକମାନେ ବେଫିକର ଭାବେ ସହର ମଝିକୁ ଗାଈ ଛାଡ଼ି ଦେଉଥିଲେ। ଏନେଇ ମାଇକ ଯୋଗେ ପ୍ରଚାର କରାଯିବା ପରେ ବି ପରିସ୍ଥିତି ସୁଧୁରୁନଥିଲା। ନୟାଗଡ଼ରେ ଗାଈଗୋରୁଙ୍କ ପାଇଁ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାକୁ ନେଇ ନୟାଗଡ଼ ଏସ୍ପି ଏସ୍ ସୁଶ୍ରୀ ମଧ୍ୟ ଚିନ୍ତା ବ୍ୟକ୍ତ କରିଥିଲେ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୌର ପରିଷଦକୁ ପରାମର୍ଶ ଦେଇଥିଲେ। ଏସ୍ପିଙ୍କ ପରାମର୍ଶ କ୍ରମରେ ପୌର ପରିଷଦ ଗୋ ଉଦ୍ଧାର ଅଭିଯାନ କରାଯାଇଥିଲା। ତେବେ ଉଦ୍ଧାର ଗୋରୁଙ୍କ ମଧ୍ୟରୁ ୮ଟି ଗୋରୁଙ୍କୁ ପୁଣିଥରେ ଗୋପାଳଙ୍କୁ ଫେରାଇ ଦିଆଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୟାଗଡ଼ ପୌର ପରିଷଦ ୱାର୍ଡ଼ ଅଫିସର ନାରାୟଣ ନାୟକ ଗାଈଗୁଡ଼ିକୁ ଖଣ୍ଡପଡ଼ା ଗୋଶାଳାରୁ ଆଣି ପୁଣି ଗୋପାଳଙ୍କୁ ଫେରାଇଥିବା ସୂଚନା ମିଳିଛି। ୮ଟି ଗାଈ ଓ ଗୋଟିଏ ବାଛୁରିକୁ ମୁକ୍ତାପୁର ଗ୍ରାମର ଜଣେ ଗୋପାଳଙ୍କୁ ଫେରାଇଥିବା ସୂଚନା ମିଳିଛି। ପୌର ନିର୍ବାହୀ ଅଧିକାରୀ ଗାଈଗୁଡ଼ିକ କୌଣସି ପରିସ୍ଥିତିରେ ଫେରସ୍ତ କରାଯିବ ନାହିଁ ବୋଲି ପୂର୍ବରୁ କହିଥିବା ବେଳେ କିଭଳି ଜଣେ ଗୋପାଳଙ୍କୁ ଗାଈ ଫେରସ୍ତ କରାଗଲା ବୋଲି ସହରବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ଏହା ପଛରେ କିଛି ଦାଗ ରହିଛି ନାଁ ପୌର କର୍ମଚାରୀଙ୍କ ମନମୁଖୀ ଶାସନ ଚାଲିଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀଙ୍କୁ ମତାମତ ମିଳି ପାରିନଥିବା ବେଳେ ଆଗାମୀ ଦିନରେ ଅନ୍ୟ ଗୋପାଳକମାନେ ପୌର ପରିଷଦ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ସୂଚନା ମିଳିଛି।

## ■ ଅବକାରୀ ବିଭାଗରେ ସମନ୍ୱୟ ଅଭାବ

# ରଣପୁରରେ ଅଧିକାରୀଙ୍କ ଦବଙ୍ଗିରି

ନୟାଗଡ଼, ୨୩।୮ (ସମିସ): ନୟାଗଡ଼ ଜିଲ୍ଲା ଅବକାରୀ ବିଭାଗରେ ସମନ୍ୱୟ ଅଭାବ ଓ ଗୋଳମାଳିଆ ସ୍ଥିତି ସୃଷ୍ଟି ହୋଇଛି। ଯାହାକୁ ନେଇ ଜିଲ୍ଲାରେ ଅବକାରୀ କର୍ମଚାରୀ ଓ ଅଧିକାରୀଙ୍କ ବେପରୁଆ ନୀତି ବିଭାଗକୁ ନିନ୍ଦିତ କରୁଛି। ଦୀର୍ଘଦିନ ଧରି ରଣପୁର ଅବକାରୀ ବିଭାଗରେ କାର୍ଯ୍ୟରତ କିଛି ଅଧିକାରୀ ଓ କର୍ମଚାରୀଙ୍କ ବେପରୁଆ ନୀତି ଓ ମାଫିଆଙ୍କ ସହ ଭିତିରିଆ ବୁଝାମଣା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ରଣପୁର ଅଞ୍ଚଳରେ ବେଆଇନ ମଦ କାରବାର, ନକଲି ମଦ ବ୍ୟବସାୟ, ବ୍ରାଉନସୁଗାର କାରବାର ଅହେତୁକ ବୃଦ୍ଧି ପାଇଛି। ଖୋର୍ଦ୍ଧା ଅଞ୍ଚଳରୁ ରଣପୁର ଅଞ୍ଚଳକୁ ନିୟମିତ ଚାଲାଣ ହେଉଥିବା ବ୍ରାଉନସୁଗାର କାରବାରକୁ ରୋକିବା ପରିବର୍ତ୍ତେ ଅବକାରୀ ଅଧିକାରୀ ମାଫିଆଙ୍କୁ ସହଯୋଗ କରୁଛନ୍ତି। ମାଫିଆଙ୍କ ବ୍ୟବସାୟରେ ବାଧକ ସାଜୁଥିବା ଛୋଟ ବେପାରୀଙ୍କୁ ଉଠାଇ ଆଣି ଅଜ୍ଞାତ ସ୍ଥାନରେ ଅମାନୁଷିକ ଅତ୍ୟାଚାର କରୁଥିବା ଅଭିଯୋଗ ହୋଇଛି। ରଣପୁର ଅଞ୍ଚଳରୁ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଆଣି ନୟାଗଡ଼ ସହର ପୂର୍ବ ବିଭାଗ ନିକଟରେ ରହିଥିବା ଅବକାରୀ ଥାନାରେ ରଖି ନିର୍ଯ୍ୟାତନା ଦିଆଯାଇଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଏହା ସହିତ ରଣପୁର ଅବକାରୀ ଅଧିକାରୀ ଓ କର୍ମଚାରୀମାନେ ରଣପୁରରେ ନରହି ନୟାଗଡ଼ ସହରକୁ ନିୟମିତ ଆସି ହୋଟେଲରେ ଅବସ୍ଥାନ କରିବା ବିଭାଗ ଭିତରେ ଜୋରଦାର ଚର୍ଚ୍ଚା ସୃଷ୍ଟି କରୁଛି। ରଣପୁର ଅଞ୍ଚଳରେ ମାତ୍ରାଧିକ ନକଲି ମଦ କାରବାର ଚାଲିଥିବା ବେଳେ ବିଗତ ଦିନରେ କେନ୍ଦ୍ରୀୟ ଗୁଇନ୍ଦା ଅବକାରୀ ବିଭାଗ ଚଢ଼ଉ କରି ନକଲି ମଦ କାରଖାନାରୁ ବିପୁଳ ପରିମାଣର ନକଲି ମଦ ଜବତ କରିଥିଲା। ଜଣେ ନକଲି ମଦ ପ୍ରସ୍ତୁତକାରୀକୁ ଅବକାରୀ ଅଧିକାରୀମାନେ ଥାନାରେ ନିର୍ଘୃମ ମାଡ଼ ମାରିଥିବା ନେଇ ରଣପୁର କୋର୍ଟରେ ମଧ୍ୟ ଏକ ମାମଲା ରୁଜୁ ହୋଇଛି। ଅବକାରୀ ଅଧିକାରୀମାନଙ୍କର ଏଭଳି କାରନାମା କୌଣସି ଗୁଣ୍ଡାଠାରୁ କମ୍ ନୁହେଁ ବୋଲି ରଣପୁର ଅଞ୍ଚଳରେ ଆଲୋଚନା ହେଉଛି। ରଣପୁର ଅଞ୍ଚଳ ଜଙ୍ଗଲ ଘେରା ସହ ଗ୍ରାମାଞ୍ଚଳରେ ଭରପୂର ହୋଇଥିବା ବେଳେ ଗାଁ ଗାଁରେ ଦେଶୀ ମଦ କାରବାର ବୃଦ୍ଧି ପାଉଛି। ଦେଶୀ ମଦ ବ୍ୟବସାୟୀଙ୍କଠାରୁ ମାସିକିଆ ଚାନ୍ଦା ଆଦାୟ କରି ସବୁକୁ ଅବକାରୀ ଅଧିକାରୀମାନେ ଆଖିବୁଜି ଦେଉଥିବା ଆଲୋଚନା ହେଉଛି। ଜିଲ୍ଲା ଅବକାରୀ ଅଧିକ୍ଷକ ଏସବୁ ପ୍ରତି ଧ୍ୟାନ ଦେଉନଥିବା କାରଣରୁ ରଣପୁର ଅଞ୍ଚଳରେ ଏବେ ଅବକାରୀ ବିଭାଗ ପ୍ରତି ଲୋକଙ୍କର ଆସ୍ଥା ତୁଟିବାକୁ ବସିଛି। ଜିଲ୍ଲାପାଳ ତଥା ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ଏହା ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ନଳକୂଅ ଖନନ ଦାବି

ଓଡଗାଁ, ୨୩।୮ (ସମିସ): ଘର ଘରକୁ ପାନୀୟ ଜଳ ଯୋଗାଣ ସରକାର ପାଇଁ ପ୍ରାଥମିକତା ହୋଇଥିବା ବେଳେ ଗାଁରେ ମହାନଦୀର ଜଳ ଯୋଗାଣ ଏବେ ସାତ ସପନ ହୋଇଯାଇଛି। ଏଥିପାଇଁ ଗାଁ ଗଣ୍ଡାର ରାସ୍ତା ସବୁ ଠିକାଦାରଙ୍କ ଦ୍ୱାରା ଖୋଳି ପାଇପ୍ ଲାଇନ ପଡୁଛି। ହେଲେ ପାଣି କେବେ ମିଳିବ ତାହାର କୌଣସି ନିର୍ଦ୍ଦିଷ୍ଟତା ନାହିଁ। ଏପରିସ୍ଥିତିରେ ଓଡ଼ଗାଁ ବ୍ଲକ ରଙ୍ଗଣିପାଟଣା ପଞ୍ଚାୟତ ଜାମୁ ସାହିର ହରିଜନ ସାହିରେ ୪୦ ପରିବାର ସଫା ପାଣି ବଦଳରେ ଲୁହା ଗୁଣ୍ଡ କଳଙ୍କି ବାହାରୁଥିବା ଏକ ମାତ୍ର ନଳ କୂପ ଉପରେ ଭରସା କରିଛନ୍ତି। ଏଣୁ ସଫା ପାଣି ଟୋପାଏ ପାଇଁ ଅନ୍ୟ ଏକ ନଳକୂପ ଖନନ କରିବାକୁ ସେମାନେ ଦାବୀ କରିଥିଲେ। ଏକମାସ ପୂର୍ବେ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ଦ୍ୱାରା ଗୋଟିଏ ନଳ କୂପ ଖନନ ହୋଇଥିଲା। ହେଲେ ସେଥିରୁ ବାଲି ବାହାରିବାରୁ ପୁଣି ଥରେ ଅନ୍ୟ ଏକ ଉଚ୍ଚା ସ୍ଥାନରେ ନଳକୂପ ଖନନ କରିବାକୁ କହି ଗାଡି ଚାଲି ଯାଇଥିଲା। ତେବେ ବିଳମ୍ବ ବଢ଼ିବାରୁ ସାହି ବାସିନ୍ଦା ପୂର୍ବ ଦାବୀ ଦୋହରାଇବା ସହିତ ଏନେଇ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଧାୟକ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ସସ୍ମିତା ପାତ୍ରଙ୍କ ମତାମତ ନେବାରେ ସେ ଏନେଇ ବିଭାଗୀୟ ଯାନ୍ତ୍ରୀଙ୍କୁ କହିଥିବା କହୁଥିବା ବେଳେ ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରେ ବର୍ଷା ଛାଡିଲେ ଅନ୍ୟ ଏକ ଜାଗାରେ ନଳକୂପ ଖନନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ■ ସୁଭଦ୍ରା ଯୋଜନା

# ୩ୟ କିସ୍ତି ଟଙ୍କା ପାଇବାରୁ ଏକାଧିକ ବଞ୍ଚିତ

ଖଣ୍ଡପଡ଼ା, ୨୩।୮ (ସମିସ): ଗତ ୯ ତାରିଖ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାଜ୍ୟ ସରକାର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୩ୟ କିସ୍ତି ଟଙ୍କା ପ୍ରଦାନ କରିଛନ୍ତି। ମାତ୍ର ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଏକାଧିକ ମହିଳା ଏହି ଯୋଜନାରେ ଅବ୍ୟାବଧି ତୃତୀୟ କିସ୍ତି ଟଙ୍କା ପାଇନଥିବା ଜଣାପଡ଼ିଛି। ଏହି ଲୋକହିତକର ଯୋଜନାରେ ପୂର୍ବରୁ ମହିଳାମାନେ ୨ଟି କିସ୍ତିରେ ୧୦ ହଜାର ଟଙ୍କା ଲେଖାଁଏ ପାଇଥିଲେ ହେଁ ତୃତୀୟ ଥର ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ସୁଭଦ୍ରା ଯୋଜନାରେ ତୃତୀୟ ଥର ଟଙ୍କା ପାଇବାରୁ ବଞ୍ଚିତ ମହିଳାମାନେ ବ୍ୟାଙ୍କ ବାଲାନ୍ସ ଚେକ କରିବା ନିମନ୍ତେ ସଞ୍ଚୟ ଜମା ଖାତା ଧରି ବିଭିନ୍ନ ବ୍ୟାଙ୍କ ପରିସରରେ ଭିଡ ଜମାଉଥିବା ବେଳେ ଅଧିକାଂଶ ମହିଳା କାଗଜପତ୍ର ଧରି ଜନ ସେବା କେନ୍ଦ୍ର ଗୁଡିକରେ ଭିଡ ଜମାଉଥିବା ପରିଲକ୍ଷିତ ହେଉଛି। ତେବେ ସୁଭଦ୍ରା ଯୋଜନାର ୩ୟ କିସ୍ତି ଟଙ୍କା ପାଇବାରୁ ବଞ୍ଚିତ ହୋଇଥିବା ମହିଳାମାନଙ୍କ ପ୍ରତି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଖଣ୍ଡପଡ଼ା ନୂତନ ରାଜାଙ୍କ ନୀଳମାଧବ ଦର୍ଶନ

କଣ୍ଟିଲୋ, ୨୩।୮ (ସମିସ): ଆଜି ଖଣ୍ଡପଡ଼ାର ନୂତନ ରାଜା ଭାବେ ଅଭିଷିକ୍ତ ସିଦ୍ଧାର୍ଥ ଶେଖର ସିଂ ମର୍ଦ୍ଦରାଜ ଜଗନ୍ନାଥଙ୍କ ଆଦିପୀଠ ନୀଳମାଧବ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଖଣ୍ଡପଡ଼ା ପୂର୍ବତନ ରାଜା ବିଭୁତି ଭୂଷଣ ସିଂ ମର୍ଦ୍ଦରାଜଙ୍କ ଦେହାନ୍ତ ପରେ ଏକମାତ୍ର ପୁତ୍ର ଯୁବରାଜ ସିଦ୍ଧାର୍ଥ ସିଂ



ପରମ୍ପରା ଅନୁଯାୟୀ ରାଜ୍ୟାଭିଷେକ କରାଯାଇଥିଲା। ପରମ୍ପରା ଅନୁଯାୟୀ ଅସ୍ଥି ବିସର୍ଜନ ପରେ ପୁରୀ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ଓ ପଞ୍ଚତୀର୍ଥ ଦର୍ଶନ ସମାପନ ପରେ ଆଜି କଣ୍ଟିଲୋରେ ପ୍ରଭୁ ନୀଳମାଧବଙ୍କ ଦର୍ଶନ, ପୂଜାର୍ଚ୍ଚନା ସହ ଆଶିଷ ଭିକ୍ଷା କରିଥିଲେ।

## ■ ଭାପୁରରେ ଖୋଲିବ ଗ୍ରାମ୍ୟ ଉନ୍ନୟନ ବିଭାଗ ସବ୍‌ଡିଭିଜନ

# ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଚଳାଉଛନ୍ତି ଅଫିସ

ଭାପୁର, ୨୩।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଜନସାଧାରଣ ବହୁଦିନ ହେଲା ଭାପୁରରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଏକ ସବଡିଭିଜନ ଅଫିସ ଖୋଲିବା ପାଇଁ ଦାବୀ ହେଉଥିଲା। ବର୍ତ୍ତମାନ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ୧୯-୮-୨୦୨୫ ଚିଠି ନମ୍ବର ୨୬୮୧୦ ଅନୁଯାୟୀ ରାଜ୍ୟର ଅନ୍ୟ କେତେକ ସ୍ଥାନ ସହ ଭାପୁରରେ ଆଉ ଏକ ସେକସନ ଅଫିସ ସହ ସବଡିଭିଜନ ଅଫିସ ଖୋଲିବ ବୋଲି ଉଲ୍ଲେଖ ରହିଛି। ଭାପୁର ବ୍ଲକ ଭାପୁର ବଜାର ବାଇପାସ ନିକଟରେ ଦୀର୍ଘ ପାଞ୍ଚ ବର୍ଷ ହେଲା ଏକ ଅଫିସ ଘର ନିର୍ମାଣ ହୋଇ ଏହି ବିଭାଗର ଏକ ସେକସନ ଅଫିସ କାର୍ଯ୍ୟ ସମ୍ପାଦନ କରୁଛି। ଏଠାରେ ମାତ୍ର ଜଣେ ଯନ୍ତ୍ରୀ ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନେଇ ଅଫିସ ଚାଲୁଛି। ଏହି ଅଫିସରେ କୌଣସି ଚେୟାର ଟେବୁଲ ନାହିଁ। ଯନ୍ତ୍ରୀ ଜଣଙ୍କ ଫିଲଡରେ ଦିନ ତମାମ ବୁଲି ତାଙ୍କ ଡ୍ୟୁଟି କରୁଥିବା ବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଣଙ୍କ ସପ ପକାଇ ବସିବସି ଅଫିସ ଜଗି ଡ୍ୟୁଟି କରୁଛନ୍ତି। ବର୍ତ୍ତମାନ ଭାପୁରରେ ଆଉ ଏକ ସେକସନ-୨ ଖୋଲିବା ସହ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଫିସ ଖୋଲିବା ପାଇଁ ସରକାରୀ ଚିଠି ହେବା ପରେ ଏହି ଅଫିସ ପାଇଁ ଓ ଏହାର ନୂତନ କୋଠା ପାଇଁ ଜମି ଖୋଜା ଚାଲିଛି। ଭାପୁରରେ ସହକାରୀ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟଳୟ ଖୋଲିଲେ ବ୍ଲକରେ ନିର୍ମାଣାଧିନ ସମସ୍ତ ୭ ଟି ନୂତନ ରାସ୍ତାର କାର୍ଯ୍ୟ ତ୍ୱରାନ୍ୱିତ ହେବ। ତୁରନ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ଅଫିସ କର୍ମଚାରୀ ପଦବୀ ଗୁଡିକ ପୁରଣ କରିବାକୁ ଦାବି ହେଉଛି।

## ■ ଶିଳାନ୍ୟାସ ରାଜନୀତି

# ଆହାର କେନ୍ଦ୍ର ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କେବେ

ଖଣ୍ଡପଡ଼ା, ୨୩।୮ (ସମିସ): ରାଜ୍ୟରେ ସରକାର ପରିବର୍ତ୍ତନ ସହ ଖଣ୍ଡପଡ଼ା ରାଜନୀତିରେ ବି ପରିବର୍ତ୍ତନ ଆସିଛି। ଦିର୍ଘ ୨୫ ବର୍ଷ ଧରି କ୍ଷମତାରେ ଥିବା ବିଜେଡ଼ି ଶାସନରୁ ଚାଲିଯିବା ପରେ ସମଗ୍ର ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ କେବଳ ବିଧାୟକଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ଏବେ ଶିଳାନ୍ୟାସ କରାଯାଉଥିବା ପରିଲକ୍ଷିତ ହେଉଛି। ଖଣ୍ଡପଡ଼ା ସହରର ୧୨ନଂ ୱାର୍ଡସ୍ଥିତ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆହାର କେନ୍ଦ୍ର ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ଗତ ଏପ୍ରିଲ ୩୦ ତାରିଖରେ ମନ୍ତ୍ରୀ, ବିଧାୟକ ଓ ସାଂସଦଙ୍କ ଦ୍ୱାରା ଶିଳାନ୍ୟାସ ଉତ୍ସବ ବହୁ ଆଡମ୍ବରରେ ଅନୁଷ୍ଠିତ ହୋଇଥିଲା। ଇତି ମଧ୍ୟରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କେବଳ ଫଳକରେ ସୀମିତ ଥିବା ନେଇ ସାଧାରଣ ରେ ଚର୍ଚ୍ଚା ହେଉଥିବା ଜଣାପଡ଼ିଛି।



ଅପରପକ୍ଷେ ଖଣ୍ଡପଡ଼ା ସହରର ଡାକ୍ତରଖାନା ଛକସ୍ଥିତ ୨ଟି କ୍ୟାବିନ ଗୃହରେ ଆହାର କେନ୍ଦ୍ରଟି ପ୍ରଥମରୁ ଅତି ଦୟନୀୟ ସ୍ଥିତିରେ ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଆହାର କେନ୍ଦ୍ର ପରିସରରେ ସ୍ଥାନ ଅଭାବରୁ ଭୋଜନ ଖାଇବା ନିମନ୍ତେ ଜନସାଧାରଣ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖିନ ହେଉଥିବା ଜଣାପଡ଼ିଛି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନୂତନ ଆହାର କେନ୍ଦ୍ର ନିର୍ମାଣ ସହ ମାର୍କେଟ କମ୍ପ୍ଲେକ୍ସ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ସିଆଇଟିୟୁ ପକ୍ଷରୁ ଆଶା କର୍ମୀଙ୍କ ସମ୍ମିଳନୀ

ଖଣ୍ଡପଡ଼ା, ୨୩।୮ (ସମିସ): ଓଡ଼ିଶା ଆଶା କର୍ମୀ ଆସୋସିଏସନ ଖଣ୍ଡପଡ଼ା ବ୍ଲକ କମିଟି ତରଫରୁ ସିଆଇଟିୟୁ ନେତୃତ୍ୱରେ ସଂଗଠନର ତୃତୀୟ ବ୍ଲକସ୍ତରୀୟ ସମ୍ମିଳନୀ ମର୍ଦ୍ଦରାଜପୁର ସ୍ଥିତ କଲ୍ୟାଣ ମଣ୍ଡପଠାରେ ଆଜି ମଧ୍ୟାହ୍ନରେ ରୂପମଞ୍ଜରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ସମ୍ମିଳନୀକୁ ଅନୁଷ୍ଠାନର ରାଜ୍ୟ



ଉପସଭାପତି ସୁରେଶ ସ୍ୱାଇଁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ସମ୍ମିଳନୀରେ ଉପସ୍ଥାପିତ ସାଙ୍ଗଠନିକ ତଥ୍ୟ ଉପରେ ଆଲୋଚନା ହୋଇଥିଲା। ଉକ୍ତ ସମ୍ମିଳନୀରେ ୩ଟି ସେକ୍ଟରର କମିଟି ଗଠନ ସହ ବ୍ଲକ କମିଟିର ସଭାପତି ଭାବେ ରୂପମଞ୍ଜରୀ ସାହୁ, ସମ୍ପାଦିକା ଭାବେ ସନ୍ତୋଷିନୀ ସାହୁ, କୋଷାଧ୍ୟକ୍ଷ ଭାବେ ପୁଷ୍ପଲତା ରାଉତ, ଉପସଭାପତି ଭାବେ କାଳନ୍ଦୀ ନାୟକ, ପ୍ରତିମା ନାହାକ ଓ ସହ ସମ୍ପାଦିକା ଭାବେ ରୀତା ସାହୁ ନିର୍ବାଚିତ ହୋଇଥିଲେ। ସେହିପରି ଭାବେ ବାସନ୍ତି ବେହେରା ଅନୀତା ପ୍ରଧାନ, ସରୋଜିନୀ ସାମଲ, ଗୀତାଞ୍ଜଳି ରାଉତ ପ୍ରମୁଖ ସଦସ୍ୟା ନିର୍ବାଚିତ ହେବା ସହ ଏକ ୧୦ ଜଣିଆ ବ୍ଲକ କମିଟି ଗଠନ କରାଯାଇଛି। ଏହି ସମ୍ମିଳନୀରେ ରାଜ୍ୟ ଉପସଭାପତି ସୁରେଶ ସ୍ୱାଇଁ, ଜିଲ୍ଲା ସଭାପତି ଚାପ ଧାରୀ ରାଉତ, ଜିଲ୍ଲା ନେତ୍ରୀ ସଂଯୁକ୍ତା ସେଠୀ, କାଳନ୍ଦୀ ନାୟକ, ସସ୍ମିତା ପଟ୍ଟନାୟକ, ସରୋଜିନୀ ତ୍ରିପାଠୀ, ମଙ୍ଗୁଳି ରାଉତ, ଶଶିକଳା ନାୟକ, କାଞ୍ଚନ ବେହେରା ଓ ପାଟିକା ନେତ୍ରୀ ରିନା ବେହେରା ପ୍ରମୁଖ ନିଜ ନିଜ ବକ୍ତବ୍ୟ ଦେଇଥିଲେ।

# ନୟାଗଡ଼ ବ୍ଲକ୍ କଂଗ୍ରେସର ସାଂଗଠନିକ ବୈଠକ

ନୟାଗଡ଼, ୨୩।୮ (ସମିସ): ନୟାଗଡ଼ ସ୍ଥିତ ଅତିଥି ଭବନଠାରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଫକୀର ଚରଣ ମଲ୍ଲଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ ଅଖିଳ ଭାରତ କଂଗ୍ରେସ କମିଟି କିସାନ୍ କଂଗ୍ରେସ୍ ଜାତୀୟ ସଂଯୋଜକ ଅମିୟ ପଟ୍ଟନାୟକ ଯୋଗ ଦେଇ ନୟାଗଡ଼ ବ୍ଲକ ବ୍ଲକ କଂଗ୍ରେସ ସଂଗଠନକୁ କ୍ରିୟାଶୀଳ କରିବା ପାଇଁ ଉପସ୍ଥିତ କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ଜିଲ୍ଲା ବରିଷ୍ଠ ନେତୃମଣ୍ଡଳୀ ଗ୍ରାମ ପଞ୍ଚାୟତକୁ ଯାଇ ସଂଗଠନକୁ କ୍ରିୟାଶୀଳ କରିବା ପାଇଁ ଉପସ୍ଥିତ କାର୍ଯ୍ୟ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ କରିଥିଲେ। ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ସତ୍ୟବ୍ରତ ନାୟକ ଯୋଗ ଦେଇ ଆଗାମୀ ଦିନରେ ନୟାଗଡ଼ ବ୍ଲକ କଂଗ୍ରେସର କର୍ମକର୍ତ୍ତା ଏକତ୍ରିତ ହୋଇ କେନ୍ଦ୍ରର ବିଜେପି ସରକାର ଓ ଓଡ଼ିଶାର ମୋହନ ସରକାର ପ୍ରତାରଣାକୁ ଲୋକଙ୍କ ସାମ୍ନାରେ ଉପସ୍ଥାପନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଶାସନ ସ୍ଥାଣୁତା ବିରୋଧରେ ନୟାଗଡ଼ ଜିଲ୍ଲା କଂଗ୍ରେସ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନାଙ୍କ ପନ୍ଥା ଗ୍ରହଣ କରିବ। ଆଜି ଏହି ସାଙ୍ଗଠନିକ ବୈଠକରେ ସଂଗଠନକୁ କ୍ରିୟା ଶୀଳ ଓ ସୁସଂଗଠିତ କରିବାପାଇଁ ଉପସ୍ଥିତ ନେତୃମଣ୍ଡଳୀ ମତାମତ ପ୍ରଦାନ କରିଥିଲେ। ବୈଠକରେ ପୂର୍ବତନ ସଭାପତି ରଣଜିତ ଦାଶ, ବରିଷ୍ଠ ନେତା ହୁସେନ ଖାନ, ମନୋଜ ସାହୁ, ଲକ୍ଷ୍ମୀଧର ତ୍ରିପାଠୀ, ନାଥ ବରକ୍ଷଡ଼, ପିତବାଶ ଖୁଣ୍ଟିଆ, ଶିବରଞ୍ଜନ ସାହୁ କୁଲେଶ ମହାନ୍ତି, ପୂର୍ଣଚନ୍ଦ୍ର ସକ୍ଷନ୍ତା, ଦିଗାମ୍ବର ବେହେରା, ପ୍ରଦ୍ୟୁମ୍ନ ସାହୁ, ନବକିଶୋରେ ସାଠୁଆ, ଅମ୍ଳାନ ଅଂଶୁମାନ ସାହୁ ପ୍ରମୁଖ ବହୁ କଂଗ୍ରେସ୍ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ■ ଗାଁକୁ ନାହିଁ ରାସ୍ତା

# ଯମଯନ୍ତ୍ରଣାରେ ଛଟପଟ ଗ୍ରାମବାସୀ



ଗଣିଆ, ୨୩।୮ (ସମିସ): ସ୍ୱାଧୀନତାର ୭୯ ବର୍ଷ ବିତି ଯାଇଥିଲେ ମଧ୍ୟ ଆଜି ବି ଅବହେଳିତ ଅବସ୍ଥାରେ ରହୁଛନ୍ତି ଗ୍ରାମବାସୀ। ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଯମ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ନେତା ଆସୁଛନ୍ତି ନେତା ଯାଉଛନ୍ତି ମିଳୁଛି ମାଳମାଳ ପ୍ରତିଶ୍ରୁତି କିନ୍ତୁ ନା ହେଉଛି ସମସ୍ୟାର ସମାଧାନ ନା ହେଉଛି ପ୍ରତିଶ୍ରୁତି ପୂରଣ। ସ୍ୱାର୍ଥ ହାସଲ ହୋଇଗଲା ପରେ ଆଉ ନେତାଙ୍କର ଦେଖା ମିଳୁନ। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ଆଡ଼କଟା ପଞ୍ଚାୟତ ତାମରଖୋଲା ଗାଁ। ଆଦିବାସୀ ଅଧ୍ୟୁଷିତ ଉକ୍ତ ଗ୍ରାମରେ ପ୍ରାୟ ୨୦ଟି ପରିବାରର ୨୦୦ରୁ ଅଧିକ ଲୋକ ବାସ କରନ୍ତି। ଆଡକଟା ଠାରୁ ଘଞ୍ଚ ଜଙ୍ଗଲ ଭିତରେ ଅବସ୍ଥିତ ଉକ୍ତ ଗ୍ରାମକୁ ନାହିଁ ସବୁଦିନିଆ ରାସ୍ତା। ଯେଉଁ ପାଦଚଲା ମାଟି ରାସ୍ତା ଅଛି ତାହା ବର୍ଷା ଦିନେ କାଦୁଅ ପଚପଚ ହୋଇଯାଉଛି। ଉକ୍ତ ରାସ୍ତାରେ ଚାଲିକରି ଯିବା ବି କଷ୍ଟକର ହୋଇପଡୁଛି। ଉକ୍ତ ଗ୍ରାମରେ ବିଦ୍ୟାଳୟ ନଥିବାରୁ ଛାତ୍ରଛାତ୍ରୀମାନେ ଜଙ୍ଗଲ ରାସ୍ତାରେ ୫ କିଲୋମିଟର ଦୂର କେନ୍ଦୁଆବିଡା ସ୍କୁଲକୁ ଯାଉଥିବାରୁ କାଦୁଅରେ ପଡ଼ି ଖଣ୍ଡିଆ ଖାବରା ହୋଇ କାଦୁଅ ପଚପଚ ହୋଇ ଘରକୁ ଫେରୁଛନ୍ତି। ଏଠାରେ ରାସ୍ତା ସମସ୍ୟା ଦୀର୍ଘ ବର୍ଷ ଧରି ଲାଗି ରହିଥିଲେ ମଧ୍ୟ ସୁଧୁରିବାର ନାଁ ଗନ୍ଧ ଧରୁ ନାହିଁ। ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଆମେ ଆଦିବାସୀ ବୋଲି ଆମ କଥା ସରକାର ଶୁଣୁନାହାନ୍ତି ବୋଲି କହିଛନ୍ତି ଗ୍ରାମର ସୁଦର୍ଶନ କହଁର ଓ ନୟନା ନାୟକ। ୫ ଦିନ ହେବ ଗ୍ରାମରେ ବିଦ୍ୟୁତ୍ ସଂଯୋଗ କଟି ଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ମରାମତି କରୁ ନାହାନ୍ତି। ଏପରିକି ଆଗାମୀ ଦିନରେ ସ୍ଥାୟୀ ରାସ୍ତା ନିର୍ମାଣ ସହିତ ଆବଶ୍ୟକ ସମସ୍ୟାର ସମାଧାନ ନହେଲେ ଭୋଟ ବର୍ଜନ କରିବା ସହିତ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

# ରଘୁନାଥଙ୍କ ପୀଠରେ ସପ୍ତପୁରୀ ଅମାବାସ୍ୟା

ଓଡ଼ଗାଁ, ୨୩।୮ (ସମିସ) : ଓଡ଼ଗାଁ ବିଜେ ଶ୍ରୀରଘୁନାଥଜିଉଙ୍କ ପୀଠରେ ସପ୍ତପୁରୀ ଅମାବାସ୍ୟା ପାଳିତ ହୋଇଯାଇଛି। ସକାଳର ଦୈନନ୍ଦିନ ସମସ୍ତ ନୀତିକାନ୍ତି ପରେ ମଧ୍ୟାହ୍ନ ପହୁଡ଼ ପଡ଼ିଥିଲା। ସନ୍ଧ୍ୟା ସମୟରେ ସମସ୍ତ ନୀତିକାନ୍ତି ସହିତ ସାନ୍ଧ୍ୟ ଭୋଗ ଲାଗି କରାଯାଇ ପରେ ସାଧାରଣ ଦର୍ଶନ ପାଇଁ ଦ୍ୱାର ଫିଟିବା ସହିତ ପାଳିଆ ପଣ୍ଡା ବେଣୁଧର ନନ୍ଦ ଶ୍ରୀଜୀଉ ମାନଙ୍କୁ ଆଳତି ଲାଗି କରିଥିଲେ। ସନ୍ଧ୍ୟା ସମୟରେ ରୋଷଘର ସମସ୍ତ ଶୋଧନ ନିତି ପରେ ପାଳିଆ ସୁପକାରଙ୍କ ଦ୍ୱାରା ୭ ପ୍ରକାରର ପୁର ଦେଇ ଶହେ ବାଡ଼ କାକରା ପ୍ରସ୍ତୁତ କରି ଶ୍ରୀଜୀଉଙ୍କ ପାଖରେ ଲାଗି କରାଯାଇଥିଲା। ପୂଜାପଣ୍ଡା ଷୋଡ଼ଶ ଉପଚାରରେ ପୂଜାକରି ନୈବେଦ୍ୟ ଅର୍ପଣ



କରିବା ସହିତ ଆଳତି ଓ ବନ୍ଦାପନା କାର୍ଯ୍ୟ ସରିଥିଲା। ସମସ୍ତ ନୀତି ପରେ ରାତି ୯.୩୦ ପରେ ଦୈନନ୍ଦିନ ବଡ଼ସିଂହାର ଭୋଗ ଓ ଆଳତି ନୀତି ସମ୍ପନ୍ନ ହୋଇ ଶ୍ରୀଜିଉମାନଙ୍କୁ ପହୁଡ଼ କରାଯାଇଥିଲା। ଆଜିର ଏହି ସ୍ୱତନ୍ତ୍ର ନୀତି ଦର୍ଶନ ନିମନ୍ତେ ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ରଙ୍କ ସହିତ ଅନ୍ୟମାନେ ଶ୍ରଦ୍ଧାଳୁଙ୍କ ସମାଗମରେ ଶୃଙ୍ଖଳିତ ଦର୍ଶନ କରାଇଥିଲେ। ସେହିପରି କୁରାଳ ବିଜେ ଶ୍ରୀଦଧିବାମନଜିଉ ଓ ଭାଗବତଜିଉଙ୍କ ପୀଠରେ ମଧ୍ୟ ସପ୍ତପୁରୀ ଅମାବାସ୍ୟା ନୀତିକାନ୍ତି ପୂର୍ବକ ପାଳିତ ହୋଇଯାଇଛି।

## ଅଧା ଗଢ଼ା ମୂର୍ତ୍ତି ଚିନ୍ତାରେ କାରିଗର

# ଶେଷ ସ୍ୱର୍ଶ ଅପେକ୍ଷାରେ ବିଘ୍ନରାଜ

ରଣପୁର, ୨୩।୮ (ସମିସ)

ଆଉ ମାତ୍ର ଦିନ କେଇଟା ପରେ ଗଣେଶ ପୂଜା। ଏଥିପାଇଁ ଗାଁଠୁ ସହର ସବୁଠି ଚାଲିଛି ପ୍ରସ୍ତୁତ। ମୂର୍ତ୍ତି ତିଆରି କାମରେ ଲାଗିଛନ୍ତି କାରିଗର। ଏହା ସହ ବିଭିନ୍ନ ପୂଜା ମଣ୍ଡପର କର୍ମକର୍ତ୍ତାମାନେ ପୂଜା ପାଇଁ ପ୍ରସ୍ତୁତି ଯୋରଦାର କରିଛନ୍ତି। ବିଘ୍ନରାଜ ପ୍ରଭୁ ଶ୍ରୀଗଣେଶଙ୍କ ମୂର୍ତ୍ତି ତିଆରିରେ ବ୍ୟସ୍ତ କାରିଗର। ଆସନ୍ତା ୨୭ ତାରିଖରେ ଧରାପୃଷ୍ଠକୁ ଅବତରଣ କରିବେ ବିଘ୍ନରାଜ ଗଜାନନ। ଏଥିପାଇଁ ଗାଁଠୁ ସହର ସବୁଠି ପ୍ରସ୍ତୁତି ଚାଲିଥିବା ବେଳେ ମୂର୍ତ୍ତି ଗଢା କାମରେ କାରିଗର ଲାଗିଛନ୍ତି। ପୂଜାକୁ ଆଉ ଅଳ୍ପଦିନ ବାକି ଥିବା ବେଳେ ମୂର୍ତ୍ତି କାରିଗରଙ୍କୁ ଫୁରସତ୍ ନାହିଁ। କେଉଁଠି ଗଜାନନଙ୍କ ମୂର୍ତ୍ତି ଗଢା କାମ ଆଧା ହୋଇଛି ତ ଆଉ କେଉଁଠି ସରିଯାଇଛି। ଏବେ କେବଳ କାରିଗରଙ୍କ ଶେଷ ସ୍ୱର୍ଶ ପାଇଁ ଅପେକ୍ଷାରେ ବିଘ୍ନରାଜ। କିନ୍ତୁ ଏ ବର୍ଷ ପାଗ ଲଘୁଚାପ ଜନିତ ଝିପିଝିପି ବର୍ଷା ହେଉଥିବା ଯୋଗୁଁ ମାଟି ନିର୍ମିତ ମୂର୍ତ୍ତି ଶୁଖିବାରେ ବିଳମ୍ବ ଓ ରୋଜଗାରରେ ବାଧା ସୃଷ୍ଟି ହେଉଛି ବୋଲି କାରିଗର କହିଛନ୍ତି। ଏଥର ଲୋକଙ୍କ ଚାହିଦା ଅନୁସାରେ ମୂର୍ତ୍ତିର ଦାମ୍ ୧୦୦ ଟଙ୍କାରୁ ଆରମ୍ଭ ହୋଇ ୧୦ ହଜାର ପର୍ଯ୍ୟନ୍ତ ଟଙ୍କା ରହିଛି। ଏହାକୁ ନଜରରେ ରଖି ମୂର୍ତ୍ତି ତିଆରିରେ ଲାଗିଛନ୍ତି ନୟାଗଡ଼ ଜିଲ୍ଲା ରଣପୁର ଅଞ୍ଚଳର କୋଟଣୀଶିଳା ଗାଁର କାରିଗର ନରେଶ ନାୟକ। ଏଠାକାର କାରିଗରଙ୍କ ମୂର୍ତ୍ତି ତିଆରିର ରହିଛି ସ୍ୱତନ୍ତ୍ରତା। ପାର୍ବଣ ଋତୁର ୨ରୁ ୩ ମାସ ପୂର୍ବରୁ କଞ୍ଚାମାଲ ଆଣିଥାନ୍ତି। ମାଟି ଆଉ ରଙ୍ଗତୁଳୀରେ ସୁନ୍ଦର ସୁନ୍ଦର ମୂର୍ତ୍ତି ପ୍ରସ୍ତୁତି କରନ୍ତି। ତେଣୁ ମୂର୍ତ୍ତିକୁ ଶେଷସ୍ୱର୍ଶ ଦେବାକୁ କାରଗର ଉଦ୍ୟମ ଚଳାଇଛନ୍ତି।



## ସ୍ତ୍ରୀର ପ୍ରେମିକକୁ ଗୋଡ଼ାଇ ଗୋଡ଼ାଇ ହାଣିଲା

ଜଟଣୀ,୨୩।୮ (ସମିସ): ଜନୈକା ମହିଳାଙ୍କ ସହ ଅବୈଧ ସମ୍ପର୍କ ରଖି ତାଙ୍କ ସ୍ୱାମୀଠାରୁ ହଣାଖାଇଲା ପ୍ରେମିକ। ବିଚ୍ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ହାଣିଲେ ଉତ୍ୟକ୍ତ ସ୍ୱାମୀ। ଦୌଡ଼ି ଦୌଡ଼ି ଥାନା ଭିତରେ ପଶିଗଲେ ପ୍ରେମିକ। ଆକ୍ରମଣକାରୀ ମଧ୍ୟ ଥାନା ଭିତରକୁ ପଶିଯାଇଥିଲେ। ଫଳରେ ପୁଲିସ ତାଙ୍କୁ କାବୁ କରିନେଇଛି। ଘଟଣା ଅନୁଯାୟୀ, ଜଟଣୀ ବାଛରା ଅଞ୍ଚଳର ଚନ୍ଦନ ନାଏକ ନାମକ ଜଣେ ଯୁବକ ଗଞ୍ଜାମ ଜିଲ୍ଲା ରମ୍ଭା ଅଞ୍ଚଳର ଜନୈକା ବିବାହିତା ମହିଳାଙ୍କୁ ପ୍ରେମ କରି ନିଜ ପାଖରେ ରଖିଥିଲେ। ମହିଳା ଜଣକ ଗତ ୪ ବର୍ଷ ହେବ ନିଜ ସ୍ୱାମୀ ସୁଶାନ୍ତ ନାଏକଙ୍କୁ ଧୋକା ଦେଇ ଚନ୍ଦନ ସାଥିରେ ରହୁଥିଲେ। ସ୍ୱାମୀ ସୁଶାନ୍ତ ଏହା ଜାଣିବା ପରେ ବିଭିନ୍ନ ସମୟରେ ଜଟଣୀ ଆସି ଚନ୍ଦନଙ୍କୁ ଆକ୍ରମଣ କରିବାକୁ ଯୋଜନା କରୁଥିଲେ। ଶନିବାର ସୁଯୋଗ ପାଇ ଦ୍ୱିପହର ସମୟରେ ସୁଶାନ୍ତ ଜଟଣୀ ଥାନାଠାରୁ ମାତ୍ର ଅଳ୍ପ ଦୂରରେ ପୋଷ୍ଟ ଅଫିସ ଛକଠାରେ ଏକ ଚାପଡ଼ ଦ୍ୱାରା ଚନ୍ଦନଙ୍କୁ ଗୋଡ଼ାଇ ଗୋଡ଼ାଇ ଚୋଟ ମାରିଥିଲେ। ଜୀବନ ବଞ୍ଚାଇବାକୁ ଯାଇ ଚନ୍ଦନ ଥାନା ଭିତରକୁ ପଶି ଯାଇଥିଲେ। ଉତ୍ୟକ୍ତ ସ୍ୱାମୀ ସୁଶାନ୍ତ ମଧ୍ୟ ଥାନା ଭିତରକୁ ଗୋଡ଼ାଇ ଗୋଡ଼ାଇ ଯାଇଥିଲେ। ପୁଲିସ ଅଭିଯୁକ୍ତ ସୁଶାନ୍ତଙ୍କୁ କାବୁ କରିବା ସହ ଗୁରୁତର ଅବସ୍ଥାରେ ଚନ୍ଦନଙ୍କୁ ପ୍ରଥମେ ଜଟଣୀ ହସ୍ପିଟାଲ ଓ ପରେ ଏମ୍ସକୁ ସ୍ଥାନାନ୍ତର କରିଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ଏତଲା ଦିଆଯାଇ ନ ଥିବା ଜଣାପଡ଼ିଛି।

## ଗୋରୁବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ; ୧୨ ଗୋରୁ ଉଦ୍ଧାର

ଖୋର୍ଦ୍ଧା,୨୩।୮ (ସମିସ): ସ୍ଥାନୀୟ ମୁକୁନ୍ଦପ୍ରସାଦ ଅଞ୍ଚଳରୁ ପୁଲିସ ଗୋରୁବୋଝେଇ ଏକ ପିକ୍ଅପ୍ ଭ୍ୟାନ୍କୁ ଜବତ କରିଛି। ଗାଡ଼ି ଭିତରୁ ପୁଲିସ ୧୨ଟି ଗୋରୁ ଉଦ୍ଧାର କରିଥିବାବେଳେ ସମସ୍ତ ଗୋରୁଙ୍କୁ ଜଟଣୀ ଗୋଶାଳାରେ ଛଡ଼ାଯାଇଥିବା ପୁଲିସ ସୂଚନା ଦେଇଛି। ପ୍ରକାଶ ଥାଉକି, ବେଗୁନିଆ ଜାମୁସାହିରୁ ଗୋରୁବୋଝେଇ ହୋଇ ଏକ ପିକ୍ଅପ୍ ଭ୍ୟାନ୍ ଭୁବନେଶ୍ୱର ଅଭିମୁଖେ ଆସୁଥିବା ବଜରଙ୍ଗ ଦଳ ସଦସ୍ୟ ଖବର ପାଇ ରାସ୍ତାର ବିଭିନ୍ନ ସ୍ଥାନରେ ଜଗିରହିଥିଲେ। ରାସ୍ତାରେ ଗାଡ଼ି ଅଟକାଇବାବେଳେ ଡ୍ରାଇଭର ସେମାନଙ୍କ ଉପରେ ଗାଡ଼ି ଚଢ଼ାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ବଜରଙ୍ଗ ଦଳ ସଦସ୍ୟ ସେମାନଙ୍କୁ ଗୋଡ଼ାଇବାରେ ଡ୍ରାଇଭର ଗାଡ଼ିକୁ ମୁକୁନ୍ଦପ୍ରସାଦ ଗାଁ ଭିତରକୁ ପୂରାଇ ଗାଡ଼ି ଛାଡ଼ି ପଳାଇଥିଲା। ଖବର ପାଇ ଶିଳ୍ପାଞ୍ଚଳ ପୁଲିସ ପହଞ୍ଚି ଗାଡ଼ିକୁ ଜବତ କରିଥିଲା। ଗାଡ଼ି ମଧ୍ୟରେ ଥିବା ଗୋରୁଙ୍କୁ ଉଦ୍ଧାର କରିବା ସହ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ଅଭିଯୋଗ କ୍ରମେ ପୁଲିସ ୧୯୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ୨୧୨ ଲିଟର ଦେଶୀ ମଦ ଜବତ, ୪ ଗିରଫ

ବେଗୁନିଆ,୨୩।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨୧୨ ଲିଟର ଦେଶୀ ମଦ ଜବତ ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ସୂଚନା ଅନୁଯାୟୀ, ଜାମୁସାହି ଗ୍ରାମର ତପନ ଜେନା, ନିରଞ୍ଜନ ପରିଡ଼ା, ଶାମୁକା ପାଟଣା ଗ୍ରାମର ସଞ୍ଜୁ ପରିଡ଼ା ଓ ଭବନୀପୁର ଗ୍ରାମର ପତିଆ ସ୍ୱାଇଁ ସହ ଏକଡାଲିଆ କାଜୁ ଜଙ୍ଗଲରୁ ଦେଶୀ ମଦ ପୋଚ ନଷ୍ଟ କରିଛି। ଏଥିରେ ପୁଲିସ କର୍ମଚାରୀ ପୁରୁଷୋତ୍ତମ ନାୟକ ଓ ବିଦ୍ୟୁତ୍ପ୍ରଭା ସାହୁ ସାମିଲ ହୋଇଥିଲେ।

## ପିକ୍ଅପ୍ ଭ୍ୟାନ୍ ଧକ୍କାରେ ଯୁବକ ମୃତ

ବାଣପୁର,୨୩।୮ (ସମିସ): ନାଚୁଣୀ ଥାନା ଅଞ୍ଚଳରେ ଶନିବାର ଏକ ପିକ୍ଅପ୍ ଭ୍ୟାନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ନାଚୁଣୀ ଥାନା ଅଧୀନ ସୁନାଖଳା ଗ୍ରାମର ଅଶୋକ ବେହେରାଙ୍କ ପୁଅ ଆଶିଷ ବେହେରା (୨୬)। ସୂଚନା ମୁତାବକ, ଆଶିଷ ଏକ ବାଇକ୍ ଯୋଗେ ବାଲୁଗାଁରୁ କାମ ସାରି ଶନିବାର ମଧ୍ୟାହ୍ନରେ ଘରକୁ ଫେରୁଥିବା ସମୟରେ ୧୬ ନମ୍ବର ଜାତୀୟ ରାଜପଥର କହ୍ନେଇପୁର ଛକ ନିକଟରେ ଏକ ପିକ୍ଅପ୍ ଭ୍ୟାନ୍ ତାଙ୍କ ବାଇକ୍ର ପଛ ପାଶ୍ୱର୍କୁ ଶକ୍ତ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟିବା ପରେ ପିକ୍ଅପ୍ ଭ୍ୟାନ୍ଟି ଦ୍ରୁତ ଗତିରେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଦୁର୍ଘଟଣାରେ ଆଶିଷ ରାସ୍ତାରେ ଛିଟିକି ପଡ଼ି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବାବେଳେ ସ୍ଥାନୀୟ ଲୋକେ ଦେଖି ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ନାଚୁଣୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆଶିଷଙ୍କୁ ଟାଙ୍ଗୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛି।

## ରେଳ ଧାରଣାରୁ ଅଜଣା ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର

ବାଲୁଗାଁ,୨୩।୮ (ସମିସ): ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ବାଲୁଗାଁ ରେଳ ଷ୍ଟେସନ ଓ ଚିଲିକା ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ଅଞ୍ଚଳର ରେଳ ଧାରଣାରୁ ଶନିବାର ଜଣେ ଅଜଣା ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ରେଳବାଇ ପୁଲିସ ଉଦ୍ଧାର କରିଛି। ସୂଚନା ମୁତାବକ, ବାଲୁଗାଁ ରେଳ ଷ୍ଟେସନ ଓ ଚିଲିକା ରେଳ ଷ୍ଟେସନ ମଧ୍ୟରେ ଥିବା ୫୨୮ ନମ୍ବର ପୋଲ ନିକଟ ରେଳ ଧାରଣା ମଧ୍ୟରେ ଶନିବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହର ଗଣ୍ଡି ପଡ଼ି ରହିଥିବାବେଳେ ଅନତି ଦୂରରେ ମୁଣ୍ଡ ପଡ଼ିଥିବାର କିଛି ସ୍ଥାନୀୟ ଲୋକେ ଦେଖି ବାଲୁଗାଁ ରେଳବାଇ ପୁଲିସକୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଖବର ପାଇ ଜିଆର୍ପି ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ, ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଥିବା ନେଇ ଅନୁମାନ କରାଯାଉଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିବାବେଳେ ରେଳବାଇ ପୁଲିସ ତଦନ୍ତ ଜାରି ରଖିଛି।

## ୩ ଦିନ ପରେ ଗଣେଶ ପୂଜା

# ମୂର୍ତ୍ତି ପ୍ରସ୍ତୁତିରେ ନିମଗ୍ନ କାରିଗର

ଖୋର୍ଦ୍ଧା,୨୩।୮ (ସମିସ): ପାର୍ବଣ ପ୍ରସ୍ତୁତିର ପ୍ରଥମପର୍ବ ମୂର୍ତ୍ତି ଗଢ଼ାରୁ ଆରମ୍ଭ ହୋଇଥାଏ। ଗଜାନନଙ୍କ ପୂଜାକୁ ଆଉ ମାତ୍ର ୩ ଦିନ। ଏହାକୁ ନେଇ ବିଭିନ୍ନ ପୂଜାମଣ୍ଡପଠାରୁ ଆରମ୍ଭ କରି ଧାର୍ମିକ ପୀଠଗୁଡ଼ିକରେ ପ୍ରସ୍ତୁତି ଜୋର୍ଦାର୍ ଚାଲିଛି। ଚଳିତବର୍ଷ ପୂଜାକୁ ଅତି ଆଡ଼ମ୍ବର ସହିତ ପାଳନ କରିବା ନେଇ ଖୋର୍ଦ୍ଧା ଓ ଜଟଣୀ ସହରର ବିଭିନ୍ନ ପୂଜା ମଣ୍ଡପଗୁଡ଼ିକ ଚଳଚଞ୍ଚଳ ହେବାରେ ଲାଗିଛି। ଏହା ବ୍ୟତୀତ ବିଭିନ୍ନ ଆକର୍ଷଣୀୟ ତୋରଣ ଓ ମୂର୍ତ୍ତିକୁ ନେଇ ପୂଜା କମିଟିଗୁଡ଼ିକ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନରେ ପ୍ରାୟ ୨ଫୁଟ୍ର ମୂର୍ତ୍ତିଠାରୁ ଆରମ୍ଭ କରି ୨୨ ଫୁଟ୍ ପର୍ଯ୍ୟନ୍ତ ମୂର୍ତ୍ତି ପ୍ରସ୍ତୁତ କରିବାରେ ଶିଳ୍ପୀ ଏବେ ମଗ୍ନ। ମୂର୍ତ୍ତିର ଦର ପ୍ରାୟ ୨୦୦ରୁ ଆରମ୍ଭ କରି ୪୩ ହଜାର ଟଙ୍କା ଯାଏଁ ରହିଥିବା ଦେଖାଯାଇଛି।

ଖୋର୍ଦ୍ଧା ଗୁରୁଜଙ୍ଗସ୍ଥିତ ମାଳିସାହିର ଅଭିଜ୍ଞ ମୂର୍ତ୍ତି କାରିଗର ଦେବାଶିଷ ରଣା(୨୮) ଶ୍ରୀଗଜାନନଙ୍କ ମୂର୍ତ୍ତି ତିଆରି କରିବାରେ ଦିନ ରାତି ଏକ କରିଦେଇଛନ୍ତି। ତାଙ୍କୁ ତାଙ୍କ ବଡ଼ଭାଇ ଆଶିଷ ରଣା (୩୨), ସାନ ଭାଇ ଶୁଭାଶିଷ ରଣା ସହଯୋଗ କରୁଥିବାବେଳେ ମୂର୍ତ୍ତି ପ୍ରସ୍ତୁତିର ଶ୍ରେୟ କିନ୍ତୁ ସେ ତାଙ୍କ ବାପା ଜଟାଧାରୀ ରଣାଙ୍କୁ ଦେଇଛନ୍ତି। ଦେବାଶିଷଙ୍କ କହିବା କଥା, ଆଜକୁ ୩୧ବର୍ଷ ହେବ ତାଙ୍କ ବାପା ଗଜାନନଙ୍କ ମୂର୍ତ୍ତି ପ୍ରସ୍ତୁତ କରୁଥିଲେ। ସେହିପରି ବର୍ଷବ୍ୟାପୀ ଅନୁଷ୍ଠିତ ପର୍ବର ଦେବଦେବୀଙ୍କ ପ୍ରତିମୂର୍ତ୍ତିକୁ ମଧ୍ୟ ସେ ପ୍ରସ୍ତୁତ କରୁଥିଲେ। ତେଣୁ ତାଙ୍କରି ପ୍ରେରଣାରେ ସେ ମୂର୍ତ୍ତି କାମ ଶିଖିଥିବାବେଳେ ଏବେ କିନ୍ତୁ ବାପା କାମ ସମୟରେ ସହଯୋଗ କରୁଛନ୍ତି। ଗଣେଶ ମୂର୍ତ୍ତି ପ୍ରସ୍ତୁତି ଲାଗି ଅକ୍ଷୟ ତୃତୀୟାଠାରୁ ମାଟି ପୂଜା ଆରମ୍ଭ ହୋଇଥାଏ। ଉକ୍ତ ମାଟି ସେ ଖୋର୍ଦ୍ଧା ନିକଟସ୍ଥ ପାଇକ ତିଗିରିଆ, ମଧୁପୁର ପ୍ରମୁଖ ଅଞ୍ଚଳରୁ ଆଣିଥା'ନ୍ତି। ଗୋଟିଏ ଟ୍ରିପ୍ ମାଟି ବାବଦ ୮ରୁ ୧୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବାବେଳେ ଗୋଟିଏ ଟ୍ରିପ୍ ମାଟିରେ ୧୨ଫୁଟ୍ ଉଚ୍ଚା ବିଶିଷ୍ଟ ୧୫ରୁ ୧୮ଟି ମୂର୍ତ୍ତି ତିଆରି ହୋଇଥାଏ। ମାତ୍ର ବର୍ତ୍ତମାନ ମୂର୍ତ୍ତି ପ୍ରସ୍ତୁତି ନିମନ୍ତେ ଆବଶ୍ୟକୀୟ ମାଟିର କୃତ୍ରିମ ଅଭାବ ଦେଖାଯାଇଥିବାବେଳେ ତାହା



ଯୋଗାଡ଼ କରିବା ତାଙ୍କ ପାଇଁ ଏବେ କଷ୍ଟସାଧ ହୋଇପଡ଼ିଛି। ମୂର୍ତ୍ତି ପ୍ରସ୍ତୁତ ନିମନ୍ତେ କାଠ, ପଟା, ସୁତୁଲି, ନଡ଼ା ବା ଛଣ ଏବଂ ଖୋଟଅଖାର ଅହେତୁକ ଦରବୃଦ୍ଧି ମୂର୍ତ୍ତି ପ୍ରସ୍ତୁତ କରିବାରେ ଏବେ ବାଧକ ସାଜୁଛି। ସେହିପରି କାଠ ଆଣିବା କ୍ଷେତ୍ରରେ ଜଙ୍ଗଲ ବିଭାଗର କଟକଣା ପ୍ରତିବନ୍ଧକ ସାଜିଥିବାବେଳେ ବାଧ୍ୟ ହୋଇ ଦୁଇଗୁଣା ଦର ଦେଇ ସ'ମିଲ୍ରୁ ପଟା କିଣିବାକୁ ପଡୁଥିବା ସେ କହିଛନ୍ତି। ଦୀର୍ଘ ୬ ମାସ ଧରି ଭାଇ ଦୁଇଜଣଙ୍କ ସମେତ ରଜନୀକାନ୍ତ କଅଁର, ସନାତନ ସାହୁ, ସୁଶିଲ ସ୍ୱାଇଁ, ଆଦିତ୍ୟ ଦାସ, କୁମୁଦ ଚନ୍ଦ୍ର ମଲ୍ଲିକ, ଶୁଭମ୍ ଦାସ ପ୍ରମୁଖ ୧୦ଜଣ କାରିଗର ତାଙ୍କୁ ମୂର୍ତ୍ତି ପ୍ରସ୍ତୁତିରେ ସହଯୋଗ କରୁଥିବା ପ୍ରକାଶ କରିଛନ୍ତି।

୧୨ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ମୂର୍ତ୍ତି ତିଆରି ଲାଗି ପାରିଶ୍ରମିକକୁ ବାଦ୍ ଦେଇ ୮ରୁ ୧୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବାବେଳେ ମୂର୍ତ୍ତି ସଜାଇବା ଲାଗି କଟକରୁ ବିଭିନ୍ନ ପ୍ରକାର ରଙ୍ଗ ଓ କୋଲକାତାରୁ ମୁକୁଟ ଆଣୁଥିବା ସେ କହିଛନ୍ତି। ୩ ଫୁଟ୍ ଉଚ୍ଚତାରୁ ଆରମ୍ଭ କରି ୧୯ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ମୂର୍ତ୍ତି ଚଳିତ ବର୍ଷ ତିଆରି ଚାଲିଥିବା କହିଥିବାବେଳେ ୫ହଜାରରୁ ଆରମ୍ଭ କରି ୪୩ ହଜାର ଟଙ୍କା ମୂଲ୍ୟରେ ଏହା ବିକ୍ରି ହେଉଥିବା ସେ ପ୍ରକାଶ କରିଛନ୍ତି।

### ସୋମବାରଠାରୁ ମୂର୍ତ୍ତି ପାଇଁ ଜମିବ ଭିଡ଼

ମୂର୍ତ୍ତି ନେବା ଲାଗି ସୋମବାରଠାରୁ ଗୁରୁଜଙ୍ଗ ଧବଳେଶ୍ୱରଙ୍କ ପଡ଼ିଆରେ ଖୋର୍ଦ୍ଧା ସହର ସମେତ ନିରାକାରପୁର, ଜଙ୍କିଆ, ମଳିପଡ଼ା, ଜଟଣୀ, ଯାଆଁଳା, ତମାଣ୍ଡୋ, ପାତ୍ରପଡ଼ା, ଗେଡ଼ିଆପଲ୍ଲୀ, କଳାପଥର ଓ ବାଙ୍କୀର ଗ୍ରାହକମାନଙ୍କ ଭିଡ଼ ଜମିବ। ସେହିଭଳି ଜିଲ୍ଲା ବାହାରର ଗଞ୍ଜାମ, ନୟାଗଡ଼ ପ୍ରଭୃତି ଅଞ୍ଚଳରୁ ଗ୍ରାହକମାନେ ମଧ୍ୟ ଏକାଠି ହେବେ। ଚଳିତ ବର୍ଷ ବିକୃତ ଗଣେଶ ମୂର୍ତ୍ତିକୁ ବାଦ୍ ଦିଆଯାଇ ବାଲ୍ ଗଣେଶ, ସପ୍ତଫେଣୀ, ପଞ୍ଚଫେଣୀ ଗଣେଶ, ଶିବ ଅବତାର, ଗଛ ଗଣେଶ, ହଂସାରୂଢ଼ ଗଣେଶ ସମେତ ବମ୍ବେ ଡିଜାଇନ୍ର ମୂର୍ତ୍ତିର ଅଧିକ ଚାହିଦା ରହିଥିବା କହିଛନ୍ତି।

## 'ସହଯୋଗ' ପକ୍ଷରୁ ବୃଦ୍ଧାଶ୍ରମରେ ଶୁଖିଲା ଖାଦ୍ୟ ବଣ୍ଟନ




ନିରାକାରପୁର,୨୩।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର 'ସହଯୋଗ' ପରିବାର ତରଫରୁ ଶନିବାର ବରିଷ୍ଠ ଉପଦେଷ୍ଟା ତଥା ସମାଜସେବୀ ରବି ନାରାୟଣ ବେହେରାଙ୍କ ଭାଇ ଅନିରୁଦ୍ଧ ବେହେରାଙ୍କ ଶ୍ରାଦ୍ଧ ଦିବସ ଅବସରରେ ଖୋର୍ଦ୍ଧା ଜିଲ୍ଲା ମୋଟାସ୍ଥିତ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ପାଉଁରୁଟି, ବିସ୍କୁଟ, ମୁଢ଼ି, ଚୁଡ଼ା ଓ ପାଣି ବୋତଲ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସକ୍ରିୟ ସଭ୍ୟ ଶ୍ୟାମ ସୁନ୍ଦର ପଟ୍ଟନାୟକ, ସାମ୍ବାଦିକ ମାନସ ଚନ୍ଦ୍ର ପଟ୍ଟନାୟକ, ପଲ୍ଲବୀ ପ୍ରିୟଦର୍ଶିନୀ ପଟ୍ଟନାୟକ ଓ ପ୍ରଭାକର ଜୟସିଂହ ପ୍ରମୁଖ ସହଯୋଗ କରିଥିଲେ। ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏହି ଅବସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହଯୋଗ ସଭ୍ୟ ଅଧ୍ୟାପକ ଅଭିରାମ ପଣ୍ଡା, ବିଦ୍ୟାଧର ବିଶ୍ୱାଳ, ବାସୁଦେବ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମିଳିଲାନି ପରିଚୟ

ବେଗୁନିଆ,୨୩।୮ (ସମିସ): ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥରେ ଗତ ଦୁଇ ମାସ ତଳେ ଜଣେ ଯୁବକ ଦୁର୍ଘଟଣାଗ୍ରସ୍ତ ହୋଇ ଆହତ ହୋଇଥିଲା। ଏଥିରେ ବାଘମାରୀ ଥାନା ଅଟ୍ରି ଗ୍ରାମର କରୁଣାକର ଚମ୍ପତି ପହଞ୍ଚି ଆହତ ଯୁବକଙ୍କର ଚିକିତ୍ସା ଆରମ୍ଭ କରିଥିଲେ। ବର୍ତ୍ତମାନ ଯୁବକ



ଜଣକ ସୁସ୍ଥ ହୋଇଥିବାବେଳେ ଲେଖାପଢ଼ା ଓ କଥାବାର୍ତ୍ତା କରିପାରୁ ନ ଥିବାରୁ ତାଙ୍କ ପରିଚୟ ମିଳିବା ସମ୍ଭବପର ହୋଇପାରୁ ନାହିଁ ବୋଲି ଶ୍ରୀ ଚମ୍ପତି କହିଛନ୍ତି। ତେବେ ଯୁବକଟିର ପରିଚୟ ନିମନ୍ତେ ବାଘମାରୀ ଥାନା କିମ୍ବା ୮୭୫୮୦୨୩୪୪୩ରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି।

## ସମାଜସେବୀ ଉପେନ୍ଦ୍ରଙ୍କ ପରଲୋକ

ଟାଙ୍ଗୀ,୨୩।୮ (ସମିସ): ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ମଙ୍ଗଳାଯୋଡ଼ିର ବିଶିଷ୍ଟ ସମାଜସେବୀ ଉପେନ୍ଦ୍ର ପଟ୍ଟନାୟକ(୯୪)ଙ୍କ ପରଲୋକ ଘଟିଛି। ହଠାତ ପରିସ୍ରା ବନ୍ଦ ହେବା ଯୋଗୁଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ପରିବର୍ତ୍ତନ ନ ହେବାରୁ ଭୁବନେଶ୍ୱର ଏମ୍ସ, ସେଠାରୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ଶନିବାର ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡ଼ିଛି। ଉପେନ୍ଦ୍ର ଅଞ୍ଚଳରେ ଜଣେ ଜଣାଶୁଣା, ପରୋପକାରୀ ବ୍ୟକ୍ତି ଥିଲେ। ମଙ୍ଗଳାଯୋଡ଼ି ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ, ସର୍ବେଶ୍ୱର ସାହୁ, ପ୍ରଭାତ ସାମନ୍ତରାୟ, ମାନସ ପ୍ରଧାନ ପ୍ରମୁଖ ଅଞ୍ଚଳର ଶତାଧିକ ଶୁଭେଚ୍ଛୁ ଶୋକବ୍ୟକ୍ତ କରିବା ସହ ଅନ୍ତିମ ଦର୍ଶନ କରିଥିଲେ। ପୁତ୍ର ଉମେଶ ମୁଖାଗ୍ନି ଦେଇଥିଲେ।



## ମା' ସନ୍ତୋଷୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ନିରାକାରପୁର,୨୩।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ପଞ୍ଚାୟତ ପଦ୍ମପୁର ଗ୍ରାମରେ ମା' ସନ୍ତୋଷୀଙ୍କ ପୀଠରେ ସପ୍ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ପୀଠରେ ଦୁଇ ଦିନ ଧରି ହୋମଯଜ୍ଞ, ନାମ ସଙ୍କୀର୍ତ୍ତନ ସହିତ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଶୁକ୍ରବାର ପୂର୍ଣ୍ଣାହୁତି ଅବସରରେ ବହୁ ସଂଖ୍ୟାରେ ଭକ୍ତ ଯୋଗଦେଇ ମା'ଙ୍କ ଆଶିଷଲାଭ କରିଥିଲେ।

## ଫୁଟ୍ବଲ ଲିଗ୍: ମର୍ଣ୍ଣିଂ କ୍ଲବ୍ ଖୋର୍ଦ୍ଧା-ପୋଡ଼ପୋଡ଼ା ମ୍ୟାଚ୍ ଡ୍ର

ଖୋର୍ଦ୍ଧା,୨୩।୮ (ସମିସ): ଶରଧାପୁର ସ୍ପୋର୍ଟ୍ସ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଶରଧାପୁର ଫୁଟ୍ବଲ୍ ଲିଗ୍ ୫ମ ଦିବସ ମ୍ୟାଚ୍ ଡ୍ର ରହିଛି। ଶନିବାର ସ୍ଥାନୀୟ ଖେଳପଡ଼ିଆରେ ୨ ଭେଟେରାନ୍ ଦଳ ମର୍ଣ୍ଣିଂ କ୍ଲବ୍ ଖୋର୍ଦ୍ଧା ବନାମ ପୋଡ଼ପୋଡ଼ା ଦଳ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ହେବା ସୁଦ୍ଧା ଉଭୟ ଦଳ ୩-୩ ବ୍ୟବଧାନରେ ରହିଥିଲା। ଫଳରେ ମ୍ୟାଚ୍କୁ ଡ୍ର କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି। ମ୍ୟାଚ୍ରେ ରେଫରୀ ସାଗିର ଅହେମ୍ମଦଙ୍କୁ ସହଯୋଗ କରିଥିଲେ ଇଜାଜ ହୁସେନ, ସୈକତ ଅହେମ୍ମଦ ଏବଂ ଅମ୍ଜଦ ଖାଁ। ରବିବାର ମ୍ୟାଚ୍ ଆୟୋଜକ ଟିମ୍ ସହ ଯୋଗମାୟା କ୍ଲବ୍ ତରତୁଆ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ସମ୍ପାଦକ ଏସ୍.ଇ ହୁଦା ସୂଚନା ଦେଇଛନ୍ତି। ସଂଘ ସଭାପତି ମହମ୍ମଦ ଜମିବୁର ରେହମାନ, ଲକ୍ଷ୍ମୀଧର ବଡ଼ଜେନା, ଏସ୍.କେ ସମ୍ସର ଅଲ୍ଲୀ, ଲକ୍ଷ୍ମୀଧର ଘଡ଼େଇ, ମୀନକେତନ ବଡ଼ଜେନା ଏବଂ ଅନ୍ୟ ସଦସ୍ୟ ଉଭୟ ଦଳ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର

● ନାଚୁଣୀ ବିଦ୍ୟୁତ୍ ବିଭାଗର ଭାଙ୍ଗୁନି ନିଦ

ଗମ୍ଭାରୀମୁଣ୍ଡା,୨୩।୮ (ସମିସ): ନାଚୁଣୀ ବିଦ୍ୟୁତ୍ ବିଭାଗ ଅଧୀନରେ ସୁନାଖଳାରୁ ଆୟତପୁର୍ ମଧ୍ୟରେ ଥିବା ଦଧିବାମନପୁରରେ ଥିବା ଗୋଟିଏ ଅସୁରକ୍ଷିତ ମୁକୁଳା ଟ୍ରାନ୍ସଫର୍ମର ବର୍ତ୍ତମାନ ବିପଦକୁ ନିମନ୍ତ୍ରଣ କରୁଛି। ଟ୍ରାନ୍ସଫର୍ମରର ଫ୍ୟୁଜ୍ ଷ୍ଟାଣ୍ଡ ଲୁହା ଆଙ୍ଗେଲ୍ ଲୁଣିଖାଇ ଭାଙ୍ଗି ଓହଳିବା ସହ ମୁକୁଳା ପଡ଼ିଛି। ଏଥିସହ ଟ୍ରାନ୍ସଫର୍ମରରେ ଗଛଲତା ମାଡ଼ି ରହିଛି। ଫ୍ୟୁଜ୍ ଷ୍ଟାଣ୍ଡଟି ତଳୁଆ ଥିବାରୁ ମଣିଷ ଓ ଗୃହପାଳିତ ପଶୁଙ୍କ ପାଇଁ ବିପଦ ସୃଷ୍ଟି ହୋଇଛି। ଏହା ସଂସ୍ପର୍ଶରେ ଆସି



କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ବିଦ୍ୟୁତ୍ ବିଭାଗ ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ କରିବା ସହିତ ନଷ୍ଟ ହୋଇଯାଇଥିବା ଲୁହା ଆଙ୍ଗେଲ୍କୁ ତୁରନ୍ତ ବଦଳେଇବା ନିହାତି ଜରୁରୀ ହୋଇପଡ଼ିଛି। ଟ୍ରାନ୍ସଫର୍ମରଟି ମୁଖ୍ୟ ଛକ କଡ଼ରେ ଥିବାବେଳେ ନିକଟରେ ଗୋଟିଏ ମହାବିଦ୍ୟାଳୟ ରହିଛି। ସେହି ବାଟ ଦେଇ ଛୋଟ ପିଲା, ବାଟୋଇ, ବ୍ୟବସାୟୀ, ସାଧାରଣ ଜନତା ଯାତାୟାତ କରୁଛନ୍ତି। ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ଟ୍ରାନ୍ସଫର୍ମର ଚାରିପଟେ ପାଚେରି କିମ୍ବା ତାରବାଡ଼ ବୁଲାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ସମ୍ପୂର୍ଣ୍ଣ ଗାଁର ବିଦ୍ୟୁତ୍ଦେୟ ବନ୍ଦ କରିବେ ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି।

## ଟାଙ୍ଗୀକୁ ଏନ୍ଏସି ମାନ୍ୟତା ଦାବି; ୨୫ରେ ଆନ୍ଦୋଳନ



ଟାଙ୍ଗୀ,୨୩।୮ (ସମିସ): ଖୋର୍ଦ୍ଧା ଜିଲ୍ଲାର ପ୍ରମୁଖ ଟାଙ୍ଗୀକୁ ଏନ୍ଏସି ମାନ୍ୟତା ଦାବିରେ ଶନିବାର ସ୍ଥାନୀୟ ରତ୍ନମାଳୀଙ୍କ ମନ୍ଦିର ପରିସରରେ ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପ୍ରଦୀପ ମହାପାତ୍ର, ଆଡ୍ଭୋକେଟ୍ ରମେଶ କୁମାର ବେହେରା, ଅଶୋକ ମହାପାତ୍ର, ବ୍ରଜବନ୍ଧୁ ଦାସ, ମାନସ ରଞ୍ଜନ ବଳିୟାରସିଂହ, ଉପେନ୍ଦ୍ର କୁମାର ସାହୁ, ବୁଲୁ ରାଉତ, କଳିଙ୍ଗ ବିଶ୍ୱାଳ, ମଣ୍ଟୁ ମହାନ୍ତି, ନୀଳକଣ୍ଠ ବେହେରା ପ୍ରମୁଖ ବିଜୁ ଜନତା ଦଳର ଛାମୁଆ ନେତାମାନେ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ଆସନ୍ତା ୨୫ ତାରିଖରେ ଟାଙ୍ଗୀ ମଧୁମଙ୍ଗଳ ପଡ଼ିଆଠାରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ୍ ଅଫିସ ପର୍ଯ୍ୟନ୍ତ ଆସିବା ପରେ ବିଡିଓଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଏଥିରେ ଟାଙ୍ଗୀର ସମସ୍ତ ଜନସାଧାରଣ ଓ ସାମ୍ବାଦିକ, ଓକିଲ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ଯୁବକ ସଂଘଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଟାଙ୍ଗୀର ନାଯ୍ୟ ଦାବିକୁ ଉପସ୍ଥାପିତ କରିବେ ବୋଲି ଆବାହକ ଶ୍ରୀ ମହାପାତ୍ର ସମସ୍ତଙ୍କୁ ନିବେଦନ କରିଛନ୍ତି।

## ୬ ଦିନରେ ବେସରକାରୀ ଅଧ୍ୟାପକ, କର୍ମଚାରୀଙ୍କ ଆନ୍ଦୋଳନ



ଖୋର୍ଦ୍ଧା,୨୩।୮ (ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଭୁବନେଶ୍ୱରର ଖୋର୍ଦ୍ଧା ଖଣ୍ଡ ଆନୁକୂଲ୍ୟରେ ସଂଘର ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ସଂଘର ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ଅଜୟ କୁମାର ସାହୁ ଓ ଖୋର୍ଦ୍ଧା ଖଣ୍ଡ ସଂଯୋଜକ ପ୍ରମୋଦ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଚାଲିଥିବା ଅଧ୍ୟାପକ ଓ କର୍ମଚାରୀଙ୍କ ଆନ୍ଦୋଳନ ଷଷ୍ଠ ଦିନରେ ପହଞ୍ଚିଛି। ସଙ୍ଘର ଦାବି ପୂରଣ ନ ହେବା ଯାଏଁ ଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ସଦସ୍ୟମାନେ ପ୍ରକାଶ କରିଛନ୍ତି। ଏଠାରେ ୫୨ଜଣ ଆଧ୍ୟାପକ-ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି।

# 'ତ୍ରିକଳିଙ୍ଗ' ଉନ୍ମୋଚିତ ଓ ପାଇକ ବିଦ୍ରୋହ ସମ୍ପର୍କିତ ସମ୍ମାନ

## ସତ୍ୟବାଦୀ ବଳିୟାରସିଂହଙ୍କୁ ତ୍ରିକଳିଙ୍ଗ ଇତିହାସ ସମ୍ମାନ

## ଲକ୍ଷ୍ମୀଧର ବଡ଼ଜେନାଙ୍କୁ ତ୍ରିକଳିଙ୍ଗ ସଂସ୍କୃତି ସମ୍ମାନ ପ୍ରଦାନ



ଖୋର୍ଦ୍ଧା,୨୩।୮ (ସମିସ): ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପରିସରରେ ଐତିହାସିକ ଜର୍ଣ୍ଣାଲ ତ୍ରିକଳିଙ୍ଗର ଷୋଡ଼ଶ ସଂଖ୍ୟାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ଓ ତ୍ରିକଳିଙ୍ଗର ମିଳିତ ଉଦ୍ୟମରେ 'ଭାରତୀୟ ଜାତୀୟ ମୁକ୍ତି ସଂଗ୍ରାମରେ ପାଇକ ବିଦ୍ରୋହର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ପ୍ରାଧ୍ୟାପକ ଗବେଷକ ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଏହି ଆଲୋଚନାଚକ୍ରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ପ୍ରଫେସର ନାରାୟଣ ରାଓ ମୁଖ୍ୟ ଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ପ୍ରଫେସର ପ୍ରସନ୍ନ ଜେନା ମୁଖ୍ୟବକ୍ତା ଓ ସମାଜସେବୀ ଦିଲ୍ଲୀପ ପଟ୍ଟନାୟକ ସମ୍ମାନିତ ଅତିଥିରୂପେ ଯୋଗଦେଇ ଭାରତର ବିଭିନ୍ନ ପ୍ରଦେଶରେ ହୋଇଥିବା ସଂଗ୍ରାମ ସହ ପାଇକ ବିଦ୍ରୋହର ତୁଳନାତ୍ମକ ଆଲୋଚନା ଓ ଏହାର ବୈଶିଷ୍ଟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ଗବେଷକ ସତ୍ୟବାଦୀ ବଳିୟାରସିଂହ ଓ ଗବେଷକ ଲକ୍ଷ୍ମୀଧର ବଡ଼ଜେନାଙ୍କୁ ଯଥାକ୍ରମେ ତ୍ରିକଳିଙ୍ଗ ଇତିହାସ ସମ୍ମାନ ଏବଂ ତ୍ରିକଳିଙ୍ଗ ସଂସ୍କୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସମାଜସେବୀ ନରେନ୍ଦ୍ର ପୃଷ୍ଟିଙ୍କୁ କଳାବିନୋଦ ସମାଜସେବା ସମ୍ମାନ ଓ ସାହିତ୍ୟ ସାଧକ ଶିବସୁନ୍ଦର ପଟ୍ଟନାୟକଙ୍କୁ କଳାବିନୋଦ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା।

ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡ. ମୌସୁମୀ ପଟେଲଙ୍କ ସଂଯୋଜନାରେ ତ୍ରିକଳିଙ୍ଗର ମୁଖ୍ୟ ସମ୍ପାଦକ ବୈକୁଣ୍ଠନାଥ ରାଜଗୁରୁ ପତ୍ରିକାର ଲକ୍ଷ୍ୟ, ଗବେଷଣା ଓ ପ୍ରକାଶନ ସମ୍ପର୍କରେ ଆଲୋକପାତ କରିଥିଲେ। ତ୍ରିକଳିଙ୍ଗର ପ୍ରତିଷ୍ଠାତା ସମ୍ବିତ୍ ପଟ୍ଟନାୟକ ଆଲୋଚନାଚକ୍ରର ଆଭିମୁଖ୍ୟ ଓ ଜାତୀୟ ମୁକ୍ତି ସଂଗ୍ରାମରେ ପାଇକ ବିଦ୍ରୋହର ସ୍ଥାନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଅଧ୍ୟକ୍ଷା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ, ପ୍ରାକ୍ତନ ଇତିହାସ ବିଭାଗ ମୁଖ୍ୟ କବିତା କୁମାରୀ ସ୍ୱାଇଁ ପାଇକ ବିଦ୍ରୋହର ଦିଗଦିଗନ୍ତ ସମ୍ପର୍କରେ ସଦୃଷ୍ଟାନ୍ତ ତଥ୍ୟ ଉପସ୍ଥାପନା କରିଥିଲେ। ରାଜ୍ୟ ପୁରସ୍କାରପ୍ରାପ୍ତ ବୃତ୍ତ ଚଳଚ୍ଚିତ୍ର ପାଇକ ବିଦ୍ରୋହ ପ୍ରଦର୍ଶିତ ହୋଇଥିଲା। ଏହି ଉତ୍ସବକୁ ପରିଷଦର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଓ ଇତିହାସ ବିଭାଗ ଅଧ୍ୟାପକ ରମାକାନ୍ତ ପ୍ରଧାନ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପାଇକ ବିଦ୍ରୋହ ସମ୍ପର୍କିତ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପିକା କଳ୍ପନା ରଣା ଧନ୍ୟବାଦ ଦେଇଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ଅନୁଗୋଳ,୨୩।୮ (ସମିସ): ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଶୁଣାଣି କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ, ସ୍ଥାନୀୟ ରାଣୀଗୁଡ଼ା ଗ୍ରାମର ରିପୁ ଓରଫ ରିପୁରାଜ ବିଶ୍ୱାଳ।

୨୦୨୧ ନଭେମ୍ବର ୧୬ରେ ଅନୁଗୋଳ ଥାନା ଅଞ୍ଚଳର ଜଣେ ନାବାଳିକା ଟିଉସନ ଯାଉଥିବା ସମୟରେ ରିପୁ ତାଙ୍କୁ ବାଟରୁ ଉଠାଇ ନେଇ ଦୁଷ୍କର୍ମ କରିଥିଲା। ଏ ସମ୍ପର୍କରେ କାହାକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲା। କିଛି ଦିନ ପରେ ସମ୍ପୃକ୍ତା ନାବାଳିକା ଗର୍ଭବତୀ ହେବାରୁ ରିପୁ ଜୋରଜବରଦସ୍ତ ଗର୍ଭନଷ୍ଟ ମଧ୍ୟ କରାଇଥିଲା। ଏ ସମ୍ପର୍କରେ ନାବାଳିକା ତାଙ୍କ ପରିବାରଲୋକଙ୍କୁ ଜଣାଇବା ପରେ ପରିବାରଲୋକେ ଅନୁଗୋଳ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ରିପୁକୁ ଗିରଫ କରିଥିଲା। ଶନିବାର ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ୧୫ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ରିପୁକୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ପ୍ରଦୀପ କୁମାର ଭୂତିଆ ଏହି ମାମଲା ପରିଚାଳନା କରୁଥିଲେ।

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ୩ ଅଟକ

ପାରାଦୀପ, ୨୩।୮ (ସମିସ): ଜଣେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ପାରାଦୀପ ଲକ୍ ଥାନା ପୁଲିସ୍ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ମୁତାବକ, ଲକ୍ ଥାନା ଅଞ୍ଚଳର ୯ ଜଣ ଛାତ୍ରୀ ପ୍ରତ୍ୟେକ ଦିନ ଟିଉସନ୍‌କୁ ଯାଇଥା'ନ୍ତି। ଛାତ୍ରୀଙ୍କ ଯିବା ଓ ଫେରିବା ସମୟରେ କିଛି ଯୁବକ ସେମାନଙ୍କୁ ଅଟକାଇବା ସହ ଅସଦାଚରଣ ଓ କମେଣ୍ଟ କରିଥା'ନ୍ତି। ଏ ସମ୍ପର୍କରେ ଛାତ୍ରୀମାନେ ଘରେ ଜଣାଇବା ସହ ଟିଉସନ ସାରଙ୍କୁ କହିଥିଲେ। ଗତକାଲି ସନ୍ଧ୍ୟାରେ ଛାତ୍ରୀମାନେ ଟିଉସନ୍ ଯିବା ସମୟରେ ତିନିଜଣ ଯୁବକ ପୁନର୍ବାର ସେମାନଙ୍କୁ ଅଟକାଇବା ସହିତ ପ୍ରାୟ ଅଧଘଣ୍ଟା କାଳ ଅଟକାଇ ଅସଦାଚରଣ ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏ ସମ୍ପର୍କରେ ଥାନାରେ ଏତଲା ଦେଲେ କିମ୍ବା କାହାକୁ କହିଲେ, ଏସିଡ୍ ପକାଇ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ଜୀବନ ପ୍ରତି ବିପଦ ଥିବାରୁ ଉକ୍ତ ୯ଜଣ ନାବାଳିକା ଛାତ୍ରୀ ଗତରାତିରେ ଲକ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ୍ ତିନିଜଣ ଯୁବକଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିବା ସହିତ ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ସୂତ୍ରରୁ ଜଣାପଡିଛି। ୩ ଯୁବକଙ୍କ ବୟସ ଜାଣିବା ପାଇଁ ପୁଲିସ ପରିବାର ଲୋକଙ୍କୁ ଡକାଇ ତଦନ୍ତ ଆରମ୍ଭ କରିଛି।

# ଏସ୍‌ସିବିରୁ ଡିସଚାର୍ଜ ହେଲେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ

କଟକ,୨୩।୮ (ସମିସ): ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ପ୍ରିୟଙ୍କା ମାରାଣ୍ଡି ଆଜି ଏସ୍‌ସିବି ମେଡିକାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଅସ୍ତ୍ରୋପଚାର ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ଆଜି ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିବା ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋତିର୍ମୟ ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଏସ୍‌ସିବିର ସର୍ଜରୀ ୱାର୍ଡରେ ସିଷ୍ଟ୍ ଅସ୍ତ୍ରୋପଚାର କରିବା ପାଇଁ ସେ ଭର୍ତ୍ତି ହୋଇଥିଲେ। ଏହା ପରେ ୨୧ ତାରିଖ (ଗୁରୁବାର) ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ସର୍ଜନ ପ୍ରଫେସର ଡାକ୍ତର ଏଲ.ଭି ଗୌରୀଙ୍କ ନେତୃତ୍ୱରେ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ଜୟନ୍ତ ବିଶ୍ୱାଳଙ୍କ ସମେତ ଭେଷଜ, ସ୍ତ୍ରୀ ଓ ପ୍ରସୂତି ରୋଗ, ପଲ୍ମୋନାରୀ ମେଡିସିନ, ଆନେସ୍ଥେସିଆ, ଏଣ୍ଡୋକ୍ରାଇନୋଲୋଜି, କାର୍ଡିଓଲୋଜି ବିଭାଗର ୧୦ ଜଣିଆ ଡାକ୍ତରୀ ଟିମ୍ ଗଠନ କରାଯାଇ ତାଙ୍କର ଚିକିତ୍ସା କରାଯାଇଥିଲା। ୨୨ତାରିଖ ଶୁକ୍ରବାର ସ୍ୱାସ୍ଥ୍ୟ ସଚିବ ଏସ୍.ଅଶ୍ୱସ୍ତୀ ଏସ୍‌ସିବି ଗସ୍ତରେ ଆସି ରୋଗୀଙ୍କୁ ଭେଟିବା ସହ ପ୍ରିୟଙ୍କାଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।

## ୧୭୫ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

# ରେଭେନ୍ସା କଲିଜିଏଟ୍ ସ୍କୁଲ 'ନେତୃତ୍ୱ' ତିଆରି କାରଖାନା: ଧର୍ମେନ୍ଦ୍ର

କଟକ, ୨୩।୮ (ସମିସ): ରେଭେନ୍ସା କଲିଜିଏଟ୍ ସ୍କୁଲ ଏକ 'ନେତୃତ୍ୱ' ତିଆରି କାରଖାନା। ଏହି ସ୍କୁଲ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭଳି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ତିଆରି କରିଛି, ଯେଉଁମାନେ ଆମର ରାଷ୍ଟ୍ରର ଗୌରବ ବଢ଼ାଇଛନ୍ତି। ସ୍କୁଲର ୧୭୫ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବକୁ ଉଦ୍‌ଘାଟନ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏହା କହିଛନ୍ତି। ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ଭାବେ ଗଢ଼ି ତୋଳିବାରେ ଅଭିଭାବକ ଏବଂ ଶିକ୍ଷକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରେଭେନ୍ସା କଲିଜିଏଟ୍ ସ୍କୁଲ ରାଜ୍ୟର ଏକ ସର୍ବପୁରାତନ ଆଦର୍ଶ ଶିକ୍ଷାନିକେତନ। ଏହାର ଇତିହାସ ମହାନ। ଆଜି ମହାକାଶ ଅଭିଯାନ ଦିବସ ଅବସରରେ ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।



ସାଂସଦ ଭର୍ତ୍ତୃହରି ମହତାବ, ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ସାଂସଦ ରୁଦ୍ର ନାରାୟଣ ପାଣି, ବିଧାୟିକା ସୋଫିଆ ଫିରଦୋସ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସାଂପ୍ରତିକ ଶିକ୍ଷା ବ୍ୟବସ୍ଥା ଏବଂ ବିଦ୍ୟାଳୟର ଇତିହାସ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଚଳିତବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଏ-୧ ହାସଲ କରିଥିବା ୫ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ପୁରାତନ ଛାତ୍ରଛାତ୍ରୀମାନଙ୍କୁ 'କୃତବିଦ୍ୟ ସମ୍ମାନ'ରେ ୧୦ଜଣଙ୍କୁ ଏବଂ 'ବିଦ୍ୟାମିତ୍ର ସମ୍ମାନ'ରେ ୩ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଗତି ପଣ୍ଡା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା ପୁରାତନ ଛାତ୍ର କମିଟିର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କିଶୋର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନନ୍ଦନ ମହାନ୍ତି, ସଂଘମିତ୍ରା ପଟ୍ଟନାୟକ, ପରେଶ୍ ମଲ୍ଲ, ଦିଲ୍ଲୀପ ଜେନା, ପୁଷ୍ପାଞ୍ଜଳି ବେହେରା, ଜ୍ଞାନରଞ୍ଜନ ଧଳ, କଳ୍ପନା ବ୍ରହ୍ମା ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଦେଇଥିଲେ। ପରେ, ଜାତୀୟ 'ମହାକାଶ ଦିବସ' ଅବସରରେ କଟକ ରେଭେନ୍ସା କଲିଜିଏଟ୍ ସ୍କୁଲ ପରିସରରେ ଆୟୋଜିତ 'ବିଜ୍ଞାନ ମେଳା'କୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବୁଲି ଦେଖିବା ସହ ବୁଲିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଓ ପ୍ରଦର୍ଶିତ ଉପକରଣ ଦେଖି ପ୍ରଶଂସା କରିଥିଲେ। ପୁରାତନ ଛାତ୍ର ସଂସଦର ୱେବସାଇଟ୍ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ "ଶିକ୍ଷା ଜ୍ୟୋତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

# ଧାଡ଼ି ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ରହିଛି: ଜିଲ୍ଲାପାଳ

ପୁରୀ,୨୩।୮ (ସମିସ): ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ସରିବା ପରେ ପ୍ରଥମ ବୈଠକରେ ନାଟମଣ୍ଡପରୁ ହୁଣ୍ଡି ସ୍ଥାନାନ୍ତରଣ କରାଯିବ। ଏହାପରେ ସେପ୍ଟେମ୍ବର ୧୫ରୁ ଧାଡ଼ି ଦର୍ଶନ ଆରମ୍ଭ ହେବ ବୋଲି ଶୁକ୍ରବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ। ତେବେ ଏହି ଧାଡ଼ି ଦର୍ଶନ ବ୍ୟବସ୍ଥା ନେଇ ଶନିବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ନାଟମଣ୍ଡପରେ ହୁଣ୍ଡି ସ୍ଥାନାନ୍ତର ପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ। ଆସନ୍ତା ସେପ୍ଟେମ୍ବର ୩ରୁ ୪ ମଧ୍ୟରେ ପରିଚାଳନା କମିଟି ଗଠନ ସମାପ୍ତ ହେବ। ଏହାପରେ କମିଟି ବୈଠକ ଅନୁଷ୍ଠିତ ହେବ। ଏଥିରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବା ନେଇ ବିସ୍ତୃତ ଭାବେ ଆଲୋଚନା ହେବ। ଏଥିସହ ନାଟମଣ୍ଡପରୁ ହୁଣ୍ଡି ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନିଆଯାଇ ସରକାରଙ୍କୁ ଅବଗତ କରାଯିବ। ଏହାପରେ ଧାଡ଼ି ଦର୍ଶନ ଆରମ୍ଭ ହେବ। ଏହି ବ୍ୟବସ୍ଥା ଆରମ୍ଭ ହେଲେ ଭକ୍ତମାନେ ସୁଗମ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ଭିଡ଼କୁ ନିୟନ୍ତ୍ରଣ କରାଯାଇପାରିବ। ଦର୍ଶନାର୍ଥୀଙ୍କ ପାଇଁ ଏହା ସହଜ ହେବ ବୋଲି ସୂଚନା ଦେଇଥିଲେ ଆଇନ ମନ୍ତ୍ରୀ।

# ବଳଦେବଜୀଉଙ୍କ ନିକଟରେ ଲାଗିହେଲା ସପ୍ତପୁରୀ

କେନ୍ଦ୍ରାପଡ଼ା,୨୩।୮ (ସମିସ): ବଳଦେବଜୀଉଙ୍କ ନିକଟରେ ଲାଗି ହୋଇଛି ସପ୍ତପୁରୀ ଭୋଗ। ଆଜି ସପ୍ତପୁରୀ ଅମାବାସ୍ୟାରେ କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ସପ୍ତପୁରୀ ନୀତି କରାଯାଇଛି। ସକାଳ ଧୂପ ସମ୍ପନ୍ନ ପରେ ଏହି ଭୋଗ କରାଯାଇଥିଲା। ଚର୍ଚ୍ଚେଇତ ଗୁଡ଼ିଆ ବ୍ରାହ୍ମଣଙ୍କ ଦ୍ୱାରା ନଡ଼ିଆ, ଛେନା, ଖସା, ଗହମ ଅଟା, ଚାଉଳ ଚୁନା, ଗୋଲ ମରିଚ, ଗୁଜୁରାତି ଓ ଦେଶୀ ଘିଅରେ ପ୍ରସ୍ତୁତି ପରେ ରୌପ୍ୟ ପାତ୍ରରେ ପରସା ଯାଇ ବଡ଼ସାଇତି ସେବକଙ୍କ ଦ୍ୱାରା ନିଆଯାଇ ପୂଜାପଣ୍ଡାଙ୍କ ଦ୍ୱାରା ଭୋଗ କରାଯାଇଥିଲା। ପରେ ପାର୍ଶ୍ୱ ଦେବଦେବୀଙ୍କୁ ଅର୍ପଣ କରାଯାଇଥିଲା। ଏହି ଅବସରରେ ଆଜି ବଳଦେବଜୀଉଙ୍କ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।



## ରାଜଭବନରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

# ଯୋଜନା କାର୍ଯ୍ୟକାରୀ ବେଳେ ଅଧିକାରୀମାନେ ସହାନୁଭୂତିଶୀଳ ହୁଅନ୍ତୁ: ରାଜ୍ୟପାଳ



ଭୁବନେଶ୍ୱର,୨୩।୮ (ସମିସ): ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ବେଳେ ଅଧିକାରୀମାନେ ମାନବିକ ଓ ସହାନୁଭୂତିଶୀଳ ଆଭିମୁଖ୍ୟ ଗ୍ରହଣ କରନ୍ତୁ। ଶନିବାର ରାଜଭବନର ନ୍ୟୁ-ଅଭିଷେକ ହଲ୍‌ଠାରେ ବିଭିନ୍ନ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆଜି ଅଧିକାରୀମାନଙ୍କୁ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟପାଳ କହିଥିଲେ, ଜନଜାତିମାନଙ୍କ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉପରୋକ୍ତ ଯୋଜନା ସମ୍ପର୍କରେ ସେମାନଙ୍କୁ ସଚେତନ କରାଇପାରିଲେ ଯୋଜନାର ସୁଫଳ ମିଳିବ ଏବଂ ସେମାନେ ଉପକୃତ ହୋଇପାରିବେ। ତେଣୁ ସମ୍ପୃକ୍ତ ବିଭାଗ ତରଫରୁ ବିଭିନ୍ନ ଯୋଜନା ସମ୍ପର୍କରେ ପୁସ୍ତିକା ପ୍ରସ୍ତୁତ କରି ଜନସାଧାରଣଙ୍କୁ ବଣ୍ଟନ କରିବା ପାଇଁ ବିଭାଗୀୟ କମିଶନର ତଥା ଶାସନ ସଚିବଙ୍କୁ ପରାମର୍ଶ ଦେଇଥିଲେ। ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଯୋଜନା, ଫରେଷ୍ଟ ରାଇଟ୍ ଆକ୍ଟ-୨୦୦୬ର କାର୍ଯ୍ୟକାରିତା, ଜଙ୍ଗଲଜାତ ଦ୍ରବ୍ୟର ବିପଣନ ପାଇଁ ସର୍ବନିମ୍ନ ସହାୟତା ମୂଲ୍ୟ, ଧାରା-୨୭୫(୧), ପ୍ରଧାନମନ୍ତ୍ରୀ ଜନମନ ଯୋଜନା, ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଇତ୍ୟାଦି ଯୋଜନାର କାର୍ଯ୍ୟକାରିତା ଏବଂ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ରାଜ୍ୟପାଳ ସମୀକ୍ଷା କରିଥିଲେ। ଏହାସହ ଜଙ୍ଗଲ ଅଧିକାର ଆଇନ ଅଧୀନରେ ବିଭିନ୍ନ ଜିଲ୍ଲାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ବିଚାରାଧୀନ ଆବେଦନଗୁଡ଼ିକୁ ଆଗାମୀ ୯୦ ଦିନ ମଧ୍ୟରେ ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପ୍ରତି ଗ୍ରାମରେ ମୋବାଇଲ ନେଟୱାର୍କ ଉପଲବ୍ଧ କରାଇବା, ସୌରଶକ୍ତିର ବ୍ୟବହାର, ସିଏସଆର କାର୍ଯ୍ୟକ୍ରମ ସହଯୋଗରେ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍ ବ୍ୟବସ୍ଥା କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ରାଜ୍ୟର ବିଭିନ୍ନ ଜିଲ୍ଲାର ଡିଏଫଓ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା କଲ୍ୟାଣ ଅଧିକାରୀ ତଥା ବିଭିନ୍ନ ପ୍ରକଳ୍ପର ଅଧିକାରୀମାନେ ଯୋଗ ଦେଇଥିଲେ।

# ସାହିତ୍ୟ ଏକାଡେମୀ ସଚିବ କେ. ଶ୍ରୀନିବାସରାଓଙ୍କୁ 'ବାବୁ ଗଙ୍ଗାଶରଣ ସିଂହ' ପୁରସ୍କାର

ଭୁବନେଶ୍ୱର,୨୩।୮ (ସମିସ): କେନ୍ଦ୍ର ସାହିତ୍ୟ ଏକାଡେମୀ ସଚିବ ଡକ୍ଟର କେ. ଶ୍ରୀନିବାସରାଓଙ୍କୁ ଆଜି ବିହାର ସରକାରଙ୍କ ମନ୍ତ୍ରିମଣ୍ଡଳ ସଚିବାଳୟ (ରାଜଭାଷା) ବିଭାଗ ତରଫରୁ 'ବାବୁ ଗଙ୍ଗାଶରଣ ସିଂହ' ପୁରସ୍କାରରେ ସମ୍ମାନିତ କରାଯାଇଛି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପାଟନା ସଚିବାଳୟର ସମ୍ବାଦ ଭବନରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ହିନ୍ଦୀ ସେବା ସମ୍ମାନ ଏବଂ ପୁରସ୍କାର ଯୋଜନା ୨୦୨୩-୨୪ ବର୍ଗରେ ଡକ୍ଟର ରାଓଙ୍କୁ ଏହା ପ୍ରଦାନ କରାଯାଇଛି।



ବିଶିଷ୍ଟ ବିଦ୍ୱାନ ତଥା ପ୍ରଶାସକ ଡକ୍ଟର ରାଓ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଏବଂ ପିଏଚଡି ତଥା ଛତିଶଗଡ଼ର ସହିଦ ମହେନ୍ଦ୍ର କର୍ମା ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡି.ଲିଟ୍ ଡିଗ୍ରୀ ଲାଭ କରିଛନ୍ତି। ସେ ବହୁ ଅନ୍ତର୍ଜାତୀୟ ମଞ୍ଚରେ ଲେଖକଗୋଷ୍ଠୀଙ୍କ ପ୍ରତିନିଧିତ୍ୱ କରିବା ପୂର୍ବକ ୨୦ରୁ ଅଧିକ ଦେଶରେ ଆୟୋଜିତ ମହୋତ୍ସବରେ ଅଂଶଗ୍ରହଣ କରିଛନ୍ତି। ସେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଏବଂ ଜାତୀୟ ଅନୁଷ୍ଠାନର ସଦସ୍ୟ ଅଛନ୍ତି। ତାଙ୍କ ଦ୍ୱାରା ପ୍ରକାଶିତ ଉଲ୍ଲେଖଯୋଗ୍ୟ ପୁସ୍ତକଗୁଡ଼ିକ ହେଉଛି, ମିଥସ୍, ପ୍ଲେଜ ଏଣ୍ଡ ଗିରିଶ କର୍ଣ୍ଣାଡ, ଭାରତୀୟ ସାହିତ୍ୟ ଔର ସଂସ୍କୃତି, ଇଣ୍ଡିଆନ ଷ୍ଟୋରିଜ, ଭିତାସ୍ତା: ୟୁନାଇଟିଙ୍ଗ କଲଚର ଇତ୍ୟାଦି। ସେ ଦିଲ୍ଲୀ ତେଲୁଗୁ ଏକାଡେମୀ ପୁରସ୍କାର, କିନ୍ନରା ଉଗାଦି ପୁରସ୍କାର, ଭାରତୀୟ ବାଙ୍ମୟ ପୀଠ ପୁରସ୍କାର, ନନ୍ଦୀ ସେବା ଟ୍ରଷ୍ଟର ସୃଜନ ଶିଖର ସମ୍ମାନ, ଦିଲ୍ଲୀ ହିନ୍ଦୀ ଏକାଡେମୀର ହିନ୍ଦୀ ସେବା ସମ୍ମାନ, ଜୀ ନ୍ୟୁଜର "ଶିକ୍ଷା କନକ୍ଲେଭ ୨୦୨୫"ରେ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ପାଇଁ ସ୍ୱତନ୍ତ୍ର ପୁରସ୍କାର, ଆନ୍ଧ୍ରପ୍ରଦେଶ ସରକାରଙ୍କ ସର୍ବୋଚ୍ଚ ନାଗରିକ ସମ୍ମାନ କଳାରତ୍ନ ପୁରସ୍କାର ଇତ୍ୟାଦି ବହୁ ପୁରସ୍କାର ଲାଭ କରିଛନ୍ତି। ବିଶ୍ୱର ସର୍ବବୃହତ୍ ସାହିତ୍ୟ ମହୋତ୍ସବ ଭାବେ ମାର୍ଚ୍ଚ ୨୦୨୪ରେ ଅନୁଷ୍ଠିତ ସାହିତ୍ୟ ଏକାଡେମୀର ସାହିତ୍ୟ ଉତ୍ସବ ପାଇଁ ଦୁବାଇର ଆଇନଷ୍ଟାଇନ୍ ୱାର୍ଲ୍ଡ ରେକର୍ଡସ୍ ଦ୍ୱାରା ବିଶ୍ୱ ରେକର୍ଡର ପ୍ରମାଣପତ୍ର ସେ ପାଇଛନ୍ତି।

## ବିଶ୍ୱ ବାଣିଜ୍ୟ

# ୩୬ ଲକ୍ଷରେ ବିକ୍ରି ହେଲା ୦୦୧ ନମ୍ବର ପ୍ଲେଟ୍

ଚଣ୍ଡିଗଡ଼, ୨୩।୮ (ଏଜେନ୍ସି): ଗାଡ଼ିର ଫ୍ୟାନ୍‌ସୀ ତଥା ମନ ପସନ୍ଦ ନମ୍ବର ହାସଲ କରିବା ପାଇଁ ପ୍ରତିଯୋଗିତା ଲାଗି ରହିଛି। ନିଜ ସଉକ ପୂରଣ ପାଇଁ ଲୋକେ ଅଧିକ ଟଙ୍କା ଦେବାକୁ ମଧ୍ୟ ପଛାଉ ନାହାନ୍ତି। ଚଣ୍ଡିଗଡ଼ରେ ଏଭଳି ନମ୍ବର ପାଇଁ ନିଲାମ ଡକରା ହୋଇଛି। ଚଳିତ ବର୍ଷର ଏହି ନିଲାମ ସବୁ ରେକର୍ଡକୁ ଭାଙ୍ଗି ଦେଇଛି। ୦୦୦୧ ନମ୍ବର ଯେଉଁ ମୂଲ୍ୟରେ ନିଲାମ ହୋଇଛି, ସେଥିରେ ଗୋଟିଏ ଟୟୋଟା ଫର୍ଚ୍ୟୁନର କିମ୍ବା ୩ଟି ଥର୍ ଗାଡ଼ି କ୍ରୟ କରାଯାଇପାରିବ। ଏହି ନମ୍ବର ୩୬.୪୩ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ଏଥିସହିତ ଏହା ସବୁଠାରୁ ମହଙ୍ଗା ନମ୍ବର ହୋଇଯାଇଛି। ସେକ୍ଟର-୧୭ ସ୍ଥିତ ରେଜିଷ୍ଟରିଂ ଆଣ୍ଡ ଲାଇସେନ୍ସିଂ ଅଥରିଟି (ଆରଏଲଏ) ପକ୍ଷରୁ ଏହି ନିଲାମ ହୋଇଥିଲା। ପ୍ରମୁଖ ୭ଟି ନମ୍ବର ବିକ୍ରି ୧୨୮.୧୫ ଲକ୍ଷ ଟଙ୍କା ଆୟ କରାଯାଇଥିଲା। ଏହି ସମ୍ପୂର୍ଣ୍ଣ ନିଲାମ ପ୍ରକ୍ରିୟାରେ ଆରଏଲଏକୁ ୪ କୋଟିରୁ ଅଧିକ ଟଙ୍କା ମିଳିଥିଲା। ଚିଏଚ୍‌୦୧-ଡିଏ-୦୦୦୩ ନମ୍ବର ୧୭.୮୪ ଲକ୍ଷ, ୦୦୦୯ ୧୬.୮୨ ଲକ୍ଷ, ୦୦୦୫ ନମ୍ବର ୧୬.୫୧ ଲକ୍ଷ, ୦୦୦୭ ନମ୍ବର ୧୬.୫୦ ଲକ୍ଷ, ୦୦୦୨ ନମ୍ବର ୧୩.୮୦ ଲକ୍ଷ ଏବଂ ୯୯୯୯ ନମ୍ବର ୧୦.୨୫ ଲକ୍ଷ ଟଙ୍କାରେ ନିଲାମ ହୋଇଛି। ସୂଚନା ଅନୁଯାୟୀ ଆରଏଲଏ ଗତ ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ନିଲାମ ଡାକିଥିଲା। ଏହି ୪ ଦିନରେ ମୋଟ ୫୭୭ ନମ୍ବର ବିକ୍ରି କରାଯାଇଥିଲା। ଏଥିରୁ ୪ କୋଟି ୮ ଲକ୍ଷ ୮୫ ହଜାର ଟଙ୍କା ମିଳିଥିଲା। ଏହି ରାଜସ୍ୱ ଏ ପର୍ଯ୍ୟନ୍ତର ସବୁ ରେକର୍ଡ ଭାଙ୍ଗି ଦେଇଛି। ଗତ ବର୍ଷ ହୋଇଥିବା ନିଲାମରୁ ୨.୨୬ କୋଟି ଟଙ୍କା ମିଳିଥିଲା।

# ୩ ରେ ଜିଏସ୍‌ଟି ପରିଷଦ ବୈଠକ

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଆସନ୍ତା ତିନି ଏବଂ ଚାରି ତାରିଖରେ ଜିଏସ୍‌ଟି ପରିଷଦର ବୈଠକ ହେବାକୁ ଯାଉଛି। ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀ ଏହି ବୈଠକରେ ସାମିଲ ହେବେ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହାର ଅଧ୍ୟକ୍ଷତା କରିବେ। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ। ଟିକସ ସ୍ଲାବ୍‌କୁ ଚାରିରୁ ହ୍ରାସ କରି ଦୁଇ କରି ଦିଆ ଯାଇପାରେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ନେଇ ସ୍ୱାଧୀନତା ଦିବସରେ ଘୋଷଣା କରିଥିଲେ। ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଉଛି ବୋଲି କହିଥିଲେ। ଦୀପାବଳିରୁ ଏହି ନିୟମ ଲାଗୁ ହେବ। ଜିଏସ୍‌ଟି ପରିଷଦ ବୈଠକରେ ୧୨ ପ୍ରତିଶତ ଏବଂ ୨୮ ପ୍ରତିଶତ ସ୍ଲାବ ଉଚ୍ଛେଦକୁ ମଞ୍ଜୁରି ମିଳିପାରେ। ଯଦି ଏପରି ହୁଏ ତେବେ ଜିଏସ୍‌ଟିର କେବଳ ଦୁଇଟି ୫ ପ୍ରତିଶତ ଏବଂ ୧୮ ପ୍ରତିଶତ ସ୍ଲାବ ରହିବ। ବିଳାସପୂର୍ଣ୍ଣ ସାମଗ୍ରୀଗୁଡିକୁ ୪୦ ପ୍ରତିଶତରେ ରଖାଯିବ।

**ବନ୍ଦ ହେବ ୧୨% ଓ ୨୮% ସ୍ଲାବ**

ଏବେ ଜିଏସ୍‌ଟିର ଚାରୋଟି ସ୍ଲାବ୍ ୫%, ୧୨%, ୧୮% ଏବଂ ୨୮ ପ୍ରତିଶତ ରହିଛି। ଜିଏସ୍‌ଟି ପରିଷଦ ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ ଏହି ଦୁଇ ଦିନିଆ ବୈଠକ ନୂଆଦିଲ୍ଲୀରେ ହେବ। ଏଥିରେ ଜିଏସ୍‌ଟି ହାରକୁ ଯୁକ୍ତିସଙ୍ଗତ କରିବାକୁ, କ୍ଷତିପୂରଣ ସେସ୍ ଏବଂ ସ୍ୱାସ୍ଥ୍ୟ ଓ ଜୀବନ ବୀମା ପ୍ରିମିୟମ ଉପରେ ଗଠିତ ମନ୍ତ୍ରିଗୋଷ୍ଠୀ (ଜିଓଏମ) ସୁପାରିସ ଉପରେ ବିଚାର କରାଯିବ। ଜିଏସ୍‌ଟି ସ୍ଲାବରେ ପରିବର୍ତ୍ତନ ଲାଗି କେନ୍ଦ୍ର ଦେଇଥିବା ପ୍ରସ୍ତାବ ଉପରେ ଜିଓଏମ ସହମତି ପ୍ରକାଶ କରିଛି। ଜିଏସ୍‌ଟିର ୨ଟି ସ୍ଲାବ ରହିବା ଦ୍ୱାରା ଅନେକ ସାମଗ୍ରୀର ମୂଲ୍ୟ ହ୍ରାସ ପାଇବ। କ୍ଷୁଦ୍ର କାର୍ ମୂଲ୍ୟରେ ବଡ଼ ହ୍ରାସ ଦେଖା ଯାଇପାରେ। ସେହିପରି ଏୟାର କଣ୍ଡିସନର ସହିତ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ, କୋଠା ନିର୍ମାଣ ସାମଗ୍ରୀ, ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଶସ୍ତା ହେବ। ୧୨ ପ୍ରତିଶତ ସ୍ଲାବ ଥିବା ଅନେକ ସାମଗ୍ରୀକୁ ୫ ପ୍ରତିଶତ ସ୍ଲାବକୁ ଅଣା ଯାଇପାରେ। ଏଥିରେ କ୍ଷୀର, ଦହି, ଷ୍ଟେସନାରୀ, ଶିକ୍ଷା ଏବଂ ଅନ୍ୟ ସାମଗ୍ରୀ ସାମିଲ ରହିଛି।

# ନୂଆ ଆପ୍ ଆଣିଲା ଡ୍ରିମ୍‌୧୧

ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ଅନ୍‌ଲାଇନ ମନି ଗେମିଂ ଆପ୍ ନିଷିଦ୍ଧ ହେବା ପରେ ଭାରତୀୟ କ୍ରିକେଟ ଟିମ୍ ପ୍ରାୟୋଜକ ଡ୍ରିମ୍‌୧୧ର ପ୍ୟାରେଣ୍ଟ କମ୍ପାନୀ ଡ୍ରିମ୍ ସ୍ପୋର୍ଟ୍ସ ଶନିବାର ଏକ ନୂଆ ପର୍ସନାଲ ଫାଇନାନ୍ସ ଆପ୍‌ର ଶୁଭାରମ୍ଭ କରିଛି। ଏହି ଡ୍ରିମ୍ ମନି ଆପ୍ ଆର୍ଥିକ ପରିଚାଳନାର କାମ କରିବ। ଏହି ଆପ୍ ଫିକ୍ସଡ ଡିପୋଜିଟ (ଏଫ୍‌ଡି) ଏବଂ ଡିଜିଟାଲ ଗୋଲ୍ଡରେ ନିବେଶ ପାଇଁ ବ୍ୟବହାରକାରୀଙ୍କୁ ସହାୟତା କରିବ। ଏହା ଦୈନନ୍ଦିନ ଖର୍ଚ୍ଚର ହିସାବ ରଖିବା ସହିତ ନିବେଶକୁ ଟ୍ରାକ୍ କରିବାରେ ସହାୟକ ହେବ। ଏହି ଆପ୍ ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି। କିଛି ବ୍ୟବହାରକାରୀଙ୍କ ପାଇଁ ଗୁଗୁଲ ପ୍ଲେ ଷ୍ଟୋର ଏବଂ ଆପଲ୍ ଆପ୍ ଷ୍ଟୋରରେ ଏହା ଉପଲବ୍ଧ। ଅନ୍‌ଲାଇନ ଗେମିଂ ବିଲ୍-୨୦୨୫ ଆଇନରେ ପରିଣତ ହେବା ପରେ କମ୍ପାନୀ ଏହି ନିଷ୍ପତ୍ତି ନେଇଛି।

# ୟେସ୍ ବ୍ୟାଙ୍କର ୨୪.୯୯% ଅଂଶଧନ କିଣିବ ଜାପାନ ବ୍ୟାଙ୍କ

ମୁମ୍ବଇ, ୨୩।୮ (ଏଜେନ୍ସି): ଜାପାନର ସୁମିତୋମୋ ମିତ୍ସୁଇ ବ୍ୟାଙ୍କିଂ କର୍ପୋରେସନ (ଏସଏମବିସି) ମୁମ୍ବଇର ଘରୋଇ ବ୍ୟାଙ୍କ ୟେସ୍ ବ୍ୟାଙ୍କର ୨୪.୯୯ ପ୍ରତିଶତ ଅଂଶଧନ କିଣିବାକୁ ଯାଉଛି। ଏଥିପାଇଁ ଏସଏମ୍‌ବିସିକୁ କେନ୍ଦ୍ରୀୟ ବ୍ୟାଙ୍କ ଆର୍‌ବିଆଇ ମଞ୍ଜୁରି ଦେଇଛି। ଷ୍ଟକ ଏକ୍ସଚେଞ୍ଜ ଫାଇଲିଂରେ ୟେସ୍ ବ୍ୟାଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗତ ୨୨ ତାରିଖରେ ଆର୍‌ବିଆଇ ଏହି ମଞ୍ଜୁରି ଦେଇଥିଲା। ଏହା ବର୍ଷେ ପର୍ଯ୍ୟନ୍ତ ବଳବତ୍ତର ରହିବ। ଅଂଶଧନ କିଣିବା ସତ୍ତ୍ୱେ ଏସଏମବିସିକୁ ବ୍ୟାଙ୍କର ପ୍ରମୋଟର ଧରାଯିବ ନାହିଁ ବୋଲି ଆର୍‌ବିଆଇ ସ୍ପଷ୍ଟ କରିଛି।

## ପୁଣି ଲିପୁଲେଖ ପାସ୍ ଦେଇ ବ୍ୟବସାୟ କରିବେ ଭାରତ-ଚୀନ୍

# ଟଙ୍କା-ୟୁଆନରେ ହେବ କାରବାର

ଡେରାଡୁନ, ୨୩।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ପରେ ଭାରତ ଏବଂ ଚୀନ୍ ସମ୍ବନ୍ଧ ସୁଧୁରିବାରେ ଲାଗିଛି। ଚୀନ୍ ବିଦେଶମନ୍ତ୍ରୀ ୱାଙ୍ଗ ୟିଙ୍କ ଭାରତ ଗସ୍ତକୁ ଏହାର ସଙ୍କେତ ଭାବେ ଦେଖାଯାଉଛି। ଏବେ ଦୁଇ ଦେଶ ଉତ୍ତରାଖଣ୍ଡର ଲିପୁଲେଖ ପାସ୍ ଦେଇ ପୁଣି ଥରେ ବ୍ୟବସାୟ ଆରମ୍ଭ କରିବାକୁ ସହମତି ପ୍ରକାଶ କରିଛନ୍ତି। ୱାଙ୍ଗଙ୍କ ଗସ୍ତ ସମୟରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଲିପୁଲେଖ ସହିତ ସିପକି ଲା ଏବଂ ନାଥୁ ଲା ପାସ୍ ଦେଇ ପୁଣି ଥରେ କାରବାର ଆରମ୍ଭ କରିବାକୁ ସହମତି ପ୍ରକାଶ ପାଇଛି। ସଡ଼କ ପଥରେ ଏହି ବ୍ୟବସାୟ ହେବ। ଏବେ ବ୍ୟବସାୟ ଭାରତୀୟ ଟଙ୍କା ଏବଂ ଚୀନ୍ ୟୁଆନରେ କରାଯିବ। ପୂର୍ବରୁ ସାମଗ୍ରୀ ବଦଳରେ ସାମଗ୍ରୀ କାରବାର ହେଉଥିଲା। ତିବ୍ବତରୁ ବ୍ୟବସାୟୀ ଲୁଣ, ବୋରାକ୍ସ, ପଶୁ ଉତ୍ପାଦ, ଜଡିବୁଟି ଏବଂ ସ୍ଥାନୀୟ ସାମଗ୍ରୀ ବିକ୍ରି କରିବାରୁ ଆସିଥାନ୍ତି। ତେବେ ଭାରତୀୟ ବ୍ୟବସାୟୀ, ଛେଳି, ମେଣ୍ଢା, ଚାଉଳ, ମସଲା, ଗୁଡ଼, ମିଶ୍ରି, ଗହମ ସେଠାରେ ବିକିଥାନ୍ତି।

ଅନ୍ୟପକ୍ଷରେ ନେପାଳ ଏହି ଚୁକ୍ତି ଉପରେ ଆପତ୍ତି ଉଠାଇଛି। ଲିମ୍ପିୟାଧୁରା, ଲିପୁଲେଖ ଏବଂ କଳାପାଣିକୁ ଏହି ଦେଶ ନିଜ କ୍ଷେତ୍ର କହୁଛି। ଏହି ଅଞ୍ଚଳରେ କୌଣସି କାର୍ଯ୍ୟକଳାପ ନ କରିବା ପାଇଁ ଭାରତ ଏବଂ ଚୀନ୍‌କୁ ନେପାଳ ଅନୁରୋଧ କରିଛି।

# ଭଲ ନୁହେଁ ନିତିଦିନିଆ ମେକ୍‌ଅପ୍



ମହିଳାମାନେ ତ୍ୱଚାରେ ଥିବା କଳାଦାଗକୁ ଦୂର କରି ଆକର୍ଷଣୀୟ ତ୍ୱଚା ପାଇବା ପାଇଁ ମେକ୍‌ଅପ୍ କରିଥାନ୍ତି । ସେହିପରି କେତେକ ମହିଳା ଅଫିସ୍, କଲେଜ ଆଦି ଯିବା ସମୟରେ ନିୟମିତ ମେକ୍‌ଅପ୍ କରିଥାନ୍ତି । କିନ୍ତୁ ଏପରି କରିବା ଦ୍ୱାରା ତ୍ୱଚାକୁ କ୍ଷତି ପହଞ୍ଚିଥାଏ । ଏଥିସହ ତ୍ୱଚାର ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହୋଇଥାଏ । କେବଳ ସେତିକି ନୁହେଁ, ଏଥିଯୋଗୁ ବ୍ରଣ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ ।

- ନିୟମିତ ମେକ୍‌ଅପ୍ କରିବା ଦ୍ୱାରା ଲୋମଛିଦ୍ର ବନ୍ଦ ହୋଇଯାଏ । ସେହିପରି କିଛି ମହିଳାଙ୍କ ତ୍ୱଚାରେ ସଂକ୍ରମଣ ସମସ୍ୟା ହୋଇଥାଏ । ଏଥିସହ ଚର୍ମ ଶୁଷ୍କ ରହିଥାଏ ।
- ବିଶେଷଜ୍ଞଙ୍କ କହିବାନୁଯାୟୀ ପ୍ରତିଦିନ ମେକ୍‌ଅପ୍ କରିବା ଅନାବଶ୍ୟକ । କୌଣସି ପାର୍ଟି ଫଙ୍କସନ୍ କିମ୍ବା ବିଶେଷ ଦିନରେ ମେକ୍‌ଅପ୍ କରିବା ଠିକ୍ । ଏଥିସହ ଫେସ୍‌ୱାସ୍ ପରେ ମଏଶ୍ଚରାଇଜର୍ ଲଗାଇବା ମଧ୍ୟ ଜରୁରି ।
- ତ୍ୱଚା ଅନୁସାରେ ଠିକ୍ ମେକ୍‌ଅପ୍ ପ୍ରସାଧନ ବ୍ୟବହାର କରିବା ଆବଶ୍ୟକ । ସେହିପରି ଶୋଇବା ପୂର୍ବରୁ ମେକ୍‌ଅପ୍ ରିମୁଭର୍ ବ୍ୟବହାର କରିବା ଜରୁରୀ ।

# ଗୃହିଣୀରୁ ଉଦ୍ୟୋଗୀ ଅର୍ପିତା



ଆଜିର ମହିଳା ନିଜକୁ ଆର୍ଥିକ ସଶକ୍ତ କରିବା ଦିଗରେ ଆଗକୁ ବଢ଼ୁଛନ୍ତି । କିଏ ଚାଷ କାର୍ଯ୍ୟ ତ କିଏ ବ୍ୟବସାୟ ତଥା କୁଟୀର ଶିଳ୍ପ ଦ୍ୱାରା ରୋଜଗାରକ୍ଷମ ହୋଇପାରୁଛନ୍ତି । ଏହାଦ୍ୱାରା ନିଜର ଖର୍ଚ୍ଚ ତୁଲାଇବା ସହ ପରିବାର ପ୍ରତିପୋଷଣ ଭାର କାନ୍ଧକୁ ନେଇଛନ୍ତି । ଦୃଢ଼ ଆତ୍ମବିଶ୍ୱାସ ଓ ମନବୋଳ ଥିଲେ ସବୁକିଛି ସମ୍ଭବ ବୋଲି ସେମାନେ ପ୍ରମାଣିତ କରିଛନ୍ତି । ସେମିତି ଜଣେ ମହିଳା ହେଲେ ବୌଦ୍ଧ ଜିଲ୍ଲା ଖୁଣ୍ଟିଆପଡ଼ା ଗ୍ରାମର ଅର୍ପିତା ଦେଓ । ସେ ମିଲେଟ୍‌ରୁ ଭଳିକି ଭଳି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି କରି ବିକ୍ରି କରନ୍ତି । ଏଥିସହ 'ମିଲେଟ୍ ବେକରୀ କାଫେ' ପ୍ରତିଷ୍ଠା କରି ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ରୋଜଗାରକ୍ଷମ କରିଛନ୍ତି ।

ଖାଦ୍ୟ ପ୍ରସ୍ତୁତିରେ ରୁଚି ରଖୁଥିବା ଅର୍ପିତା ବୌଦ୍ଧରେ ଆୟୋଜିତ ଅନେକ ମିଲେଟ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏଥିରେ ମାଣ୍ଡିଆ ତଥା ମିଲେଟ୍‌ରେ ତିଆରି ବିଭିନ୍ନ ଜିନିଷ ବାବଦରେ ସେ ପ୍ରଶିକ୍ଷଣ ନେଇଥିଲେ । ମିଲେଟ୍ ଆଧାରିତ ଅନେକ ସଫଳ ଭିଡିଓ ଦେଖିଥିଲେ । ଏହାପରେ ସେ ଓଡ଼ିଶା ମିଲେଟ୍ ମିଶନ ତାଲିମ କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନେଲେ । ଧୀରେ ଧୀରେ ମିଲେଟ୍ ତିଆରି ଜିନିଷ ପ୍ରତି ତାଙ୍କର ଆଗ୍ରହ ବଢ଼ିଲା । ଫଳରେ ସେ ୨୦୨୨ ମସିହାରେ ମିଲେଟ୍ ଖାଦ୍ୟପଦାର୍ଥ ଉପରେ ଗବେଷଣା ଆରମ୍ଭ କରିଥିଲେ । କଠିନ ପରିଶ୍ରମ କରି ସେ ୨୦୨୩ ମସିହାରେ ସ୍ୱୟଂ ସହାୟକ ଗୋଷ୍ଠୀର ସାତଜଣ ମହିଳାଙ୍କୁ ନେଇ ମିଲେଟ୍ ବେକରୀ କାଫେ ପ୍ରତିଷ୍ଠା କରିଥିଲେ । ଏଥିରେ ସେ ପ୍ରଥମେ ୮ ପ୍ରକାର ଖାଦ୍ୟ ସାମଗ୍ରୀ ରଖିଥିଲେ । ସମୟକ୍ରମେ ବ୍ୟବସାୟ ବୃଦ୍ଧିହେଲା ଲୋକେ ତାଙ୍କ ନିର୍ମିତ ଖାଦ୍ୟକୁ ପସନ୍ଦ କଲେ । ଏବେ ସେ କାଫରେ ୨୫ ରୁ ଅଧିକ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି । ଏଥିସହ ସହ ବାଜରାରୁ କୁକିଜ୍ ତିଆରି କରୁଛନ୍ତି । ବ୍ୟବସାୟରେ ସଫଳତା ପାଇଁ ତାଙ୍କୁ ୨୦୨୩-୨୦୨୪ ମସିହାରେ ବୌଦ୍ଧ ଜିଲ୍ଲାର ସର୍ବଶ୍ରେଷ୍ଠ ମିଲେଟ୍ ଉଦ୍ୟୋଗୀ ଭାବେ ମିଶନ ଶକ୍ତି ଓଡ଼ିଶା ସରକାରଙ୍କ ପକ୍ଷରୁ ସମ୍ମାନିତ କରାଯାଇଥିଲା ।

ଏଥିସହ ଜିଲ୍ଲାରେ ମିଲେଟ୍ ଟିଫିନ୍ କେନ୍ଦ୍ର ଖୋଲିବା ପାଇଁ ଅର୍ପିତାଙ୍କ 'ମାଆ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ'କୁ ମିଲେଟ୍ ମିଶନ ପକ୍ଷରୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଗୋଷ୍ଠୀର ମହିଳାଙ୍କ ସହାୟତାରେ ସେ ମାଣ୍ଡିଆରୁ ଭଳିକି ଭଳି, ବିସ୍କୁଟ୍,ଆରିସା, କେକ୍, ନିମ୍‌କି,ଚା', ଉପମା, ସୁପ୍, ନୁଡୁଲ୍ ଭଳି ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ସେଗୁଡ଼ିକୁ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ବିକ୍ରିବଟା କରିଥାନ୍ତି । ମିଲେଟ୍‌ରୁ ଭଳିକି ଭଳି ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରସ୍ତୁତ କରୁଥିବାରୁ ଗାଁ ତଥା ସହରାଞ୍ଚଳରେ ତାଙ୍କ ଖାଦ୍ୟର ଲୋକାଦୃତ ହୋଇପାରିଛି । ଏହି ମିଲେଟ କାଫେରୁ ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ମାଣ୍ଡିଆରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତିକୁ ନେଇ ପ୍ରଶିକ୍ଷଣ ଦେଇଥାନ୍ତି । ଏହାଦ୍ୱାରା ଜିଲ୍ଲାରେ ୩୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ମିଲେଟ୍ ବ୍ୟବସାୟ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

# ଶାଗୁ ପରଟା

ମୋ ହାଣ୍ଡିଶାଳରୁ...

## ଆବଶ୍ୟକ ସାମଗ୍ରୀ

ଶାଗୁ – ୨୦୦ ଗ୍ରାମ୍, ସିଝା –ଆଳୁ –ଦୁଇଟି, ଚିନାବାଦାମ- ଏକ କପ୍, ଜିରା – ଏକ ଚାମଚ, କଟା ଧନିଆ ପତ୍ର – ଅଧା , ଦହି – ଏକ କପ୍ , ଜିରା ଲଙ୍କା ଗୁଣ୍ଡ – ଅଧା ଚାମଚ , ତେଲ – ଆବଶ୍ୟକତା ଅନୁସାରେ , ଲୁଣ – ସ୍ୱାଦ ଅନୁସାରେ ।

## ପ୍ରସ୍ତୁତି ପ୍ରଣାଳି



ପ୍ରଥମେ ଗ୍ୟାସରେ କଡ଼େଇ ବସାଇ ଶାଗୁ ପକାଇ ଉଷୁମ କରନ୍ତୁ । ଏହାକୁ ଏକ ପ୍ଲେଟ୍‌ରେ କାଢ଼ି ଦିଅନ୍ତୁ । ଏହାପରେ ଏକ ଗ୍ରାଇଣ୍ଡିଂ ଜାର୍ ନେଇ ସେଥିରେ ଶାଗୁ ସମେତ ଭଜା ଚିନାବାଦାମ ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏହାକୁ ଏକ ପାତ୍ରରେ କାଢ଼ି ସେଥିରେ ସିଝା ଆଳୁକୁ, ଜିରା, ଧନିଆପତ୍ର ଲୁଣ ଦେଇ ଅଟା ଭଳି ଏହାକୁ ଚକଟି ଦିଅନ୍ତୁ । ଏହାପରେ ଛୋଟ ଛୋଟ ଗୁଳା କରି ଏହାକୁ ଅଟା ଗୁଣ୍ଡ ଦେଇ ପୁରୀ ଭଳି ବେଲନ୍ତୁ । ଏହାପରେ ଗ୍ୟାସ୍ ଲଗାଇ ପ୍ୟାନ୍ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲେ ସେଥିରେ ପରଟାକୁ ଦେଇ ଅଳ୍ପ ତେଲ ପକାଇ ସେକନ୍ତୁ । ଦୁଇ ପାଖ ହାଲୁକା ନାଲି ରଙ୍ଗ ହୋଇଗଲେ ଏହାକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହେଇଗଲା 'ଶାଗୁ ପରଟା' । ଏହାକୁ ଦହି ଓ ଜିରାଲଙ୍କା ଗୁଣ୍ଡ ସହ ପରଷନ୍ତୁ ।

# ଗଣେଶ ପୂଜାରେ ମରାଠୀ ଲୁକ୍



ପାଖେଇ ଆସୁଛି ଗଣେଶ ପୂଜା । ଏଥିପାଇଁ ଚଳଚଞ୍ଚଳ ଗାଁଠୁ ସହର । ସାଧାରଣତଃ ପର୍ବପର୍ବାଣୀରେ ମହିଳାମାନେ ସଜେଇ ହେବାକୁ ଭଲପାଆନ୍ତି । ବିଶେଷ କରି ଏବେ ପର୍ବପର୍ବାଣୀ ଅନୁଯାୟୀ ଲୁକ୍ ନେବାକୁ ଯୁବତୀମାନେ ବେଶି ପସନ୍ଦ କରୁଛନ୍ତି । ଏଥିପାଇଁ ପାର୍ଲର ଯାଇ ମୋଟା ଅଙ୍କର ଟଙ୍କା ଖର୍ଚ୍ଚ କରିଥାନ୍ତି । କିନ୍ତୁ ଚାହିଁଲେ ଘରେ ଥିବା ଜିନିଷକୁ ଉପଯୋଗ କରି ପୂଜାରେ ପାରମ୍ପରିକ ମରାଠୀ ଲୁକ୍ ନେଇପାରିବେ । ଜାଣିବା ସେ ବିଷୟରେ ।

## ନୌବାରୀ ଶାଢ଼ି

ମରାଠୀ ଲୁକ୍‌ର ମୁଖ୍ୟ ଆକର୍ଷଣ ହେଉଛି ନୌବାରୀ ଶାଢ଼ି । ଏହା ଏକ ପାରମ୍ପରିକ ଶାଢ଼ି ଭାବେ ଜଣାଯାଏ । ଏହାକୁ ଧୋତି ଷ୍ଟାଇଲ୍‌ରେ ପିନ୍ଧାଯାଇଥାଏ । ଏହି ଶାଢ଼ି ରେଶମ ଫ୍ୟାବ୍ରିକ୍‌ରେ ନିର୍ମିତ ହୋଇଥାଏ । ଏଥିରୁ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ ।

## ନୋଥ

ନୋଥ ବିନା ମରାଠୀ ଲୁକ୍ ଅସମ୍ପୂର୍ଣ୍ଣ । ତେଣୁ ସମ୍ପୂର୍ଣ୍ଣ ଲୁକ୍ ନେବା ପାଇଁ ମାଳି କିମ୍ବା ଷ୍ଟୋନ୍ ଲାଗିଥିବା ନୋଥ ପିନ୍ଧିପାରିବେ । ସ୍ୱତନ୍ତ୍ର ଡିଜାଇନର ଏହି ନୋଥ ଦେଖିବାକୁ ଖୁବ୍ ସୁନ୍ଦର ଲାଗିଥାଏ । ନାକଫୋଡ଼େଇ ନ ଥିବା ମହିଳାମାନେ ମଧ୍ୟ ଏହାକୁ ସହଜରେ ଲଗାଇପାରିବେ । ମୋତି ଓ କୁନ୍ଦନରେ ସଜ୍ଜିତ ଏହି ନୋଥ ଦେଖିବାକୁ ଖୁବ୍ ଆକର୍ଷଣୀୟ ହୋଇଥାଏ ।

## ଅର୍ଦ୍ଧଚନ୍ଦ୍ରାକୃତି ବିନ୍ଦି

ତେବେ ମରାଠୀ ଲୁକ୍‌ରେ ଅର୍ଦ୍ଧଚନ୍ଦ୍ରାକୃତି ବିନ୍ଦିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା ମୁହଁରେ ଲଗାଇଲେ ଖୁବ୍ ସୁନ୍ଦର ଦିଶିଥାଏ । ତେଣୁ ପାରମ୍ପରିକ ମରାଠୀ ଲୁକ୍ ପୁରା କରିବା ପାଇଁ ଚନ୍ଦ୍ରକାର ବିନ୍ଦି ଲଗାଇବା ଆବଶ୍ୟକ ।

## ସବୁଜ ଚୁଡ଼ି

ସବୁଜରଙ୍ଗ ଚୁଡ଼ି ମରାଠୀ ମହିଳାଙ୍କ ପରିଚୟ ଭାବେ ଜଣାଯାଏ । ତେଣୁ ହାତରେ ସୁନ୍ଦର ସବୁଜ ଚୁଡ଼ି ପିନ୍ଧିବା ଜରୁରୀ ।

## ଅଣ୍ଟାସୂତା

ସେହିପରି ଲୁକ୍‌କୁ ଅଧିକ ଆକର୍ଷଣୀୟ କରିବାକୁ ଚାହୁଁଥିଲେ ଅଣ୍ଟାବିଛା ପିନ୍ଧିପାରିବେ । ବଜାର ବିଭିନ୍ନ ରଙ୍ଗ ଓ ଡିଜାଇନର୍ ଅଣ୍ଟାବିଛା ମିଳୁଛି ।

# କଞ୍ଚା ଅମୃତଭଣ୍ଡା ମାସ୍କର ଫାଇଦା



ଅମୃତଭଣ୍ଡା ଉଭୟ ତ୍ୱଚା ଓ ଶରୀର ପାଇଁ ସ୍ୱାସ୍ଥ୍ୟକର ହୋଇଥାଏ । ବିଶେଷ କରି କଞ୍ଚା ଅମୃତଭଣ୍ଡାରେ ଥିବା ଏନ୍‌ଜାଇମ୍ସ ଓ ନ୍ୟୁଟ୍ରିଏଣ୍ଟସ୍ ତ୍ୱଚାକୁ ଗଭୀରରୁ ପୋଷଣ ଦେଇଥାଏ । ତେଣୁ କଞ୍ଚା ଅମୃତ ଭଣ୍ଡା ତ୍ୱଚାରେ ଲଗାଇଲେ କେଉଁ ସୁଫଳ ମିଳିଥାଏ, ଜାଣିବା ସେ ବିଷୟରେ...



## ଦାଗ ଓ ବ୍ରଣ ସମସ୍ୟାରୁ ମୁକ୍ତି

କଞ୍ଚା ଅମୃତଭଣ୍ଡା ଆଣ୍ଟି ବ୍ୟାକ୍ଟେରିୟଲ ଗୁଣରେ ଭରପୂର ରହିଥାଏ । ତେଣୁ ଏହାକୁ ତ୍ୱଚାରେ ଲଗାଇଲେ ବ୍ରଣ ସମସ୍ୟା ଦୂର ହୋଇଥାଏ । ଏଥିସହ ତ୍ୱଚା ଉଜ୍ଜ୍ୱଳ ଦିଶିଥାଏ ।

## ମୃତ କୋଷ କରେ ଦୂର

ଏଥିରେ ଥିବା ଏନ୍‌ଜାଇମ୍ସ ତ୍ୱଚାର ଉପର ପରସ୍ତରେ ଥିବା ମୃତ କୋଷକୁ ହଟାଇ ନୂଆ ତ୍ୱଚା ବାହାରକୁ ଆଣିଥାଏ । ଏହାଦ୍ୱାରା ତ୍ୱଚା ସତେଜ ଓ ଉଜ୍ଜ୍ୱଳ ଦିଶିଥାଏ ।

## ପିଗ୍‌ମେଣ୍ଟସନ୍ କରେ ଦୂର

କଞ୍ଚା ଅମୃତଭଣ୍ଡା ତ୍ୱଚାରେ ଥିବା ମେଲାଲିନ୍‌କୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା କଳାଦାଗ , ପିଗ୍‌ମେଣ୍ଟସନ୍ ହାଲୁକା ହୋଇଥାଏ ।

## ମୁହଁ ତେଲ ନିୟନ୍ତ୍ରଣ

ବିଶେଷ କରି ତେଲିଆ ତ୍ୱଚା ଥିବା ମହିଳାଙ୍କ ପାଇଁ କଞ୍ଚା ଅମୃତଭଣ୍ଡା ବରଦାନ ସ୍ୱରୂପ । ଏହା ତ୍ୱଚାରେ ଥିବା ଅତିରିକ୍ତ ତେଲକୁ ବାହାର କରି ଏକ ମ୍ୟାଟ୍ ଲୁକ୍ ଦେଇଥାଏ । ଏହା ମୁହଁର ରୁକ୍ଷତାକୁ ଦୂର କରି ଏକ ପ୍ରାକୃତିକ ଚମକ ଦେଇଥାଏ ।

## ସତର୍କତା

- କଞ୍ଚା ଅମୃତଭଣ୍ଡା ଖୁବ୍ କଡ଼ା ହୋଇଥାଏ । ତେଣୁ ସମ୍ବେଦନଶୀଳ ତ୍ୱଚା ଥିବା ମହିଳାମାନେ ଏହାକୁ ସିଧାସଳଖ ତ୍ୱଚାରେ ଲଗାନ୍ତୁ ନାହିଁ ।
- ପ୍ରଥମେ ପ୍ୟାଚ୍ ଟେଷ୍ଟ କରି ଏହାକୁ ତ୍ୱଚାରେ ଲଗାଇବା ଭଲ । ଏହାଦ୍ୱାରା ତ୍ୱଚାରେ କୌଣସି ପ୍ରକାର ସଂକ୍ରମଣ ହୋଇ ନଥାଏ ।
- ଦୀର୍ଘ ସମୟ ଏହାକୁ ତ୍ୱଚାରେ ଲଗାଇ ରଖନ୍ତୁ ନାହିଁ । ଲଗାଇବାର ୧୦-୧୫ ମିନିଟ୍‌ରେ ଏହାକୁ ଧୋଇ ଦିଅନ୍ତୁ ।

# ଘର ପାଇଁ ସୁଗନ୍ଧିତ ତୈଳ

ଦିନସାରା ଧାଁଦୌଡ଼ ଭିତରେ ସନ୍ଧ୍ୟାରେ ଘରକୁ ଫେରିଲେ ମନକୁ ଟିକିଏ ଆଶ୍ୱସ୍ତି ମିଳିଥାଏ । ଏଥିପାଇଁ ସମସ୍ତେ ନିଜ ଅନୁସାରେ ଘରକୁ ସଜାଇଥାନ୍ତି । ସେହିପରି ଘରେ ଶାନ୍ତି ବାତାବରଣକୁ ଦ୍ୱିଗୁଣିତ କରିବାକୁ ଚାହୁଁଥିଲେ ଘରେ ରୁମ୍ ସ୍ପ୍ରେ ବଦଳରେ ଏସେନ୍‌ସିଆଲ୍ ଅଏଲ ସ୍ପ୍ରେ କରିପାରିବେ । ଏହାକୁ ବ୍ୟବହାର କରିବା ଦ୍ୱାରା ଶାନ୍ତି ମିଳିବା ସହ ଘରେ ସକାରାତ୍ମକ ବାତାବରଣ ରହିଥାଏ ।

## ସାଇଟ୍ରିକ୍ ଅଏଲ୍‌ରୁ ସତେଜ

ମନ ଅଶାନ୍ତି ରହୁଥିଲେ, ସାଇଟ୍ରିକ୍ ବେସ୍‌ଡ ଅଏଲ୍‌କୁ ଶୋଇବା କୋଠରୀରେ ସ୍ପ୍ରେ କରିପାରିବେ । ସେହିପରି ବର୍ଷାଦିନେ ଏହା ଘରକୁ ଓଦାଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ । ଏଥିସହ ଚାହିଁଲେ ଲେମ୍ବୁ ଥିବା ଏସେନ୍‌ସିଆଲ୍ ଅଏଲ ବ୍ୟବହାର କରିପାରିବେ । ଏହାଦ୍ୱାରା ଘରେ ସକାରାତ୍ମକ ପରିବେଶ ସହ ମନ ପ୍ରସନ୍ନ ରହିଥାଏ ।

## ଲାଭେଣ୍ଡର ଅଏଲ୍



ଘରେ ହସଖୁସିର ବାତାବରଣ ରଖିବାକୁ ଚାହୁଁଥିଲେ, କିଛି ଲାଭେଣ୍ଡର ଅଏଲ୍ ନେଇ ସେଥିରେ ପାଣି ମିଶାଇ ସ୍ପ୍ରେ କରିପାରିବେ । ଏଥିସହ ଗେଷ୍ଟ ରୁମ୍, ବେଡ୍‌ରୁମ ଆଦିରେ ଏହାକୁ ସ୍ପ୍ରେ କରିପାରିବେ । ସେହିପରି ଚାହିଁଲେ ତକିଆରେ ମଧ୍ୟ ଏହାର କିଛି ବୁନ୍ଦା ସ୍ପ୍ରେ କରିପାରିବେ । ସେହିପରି କାମକୁ ନେଇ ଅଧିକ ଚାପ ଅନୁଭବ କରୁଥିଲେ ଏହାଦ୍ୱାରା ଚାପମୁକ୍ତ ଅନୁଭବ ହୋଇଥାଏ ।

## ଚନ୍ଦନ ଓ ଗୋଲାପ

ସେହିପରି ଘରକୁ ଏକ ବିଳାସମୟ ଅନୁଭୂତ ଦେବାକୁ ଚାହୁଁଥିଲେ, ଚନ୍ଦନ ଓ ଗୋଲାପ ତେଲ ସ୍ପ୍ରେ କରିପାରିବେ । କାରଣ ଏହାର ବାସ୍ନା ଖୁବ୍ ସୁନ୍ଦର ହୋଇଥାଏ । ସେହିପରି ଚନ୍ଦନ ତେଲ ଜୀବାଣୁରୋଧୀ ହୋଇଥାଏ । ସେହିପରି ଚାହିଁଲେ ଏହାକୁ ଇଣ୍ଡୋର୍ ପ୍ଲାଣ୍ଟରେ ମଧ୍ୟ ଛିଞ୍ଚିପାରିବେ ।


■ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା

# ଓଡ଼ିଶା ରନର୍ସଅପ୍



ଭୁବନେଶ୍ୱର, ୨୩।୮ (ସମିସ): ଶ୍ରୀନଗରରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ଓଡ଼ିଶା ପ୍ରଶଂସନୀୟ ପ୍ରଦର୍ଶନ କରି ରନର୍ସଅପ୍ ହୋଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶା ୧୦ଟି ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ରହିଛି। ମଧ୍ୟପ୍ରଦେଶ ୧୦ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ କାଂସ୍ୟ ସହ ୧୮ ପଦକ ଜିତି ଚାମ୍ପିଅନ ହୋଇଛି। ସେହିଭଳି କେରଳ (୭ ପଦକ) ୩ୟ, ଉତ୍ତର ପ୍ରଦେଶ (୩ ପଦକ) ୪ର୍ଥ ସ୍ଥାନ ହାସଲ କରିଛନ୍ତି। ଶେଷଦିନରେ ଓଡ଼ିଶା ପ୍ରତିଯୋଗୀମାନେ ୫ଟି ପଦକ ଜିତିବାରେ ସଫଳ ହୋଇଥିଲେ। ଯେଉଁଥିରେ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ରହିଛି। ରଶ୍ମିତା ସାହୁ ଓ ଆଚୋଇବାମ୍ ଦେବୀ ଯୋଡ଼ି କାନୋଇଂ-୫୦୦ ମିଟରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିଭଳି ମହିଳା କାୟାକିଂ-୫୦୦ ମିଟର ଓ ପୁରୁଷ ସିଙ୍ଗଲ୍ସ ସ୍କଲରେ ସ୍ୱର୍ଣ୍ଣ ପଦକ ରାଜ୍ୟକୁ ମିଳିଥିଲା। ଏହି ସଫଳତା ଲାଗି ଓଡ଼ିଶା କାୟାକିଂ ଓ କାନୋଇଂ ସଂଘର ସମ୍ପାଦକ ବିପିନ ଦାଶ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଅନିମେଶଙ୍କୁ ସ୍ୱର୍ଣ୍ଣ, ସ୍ୱାଧୀନଙ୍କୁ କାଂସ୍ୟ



ଭୁବନେଶ୍ୱର, ୨୩।୮ (ସମିସ): ଚେନ୍ନଇରେ ଚାଲିଥିବା ୬୪ତମ ଜାତୀୟ ଆନ୍ତଃରାଜ୍ୟ ସିନିଅର ଆଥ୍ଲେଟିକ୍ସ ଚାମ୍ପିଅନସିପ୍‌ରେ ଓଡ଼ିଶା ଖେଳାଳିଙ୍କ ପଦକ ବିଜୟଧାରା ଜାରି ରହିଛି। ଶନିବାର ଓଡ଼ିଶା ଖେଳାଳିମାନେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଦେଶର ଦ୍ରୁତତମ ଧାବକ ଅନିମେଶ କୁଜୁର ପୁରୁଷ ୨୦୦ ମିଟର ରେସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ଅନିମେଶ ୨୦.୬୩ ସେକେଣ୍ଡ ସମୟ ନେଇ ରେସ୍ ଫିନିଶ କରିବା ସହ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ସ୍ୱାଧୀନ ମାଝୀ କାଂସ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ହାଇଜମ୍ପରେ ସେ ବ୍ୟକ୍ତିଗତ ଶ୍ରେଷ୍ଠ ୨.୧୮ ମିଟର ଉଚ୍ଚକୁ ଡେଇଁ ତୃତୀୟ ସ୍ଥାନ ହାସଲ କରିଥିଲେ। ପ୍ରଥମ ଦିବସରେ ଓଡ଼ିଶାର ୪ ଗୁଣା ୧୦୦ ମିଟର ପୁରୁଷ ରିଲେ ଦଳ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା।

## ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଓ କିକ୍‌ବକ୍ସିଂରେ କିଟ୍‌କୁ ୨ ପଦକ



ଭୁବନେଶ୍ୱର, ୨୩।୮ (ସମିସ): କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍‌ମାନେ ଅନ୍ତର୍ଜାତୀୟସ୍ତରରେ ଆଉ ୨ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କିଟ୍‌ରେ ଏମ୍‌ବିଏ ପଢୁଥିବା ଅବିନାଶ ମହାନ୍ତି ଘାନା ଇଣ୍ଟରନ୍ୟାସନାଲ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ଡବଲ୍ସରେ ସେ ଏହି ସଫଳତା ପାଇଥିଲେ। ଏଥିରେ ଅନ୍ୟତମ ଓଡ଼ିଆ ଖେଳାଳି ଆୟୁଷ ପଟ୍ଟନାୟକଙ୍କୁ ସାଥୀ କରି ଖେଳିଥିବା ଅବିନାଶ ଫାଇନାଲରେ ଇଣ୍ଡୋନେସିଆ ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ। ସେହିଭଳି ଇଣ୍ଡୋନେସିଆରେ ଅନୁଷ୍ଠିତ କିକ୍‌ବକ୍ସିଂ ଓପନ୍ ପ୍ରତିଯୋଗିତାରେ କିଟ୍‌ର ଯଶ କୁମାର ସିହ୍ନା କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଉଭୟ ପଦକ ବିଜେତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।


ଆଇସିସି ଦିନିକିଆ ପୁରୁଷ ବିଶ୍ୱକପ୍ - ୨୦୨୭

# ଦ.ଆଫ୍ରିକାର ୮ଟି ଭେନ୍ୟୁରେ ୪୪ ମ୍ୟାଚ୍

ଜୋହାନ୍ସବର୍ଗ,୨୩।୮ (ଏଜେନ୍ସି):

ଆଫ୍ରିକା ମହାଦେଶର ୩ଟି ଦେଶ ଯଥା ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାରେ ୨୦୨୭ ଆଇସିସି ଦିନିକିଆ ପୁରୁଷ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତା ଲାଗି ଏବେଠାରୁ ସ୍ଥାନୀୟ ଆୟୋଜନ କମିଟି ସମସ୍ତ ପ୍ରକାର ପ୍ରସ୍ତୁତିରେ ଲାଗିପଡ଼ିଛି। ବିଶେଷ କରି ଦକ୍ଷିଣ ଆଫ୍ରିକାରେ ଦୀର୍ଘ ୨୪ ବର୍ଷ ପରେ ଆଇସିସି ବିଶ୍ୱକପ୍ ଖେଳାଯାଉଥିବାରୁ ଆୟୋଜକ ଓ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି। ଏହା ମଧ୍ୟରେ ବିଶ୍ୱକପ୍‌ର ଆୟୋଜନ ମିଳିତଭାବେ ହେଉଥିବାରୁ କେଉଁ ଦେଶ କେତୋଟି ମ୍ୟାଚ୍ ଆୟୋଜନ କରିବ ସେ ସମ୍ପର୍କରେ ଆଜି କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ଘୋଷଣା କରିଛି। ଘୋଷଣା ଅନୁଯାୟୀ ଦକ୍ଷିଣ ଆଫ୍ରିକାରେ ୪୪ଟି ଏବଂ ଅନ୍ୟ ଦୁଇଦେଶ ଜିମ୍ବାୱେ ଓ ନାମିବ୍ୟାରେ ୧୦ଟି ମ୍ୟାଚ୍ ଖେଳାଯିବ। ଦକ୍ଷିଣ ଆଫ୍ରିକାରେ ମଧ୍ୟ କେଉଁ ଭେନ୍ୟୁରେ ମ୍ୟାଚ୍ ଖେଳାଯିବ ତାହା ଘୋଷଣା କରାଯାଇଛି। ସେହିପରି ପୂର୍ବତନ ମନ୍ତ୍ରୀ ଟ୍ରେଭର ମାନୁଏଲଙ୍କ ଅଧକ୍ଷତାରେ ସ୍ଥାନୀୟ ଅର୍ଗାନାଇଜିଂ କମିଟି (ଏଲ୍‌ଓସିବି) ଗଠନ କରାଯାଇଛି।

୨୦୨୭ ଅକ୍ଟୋବର ଓ ନଭେମ୍ବର ମାସରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ଦଳ ଭାଗନେବେ। ୨୦୨୭ ସୁଦ୍ଧା ଆଇସିସି ମାନ୍ୟତାରେ ଥିବା ପ୍ରଥମ ୮ଟି ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ସେହିପରି ଆୟୋଜକ ଦେଶ ଭାବେ ଦକ୍ଷିଣ ଆଫ୍ରିକା ପ୍ରଥମେ ଯୋଗ୍ୟତା ଅର୍ଜନ କରିଛି। କିନ୍ତୁ ଯୁଗ୍ମ ଆୟୋଜକ ଜିମ୍ବାୱେ ଓ ନାମିବ୍ୟାକୁ ସେହି ସୁଯୋଗ ମିଳିନାହିଁ।



ଏହା ମଧ୍ୟରେ ଦକ୍ଷିଣ ଆଫ୍ରିକାରେ ମ୍ୟାଚ୍ ଖେଳାଯିବାକୁ ଥିବା ୮ଟି ଭେନ୍ୟୁ ଚୂଡାନ୍ତ ହୋଇଛି। ସେଗୁଡିକ ହେଲା ଜୋହାନ୍ସବର୍ଗ, ପ୍ରିଟୋରିଆ, କେପ୍‌ଟାଉନ୍, ଡର୍ବାନ, ଜେବେର୍‌ହା (ପୋର୍ଟ ଏଲିଜାବେଥ), ବ୍ଲୋଏମଫୋଣ୍ଟେନ, ଇଷ୍ଟ ଲଣ୍ଡନ ଓ ପାର୍ଲ। ସେହିପରି ଜିମ୍ବାୱେର ହରାରେ ଓ ବୁଲାୱାୟୋ, ନାମିବ୍ୟାର ଗୋଟିଏ ସହର ୱିଣ୍ଡୋହୋଏକ୍‌ରେ ୩ଟି ଗ୍ରାଉଣ୍ଡ ଯଥା ନାମିବ୍ୟା କ୍ରିକେଟ ଗ୍ରାଉଣ୍ଡ, ୟୁନାଇଟେଡ ଗ୍ରାଉଣ୍ଡ ଓ ୱାଣ୍ଡରର୍ସ କ୍ରିକେଟ ଗ୍ରାଉଣ୍ଡ। ପରେ ଅନ୍ୟ କଥା ଉପରେ ନିଷ୍ପତ୍ତି ନିଆଯିବ ବୋଲି ସିଏସ୍‌ଏ ପକ୍ଷରୁ କୁହାଯାଇଛି।

ସିଏସ୍‌ଏ ସଭାପତି ରିହାନ ରିଚାର୍ଡ୍ସଙ୍କ କହିବା ଅନୁଯାୟୀ ଦୀର୍ଘ ୨୪ ବର୍ଷ ପରେ ପୁରୁଷ କ୍ରିକେଟ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାରେ ଖେଳାଯାଉଥିବାରୁ ନୂଆ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ରହିଛି। ବିଶେଷ କରି ଡିଜିଟାଲ ଯୁଗରେ ଦର୍ଶକଙ୍କୁ କିପରି ଷ୍ଟାଡିୟମ୍‌କୁ ଆକୃଷ୍ଟ କରାଯିବ ତାହା ଉପରେ ଆମେ ବେଶ ଗୁରୁତ୍ୱ ଦେଉଛୁ। ଏହି ସୁଯୋଗକୁ ଆମେ ଆଦୌ ହାତଛଡ଼ା କରିବୁ ନାହିଁ। ଆଫ୍ରିକା ମହାଦେଶରେ କ୍ରିକେଟକୁ ଅଧିକ ଲୋକପ୍ରିୟ କରାଇବା ଏବଂ ନୂଆ ଦର୍ଶକଙ୍କୁ ଆକୃଷ୍ଟ କରିବା ଆମର ମୂଳ ଲକ୍ଷ୍ୟ। ଏହି ସମୟରେ ଏହି ମେଗା ଇଭେଣ୍ଟ କିପରି ଶୃଙ୍ଖଳାର ସହ ଆୟୋଜିତ ହେବ ତାହା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛୁ। ଦକ୍ଷିଣ ଆଫ୍ରିକାର ସରକାର ଓ ପ୍ରଶାସନ ପୂରା ସହଯୋଗ କରୁଛନ୍ତି। ଆମେ ବିଶ୍ୱ କ୍ରିକେଟ ପ୍ରେମୀଙ୍କୁ ଦକ୍ଷିଣ ଆଫ୍ରିକା ସହ ଯୋଡିବାକୁ ଚେଷ୍ଟା କରିବୁ ବୋଲି କହିଛନ୍ତି ରିଚାର୍ଡସ।

ପୂର୍ବପରି ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ଦଳ ଅଂଶଗ୍ରହଣ କରିବେ। ଏହି ଦେଶଗୁଡିକୁ ୨ଟି ଗ୍ରୁପ୍‌ରେ ଭାଗ କରାଯିବ। ରାଉଣ୍ଡ ରବିନ ଭିତ୍ତିରେ ଲିଗ୍ ମ୍ୟାଚ୍ ଖେଳାଯିବା ପରେ ପ୍ରତ୍ୟେକ ଗ୍ରୁପ୍‌ର ୩ଟି ଲେଖାଏଁ ଶ୍ରେଷ୍ଠ ଦଳ ସୁପର ସିକ୍ସକୁ ଉନ୍ନୀତ ହେବେ। ସୁପର ସିକ୍ସରେ ଯୋଗ୍ୟତା ଅର୍ଜନ କରିଥିବା ୩ଟି ଦଳ ଅନ୍ୟ ଗ୍ରୁପ୍‌ର ୩ଟି ଦଳ ସହ ଖେଳିବେ। ଏହା ପରେ ୧୯୯୯ ବିଶ୍ୱକପ୍ ଭଳି ପଏଣ୍ଟ ଭିତ୍ତିରେ ସେମିଫାଇନାଲ ଓ ଫାଇନାଲ ଖେଳାଯିବ। ଗତ ସଂସ୍କରଣ ବା ୨୦୨୩ରେ ଏହି ବିଶ୍ୱକପ୍ ଭାରତରେ ଖେଳାଯାଇଥିଲା। ଏଥିରେ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଥିଲାବେଳେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।

## ଦୁଲୀପ୍ ଟ୍ରଫି ଖେଳିବେନି ଗିଲ୍

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍ ଅସୁସ୍ଥତା ଯୋଗୁ ଚଳିତମାସ ୨୮ରୁ ଆରମ୍ଭ ହେବାକୁ ଯାଉଥିବା ଦୁଲୀପ୍ ଟ୍ରଫି ଆନ୍ତଃଜୋନ୍ କ୍ରିକେଟ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ଏବେ ତାଙ୍କ ସ୍ଥାନରେ ଅଙ୍କିତ କୁମାରଙ୍କୁ ଉତ୍ତରାଞ୍ଚଳ ଦଳର ଅଧିନାୟକ ମନୋନୀତ କରାଯାଇଛି। ଗିଲ୍ ଏହି ମ୍ୟାଚ୍ ଖେଳିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଦୁଲୀପ୍ ଟ୍ରଫି ଖେଳିବାରେ ଅସମର୍ଥ ହୋଇଥାନ୍ତେ। ସେପ୍ଟେମ୍ବର ୯ରୁ ଏସିଆ କପ୍ ଆରମ୍ଭ ହେବାକୁ ଥିଲାବେଳେ ଗିଲ୍ ଏହି ଦଳର ଉପଅଧିନାୟକ ମନୋନୀତ ହୋଇଛନ୍ତି। ଉତ୍ତରାଞ୍ଚଳ ତାହାର ପ୍ରଥମ ମ୍ୟାଚ୍ ପୂର୍ବାଞ୍ଚଳ ସହ ବେଙ୍ଗାଲୁରୁରେ ଅଗଷ୍ଟ ୨୮ରୁ ଖେଳିବ।

## ଅର୍ଜୁନ-ଏଲାଭେନିଲଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଭାରତର ଅର୍ଜୁନ ବବୁଟା ଓ ଏଲାଭେନିଲ ଭାଲାରିଭାନଙ୍କ ଯୋଡି କାଜାକସ୍ଥାନରେ ଚାଲିଥିବା ଏସିଆନ ସୁଟିଂ ଚାମ୍ପିଅନସିପ୍‌ର ୧୦ ମିଟର ଏୟାର ରାଇଫଲ ମିକ୍ସଡ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଫାଇନାଲରେ ଏମାନେ ଚୀନ୍‌ର ଡିଙ୍ଗକେ ଲୁ ଓ ଜିନ୍‌ଲୁ ପେଙ୍ଗଙ୍କ ଯୋଡିକୁ ୧୭-୧୧ ପଏଣ୍ଟରେ ପରାସ୍ତ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଚୀନ ପ୍ରତିଯୋଗୀ ଆଗୁଆ ରହିଥିଲେ। କିନ୍ତୁ ଶେଷ ପର୍ଯ୍ୟାୟରେ ଭାରତୀୟ ଯୋଡି ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଚୀନା ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବିଜୟ ଛଡ଼ାଇଆଣିଥିଲେ। ଗତକାଲି ଏଲାଭେନିଲ ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଗତ ଦୁଇଦିନରେ ସେ ଦୁଇଟି ସ୍ୱର୍ଣ୍ଣ ଜିତିବାରେ ସମର୍ଥ ହୋଇଛନ୍ତି।

## ଜାତୀୟ ଜୁନିଅର ହକି: ଓଡ଼ିଶାକୁ ରୌପ୍ୟ




ଭୁବନେଶ୍ୱର, ୨୩।୮ (ସମିସ): ପଞ୍ଜାବରେ ଅନୁଷ୍ଠିତ ଜାତୀୟ ଜୁନିଅର ପୁରୁଷ ହକିର ୧୫ତମ ସଂସ୍କରଣରେ ଓଡ଼ିଶା ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଶନିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଓଡ଼ିଶା ୨-୩ ଗୋଲରେ ହରିୟାଣା ନିକଟରୁ ପରାସ୍ତ ହୋଇଥିଲା। ଏକଦା ୨-୦ରେ ଅଗ୍ରଣୀ ରହିଥିବା ଓଡ଼ିଶା ମ୍ୟାଚର ଶେଷ ୧୦ ମିନିଟରେ ୩ଟି ଗୋଲ୍‌ବରଣ କରି ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଥିଲା। ସେହିଭଳି ଆୟୋଜକ ପଞ୍ଜାବ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ପାଇଥିଲା। ଫାଇନାଲ ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିଥିଲା। ତେବେ ଦ୍ୱିତୀୟ କ୍ୱାର୍ଟରରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରି ୨ଟି ଗୋଲ୍ ଦେଇଥିଲା। ୧୭ତମ ମିନିଟରେ ଦୀପକ ପ୍ରଧାନ ଓ ୧୯ତମ ମିନିଟରେ ପ୍ରତାପ ଟପ୍ପୋଙ୍କ ଷ୍ଟିକ୍ସରୁ ଏହି ଦୁଇଟି ଗୋଲ୍ ବାହାରିଥିଲା। ଫଳରେ ପ୍ରଥମାର୍ଦ୍ଧ ଓଡ଼ିଶା ସପକ୍ଷରେ ଯାଇଥିଲା। ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ମଧ୍ୟ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ହରିୟାଣା ଖେଳାଳି ଶେଷ ୧୦ ମିନିଟରେ ୩ଟି ଗୋଲ୍ ଦେଇ ଓଡ଼ିଶା ନିକଟରୁ ବିଜୟ ଛଡ଼ାଇ ନେଇଥିଲେ। ଏହି ୩ଟି ଗୋଲରୁ ନୀତୀନ ୨ଟି ଗୋଲ୍ ଦେଇ ହରିୟାଣାକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ଡୁରାଣ୍ଡ କପ୍ ବଜାୟ ରଖିଲା ନର୍ଥଇଷ୍ଟ

କୋଲକାତା, ୨୩।୮ (ଏଜେନ୍ସି): ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଶନିବାର ଏକପାଖିଆ ଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ନର୍ଥଇଷ୍ଟ ୟୁନାଇଟେଡ୍ ୬-୧ ଗୋଲ୍‌ରେ ଡାଏମଣ୍ଡ ହାର୍ବରକୁ ପରାସ୍ତ କରିଥିଲା। ଏଥିସହ ଡୁରାଣ୍ଡ କପ୍‌ର ଗତ ୩୪ ବର୍ଷ ମଧ୍ୟରେ ପ୍ରଥମ ଦଳ ଭାବେ ନର୍ଥଇଷ୍ଟ ଟାଇଟଲ୍ ବଜାୟ ରଖିଛି। ଶେଷଥର ଲାଗି ଇଷ୍ଟ ବେଙ୍ଗଲ ୧୯୮୯ରୁ କ୍ରମାଗତ ୩ବର୍ଷ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ଡୁରାଣ୍ଡ କପ୍ ପଦାର୍ପଣରେ ଫାଇନାଲରେ ପ୍ରବେଶ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଡାଏମଣ୍ଡ ହାର୍ବର ଫାଇନାଲରେ କିନ୍ତୁ ଏହି ପ୍ରଦର୍ଶନକୁ ଦୋହରାଇ ପାରି ନ ଥିଲା। ସେମିଫାଇନାଲରେ ହାର୍ବର ଦଳ ୧୬ଥରର ଚାମ୍ପିଅନ ଇଷ୍ଟ ବେଙ୍ଗଲକୁ ହରାଇଥିଲା।

ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଆଜିଠାରୁ

## ଓଡ଼ିଶାରୁ ଭାଗନେବେ ୬ ପ୍ରତିଯୋଗୀ

ଭୁବନେଶ୍ୱର,୨୩।୮ (ସମିସ): ଅହମ୍ମଦାବାଦ୍‌ଠାରେ ଆସନ୍ତାକାଲିଠାରୁ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିରେ ଉଭୟ ମହିଳା ଓ ପୁରୁଷ ବିଭାଗରେ ବରିଷ୍ଠ, ଯୁବ ଓ କନିଷ୍ଠ ବିଭାଗରେ ପ୍ରତିଯୋଗିତା ଆୟୋଜିତ ହେବ। ଅଗଷ୍ଟ ୩୦ରେ ଶେଷ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗନେବାକୁ ଓଡ଼ିଶାର ୬ଜଣ ପ୍ରତିଯୋଗୀ ଯୋଗ୍ୟତା ଅର୍ଜନ କରିଛନ୍ତି। ସେମାନେ ହେଲେ ଯୁବ ବାଳିକା ବିଭାଗ ୪୪ କେଜିରେ ପ୍ରୀତିସ୍ମିତା ଭୋଇ ଓ ୬୩ କେଜିରେ ଟିକି ମୋହିନୀ ମଲ୍ଲିକ। କନିଷ୍ଠ ବାଳିକା ୫୮ କେଜି ବିଭାଗରେ ମୀନା ସାନ୍ତା-ଏ' ଓ ୬୩ କେଜି ବିଭାଗରେ ବିଦୁସ୍ମିତା ଭୋଇ ଏବଂ କନିଷ୍ଠ ବାଳକ ୮୮ କେଜି ବିଭାଗରେ ହୃଦାନନ୍ଦ ଦାସ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

ବରିଷ୍ଠ ମହିଳା ବିଭାଗରେ ଜଣେ ମାତ୍ର ପ୍ରତିଯୋଗୀ ସ୍ନେହା ସୋରେନ୍ ରହିଛନ୍ତି। ସେ ୫୩ କେଜି ବିଭାଗରେ ଅଂଶଗ୍ରହଣ କରିବେ। ଏମାନେ ସମସ୍ତେ ରାଜ୍ୟ କ୍ରୀଡ଼ା ବିଭାଗ ଦ୍ୱାରା ପରିଚାଳିତ କଳିଙ୍ଗ ଷ୍ଟାଡିୟମ୍‌ର ହାଇ ପରଫର୍ମାନ୍ସ ସେଣ୍ଟର ଓ ଢେଙ୍କାନାଳ ସବ୍‌ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ଜାତୀୟ ଚୟନ ଶିବିରରେ ଏମାନେଙ୍କୁ ମନୋନୀତ କରାଯାଇଥିଲା। ପ୍ରଥମଥର ଓଡ଼ିଶାର ଅଧାଡଜନେ ଖେଳାଳି ଭାଗ ନେଇଥିବାରୁ ଖେଳାଳି ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ସମସ୍ତ ପ୍ରତିଯୋଗୀଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ପକ୍ଷରୁ ଶୁଭେଚ୍ଛା କରାଯାଇଛି।



## ଆନ୍ତଃଜୋନ୍ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍ / ପୂର୍ବାଞ୍ଚଳ ଚାମ୍ପିଅନ



ଭୁବନେଶ୍ୱର, ୨୩।୮ (ସମିସ): ବେଙ୍ଗାଲୁରୁରେ ଅନୁଷ୍ଠିତ ଆନ୍ତଃଜୋନ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ୍‌ରେ ପୂର୍ବାଞ୍ଚଳ ଦଳ ଚାମ୍ପିଅନ ହୋଇଛି। ଓଡ଼ିଶାର ଫୁଲ ସୋରେନଙ୍କ ନେତୃତ୍ୱାଧୀନ ପୂର୍ବାଞ୍ଚଳ ଦଳ ଫାଇନାଲରେ ୪୦ ରନରେ ପଶ୍ଚିମାଞ୍ଚଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପୂର୍ବାଞ୍ଚଳ ୨୦ ଓଭରରେ ୫ ୱିକେଟ୍‌ରେ ୧୬୨ ରନ କରିଥିଲା। ଓଡ଼ିଶାର ପାର୍ବତୀ ମାରାଣ୍ଡି ୬୭, ଯମୁନାରାଣୀ ଟୁଡୁ ୨୬, ବାସନ୍ତୀ ହାଁସଦା ୨୦ ଓ ଝିଲ୍ଲି ବିରୁଆ ୧୮ ରନ କରିଥିଲେ। ଜବାବରେ ପଶ୍ଚିମାଞ୍ଚଳ ୧୫.୫ ଓଭରରେ ୧୨୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ପାର୍ବତୀଙ୍କୁ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଏହି ସଫଳତା ପରେ ପୂର୍ବାଞ୍ଚଳ ଦଳର ସମ୍ପାଦକ ଏମଡି ଜାଫର ଇକବାଲ, ପ୍ରଶିକ୍ଷକ ସୁଖରାମ ମାଝୀ ପ୍ରମୁଖ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଚାମ୍ପିଅନ ଦଳରେ ଓଡ଼ିଶାର ୯ଜଣ ଖେଳାଳି ସ୍ଥାନ ପାଇଥିଲେ। ଏହି ପ୍ରତିଯୋଗିତାରୁ ଆଗାମୀ ଦୃଷ୍ଟିହୀନ ମହିଳା ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷଣା କରାଯିବ।

ଆଜିଠୁ ୟୁଏସ୍ ଓପନ୍

# ୨୫ତମ ଗ୍ରାଣ୍ଡସ୍ଲାମ୍ ଲକ୍ଷ୍ୟରେ ଜୋକୋଭିଚ୍

### ସିଙ୍ଗଲ୍ସ ଚାମ୍ପିଅନଙ୍କୁ ମିଳିବ ୪୩ କୋଟି

ନ୍ୟୁୟର୍କ, ୨୩।୮ (ଏଜେନ୍ସି):

ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ୟୁଏସ୍ ଓପନର ଏହା ହେବ ୧୪୫ତମ ସଂସ୍କରଣ। ବିଶ୍ୱର ୭ ନମ୍ବର ଖେଳାଳି ତଥା ସର୍ବିଆ ତାରକା ନୋଭାକ ଜୋକୋଭିଚ୍ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଜିତିବା ଲକ୍ଷ୍ୟରେ ରହିଛନ୍ତି। ୩୮ ବର୍ଷୀୟ ଜୋକୋଭିଚ୍ ତାଙ୍କ କ୍ୟାରିୟରର ଅନ୍ତିମ ତଥା ୨୪ତମ ଗ୍ରାଣ୍ଡସ୍ଲାମ ୨ ବର୍ଷ ତଳେ ଏଠାରେ ଜିତିଥିଲେ। ତେଣୁ ଚଳିତ ବର୍ଷ ଏହି ସଫଳତାକୁ ଜୋକୋଭିଚ୍ ଦୋହରାଇବା ଲକ୍ଷ୍ୟରେ ରହିଛନ୍ତି। ଯଦି ସେ ଚାମ୍ପିଅନ ହୁଅନ୍ତି ତେବେ ଓପନ ଏରାରେ ଉଭୟ ପୁରୁଷ ଓ ମହିଳାବର୍ଗରେ ବିଶ୍ୱର ପ୍ରଥମ ଟେନିସ ଖେଳାଳି ଭାବେ ୨୫ଟି ଗ୍ରାଣ୍ଡସ୍ଲାମ ଜିତିବାର ବିଶ୍ୱକୀର୍ତ୍ତିମାନ ସ୍ଥାପନ କରିବେ। ପ୍ରଥମ ରାଉଣ୍ଡରେ ଜୋକୋଭିଚ୍‌ଙ୍କ ମୁକାବିଲା ଆମେରିକାର ଯୁବେ ଖଳାଳି ଲିନର ତିଏନ୍‌ଙ୍କ ସହ ହେବ।





### ୪୫ ବର୍ଷୀୟା ଭେନସ୍‌ଙ୍କୁ ୱାଇଲ୍ଡ କାର୍ଡ

ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର ଓ ଆରିନା ସାବାଲେଙ୍କା ଯଥାକ୍ରମେ ପୁରୁଷ ଏବଂ ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ମାନ୍ୟତା ପାଇଛନ୍ତି। ଇଟାଲୀର ସିନର୍ ଚେକ୍ ଗଣରାଜ୍ୟର ଭିଟ୍ କୋପ୍ରିଭାଙ୍କ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବେ। ସେହିଭଳି ସାବାଲେଙ୍କା ପ୍ରଥମ ରାଉଣ୍ଡରେ ଡେନମାର୍କର ଟୌସନଙ୍କୁ ଭେଟିବେ। ଅପରପକ୍ଷରେ ଘରୋଇ ଖେଳାଳି ତଥା ୭ଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ୪୫ ବର୍ଷୀୟା ଭେନସ୍ ୱିଲିୟମ୍ସ ଦୀର୍ଘ ବର୍ଷର ବ୍ୟବଧାନ ପରେ ୟୁଏସ୍ ଓପନ୍ ଖେଳିବେ। ମହିଳା ସିଙ୍ଗଲ୍ସରେ ତାଙ୍କୁ ଏଥର ୱାଇଲ୍ଡ କାର୍ଡ ମିଳିଛି।

### ମୋଟ୍ ପୁରସ୍କାର ରାଶି ୭୮୫ କୋଟି

ଏଥର ୟୁଏସ୍ ଓପନରେ ରେକର୍ଡ ୭୮୫ କୋଟି ଟଙ୍କା ପୁରସ୍କାର ରଖାଯାଇଛି। ଗତ ସଂସ୍କରଣ ତୁଳନାରେ ଏଥର ପୁରସ୍କାର ରାଶିରେ ୨୦ ପ୍ରତିଶତ ବୃଦ୍ଧି ଘଟିଛି। ସେହିଭଳି ପୁରୁଷ ଓ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ଖେଳାଳି ୪୩ କୋଟି ୬୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପାଇବେ। ଯାହାକି ବିଶ୍ୱର ଯେକୌଣସି ଗ୍ରାଣ୍ଡସ୍ଲାମରେ ପ୍ରଦାନ କରାଯାଉଥିବା ସର୍ବାଧିକ ପୁରସ୍କାର ରାଶି। ସିଙ୍ଗଲ୍ସ ବିଭାଗରେ ପ୍ରଥମ ରାଉଣ୍ଡରେ ବିଜୟୀ ହେଲେ ୯୬ ଲକ୍ଷ ଟଙ୍କା, ଦ୍ୱିତୀୟ ରାଉଣ୍ଡରେ ୧ କୋଟି ୩୪ ଲକ୍ଷ, ୩ୟ ରାଉଣ୍ଡ ଜିତିଲେ ୨ କୋଟି ୬ ଲକ୍ଷ ଟଙ୍କା ଖେଳାଳି ସାଙ୍ଗରେ ନେଇ ଆସିବେ। ସେହିଭଳି ପ୍ରି-କ୍ୱାର୍ଟର ବିଜେତାଙ୍କ ୩.୫ କୋଟି, କ୍ୱାର୍ଟର ବିଜେତାଙ୍କୁ ୫.୭୬ କୋଟି ଏବଂ ସେମିଫାଇନାଲ ବିଜେତାଙ୍କୁ ୧୧ କୋଟି ଟଙ୍କା ମିଳିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS